ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ସୋମବାର, ଜୁଲାଇ ୨୮/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, July 28/2025 | Page 14 | ₹ 7.00
୫୧ଶ ଭାଗ ୨୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 243 | ମୂଲ୍ୟ₹୭/-



ଭୁବନେଶ୍ୱରରେ ରବିବାର ପ୍ରବଳ ବର୍ଷା ହୋଇଥିବାବେଳେ ୫ ଜଣ ଯୁବକ ଏକ ପଲିଥିନ୍ ଘୋଡ଼ାଇ ଯାଉଛନ୍ତି। **(ଫଟୋ– ବିକାଶ ନାୟକ)**

## ୨୦ ହଜାର ଟଙ୍କାରେ ଶିଶୁକନ୍ୟା ବିକ୍ରି ଅଭିଯୋଗ

**ଟିଟିଲାଗଡ଼,୨୭।୭(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଶିଶୁବିକ୍ରି ଘଟଣା ମନରୁ ନ ଲିଭୁଣୁ ପୁଣି ଟିଟିଲାଗଡ଼ ବ୍ଲକରେ ଏକ ଶିଶୁକନ୍ୟା ବିକ୍ରି ଖବର ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଟିଟିଲାଗଡ଼ ବ୍ଲକର ବାଗଡେର ଗାଁର ଏକ ଅଭାବୀ ଦମ୍ପତି ନିଜ ଶିଶୁକନ୍ୟାକୁ ୨୦ ହଜାର ଟଙ୍କାରେ ଅନ୍ୟ ଏକ ଦମ୍ପତିଙ୍କ ହାତକୁ ଟେକିଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଖବର ମିଳିବା ପରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଚାଇଲ୍ଡ ଲାଇନର ଏକ ଚାରି ଜଣିଆ ଟିମ୍ ଟିଟିଲାଗଡ଼ ଗସ୍ତ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**କାମ୍ବୋଡିଆ-ଥାଇଲାଣ୍ଡ**

# ହରିଦ୍ୱାର ମନସାଦେବୀ ମନ୍ଦିରରେ ଦଳାଚକଟା

## ୮ ମୃତ, ୩୦ ଆହତ

**ହରିଦ୍ୱାର,୨୭।୭(ପି.ଟି.)**

ହରିଦ୍ୱାରର ପାହାଡ଼ ଶୀର୍ଷରେ ଥିବା ମନସା ଦେବୀ ମନ୍ଦିରରେ ରବିବାର ସକାଳେ ଅନେକ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବାବେଳେ ଦଳାଚକଟା ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହ ୩୦ ଆହତ ହୋଇଛନ୍ତି। ମନ୍ଦିରକୁ ଯାଇଥିବା ପାହାଚ ରାସ୍ତା ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବାରୁ ଭିଡ଼ ପ୍ରବଳ ହୋଇଥିଲା। ଏହି ସମୟରେ ବିଦ୍ୟୁତ୍ କରେଣ୍ଟକୁ ନେଇ ଗୁଜବ ପ୍ରଚାରିତ ହୋଇଯିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଫଳରେ ଦଳାଚକଟା ଘଟିଲା ବୋଲି ହରିଦ୍ୱାର ଏସ୍ଏସ୍‌ପି ପ୍ରମେନ୍ଦ୍ର ସିଂ ଡୋବାଲ କହିଛନ୍ତି। ଆହତ ଅବସ୍ଥାରେ ୩୮ ଜଣଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ମୃତ୍ୟୁ ଘଟିଛି।

ଅନ୍ୟପକ୍ଷରେ ବିଦ୍ୟୁତ୍ ତାର ଛିଡ଼ିବା ଖବରକୁ ମନ୍ଦିର ପ୍ରଶାସନ ପକ୍ଷରୁ ଖଣ୍ଡନ କରାଯାଇଛି। ମନ୍ଦିର ପାହାଚରେ ପ୍ରବଳ ଭିଡ଼ ମଧ୍ୟରେ ଜଣେ ଶ୍ରଦ୍ଧାଳୁ ଖସିପଡ଼ିବାରୁ ଦଳାଚକଟା ଘଟିଲା ବୋଲି ମନସା ଦେବୀ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ରବୀନ୍ଦ୍ର ପୁରୀ କହିଛନ୍ତି। ଭିଡ଼ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା ଓ ବ୍ୟାରିକେଡ୍ ବ୍ୟବସ୍ଥା ମଧ୍ୟ ହୋଇଥିଲା। ଏହା ସତ୍ତ୍ୱେ ଗହଳି ଅଧିକ ହେଲା ଏବଂ ଜଣେ ଭକ୍ତ ଖସିପଡ଼ିବାରୁ ଦଳାଚକଟା ସ୍ଥିତି ଉପୁଜିଲା ବୋଲି ରବୀନ୍ଦ୍ର ପୁରୀ କହିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଅତ୍ୟଧିକ ଭିଡ଼ ଯୋଗୁ ଧାଡ଼ିରେ ଅପେକ୍ଷା କରିଥିବା ଲୋକେ ପରସ୍ପରକୁ ଠେଲିବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା।

ପ୍ରତିବର୍ଷ ଶ୍ରାବଣ ମାସରେ ବିଶେଷ କରି ହର୍ କୀ ପୌରି ଏବଂ ମନସା ଦେବୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥାଏ। ରବିବାର ଛୁଟିଦିନ ଥିବାରୁ ୫୦୦ ଫୁଟ୍‌ରୁ ଅଧିକ ଉଚ୍ଚରେ ଅବସ୍ଥିତ ଶିବାଲିକ ପାହାଡ଼ ଶୀର୍ଷଭାଗରେ ଥିବା ମନ୍ଦିରକୁ ଯାଇଥିବା ସଂକୀର୍ଣ୍ଣ ପ୍ରବେଶ ପଥରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ସେମାନଙ୍କ ମଧ୍ୟରେ ବହୁସଂଖ୍ୟାରେ ମହିଳା ଓ ଛୋଟ ପିଲା ଥିଲେ। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତଙ୍କ ପରିବାର ସଦସ୍ୟ ସେମାନଙ୍କ ସମ୍ପର୍କୀୟଙ୍କ ସମ୍ପର୍କରେ ଜାଣିବା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଘଟଣାର ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ଗୁଜବ ପ୍ରଚାର କରିଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଗଣମାଧ୍ୟମକୁ ଜଣାଇଛନ୍ତି। ଦଳାଚକଟା ଘଟଣାରେ ୮ ଜଣଙ୍କ ଜୀବନ ଯାଇଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଏବଂ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସମେତ ଆହତମାନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ ହରିଦ୍ୱାର ଜିଲା ହସ୍ପିଟାଲ ଯାଇ ଆହତମାନଙ୍କ ଅବସ୍ଥା ପଚାରି ବୁଝିବା ସହ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେମାନଙ୍କ ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି। ଆହତଙ୍କ ମଧ୍ୟରୁ ଗୁରୁତର ୫ ଜଣଙ୍କୁ ଋଷିକେଶସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

# ମାଟିତଳୁ ମିଳିଲା ୩୫ ଲକ୍ଷ ଟଙ୍କା

## ଷ୍ଟିଲ୍ ଟିଫିନ୍‌ରେ ରଖିଥିଲେ ମାଓବାଦୀ

**ବଣାଇଁ,୨୭।୭(ପ୍ରଦୀପ ତ୍ରିପାଠୀ)**

ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡ ଚାଇବସାର ସରଣ୍ଡା ଜଙ୍ଗଲରେ ସୁରକ୍ଷାକର୍ମୀମାନେ କୋମ୍ବିଂ ଅପରେଶନ ସମୟରେ ମାଟିତଳେ ପୋତା ହୋଇଥିବା ୩୫ ଲକ୍ଷ ଟଙ୍କା ଜବତ କରିଛନ୍ତି। ମାଓବାଦୀମାନେ ଉକ୍ତ ଟଙ୍କାକୁ ଜରି ପ୍ୟାକିଂ କରି ଷ୍ଟିଲ୍ ଟିଫିନ୍‌ରେ ରଖିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ରାଞ୍ଚି ଆଇଜି ଏକ ପ୍ରେସ୍ ବିବୃତିରେ ଉଲ୍ଲେଖ କରିଛନ୍ତି। ସେମାନେ ଏହି ଟଙ୍କାକୁ ମାଓବାଦୀ କାର୍ଯ୍ୟକଳାପରେ ଲଗାଉଥିଲେ ଓ ଦଳର କ୍ୟାଡରମାନଙ୍କୁ ମଧ୍ୟ ଦରମା ଦେଉଥିବା ନେଇ ଗୋଇନ୍ଦା ବିଭାଗର ସୂଚନା ରହିଥିଲା। କେବଳ ସେତିକି ନୁହେଁ , ଏହି ଅର୍ଥ ଜୁଲାଇ ୨୮ ତାରିଖଠାରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ପାଳିତ ହେବାକୁଥିବା ମାଓବାଦୀଙ୍କ ଶହୀଦ ସପ୍ତାହ ପାଇଁ ସଂଗୃହୀତ ହୋଇଥିଲା। ଓଡ଼ିଶା – ଝାଡ଼ଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳରେ ଥିବା ବିଭିନ୍ନ ରେଲୱେ ସାଇଡିଂ, ଖଣି, କାମ କରୁଥିବା ଠିକାଦାରଙ୍କ ନିକଟରୁ ଏହି ଅର୍ଥ ସଂଗୃହୀତ ହୋଇଥିବା ସନ୍ଦେହ କରାଯାଉଛି।

ପ୍ରକାଶଯୋଗ୍ୟ ଯେ, ୨ ମାସ ତଳେ ମେ’ ୨୭ରେ ଓଡ଼ିଶା – ଝାଡଖଣ୍ଡ ସୀମା ସଂଲଗ୍ନ ବାଙ୍କୋ ପଥର ଖାଦାନରୁ ମାଓବାଦୀମାନେ ୫ ଟନ୍ ବିସ୍ଫୋରକ ଲୁଟ୍ କରି ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲେ। ଏହି ଘଟଣା ପରେ ଉଭୟ ରାଜ୍ୟର ପୋଲିସ ସତର୍କ ରହିବା ସହ ଝାଡ଼ଖଣ୍ଡରେ ☞ପୃଷ୍ଠା–୪

# ଜେଲ ଗଲେ ଅମରେଶ ଜେନା

## ବଳାତ୍କାର ମାମଲା

- ‘ଅର୍ଚ୍ଚନା ମୋତେ ଫସାଇଦେଇଛନ୍ତି’: ଅମରେଶ
- ଅମରେଶ କର୍ମର ଫଳ ଭୋଗୁଛନ୍ତି : ଅର୍ଚ୍ଚନା
- ବିଜେଡିରୁ କର୍ପୋରେଟର ଅମରେଶ ନିଲମ୍ବିତ

**ଭୁବନେଶ୍ୱର,୨୭।୭ (ସତ୍ୟଜିତ୍ ରାଉତ)**

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ମୁଖ୍ୟ ଅଭିଯୁକ୍ତ ଥିବା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନ ୪୫ ନଂ. ୱାର୍ଡର ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଇଆଁଙ୍କୁ ବାଲେଶ୍ୱର ଜିଲାରୁ କମିଶନରେଟ୍ ପୋଲିସ ରବିବାର ଗିରଫ କରିଛି। ବରହମ୍ପୁର ଥାନା ଅନ୍ତର୍ଗତ କଳାକାଦ ଗାଁରେ ଅମରେଶ ଆତ୍ମଗୋପନ କରିଥିଲେ। ଏହା ଜଣାପଡ଼ିବା ପରେ ଲକ୍ଷ୍ମୀସାଗର ଥାନାର ଏକ ଟିମ୍ ସେଠାରେ ଚଢ଼ାଉ କରି ଅମରେଶଙ୍କୁ ଧରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ଅଣାଯାଇ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର



ହେବା ପରେ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ଅମରେଶ ଗିରଫ ହେବା ପରେ ବିଜେଡିରୁ ତାଙ୍କୁ ନିଲମ୍ବନ କରାଯାଇଛି। ଏନେଇ ଦଳ ପକ୍ଷରୁ ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା ଏକ ନିଲମ୍ବନ ଆଦେଶ ଜାରି କରିଛନ୍ତି। ଦଳରେ ବିଶୃଙ୍ଖଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଜେନା କହିଛନ୍ତି। ଅନ୍ୟପକ୍ଷରେ ଅମରେଶଙ୍କୁ ଫେରାର କରାଇବା ଅଭିଯୋଗରେ ଶନିବାର ତାଙ୍କର ୫ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ଅମରେଶଙ୍କୁ ପୋଲିସ ଟିମ୍ ଡାକ୍ତରୀ ମାଇନା ପାଇଁ ☞ପୃଷ୍ଠା–୪

# ଇନ୍‌କମ୍ ସାର୍ଟିଫିକେଟରେ ବାର୍ଷିକ ଆୟ ୩ ଟଙ୍କା

**ସତ୍‌ନା, ୨୭।୭ (ପି.ଟି.)**

ମଧ୍ୟପ୍ରଦେଶର ସତ୍‌ନା ଜିଲାର କୋଠି ତହସିଲ ଅନ୍ତର୍ଗତ ନାଓଗାଁ ନିବାସୀ ରାମସ୍ୱରୂପ (୪୫) ନାମକ ଜଣେ କୃଷକଙ୍କର ଆୟ ପ୍ରମାଣପତ୍ର ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହି ପ୍ରମାଣପତ୍ରରେ ରାମସ୍ୱରୂପଙ୍କ ବାର୍ଷିକ ଆୟ ମାତ୍ର ୩ ଟଙ୍କା ହୋଇଥିବା ଲେଖାହୋଇଛି। ଗତ ଜୁଲାଇ ୨୨ରେ ଜାରିକରାଯାଇଥିବା ଉକ୍ତ ଆୟ ପ୍ରମାଣପତ୍ରରେ କୋଠି ତହସିଲଦାର ସୌରଭ ଦ୍ୱିବେଦୀଙ୍କ ଦସ୍ତଖତ ରହିଛି। କଂଗ୍ରେସର ମଧ୍ୟପ୍ରଦେଶ ୟୁନିଟ୍ ପକ୍ଷରୁ ଏହି



प्र.क्र. RS/429/0111/47635/2025 /बी-121/2025 दिनांक 22/07/2025

आय प्रमाण-पत्र

(जारी होने की तिथि से तीन वर्ष तक मान्य)

प्रमाणित किया जाता है कि श्री/श्रीमती/कु. रामस्वरूप पिता/पति श्याम लाल निवासी नायगाव तहसील कोठी जिला सतना (मध्यप्रदेश) की/के परिवार की समस्त स्त्रोतों की वार्षिक आय रुपये 3 (शब्दों में तीन रूपये मात्र ) है।

(आवेदक द्वारा प्रस्तुत घोषणा पत्र के आधार पर जारी)

Saurabh Dwivedi
तहसीलदार

ପ୍ରମାଣପତ୍ରର ଏକ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରାଯାଇ ରାଜ୍ୟର ଭାଜପା ସରକାରଙ୍କୁ ଟାର୍ଗେଟ କରାଯାଇଛି। କ୍ୟାପ୍‌ଶନ୍‌ରେ କଂଗ୍ରେସ ପକ୍ଷରୁ ଲେଖାଯାଇଛି, ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ଶାସନରେ ଭାରତର ସବୁଠାରୁ ଗରିବ ବ୍ୟକ୍ତି ମଧ୍ୟପ୍ରଦେଶରେ ରହୁଛନ୍ତି। ଏହା ତାଙ୍କ ଆୟ ପ୍ରମାଣପତ୍ର। ତାଙ୍କର ବାର୍ଷିକ ଆୟ ମାତ୍ର ୩ ଟଙ୍କା। ସେହିପରି ମାସିକ ଆୟ ମାତ୍ର ୨୫ ପଇସା ଏବଂ ଦିନକର ଆୟ ୧ ପଇସାରୁ ମଧ୍ୟ କମ୍। ସୋସିଆଲ ମିଡିଆରେ କଂଗ୍ରେସର ଉକ୍ତ ପୋଷ୍ଟ ଦ୍ରୁତଗତିରେ ଭାଇରାଲ ହେବାରେ ଲାଗିଛି। ଏହି ଇନ୍‌କମ୍ ସାର୍ଟିଫିକେଟ ଭାରତର ସବୁଠାରୁ ଗରିବ ବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣିଥିବା ନେଇ କେତେଜଣ ୟୁଜର୍ସ କହିଛନ୍ତି। କଂଗ୍ରେସର ଉକ୍ତ ପୋଷ୍ଟ ଭାଇରାଲ ହେବା ପରେ ଆୟ ପ୍ରମାଣପତ୍ର ଜାରି କରିଥିବା ତହସିଲଦାର ଦ୍ୱିବେଦୀ ନିଜ ସଫେଇରେ କହିଛନ୍ତି, ଏହା ଏକ ଟାଇପିଂଗତ ଭୁଲ୍ ଥିଲା। କିରାଣୀଙ୍କ ଦ୍ୱାରା ତ୍ରୁଟି ଯୋଗୁ ଏପରି ହୋଇଥିଲା। ଏବେ ଉକ୍ତ ତ୍ରୁଟିକୁ ସଂଶୋଧନ କରାଯାଇଛି। ତ୍ରୁଟି ସମ୍ପର୍କରେ ଜଣାପଡ଼ିବା ପରେ ଗତ ୨୫ ତାରିଖରେ ରାମସ୍ୱରୂପଙ୍କ ପାଇଁ ଏକ ନୂତନ ଆୟ ପ୍ରମାଣପତ୍ର ଜାରି କରାଯାଇଥିଲା। ରାମସ୍ୱରୂପଙ୍କ ବାର୍ଷିକ ଆୟ ୩ ଟଙ୍କା ନୁହେଁ ବରଂ ୩୦ ହଜାର ଟଙ୍କା ବୋଲି ତହସିଲଦାର କହିଛନ୍ତି। ତାଙ୍କର ମାସିକ ଆୟ ୨,୫୦୦ ଟଙ୍କା ହୋଇଥିବା ସେ କହିଛନ୍ତି।




# ମନ୍ଦିରରେ ୩୦ ବର୍ଷର ବର୍ବରତା

ଏକ ମନ୍ଦିର ସହର, ଜଣେ ରହସ୍ୟଜନକ ହ୍ୱିସିଲବ୍ଲୋୟର ଏବଂ ତାଙ୍କ ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି। ଦକ୍ଷିଣ ଭାରତର ଏକ ମନ୍ଦିରରେ ପ୍ରାୟ ୩ ଦଶନ୍ଧି ଧରି ବ୍ୟବସ୍ଥିତ ଢଙ୍ଗରେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା କରାଯିବା ପରେ ପୋତି ଦିଆଯାଉଥିଲା। ଏ ସମ୍ପର୍କରେ ୪୮ ବର୍ଷୀୟ ହ୍ୱିସିଲବ୍ଲୋୟର ମୁହଁ ଖୋଲିବା ପରେ ଏହି ପାପ କାହାଣୀ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ହ୍ୱିସିଲବ୍ଲୋୟରଙ୍କ ଆବିର୍ଭାବ ନ୍ୟାୟରୁ ବଞ୍ଚିତ ଅନେକ ଶହ ସ୍ୱଳ୍ପବୟସ୍କା, ଯୁବତୀ ଓ ମହିଳାଙ୍କ ପୋତି ହୋଇ ରହିଥିବା ବେଦନାକୁ ଉଜାଗର କରିଛି, ଯାହାକୁ ପୋଲିସ ତଦନ୍ତ ନ କରି ଅଣଦେଖା କରିଆସିଥିଲା। ସେ ବିଧିବଦ୍ଧ ଅଭିଯୋଗ କରିବା ପରେ କର୍ନାଟକ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଛନ୍ତି।


କର୍ନାଟକ ଧର୍ମଶାଳାର ମଞ୍ଜୁନାଥ ମନ୍ଦିର।

**ବେଙ୍ଗାଲୁରୁ, ୨୭।୭**

ଜୁଲାଇ ୧୧ରେ କର୍ନାଟକର ଧର୍ମଶାଳା ସହରସ୍ଥିତ ବେଲଥାଙ୍ଗଡ଼ି କୋର୍ଟରେ ହାଜର କରାଯିବାବେଳେ ହ୍ୱିସିଲବ୍ଲୋୟରଙ୍କ ମୁହଁ କଳା ହୁଡ୍‌ରେ ଢଙ୍କାଯାଇଥାଏ। ତାଙ୍କ ହାତରେ ଥାଏ କେତୋଟି କଙ୍କାଳର ଅବଶେଷ, ଯାହାକୁ ସେ ବଳାତ୍କାର ପୀଡ଼ିତାଙ୍କୁ ପୋତାଯାଇଥିବା ଏକ ଗଣସମାଧିରୁ ଆଣିଥିବା ଦାବି କରିଥିଲେ। ବ୍ୟକ୍ତି ଜଣକ ନିଜକୁ ୮୦୦ ବର୍ଷ ପୁରୁଣା ଉକ୍ତ ମନ୍ଦିରର ଜଣେ ପୂର୍ବତନ ସଫେଇ କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଏପରି କି ନିର୍ମମ ବର୍ବରତା ଓ ଯୌନ ଉତ୍ପୀଡ଼ନର କ୍ଷତଚିହ୍ନଗୁଡ଼ିକୁ ଲୁଚାଇବା ପାଇଁ ପୀଡ଼ିତାମାନଙ୍କ ମୃତଦେହକୁ ଗୋପନୀୟ ଭାବେ ପୋତିଦେବାକୁ ତାଙ୍କୁ ବାଧ କରାଯାଉଥିଲା ବୋଲି ସେ ଅଭିଯୋଗ ଆଣିଥିଲେ।

ଦକ୍ଷିଣ କନ୍ନଡ ଜିଲ୍ଲା ପୋଲିସ ଅଧୀକ୍ଷକଙ୍କ ନିକଟରେ ଜୁଲାଇ ୩ରେ ପ୍ରଥମେ ହ୍ୱିସିଲବ୍ଲୋୟର ଲିଖିତ ଅଭିଯୋଗ କରିଥିଲେ। ସେଥିରେ ସେ ଲେଖିଥିଲେ, ୨୦୧୪ରେ ନିଜ ପରିବାର ସହ ଲୁଚି ପଳାଇବା ପୂର୍ବରୁ ପ୍ରାୟ ୨୦ ବର୍ଷ ଧରି ତାଙ୍କୁ ସେଠାରେ ଜବରଦସ୍ତ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏହାର ପ୍ରାୟ ୧ ଦଶନ୍ଧି ପରେ ସେ ଅନୁତପ୍ତ ହୋଇ ଉକ୍ତ ଜଘନ୍ୟ ଅପରାଧର ପର୍ଦ୍ଦାଫାଶ କରିବା ପାଇଁ ଫେରିଛନ୍ତି। ଯୁବତୀ ଓ ମହିଳାମାନଙ୍କୁ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ବଳାତ୍କାର କରାଯିବା ପରେ ହତ୍ୟା କରି ସେମାନଙ୍କ ମୃତଦେହଗୁଡ଼ିକୁ ପୋତାଯାଉଥିଲା। ପୀଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେଠାରୁ ଅନେକ ଶହ ମୃତଦେହ ଖୋଳିବାକୁ ହ୍ୱିସିଲବ୍ଲୋୟର ଦାବି କରିଥିଲେ।


ହ୍ୱିସିଲବ୍ଲୋୟରଙ୍କୁ ବୟାନ ରେକର୍ଡ ପାଇଁ କୋର୍ଟକୁ ନିଆଯିବାବେଳର ଦୃଶ୍ୟ।

ନେତ୍ରାବତୀ ନଦୀ କୂଳରେ ଥିବା ଧର୍ମଶାଳା ହିନ୍ଦୁମାନଙ୍କ ଏକ ବଡ଼ ତୀର୍ଥସ୍ଥାନ। ଏହି ମଧ୍ୟଯୁଗୀୟ ଶ୍ରୀମଞ୍ଜୁନାଥ ମନ୍ଦିରରେ ଭଗବାନ ଶିବ ପୂଜା ପାଆନ୍ତି। ମନ୍ଦିରଟି ଏକ ପରିବାର ଦ୍ୱାରା ପରିଚାଳିତ। ଏହା ପ୍ରତିବର୍ଷ ଉକ୍ତ ଛୋଟ ସହରକୁ ଅନେକ ଲକ୍ଷ ଭକ୍ତଙ୍କୁ ଟାଣିଆଣିଥାଏ।

ଦଳିତ ହ୍ୱିସିଲବ୍ଲୋୟର ଜଣକ କହିଛନ୍ତି, ସେ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ସେହି ମନ୍ଦିରରେ କାର୍ଯ୍ୟ କରିଥିଲେ। ସେଠାରେ ତାଙ୍କ ଚାକିରି ନିୟମିତ କରାଯିବା ପରେ ଅତ୍ୟନ୍ତ ଜଘନ୍ୟ ଅପରାଧଗୁଡ଼ିକର ପ୍ରମାଣ ଲୁଚାଇବା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ତେବେ ଜଣେ ଝିଅଙ୍କୁ ବଳାତ୍କାର କରାଯିବା ପରେ ୨୦୧୪ ଡିସେମ୍ବରରେ ସେ ମାନସିକ ନିର୍ଯାତନା ସହି ନ ପାରି ସେଠାରୁ ଲୁଚି ପଳାଇବାକୁ ବାଧ ହୋଇଥିଲେ। ଏକ ପଡ଼ୋଶୀ ରାଜ୍ୟରେ ହ୍ୱିସିଲବ୍ଲୋୟର ଓ ତାଙ୍କ ପରିବାର ଆତ୍ମଗୋପନ କରିଥିଲେ। ସେମାନେ ନିଜ ଜୀବନ ବଞ୍ଚାଇବା ପାଇଁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ।

> ■ଅନେକ ଶହ ସ୍ୱଳ୍ପବୟସ୍କା, ଯୁବତୀ, ମହିଳାଙ୍କୁ ବଳାତ୍କାର ଓ ହତ୍ୟା ପରେ ପୋତି ଦିଆଯାଇଛି
>
> ■ମୁହଁ ଫିଟାଇଲେ ପୂର୍ବତନ ସଫେଇ କର୍ମଚାରୀ, ତଦନ୍ତ ପାଇଁ ଏସ୍ଆଇଟି ଗଠିତ

ପ୍ରଥମେ ନଦୀକୂଳରେ ସେ କେତେଜଣ ମହିଳାଙ୍କ ଗଳିତ ମୃତଦେହ ଠାବ କରିଥିଲେ। ସେତେବେଳେ ସେ ଏହାକୁ ଆତ୍ମହତ୍ୟା କିମ୍ବା ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଧରିନେଇଥିଲେ। କିନ୍ତୁ ମହିଳାଙ୍କ ବିବସ୍ତ୍ର ମୃତଦେହଗୁଡ଼ିକରେ କ୍ଷତଚିହ୍ନ ଦେଖି ତାଙ୍କ ମନକୁ ପାପ ଛୁଇଁଥିଲା। ୧୯୯୮ରେ ତାଙ୍କୁ ଗୋପନୀୟ ଭାବେ ଏଭଳି ମୃତଦେହ ଲୁଚାଇବାକୁ କୁହାଯାଇଥିଲା। ସେ ମନା କରିବାରୁ ତାଙ୍କୁ ମାଡ଼ ମରାଯାଇଥିଲା ଓ ଧମକ ଦିଆଯାଇଥିଲା। ମହିଳାଙ୍କ ଭଳି ତୁମ ଶରୀରକୁ ଖଣ୍ଡ ଖଣ୍ଡ କରି ହାଣିବୁ ଓ ତୁମ ପରିବାରର ସମସ୍ତଙ୍କୁ ମାରିଦେବୁ ବୋଲି ସେତେବେଳେ ଧମକ ଦିଆଯାଇଥିଲା।

୨୦୧୦ର ଏକ ଘଟଣା। ଧର୍ମଶାଳାରୁ ୩୦ କି.ମି. ଦୂର ଏକ ସ୍ଥାନକୁ ତାଙ୍କୁ ପଠାଯାଇଥିଲା। ସେଠାରେ ୧୨ରୁ ୧୫ ବର୍ଷୀୟା ଜଣେ ଝିଅଙ୍କ ମୃତଦେହ ପୋତିବାକୁ ତାଙ୍କୁ କୁହାଯାଇଥିଲା। ଝିଅ ନିଜ ସ୍କୁଲ ବ୍ୟାଗ୍ ଧରିଥିବାବେଳେ ୟୁନିଫର୍ମ ପିନ୍ଧିଥିଲେ। କିନ୍ତୁ ତଳଭାଗରେ ବସ୍ତ୍ର ନ ଥିଲା। ତାଙ୍କୁ ବଳାତ୍କାର କରାଯାଇଥିବା କ୍ଷତଚିହ୍ନରୁ ସ୍ପଷ୍ଟ ବାରି ହୋଇଯାଉଥିଲା। ଗଳା ଚିପି ହତ୍ୟା କରାଯାଇଥିବା ଚିହ୍ନରୁ ଜାଣି ହେଉଥିଲା। ତାକୁ ନେଇ ସେ ବିଚଳିତ ହୋଇପଡ଼ିଥିଲେ। ବର୍ବରତା ଓ ହତ୍ୟାକୁ ନେଇ ସ୍ମୃତିର ବୋଝକୁ ଆଉ ସହିପାରିବେ ନାହିଁ ବୋଲି ହ୍ୱିଶିଲବ୍ଲୋୟର କହିଛନ୍ତି।

ହ୍ୱିସିଲବ୍ଲୋୟରଙ୍କ ଓକିଲ କେଭି ଧନଞ୍ଜୟ କହିଛନ୍ତି, ଏହା ଏକ ଅଭୂତପୂର୍ବ ମାମଲା, ଯେଉଁଠି ସାକ୍ଷୀମାନେ କେବଳ ତାଙ୍କ ମହକିଲଙ୍କ ସପକ୍ଷରେ ଆଗେଇ ଆସିନାହାନ୍ତି, ବରଂ ଉତ୍ତରଦାୟିତ୍ୱ ସ୍ଥିର ପାଇଁ ସେମାନେ ମଧ ଅନେକ ପ୍ରମାଣ ସାମ୍ନାକୁ ଆଣିଛନ୍ତି। ଆଇନକୁ ଡରି ନୁହେଁ, ବରଂ ନିଜ ବିବେକ ଓ ନୈତିକତା ଦୃଷ୍ଟିରୁ ସାମ୍ନାକୁ ଆସିଛନ୍ତି। ଜୁଲାଇ ୨୦ରେ ମନ୍ଦିର କର୍ତ୍ତୃପକ୍ଷ ଜାରି କରିଥିବା ବିବୃତିରେ କହିଛନ୍ତି, ସେମାନେ ଏକ ଉପଯୁକ୍ତ ଓ ସ୍ୱଚ୍ଛ ତଦନ୍ତକୁ ସମର୍ଥନ କରୁଛନ୍ତି। ଏସ୍ଆଇଟି ନିରପେକ୍ଷ ତଦନ୍ତ କରିବ ବୋଲି ଆଶାବାଦୀ ଥିବା ଶ୍ରୀକ୍ଷେତ୍ର ଧର୍ମଶାଳା ମୁଖପାତ୍ର କେ. ପାର୍ଶ୍ୱନାଥ ଜୈନ କହିଛନ୍ତି। କର୍ନାଟକ ମହିଳା କମିଶନ ମୁଖ୍ୟ ନାଗଲକ୍ଷ୍ମୀ ଚୌଧରୀ ତଦନ୍ତ ପାଇଁ ଏସ୍ଆଇଟି ଗଠନକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି।

## ସଂକ୍ଷେପରେ

### ଚର୍ଚ୍ଚରେ ଆକ୍ରମଣ, ୩୪ ମୃତ

**କିନ୍‌ଶାସା, ୨୭।୭**

ଆଫ୍ରିକୀୟ ଦେଶ କଙ୍ଗୋର ପୂର୍ବବର୍ତ୍ତୀ ଅଞ୍ଚଳରେ ଥିବା କୋମାଣ୍ଡାସ୍ଥିତ ଏକ କ୍ୟାଥୋଲିକ୍ ଚର୍ଚ୍ଚରେ ରବିବାର ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସମର୍ଥିତ ବିଦ୍ରୋହୀ ସଙ୍ଗଠନ ଆଲାଇଡ୍ ଡେମୋକ୍ରାଟିକ ଫୋର୍ସ (ଏଡିଏଫ୍) ଆକ୍ରମଣ କରିଛି। ଏଥିରେ ୩୪ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଛି। ଏନେଇ ଜଣେ ସ୍ଥାନୀୟ ସିଭିଲ ସୋସାଇଟି ନେତା ଡିୟୁଦୋନେ ଦୁରାନ୍‌ଥାବୋ ସୂଚନା ଦେଇଛନ୍ତି। ଆକ୍ରମଣକାରୀ ବିଦ୍ରୋହୀ ସଙ୍ଗଠନ ଏଡିଏଫ୍‌ର ସଦସ୍ୟ ହୋଇଥିବା ସେ କହିଛନ୍ତି। ଆତତାୟୀମାନେ ଚର୍ଚ୍ଚ ମଧ୍ୟରେ ଏବଂ ପରିସରରେ ଥିବା ଲୋକଙ୍କୁ ଗୁଳିକରି ହତ୍ୟା କରିଥିବା ସହ ଚର୍ଚ୍ଚ ନିକଟସ୍ଥ ଅନେକ ଘର ଏବଂ ଦୋକାନକୁ ଜାଳି ଦେଇଥିବା ସେ କହିଛନ୍ତି। ପ୍ରକାଶ ଯେ, ଏଡିଏଫ୍ ହେଉଛି ଆଇଏସ୍ ସମର୍ଥିତ ଏକ ବିଦ୍ରୋହୀ ସଙ୍ଗଠନ, ଯାହା ଉଗାଣ୍ଡା ଏବଂ କଙ୍ଗୋର ସୀମାରେ ସକ୍ରିୟ ରହି ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ କରିଥାଏ।

### ଗାଜାରେ ଇସ୍ରାଏଲ୍‌ର ସୀମିତ ଯୁଦ୍ଧବିରତି

**ଡେଇର୍ ଅଲ୍-ବଲାହ, ୨୭।୭**

ହମାସ୍ ବିରୋଧରେ ଇସ୍ରାଏଲ୍ ୨୧ ମାସ ହେଲା ଯୁଦ୍ଧ ଚଳାଇଥିବାବେଳେ ଗାଜାରେ ଦୁର୍ଭିକ୍ଷ ସ୍ଥିତି ସଙ୍ଗିନ ହୋଇଛି। ଏହାକୁ ଅନ୍ତର୍ଜାତୀୟ ସ୍ତରରେ କଡ଼ା ସମାଲୋଚନା କରାଯାଇଛି। ଅନେକ ଲକ୍ଷ ଲୋକ କ୍ଷୁଧାରେ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ଗାଜାର ୩ଟି ଜନବହୁଳ ଅଞ୍ଚଳରେ ଦୈନିକ ୧୦ ଘଣ୍ଟା ଯୁଦ୍ଧ ବନ୍ଦ ରଖିବାକୁ ଇସ୍ରାଏଲୀ ସେନା ରବିବାର ଘୋଷଣା କରିଛି। ଫଳରେ ସେଠାରେ ଥିବା କ୍ଷୁଧିତଙ୍କ ନିକଟରେ ମାନବୀୟ ସହାୟତା ପହଞ୍ଚିପାରିବ। ଜନବହୁଳ ଗାଜା ସିଟି, ଡେଇର୍ ଅଲ୍-ବଲାହ ଏବଂ ମୁଓ୍ୱାସିରେ ଅଧିକ ପରିମାଣରେ ମାନବୀୟ ସହାୟତା ପହଞ୍ଚାଇବା ପାଇଁ ସାମରିକ ବିରାମ ଆରମ୍ଭ ହୋଇଛି। ରବିବାରଠାରୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ପ୍ରତ୍ୟହ ସ୍ଥାନୀୟ ସମୟ ସକାଳ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ରହିବ। ସହାୟତା ସାମଗ୍ରୀ ଯେଉଁ ରାସ୍ତା ଦେଇ ଯାଉଛି ସେଠାରେ ସେନା ସୁରକ୍ଷା ଯୋଗାଇଦେବା ସହ ଅନ୍ୟ ସ୍ଥାନରେ ଆକାଶମାର୍ଗରୁ ଅଟା, ଚିନି ପ୍ୟାକେଟ୍ ଓ ଡବା ଖାଦ୍ୟ ପକାଯିବ ବୋଲି ଇସ୍ରାଏଲୀ ସେନା କହିଛି।

### ପ୍ରେମିକାଙ୍କୁ ଭେଟିବାକୁ ଯିବାରୁ ନାବାଳକଙ୍କୁ ପିଟି ହତ୍ୟା

**ଭୋପାଳ, ୨୭।୭**

ମଧ୍ୟପ୍ରଦେଶର ରତଲାମ ଜିଲାର ନାମଲି ଅଞ୍ଚଳସ୍ଥିତ ମେସାଭା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜଣେ ନାବାଳକ ଆୟୁଷ ମାଲବ୍ୟଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଆୟୁଷ ନିଜ ପ୍ରେମିକାଙ୍କୁ ଭେଟିବାକୁ ମେସାଭା ଗ୍ରାମରେ ଥିବା ତାଙ୍କ ଘରକୁ ଆସିଥିଲେ। ପ୍ରେମିକାଙ୍କ ବାପା ଏବଂ ୮ରୁ ୧୦ ଗ୍ରାମବାସୀ ଏଥିରେ ଆପତ୍ତି ପ୍ରକାଶ କରି ଆୟୁଷଙ୍କୁ ଏକ ଗଛରେ ବାନ୍ଧି ତାଙ୍କୁ ପ୍ରଥମେ ଲଣ୍ଡା କରିଥିଲେ। ପରେ ସେମାନେ ତାଙ୍କୁ ଅନବରତ ମାଡ଼ ମାରିଥିଲେ। ଫଳରେ ଆୟୁଷଙ୍କର ମୃତ୍ୟୁ ହୋଇଯାଇଥିଲା। ରବିବାର ପୋଲିସ ଆୟୁଷଙ୍କ ମୃତ୍ୟୁକୁ ନେଇ ତାଙ୍କ ପ୍ରେମିକାଙ୍କ ବାପା ଏବଂ ଗ୍ରାମର ଅନ୍ୟ ୩ ବ୍ୟକ୍ତିଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

### 'ଉଦୟପୁର ଫାଇଲ୍ସ' ନିର୍ମାତାଙ୍କୁ ୱାଇ ଶ୍ରେଣୀ ସୁରକ୍ଷା

**ନୂଆଦିଲ୍ଲୀ, ୨୭।୭**

କେନ୍ଦ୍ର ସରକାର ରବିବାର 'ଉଦୟପୁର ଫାଇଲ୍ସ' ଫିଲ୍ମର ନିର୍ମାତା ଅମିତ ଜାନୀଙ୍କୁ ୱାଇ ଶ୍ରେଣୀ ସୁରକ୍ଷା ପ୍ରଦାନ କରିଛନ୍ତି। ଅମିତଙ୍କ ଜୀବନକୁ ବିପଦ ଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ତାଙ୍କୁ ଏହି ସୁରକ୍ଷା ଯୋଗାଇ ଦିଆଯାଇଛି। ଏନେଇ ଅମିତ ସାମାଜିକ ଗଣମାଧ୍ୟମ 'X'ରେ ସୂଚନା ଦେଇଛନ୍ତି। 'ଉଦୟପୁର ଫାଇଲ୍ସ' ଫିଲ୍ମ ରିଲିଜ୍‌କୁ ନେଇ କିଛିଦିନ ହେବ ତାଙ୍କୁ ସୋସିଆଲ ମିଡିଆରେ ଧମକ ମିଳିଆସୁଥିଲା। ଅଗଷ୍ଟ ୮ରେ ଏହି ଫିଲ୍ମ ରିଲିଜ୍ ହେବ। ୨୦୨୨ର ବହୁଚର୍ଚ୍ଚିତ କହ୍ନେୟାଲାଲ୍ ହତ୍ୟାକାଣ୍ଡକୁ ନେଇ 'ଉଦୟପୁର ଫାଇଲ୍ସ' ନିର୍ମିତ। ପ୍ରଫେଟ୍ ମହମ୍ମଦଙ୍କୁ ନେଇ ଭାଜପା ନେତା ନୁପୂର ଶର୍ମା ବିବାଦୀୟ ବୟାନ ଦେଇଥିଲେ। ଉଦୟପୁରର ଦରଜି କହ୍ନେୟାଲାଲ୍ ସୋସିଆଲ ମିଡିଆରେ ଏହି ପ୍ରସଙ୍ଗକୁ ନେଇ ନୁପୂରଙ୍କୁ ସମର୍ଥନ କରିଥିଲେ। ତେଣୁ ମୁସଲମାନ ସମ୍ପ୍ରଦାୟର ୨ ଜଣ କହ୍ନେୟାଙ୍କ ମୁଣ୍ଡକାଟ କରିଥିଲେ।

## ଅସ୍ତ୍ରବିରତି ପାଇଁ ଥାଇଲାଣ୍ଡ, କାମ୍ବୋଡିଆ ରାଜି

**ସିସାକେଟ୍, ୨୭।୭**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ଶନିବାର ରାତିରେ ଫୋନ୍ କଲ୍ ପାଇବା ପରେ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ସାମଦେଚ୍ ଥିପାଡେଇ ହୁନ୍ ମାନେଟ୍ ଥାଇଲାଣ୍ଡ ସହ ତୁରନ୍ତ ନିଃସର୍ତ୍ତ ଅସ୍ତ୍ରବିରତି ପାଇଁ ରାଜି ଥିବା ରବିବାର କହିଛନ୍ତି। ଥାଇଲାଣ୍ଡ ଓ କାମ୍ବୋଡ଼ିଆ ମଧ୍ୟରେ ସୀମାବିବାଦକୁ ନେଇ ୪ ଦିନ ହେଲା ସଂଘର୍ଷ ଲାଗିରହିଥିବାବେଳେ ବହୁସଂଖ୍ୟାରେ ଲୋକ ମୃତାହତ ହେଲେଣି ଏହାକୁ ଆଉ ଦେଖାଯାଇପାରିବ ନାହିଁ ବୋଲି ଟ୍ରମ୍ପ କହିଥିଲେ। ଅସ୍ତ୍ରବିରତି ପାଇଁ ପ୍ରସ୍ତୁତ ଥିବା କାମ୍ବୋଡ଼ିଆ ଆସିଆନ୍‌ର ବର୍ତ୍ତମାନର ଅଧ୍ୟକ୍ଷ ମାଲେସିଆର ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମ୍‌ଙ୍କୁ ଜଣାଇଥିବା ମାନେଟ୍ କହିଛନ୍ତି। ସୀମା ବିବାଦରେ ମାଲେସିଆ ମଧ୍ୟସ୍ଥତା କରିବାକୁ ଥାଇଲାଣ୍ଡ ଓ କାମ୍ବୋଡ଼ିଆ ସହମତ ହୋଇଥିବା ମାଲେସିଆ ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ସୋମବାର ସନ୍ଧ୍ୟାରେ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ମାନେଟ୍ ଏବଂ ଥାଇଲାଣ୍ଡର କାମଚଳା ପ୍ରଧାନମନ୍ତ୍ରୀ ଫୁମ୍‌ଥାମ୍ ୱେଚାଚେଇ ମାଲେସିଆରେ ଆଲୋଚନା ପାଇଁ ଏକାଠି ହେବା ଆଶା କରାଯାଉଛି।

## ଉଡ଼ାଣ ପୂର୍ବରୁ ବୋଇଂ ଜେଟ୍‌ରେ ନିଆଁ

**ୱାଶିଂଟନ, ୨୭।୭**

ଆମେରିକାର ଡେନ୍‌ଭେର ଅନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ଅପରାହ୍ନରେ ଆମେରିକାନ୍ ଏୟାରଲାଇନ୍ସର ଏକ ବୋଇଂ ବିମାନ ଉଡ଼ାଣ ପୂର୍ବରୁ ଏହାର ଲ୍ୟାଣ୍ଡିଂ ଗିଅର କାମ ନ କରିବାରୁ ରନ୍‌ୱେରେ ନିଆଁ ବାହାରିବା ସହ ପ୍ରବଳ ଧୂଆଁ ଉଠିଥିଲା। ମିଆମି ଯିବାକୁ ଥିବା ଫ୍ଲାଇଟ୍ ୩୦୨୩ର ଉଡ଼ାଣ ବନ୍ଦ କରାଯିବା ସହ ସେଥିରେ ଥିବା ୧୭୩ ଜଣ ଯାତ୍ରୀ ଓ ୬ କ୍ରିଓ ସଦସ୍ୟଙ୍କୁ ଏମର୍ଜେନ୍ସି ସ୍ଲାଇଡ୍ ଦେଇ ନିରାପଦର ସହ ବାହାର କରାଯାଇଥିଲା। ଟାୟାରରେ ମେଣ୍ଟେନାନ୍ସଜନିତ ତ୍ରୁଟିରୁ ନିଆଁ ବାହାରିଲା ବୋଲି କୁହାଯାଇଛି।

## ୧୩ ବର୍ଷ ପରେ ମାତୋଶ୍ରୀରେ ରାଜ୍ ଠାକ୍‌ରେ

**ମୁମ୍ବାଇ, ୨୭।୭**

ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍) ଅଧ୍ୟକ୍ଷ ରାଜ୍ ଠାକ୍‌ରେ ଦୀର୍ଘ ୧୩ ବର୍ଷ ପରେ ପ୍ରଥମ ଥର ପାଇଁ ମୁମ୍ବାଇସ୍ଥିତ ମାତୋଶ୍ରୀରେ ରବିବାର ପ୍ରବେଶ କରିଛନ୍ତି। ଭାଇ ତଥା ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ଜନ୍ମଦିନ ଉତ୍ସବ ପାଳନ ପାଇଁ ରାଜ୍ ତାଙ୍କ ବାସଭବନକୁ ଆସିଥିଲେ। ଏହା ପୂର୍ବରୁ ୨୦୧୨ରେ ବାଲାସାହେବ ଠାକ୍‌ରେଙ୍କ ମୃତ୍ୟୁ ସମୟରେ ରାଜ୍ ମାତୋଶ୍ରୀକୁ ଶେଷ ଥର ପାଇଁ ଆସିଥିଲେ। ରବିବାର ରାଜ୍‌ଙ୍କ ସହ ଏମ୍ଏନ୍ଏସ୍ ନେତା ବାଲା ନନ୍ଦଗାଓଁକର ଏବଂ ନିତୀନ ସର୍ଦ୍ଦେଶାଇ ମଧ ଥିଲେ। ମାତୋଶ୍ରୀରେ ବାଲାସାହେବଙ୍କ ଫଟୋ ନିକଟରେ ଛିଡ଼ା ହୋଇ ରାଜ୍ ଓ ଉଦ୍ଧବ ଫଟୋ ଉଠାଇଛନ୍ତି। ଅନ୍ୟ ଏକ ଫଟୋରେ ରାଜ ଉଦ୍ଧବଙ୍କୁ ତାଙ୍କ ଜନ୍ମଦିନରେ ଫୁଲତୋଡ଼ା ଦେଉଥିବା ଦେଖାଯାଇଛି। ଦୀର୍ଘଦିନ ହେଲା ଠାକ୍‌ରେ ପରିବାରଠାରୁ ଦୂରେଇ ଯାଇଥିବା ରାଜ୍ ଚଳିତ ମାସ ଆରମ୍ଭରେ ମରାଠୀ ପରିଚୟ ପ୍ରସଙ୍ଗରେ ଉଦ୍ଧବଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ୱର୍ଲିରେ ଅନୁଷ୍ଠିତ ବିଜୟ ରାଲିରେ ଆଗାମୀ ପୌର ନିର୍ବାଚନ ଏକାଠି ଲଢ଼ିବା ନେଇ ଉଦ୍ଧବ ସୂଚନା ଦେଇଥିଲେ।


ମାତୋଶ୍ରୀରେ ଉଦ୍ଧବ ଠାକ୍‌ରେଙ୍କ ସହ ରାଜ୍ ଠାକ୍‌ରେ।

## ପୂର୍ବତନ ମନ୍ତ୍ରୀଙ୍କ ଜ୍ୱାଇଁ ସମେତ ୭ ଗିରଫ

**ରେଭ୍ ପାର୍ଟିରେ ଚଢ଼ାଉ ବେଳେ ଡ୍ରଗ୍ସ ଜବତ**

**ପୁଣେ, ୨୭।୭**

ମହାରାଷ୍ଟ୍ରର ପୁଣେସ୍ଥିତ ଏକ ଆପାର୍ଟମେଣ୍ଟରେ ରବିବାର ଭୋର ସମୟରେ ଚାଲିଥିବା ରେଭ୍ ପାର୍ଟି ଉପରେ ପୋଲିସ ଚଢ଼ାଉ କରି ସେଠାରୁ ଡ୍ରଗ୍ସ, ହୁକା ଏବଂ ମଦ ଜବତ କରିଛି। ଏହି ଚଢ଼ାଉ ବେଳେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଏକନାଥ ଖଡ୍‌ସେଙ୍କ ଝିଅ ରୋହିଣୀଙ୍କ ସ୍ୱାମୀ ପ୍ରାଞ୍ଜଳ ଖେୱାଲକରଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି। ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି କି ନାହିଁ ତାହାର ତଦନ୍ତ କରାଯାଉ ବୋଲି ଏନ୍‌ସିପି(ଏସ୍‌ପି) ନେତା ଖଡ୍‌ସେ କହିଛନ୍ତି। ଗିରଫ ୭ ଜଣଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି। ଖଡ୍‌ସେଙ୍କ ଝିଅ ରୋହିଣୀ ଏବେ ଏନ୍‌ସିପି(ଏସ୍‌ପି) ମହିଳା ଶାଖାର ରାଜ୍ୟ ସଭାପତି ଅଛନ୍ତି। ରେଭ୍ ପାର୍ଟି ଚାଲୁଥିବା ସୂଚନା ପାଇ ପୁଣେ ପୋଲିସ୍‌ର କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ଖରାଡି ଅଞ୍ଚଳରେ ଥିବା ଷ୍ଟୁଡିଓ ଆପାର୍ଟମେଣ୍ଟରେ ଚଢ଼ାଉ କରାଯାଇଥିଲା।

## ଆଜିଠୁ ଲୋକ ସଭାରେ 'ସିନ୍ଦୂର' ବିତର୍କ

**ନୂଆଦିଲ୍ଲୀ, ୨୭।୭**

ଅପରେଶନ ସିନ୍ଦୂର ଉପରେ ବିତର୍କ ଦାବିକରି ବିରୋଧୀ ହଟ୍ଟଗୋଳ କରିବାରୁ ସଂସଦ ମୌସୁମୀ ଅଧିବେଶନର ପ୍ରଥମ ସପ୍ତାହ ବେକାର ଯାଇଥିବାବେଳେ ସୋମବାରଠାରୁ ଲୋକ ସଭାରେ ଏ ସମ୍ପର୍କିତ ଆଲୋଚନା ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ବିରୋଧୀ କଂଗ୍ରେସ ଗୃହରେ ନିଜ ଏମ୍‌ପିମାନଙ୍କ ଉପସ୍ଥିତି ସୁନିଶ୍ଚିତ କରିବା ଲାଗି ୩ ଦିନିଆ ହ୍ୱିପ୍ ଜାରି କରିଛି।

**୩ ଦିନିଆ ହ୍ୱିପ୍ ଜାରି କଲା କଂଗ୍ରେସ**

ସୂତ୍ରରୁ ଜଣାପଡ଼ିଛି ଯେ, ସୋମବାର ଲୋକ ସଭାରେ ବିତର୍କର ପ୍ରଥମ ଦିନ ଗୃହର ବିରୋଧୀ ଦଳ ଉପନେତା ଗୌରବ ଗୋଗୋଇ ବିପକ୍ଷ ଦଳଗୁଡ଼ିକ ପକ୍ଷରୁ ଅଭିଯୋଗ ଆଗତ କରିବେ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ଜାତୀୟ ସୁରକ୍ଷା ଓ ବହିର୍ବ୍ୟାପାର ନୀତିର ବିଫଳତା ପ୍ରସଙ୍ଗରେ ମୁହାଁମୁହିଁ ହେବେ। ଲୋକ ସଭା ଓ ରାଜ୍ୟ ସଭାରେ ଉଭୟ ପକ୍ଷ ବିତର୍କ ବେଳେ ବରିଷ୍ଠ ନେତାମାନଙ୍କୁ ଭାଗ ନେବା ପାଇଁ ସୁଯୋଗ ଦେବେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅପରେଶନ ସିନ୍ଦୂର ସମ୍ପର୍କରେ ଗୃହକୁ ଅବଗତ କରାଇବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତଙ୍କବାଦ ବିରୋଧରେ ସରକାରଙ୍କ କଡ଼ା ଆଭିମୁଖ୍ୟ ଉପରେ ଜଣାଇବା ସକାଶେ ମଝିରେ କିଛି ବକ୍ତବ୍ୟ ରଖିପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଉଭୟ ଗୃହରେ ୧୬ ଘଣ୍ଟା ଧରି ଅପରେଶନ ସିନ୍ଦୂର ଉପରେ ମାରାଥନ ବିତର୍କ ଚାଲିବା ନେଇ ଏହା ପୂର୍ବରୁ ଶାସକ ଓ ବିରୋଧ ପକ୍ଷ ସହମତି ପ୍ରକାଶ କରିସାରିଛନ୍ତି।

## ଲଡ୍‌କୀ ବହୀନ୍ ଯୋଜନା: ୧୪ ହଜାର ପୁରୁଷ ହାତେଇଛନ୍ତି ଟଙ୍କା

**ମୁମ୍ବାଇ, ୨୭।୭**

ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଆର୍ଥିକ ଅନଗ୍ରସର ମହିଳାଙ୍କ ପାଇଁ ଗତବର୍ଷ ଲଡ୍‌କୀ ବହୀନ୍ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଗତବର୍ଷ ଅନୁଷ୍ଠିତ ହୋଇଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏହି ଯୋଜନା ମହାଯୁତିକୁ ଫାଇଦା ଦେଇଥିଲା। ତେବେ ଏହି ଯୋଜନାରେ ୧୪,୨୯୮ ପୁରୁଷ ଆର୍ଥିକ ଭାବେ ଲାଭବାନ ହୋଇଥିବା ନେଇ ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ (ଡବ୍ଲୁସିଡି) ଦ୍ୱାରା କରାଯାଇଥିବା ଏକ ଅଡିଟ ରିପୋର୍ଟରୁ ଜଣାପଡ଼ିଛି। ଅନଲାଇନ ପଞ୍ଜୀକରଣ ସମୟରେ ନିଜକୁ ମହିଳା ହିତାଧିକାରୀ ଭାବେ ପରିଚୟ ଦେଇ ୧୪,୨୯୮ ପୁରୁଷ ଲଡ୍‌କୀ ବହୀନ୍ ଯୋଜନାରେ ଆର୍ଥିକ ଲାଭ ପାଇବାକୁ ସକ୍ଷମ ହୋଇଥିବା ଏହି ରିପୋର୍ଟ କହିଛି, ଯାହାକୁ ନେଇ ମହାରାଷ୍ଟ୍ରରେ ରାଜନୀତୀ ସରଗରମ ହୋଇଛି। ବିରୋଧୀ ଶିବସେନା (ୟୁବିଟି) ଏବଂ ଏନ୍‌ସିପି (ଏସ୍‌ପି) ରାଜ୍ୟର ଦେବେନ୍ଦ୍ର ଫଡ୍‌ନବିସ୍ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏନ୍‌ସିପି (ଏସ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ସୁପ୍ରିୟା ସୁଲେ ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ତଦନ୍ତ କରାଯିବ ବୋଲି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାର କହିଛନ୍ତି। ଯେଉଁ ପୁରୁଷମାନେ ଠକେଇ କରି ଲଡ୍‌କୀ ବହୀନ୍ ଯୋଜନାର ଲାଭ ଉଠାଇଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା। ସେହିପରି ସେମାନଙ୍କୁ ଦିଆଯାଇଥିବା ରାଶିକୁ ଜବତ କରାଯିବ। ସରକାରୀ ଚାକିରି କରୁଥିବା କିଛି ମହିଳା ମଧ ଏହି ଯୋଜନାର ଲାଭ ଉଠାଇଥିବା ନେଇ ରିପୋର୍ଟରୁ ଜଣାପଡ଼ିଛି। ହିତାଧିକାରୀ ତାଲିକାରୁ ସେମାନଙ୍କ ନାମକୁ ମଧ ହଟାଯିବ ବୋଲି ଅଜିତ କହିଛନ୍ତି। ପ୍ରକାଶ ଯେ, ଲଡ୍‌କୀ ବହୀନ୍ ଯୋଜନାରେ ମହାରାଷ୍ଟ୍ରରେ ଆର୍ଥିକ ଭାବେ ଅନଗ୍ରସର ଥିବା ମହିଳାଙ୍କୁ ମାସିକ ୧,୫୦୦ ଟଙ୍କାର ସହାୟତା ରାଶି ମିଳୁଛି।

## ଚିଠା ତାଲିକାରୁ ହଟିଲେ ୬୫ ଲକ୍ଷ ବିହାରୀ ଭୋଟର

**ନୂଆଦିଲ୍ଲୀ, ୨୭।୭**

ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ ଚଳାଇଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ର ପ୍ରଥମ ପର୍ଯ୍ୟାୟ ରବିବାର ଶେଷ ହୋଇଛି। ଏସ୍ଆଇଆର୍‌କୁ ଚ୍ୟାଲେଞ୍ଜ କରି ଦାଖଲ ୧୦ରୁ ଊର୍ଦ୍ଧ୍ୱ ପିଟିଶନ୍‌ର ଶୁଣାଣି ସୁପ୍ରିମକୋର୍ଟରେ ସୋମବାର ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ ହୋଇଥିବା କମିଶନ ସୂଚନା ଦେଇଛନ୍ତି। ଜୁନ୍ ୨୪ରୁ ଜୁଲାଇ ୨୫ ପର୍ଯ୍ୟନ୍ତ ତାଲିକା ସଂଶୋଧନ ଚାଲିଥିଲା। ଏଥିରେ ବିହାରର ୭.୮୯ କୋଟି ଭୋଟରଙ୍କ ମଧ୍ୟରୁ ୭.୨୪ କୋଟି ସାମିଲ ହୋଇଥିଲେ। ତେବେ ଚିଠା ଭୋଟର ତାଲିକାରୁ ୬୫ ଲକ୍ଷ ଭୋଟର ବାଦ୍ ପଡ଼ିଛନ୍ତି। ଅଗଷ୍ଟ ୧ରେ ଏହି ଚିଠା ପ୍ରକାଶ ପାଇବାକୁ ଥିବାବେଳେ ସେଥିରେ ଯେଉଁମାନଙ୍କ ନାମ ସ୍ଥାନ ପାଇନାହିଁ ଏବଂ ତ୍ରୁଟି ବିଚ୍ୟୁତି ସମ୍ପର୍କରେ ସଂଶୋଧନ ପାଇଁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଅପିଲ୍ ଗ୍ରହଣ କରାଯିବ। ଇସିଙ୍କ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଏହି ଚିଠା ନିର୍ବାଚନ ପାଇଁ ଚୂଡ଼ାନ୍ତ ତାଲିକା ନୁହେଁ। ସଂଶୋଧନ ପାଇଁ ହାତରେ ମାସେ ସମୟ ଥିବାବେଳେ କେତେକେ କାହିଁକି ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି ତାହା ବୁଝାପଡୁନାହିଁ।

**ପ୍ରଥମ ପର୍ଯ୍ୟାୟ ଏସ୍ଆଇଆର୍ ଶେଷ**

## ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିବ ଟିସିଏସ୍

**ନୂଆଦିଲ୍ଲୀ, ୨୭।୭**

ଭାରତର ସବୁଠୁ ବଡ଼ ଆଇଟି କମ୍ପାନୀ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଆର୍ଥିକ ବର୍ଷ ୨୦୨୬ରେ ନିଜର ୨% କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଟିସିଏସ୍ ସିଇଓ କେ. କ୍ରିତିବାସନ୍ ଏହି ସଙ୍କେତ ଦେଇଛନ୍ତି। ଏପରି ହେଲେ ଟିସିଏସ୍‌ର ପ୍ରାୟ ୧୨,୨୦୦ କର୍ମଚାରୀ ଚାକିରି ହରାଇବେ। କମ୍ପାନୀର ମିଡିଲ ଏବଂ ସିନିୟର ଲେଭଲ ମ୍ୟାନେଜମେଣ୍ଟ ଏହି ଛଟେଇ ପ୍ରକ୍ରିୟାରେ ସର୍ବାଧିକ ପ୍ରଭାବିତ ହେବ। ଟିସିଏସ୍ ଏଆଇକୁ ଆପଣାଇବା ସହ ଅପରେଟିଂ ମଡେଲରେ ପରିବର୍ତ୍ତନ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। କାମ କରିବା ଶୈଳୀ ବଦଳୁଛି। ତେଣୁ ଭବିଷ୍ୟତ ପାଇଁ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ସମ୍ପ୍ରତି କମ୍ପାନୀ ପକ୍ଷରୁ ଏଆଇର ବ୍ୟାପକ ବ୍ୟବହାର କରାଯାଉଛି।

## ୯୦ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ଦୀପିକା

**ନୂଆଦିଲ୍ଲୀ, ୨୭।୭**

ଗ୍ଲୋବାଲ କଲ୍‌ଚରାଲ ପବ୍ଲିକେଶନ 'ଦି ସିଫ୍ଟ'ର ପ୍ରସିଦ୍ଧ '୯୦+ ୱମେନ୍ ସେପିଂ କଲ୍‌ଚର' ତାଲିକାରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କୁ ସାମିଲ କରାଯାଇଛି। ମାନସିକ ସ୍ୱାସ୍ଥ୍ୟ ସଚେତନତା ଏବଂ ମହିଳା ସଶକ୍ତୀକରଣ କ୍ଷେତ୍ରରେ ପ୍ରୟାସ ଯୋଗୁ ଦୀପିକାଙ୍କୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ତାଲିକାରେ ୯୦ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ଦୀପିକାଙ୍କ ସହ ହଲିଉଡ୍ ଅଭିନେତ୍ରୀ ତଥା ସିଙ୍ଗର ସେଲେନା ଗୋମେଜ୍, ଆମେରିକୀୟ ଅଭିନେତ୍ରୀ ତଥା ଫିଲ୍ମ ନିର୍ମାତା ଆଞ୍ଜେଲିନା ଜୋଲି, ପ୍ରସିଦ୍ଧ ସିଙ୍ଗର ବିଲି ଏଲିଶ୍, ଓଲିଭିଆ ରୋଡ୍ରିଗୋ ପ୍ରମୁଖ ରହିଛନ୍ତି। ଦୀପିକା ରବିବାର ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଏନେଇ ସୂଚନା ଦେଇଛନ୍ତି। ଏହି ସମ୍ମାନ ପାଇଁ ସେ 'ଦି ସିଫ୍ଟ' ନିକଟରେ କୃତଜ୍ଞ। ପ୍ରକାଶ ଯେ, ନିଜ କାର୍ଯ୍ୟ, ଚିନ୍ତାଧାରା, ସୃଜନଶୀଳତା ଏବଂ ସାମାଜିକ ପ୍ରଭାବ ମାଧ୍ୟମରେ ବିଶ୍ୱର ଚିନ୍ତାଧାରା ଏବଂ ସଂସ୍କୃତିକୁ ଆକାର ଦେଇପାରୁଥିବା ପ୍ରଭାବଶାଳୀ ମହିଳାଙ୍କୁ '୯୦+ ୱମେନ୍ ସେପିଂ କଲ୍‌ଚର' ତାଲିକାରେ ସ୍ଥାନିତ କରାଯାଇଥାଏ।



**ମାନସିକ ସ୍ୱାସ୍ଥ୍ୟ ସଚେତନତା କ୍ଷେତ୍ରରେ ପ୍ରୟାସ ଯୋଗୁ ମିଳିଲା ସମ୍ମାନ**

# ବିପଦସଙ୍କେତ ଉପରେ ସୁବର୍ଣ୍ଣରେଖା

■ ୪ ବ୍ଲକର ଲକ୍ଷାଧିକ ଲୋକ ଜଳବନ୍ଦୀ
■ ଦୁର୍ବଳ ବନ୍ଧ ଜଗିଲା ସେଚ ବିଭାଗ



ଭୋଗରାଇର ବନ୍ୟା ପ୍ରପୀଡ଼ିତ ଏକ ଗାଁରୁ ଅନ୍ୟ ଗାଁକୁ ଆଣ୍ଠୁଏ ପାଣିରେ ଲୋକେ ଯିବାଆସିବା କରୁଛନ୍ତି।

**ଭୋଗରାଇ, ୨୭।୭(ପ୍ରଦୀପ ଦାସ)**

ଝାଡ଼ଖଣ୍ଡ ମାଳାଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣରେଖାର ନିମ୍ନ ଅବବାହିକାରେ ୫ମ ଥର ବନ୍ୟା ଦେଖାଦେଇଛି। ସୁବର୍ଣ୍ଣରେଖା ରାଜଘାଟ ଗେଜଠାରେ ବନ୍ୟାଜଳ ବୃଦ୍ଧି ପାଇ ବିପଦସଂକେତ ୧୦. ୩୬ ମିଟର ଉପରେ ପ୍ରବାହିତ ହେଉଛି। ବିଳମ୍ବିତ ରାତି ସୁଦ୍ଧା ବନ୍ୟାଜଳ ୧୧. ୪୪ ମିଟର ଧରିବ ବୋଲି କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି। ସୁବର୍ଣ୍ଣରେଖାର ବନ୍ୟାଜଳ ରବିବାର ସକାଳୁ ଦୁଇ କୂଳ ଲଙ୍ଘି ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ବ୍ଲକ ସହ ମୟୂରଭଞ୍ଜର କେତେକ ପଞ୍ଚାୟତରେ ଉଣାଅଧିକେ ପାଣି ପ୍ରବେଶ କରିଛି। ଅଦ୍ୟାବଧି ଭୋଗରାଇ ଓ ବାଲିଆପାଳ ବ୍ଲକର ତଳିଆ ଗାଁଗୁଡିକରେ ବନ୍ୟାପାଣି ଛାଡି ନ ଥିବାବେଳେ ପୁଣି ସୁବର୍ଣ୍ଣରେଖାରେ ୫ମ ବନ୍ୟା ଲୋକଙ୍କ ଜନଜୀବନକୁ ଦୁର୍ବିସହ କରିଛି।

ଅପରପକ୍ଷରେ ଭୋଗରାଇ ବ୍ଲକର ୨୦, ବାଲିଆପାଳ ବ୍ଲକର ୧୨ ଓ ଜଳେଶ୍ୱର ବ୍ଲକର ୬ ପଞ୍ଚାୟତର ଶତାଧିକ ଗାଁ ବନ୍ୟାପ୍ଲାବିତ ହୋଇଥିବାରୁ ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇରହିଛନ୍ତି। ଭୋଗରାଇ ଓ ବାଲିଆପାଳ ବ୍ଲକର ଗୋଟିଏ ଗାଁରୁ ଅନ୍ୟ ଗାଁ ବିଚ୍ଛିନ୍ନ ହୋଇଥିବା ବେଳେ ମୁଖ୍ୟ ଓ ଗ୍ରାମରାସ୍ତାଗୁଡିକ ପାଣିରେ ବୁଡିଯାଇ ସ୍ରୋତ ଛୁଟୁଛି। ବନ୍ୟାଘେରରେ ଥିବା ଲୋକେ ଅନ୍ୟ ଉଚ୍ଚ ପକ୍କାଘରେ ଆଶ୍ରୟ ନେଇଛନ୍ତି। ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ଛୁଆପିଲା ଓ ଗୃହପାଳିତ ପ୍ରାଣୀଙ୍କୁ ନେଇ ଜୀବନ ବଞ୍ଚାଇବାକୁ ଚାଲିଯାଉଥିବା ନଜରକୁ ଆସିଛି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ ହେଲେ ଡଙ୍ଗା ବା କଦଳୀଭେଳା ଏକମାତ୍ର ସାହା ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ନିମନ୍ତେ ସମସ୍ତ ବ୍ଲକରେ ଆଭାସୀ ମାଧ୍ୟମରେ ବିଡିଓ, ତହସିଲଦାର ଓ ସରକାରୀ କର୍ମଚାରୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସୁବର୍ଣ୍ଣରେଖା ଦୁର୍ବଳ ନଦୀବନ୍ଧରେ ସେଚ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ହଜାର ହଜାର ବାଲିବସ୍ତା ମହଜୁଦ ରଖାଯାଇଥିବା ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ ସୂଚନା ଦେଇଛନ୍ତି। ନଦୀବନ୍ଧରେ ୨୪ଘଣ୍ଟିଆ ସତର୍କ ଦୃଷ୍ଟି ରଖାଯାଇଥିବା ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମୋଥ କୁମାର ଦେ, ଡାକ୍ତର ସିଂ ଓ କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ଶିଅଳ କହିଛନ୍ତି। ବନ୍ୟା ଯୋଗୁ ତହସିଲ, ବ୍ଲକ, ସେଚ, ଡ୍ରେନେଜ ଓ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରି ବନ୍ୟାଞ୍ଚଳରେ ଲୋକଙ୍କୁ ଉଦ୍ଧାର ଓ ସେବା କାର୍ଯ୍ୟରେ ନିୟୋଜିତ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଉଦ୍ଧାରକାରୀ ଓଡ୍ରାଫ, ଅଗ୍ନିଶମ ବିଭାଗ ଓ ଯନ୍ତ୍ରଚାଳିତ ଡଙ୍ଗାକୁ ନିୟୋଜିତ କରାଯାଇଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି ରବିବାର ଅପରାହ୍ନରେ ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନଙ୍କୁ ଅବିଳମ୍ବେ ଉଦ୍ଧାର ଓ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ସରକାରଙ୍କଠାରେ ଦାବି କରିଥିବା ବେଳେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲେଶ୍ୱର ବନ୍ୟା ମୁକାବିଲା ନିମନ୍ତେ ସରକାରୀ କଳକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବନ୍ୟାରେ ଭାସିଗଲା ଗେଙ୍ଗୁଟି ସେତୁ



ଷୋଳମପୁର ପଞ୍ଚାୟତର ତିଖିଲିଆଠାରେ ପୋଲ ଭାସିଯାଇଛି।

**ଭଣ୍ଡାରିପୋଖରୀ, ୨୭।୭ (ରାଜେନ୍ଦ୍ର ଶତପଥୀ)**

ବନ୍ୟାରେ ଭାସିଗଲା ବୈତରଣୀର ଶାଖା ନଦୀ ଗେଙ୍ଗୁଟି ସେତୁ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ପଞ୍ଚାୟତରେ ତିଖିଲିଆକୁ ସଂଯୋଗକାରୀ ଏହି ସେତୁର ଏକ ଅଂଶ ଶନିବାର ବିଳମ୍ବିତ ରାତିରେ ଭାସିଯାଇଛି। ଫଳରେ ପଞ୍ଚାୟତର ଦାଣ୍ଡକୂଳରୁ ତିଖିଲିଆକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଖମ୍ବ ଭାସିଯାଇ ସେତୁ ୨ ଖଣ୍ଡ ହୋଇଯାଇଛି। ରବିବାର ବିଡିଓ ଦେବଦତ୍ତ ଦାସ ଏଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଭାଜପା ନେତା ସୁଧାଂଶୁ ନାୟକ, ବଦ୍ରିନାରାୟଣ ଧଳ, କଂଗ୍ରେସ ନେତା ସୁବ୍ରତ ଦାସ ପ୍ରମୁଖ ଆସି ସ୍ଥିତି ଅନୁଧ୍ୟାନ କରି ଫୋନ୍ ମାଧ୍ୟମରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏଠାରେ ନୂତନ ସେତୁ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଛନ୍ତି।

ଦୀର୍ଘ ୧୬ ବର୍ଷ ପୂର୍ବରୁ ଏହି ସେତୁ ନିର୍ମିତ ହୋଇଥିଲା। ଗେଙ୍ଗୁଟି ନଦୀରେ ଜଳପ୍ରବାହ କମିଯାଇ ଶଯ୍ୟା ପୋତି ହୋଇପଡ଼ିଛି। ମାତ୍ର ଚଳିତବର୍ଷ ଦାଣ୍ଡକୂଳ ଓ ତିଖିଲିଆର କେତେଜଣ ବାଲି ଚାଲାଣକାରୀ ଏହି ନଦୀଶଯ୍ୟାକୁ ୧୦ ଫୁଟ ଗଭୀର ଖୋଳି ବାଲି ଉଠାଇ ନେଇଥିଲେ। ଫଳରେ ୧୫ ଦିନ ପୂର୍ବରୁ ବୈତରଣୀରୁ ସାମାନ୍ୟ ପାଣି ଏହି ନଦୀରେ ପ୍ରବେଶ କରିବାରୁ ସେତୁ ଟଳମଳ ଅବସ୍ଥାକୁ ଆସିଯାଇଥିଲା। ଅନୁଚ୍ଚ ବାଲି ଉପରେ ନିର୍ମିତ ସେତୁ ଖୁଣ୍ଟର ମୂଳଦୁଆ ଦୋହଲି ଯାଇଥିଲା। ଏହି ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ମଧ୍ୟ ସେତେବେଳେ ପ୍ରଶାସନ କିମ୍ବା ରାଜନେତା ଏହାକୁ ଗୁରୁତ୍ୱ ଦେଇ ନ ଥିଲେ।

## ରାଷ୍ଟ୍ରପତି ଶାସନ ଜାରି କରାଯାଉ

**ଅଲକାଙ୍କ ପରେ ପ୍ରମିଳା**

**ଭୁବନେଶ୍ୱର,୨୭।୭ (ରବିନାରାୟଣ ଜେନା)**



ପ୍ରମିଳା ମଲ୍ଲିକ

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କହି ଅଖିଳ ଭାରତ କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଗତ ୧୬ ତାରିରେ ଦାବି କରିଥିଲେ। ଏବେ ସମାନ କଥା ରାଜ୍ୟ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦୋହରାଇଛନ୍ତି।

ରବିବାର ପ୍ରମିଳା ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ଉଚିତ। ଓଡ଼ିଶାରେ ମଣିପୁରଠାରୁ ଆହୁରି ସାଙ୍ଘାତିକ ସ୍ଥିତି ସୃଷ୍ଟି ହୋଇଛି। ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଜଣକ ସମସ୍ତଙ୍କୁ ଗୁହାରି କଲା ପରେ ମଧ୍ୟ କେହି ତାଙ୍କ କଥା ଶୁଣିଲେ ନାହିଁ। ଫଳରେ ସେ ଆତ୍ମାହୁତି ଦେଲେ। ଏବେ ସବୁ ଜିଲାରେ ମହିଳାଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି। ସରକାର କୌଣସି ଦାୟିତ୍ୱ ତୁଲାଇବା ଭଳି ମନେହେଉନାହିଁ। କେବଳ ଦଳର ପ୍ରଚାର ଓ ପ୍ରସାରରେ ଲାଗିଛନ୍ତି। ମହିଳାମାନେ ଏବେ ଘରୁ ବାହାରକୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି ବୋଲି ପ୍ରମିଳା କହିଛନ୍ତି।

ପ୍ରମିଳାଙ୍କ ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ କୌଣସି ଘଟଣାକୁ ହାଲୁକା ଭାବେ ନେଉ ନାହାନ୍ତି। ଘଟଣା ଘଟିବା କ୍ଷଣି ତୁରନ୍ତ ପଦକ୍ଷେପ ନେଉଛନ୍ତି। ବିରୋଧୀଙ୍କ କାମ ବିରୋଧ କରିବେ। ପ୍ରମିଳା ମଲ୍ଲିକ ଭୁଲି ଯାଉଛନ୍ତି, ତାଙ୍କ ଶାସନ ସମୟରେ ବେବିନା, ମମିତା ଭଳି ବହୁ ଘଟଣା ଘଟିଛି। ହେଲେ ତାଙ୍କ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ତାହା ରାଜ୍ୟବାସୀ ଭଲ ଭାବେ ଜାଣିଛନ୍ତି। ଆମକୁ କହିବା ଆଗରୁ ନିଜେ ଚିନ୍ତା କରନ୍ତୁ।

## ଖସୁଛି ନଦୀ ଜଳସ୍ତର

**ଭୁବନେଶ୍ୱର,୨୭।୭ (ଅନୁରାଧା ମହାରଣା)**

ଜଳସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ବୈତରଣୀ ନଦୀର ଆନନ୍ଦପୁରଠାରେ ଜଳସ୍ତର ୩୬.୨୪ ମିଟର ରହିଛି ଏବଂ କ୍ରମଶଃ ହ୍ରାସ ପାଉଛି। ଏଠାରେ ବିପଦ ସଙ୍କେତ ସ୍ତର ୩୮.୩୬ ମିଟର। ସେହିପରି ଆଖୁଆପଦାଠାରେ ଜଳସ୍ତର ୧୭.୬୬ ମିଟରକୁ ହ୍ରାସ ପାଉଛି। ଏଠାରେ ବିପଦ ସଙ୍କେତ ସ୍ତର ୧୮.୩୩। ଜଳକା ନଦୀର ମଥାନିଠାରେ ଜଳସ୍ତର ୬.୫୨ ମିଟର ରହିଛି ଓ ଏଠାରେ ଜଳପ୍ରବାହ କ୍ରମାଗତ ହ୍ରାସ ପାଉଛି। ଏଠାରେ ବିପଦ ସଙ୍କେତ ସ୍ତର ୬.୫୦ ମିଟର। ସୁବର୍ଣ୍ଣରେଖା ନଦୀର ଜାମଶୋଳା ଘାଟରେ ୪୮.୮୬ ମିଟରରୁ ହ୍ରାସ ପାଉଛି। ଏଠାରେ ବିପଦ ସଙ୍କେତ ସ୍ତର ୪୯.୧୬ ମିଟର। ରାଜଘାଟଠାରେ ଜଳସ୍ତର ୧୧.୧୭ମିଟର ଥିବାବେଳେ ଏହା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଏଠାରେ ବିପଦ ସଙ୍କେତ ସ୍ତର ୧୦.୩୬ ମିଟର। ରବିବାର ରାତି ୯ଟା ସୁଦ୍ଧା ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ସର୍ବୋଚ୍ଚ ୧୧.୪୦ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ୨୪ଘଣ୍ଟିଆ ରାଜ୍ୟ ବନ୍ୟା ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି।




# ଆଗେ ସଙ୍ଗଠନ, ପରେ ନିଗମ

**ଭାଜପାର ମାନ ସମନ୍ଥନ**

**ଭୁବନେଶ୍ୱର,୨୭।୭(ରବିନାରାୟଣ ଜେନା)**

ରାଜ୍ୟ ଭାଜପା ଆଗେ ତା'ର ସଙ୍ଗଠନକୁ ସୁଦୃଢ଼ କରିବ। ଦଳରେ କିଏ ଉପସଭାପତି ରହିବେ ଏବଂ ସାଧାରଣ ସମ୍ପାଦକ ଓ ସମ୍ପାଦକ ଭଳି ଅନ୍ୟାନ୍ୟ ପଦାଧିକାରୀ ରହିବେ ତାକୁ ପୂରଣ ଦିଗରେ ଗୁରୁତ୍ୱ ଦେବ। ଏହାପରେ ବିଭିନ୍ନ ନିଗମ ଅଧକ୍ଷ ପଦରେ ନେତାଙ୍କୁ ଥଇଥାନ ଏବଂ ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ସହିତ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହେବ ବୋଲି ରବିବାର ଭାଜପାର ମାନସ ମନ୍ଥନରୁ ଜଣାଯାଇଛି।

ରବିବାର ପୂର୍ବାହ୍ନରେ ପ୍ରଥମେ ରାଜ୍ୟ କାର୍ଯ୍ୟାଳୟରେ ଭାଜପା ସଭାପତି ମନମୋହନ ସାମଲଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନରେ ଭାଜପାର ସାଙ୍ଗଠନିକ ନିର୍ବାଚନ ସହିତ ନିଗମ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଛି। ତେବେ ରାଜ୍ୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଯେଉଁ ଚର୍ଚ୍ଚା ଜୋର ଧରିଥିଲା ସେଥିରେ ଏକପ୍ରକାର ରୋକ୍ ଲାଗିଛି।

ବୈଠକ ପରିପ୍ରେକ୍ଷୀରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି, ଦଳ ଏବେ ସଙ୍ଗଠନକୁ ମଜଭୁତ୍ କରିବାପାଇଁ ଗୁରୁତ୍ୱ ଦେଉଛି। ଏହାପରେ ନିଗମ ଅଧ୍ୟକ୍ଷ ପଦ ଘୋଷଣା କରାଯିବା ସହିତ ଅନ୍ୟାନ୍ୟ ସାମ୍ବିଧାନିକ ପଦ ପୂରଣ କରାଯିବ। ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା ଉପରେ କୌଣସି ଆଲୋଚନା ହୋଇନାହିଁ। ବୈଠକ ଚାଲୁଛି ଆହୁରି ବୈଠକ ହେବ। ଏହା ଏକ ରୁଟିନ ପ୍ରକ୍ରିୟା। ଶନିବାର ରାତି ୨ଟା ପର୍ଯ୍ୟନ୍ତ ବୈଠକ ହୋଇଥିଲା। ସରକାର, ସଙ୍ଗଠନ, ନୂଆ ମନ୍ତ୍ରିମଣ୍ଡଳ ଓ ନିଗମ ନେଇ କୌଣସି ସ୍ପଷ୍ଟ ଆଲୋଚନା ହୋଇନାହିଁ। ପ୍ରଭାରୀ ମାନେ ଆସିଛନ୍ତି ଆଲୋଚନା ଚାଲିଛି। ଆଲୋଚନା ପରେ ଦିଲ୍ଲୀ ପୁଣି ଯିବାକୁ ହେବ। ଏହାପରେ ରାଜ୍ୟବାସୀ ଜାଣିପାରିବେ ବୋଲି ମନମୋହନ କହିଥିଲେ।

ଏହି ଅବସରରେ ରାଜ୍ୟ ଭାଜପା ପ୍ରଭାରୀ ବିଜୟ ପାଲସିଂହ ତୋମାର କହିଛନ୍ତି ଯେ, ଦଳ ପକ୍ଷରୁ ସଙ୍ଗଠନ ସୁଦୃଢ଼ ସହିତ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ଏନେଇ ଦଳ ପକ୍ଷରୁ ଅବଗତ କରାଯିବ। ଏହି ବୈଠକରେ ରାଜ୍ୟ ଭାଜପା ସହପ୍ରଭାରୀ ଲତା ଉସେଣ୍ଡିଙ୍କ ସହିତ କେତେକ ବରିଷ୍ଠ ମନ୍ତ୍ରୀ ଓ ନେତୃବୃନ୍ଦ ସାମିଲ ଥିଲେ।

## ଜିଲାସ୍ତରୀୟ ସ୍ୱତନ୍ତ୍ର ଲୋକ ଅଦାଲତ: ୧୦୬୮ ମକଦ୍ଦମା ଫଇସଲା

**୨୧.୯୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ପାଇଁ ସ୍ଥିରୀକୃତ**

**କଟକ,୨୭।୭(କାର୍ତ୍ତିକ ସାହୁ)**

ଏନ୍‌ଆଇ ଆକ୍ଟର ୧୩୮ ଧାରା ଅନ୍ତର୍ଗତ ପଡ଼ିରହିଥିବା ମାମଲାଗୁଡ଼ିକର ଆପୋସ ଫଇସଲା ପାଇଁ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ୧୮ଟି ଜିଲା ଓ ୭ଟି ସବ୍‌ଡିଭିଜନାଲ ହେଡ୍‌କ୍ୱାର୍ଟର୍ସରେ ରବିବାର ଜିଲାସ୍ତରୀୟ ଲୋକ ଅଦାଲତ ଜରିଆରେ ପଡ଼ି ରହିଥିବା ମାମଲାଗୁଡ଼ିକର ଫଇସଲା କରାଯାଇଛି। ଏନ୍‌ଆଇ ଆକ୍ଟ ଅନ୍ତର୍ଗତ ମୋଟ ୭୦୩୮ଟି ମକଦ୍ଦମା ବିଚାର ପାଇଁ ଚିହ୍ନଟ କରାଯାଇଥିଲା। ତନ୍ମଧ୍ୟରୁ ୧୦୬୮ଟି ମକଦ୍ଦମା ଫଇସଲା କରାଯାଇଛି। ମୋଟ ୨୧,୯୨,୯୮,୧୪୩ ଟଙ୍କା ଆଦାୟ ପାଇଁ ସ୍ଥିରୀକୃତ ହୋଇଛି। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏହି ଲୋକ ଅଦାଲତ ହୋଇଯାଇଛି।

## ଅଗଷ୍ଟ ୯ରେ ମୁଖ୍ୟମନ୍ତ୍ରୀ ବାଣ୍ଟିବେ 'ସୁଭଦ୍ରା' ସହାୟତା

**ଭୁବନେଶ୍ୱର,୨୭।୭ (ରବିନାରାୟଣ ଜେନା)**

ଆସନ୍ତା ଅଗଷ୍ଟ ୯ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧ କୋଟି ୨ ଲକ୍ଷ ୪୦ ହଜାର ମହିଳାଙ୍କୁ ସୁଭଦ୍ରା କିସ୍ତି ପ୍ରଦାନ କରିବେ। ରବିବାର ଏନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସୁଭଦ୍ରା ତାଲିକାରେ ବଞ୍ଚିତ ଥିବା ୧ ଲକ୍ଷ ୮୮ ହଜାର ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ସାମିଲ କରାଯିବ। ସେମାନଙ୍କ ମଧ୍ୟରୁ ଯେଉଁମାନେ ଯୋଗ୍ୟହେବେ ସେମାନଙ୍କୁ ଅଗଷ୍ଟ ୯ରେ 'ସୁଭଦ୍ରା' କିସ୍ତି ମିଳିବ। ବଳକା ହିତାଧିକାରୀ ଯୋଗ୍ୟ ହେଲେ ୨୦୨୬ ମାର୍ଚ୍ଚ ୮ରେ ସମସ୍ତ କିସ୍ତିର ଅର୍ଥ ପାଇବେ। ତେବେ ଯେଉଁମାନଙ୍କ ରୋଜଗାର ୨.୫ ଲକ୍ଷରୁ ଅଧିକ ଥିବ ସେମାନଙ୍କୁ ସୁଭଦ୍ରା ସହାୟତା ମିଳିବ ନାହିଁ ବୋଲି ପ୍ରଭାତୀ କହିଛନ୍ତି। ସେ କହିଛନ୍ତି ଯେ, କୋଟିଆରେ ଘରେ ଘରେ ମା' ମାନଙ୍କୁ ସୁଭଦ୍ରା ଟଙ୍କା ପହଞ୍ଚାଯିବ। ଏହାପୂର୍ବରୁ କୋଟିଆ ଯାଇ ସୁଭଦ୍ରା ପଞ୍ଜୀକରଣ ଟିକିନିଖି ଯାଞ୍ଚ କରାଯିବ ବୋଲି କହିଛନ୍ତି।

## ଜେଲ ଗଲେ ଅଭିଯୁକ୍ତ, ସୁରକ୍ଷାକର୍ମୀ ବହିଷ୍କୃତ

**ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମାମଲା**

**ବାଲେଶ୍ୱର, ୨୭।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମାମଲାରେ ରେମୁଣା ଥାନା ପୋଲିସ ରବିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୀଳଗିରି ଥାନା ମର୍ଦ୍ଦରାଜପୁର ଗାଁର ଶଙ୍କର ଓରଫ୍ ହରିହର ପାତ୍ର (୨୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଏସ୍‌ଡିପିଓ ପ୍ରମୋଦ ମଲିକ, ଡିଏସ୍‌ପି ଚାନ୍ଦମଣି ସିଂ, ଆଇଆଇସି ବିମଳ ନାୟକ, ଏସ୍‌ଆଇ ସୁବାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଫୋରେନସିକ୍ ଟିମ୍ ସହ ବିଶ୍ୱବିଦ୍ୟାଳୟରେ ପହଞ୍ଚି ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ତଦନ୍ତ ଜାରି ରଖିଛନ୍ତି।

ସୂଚନା ଯେ, ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଥିବା କ୍ୱାର୍ଟର୍ସରେ ଶନିବାର ଆସିଷ୍ଟାଣ୍ଟ ପ୍ରଫେସର ଘରେ ନ ଥିଲେ। ତାଙ୍କ ନବବିବାହିତା ସ୍ତ୍ରୀ ଏକା ଥିବା ବେଳେ ଅଭିଯୁକ୍ତ ଯୁବକ ଆସି କବାଟ ବାଡେଇଥିଲେ। ନିଜକୁ ଗ୍ୟାସ୍ ବାଲା ପରିଚୟ ଦେବାରୁ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀ କବାଟ ଖୋଲିଥିଲେ। ଏହାପରେ ସେ ଘରେ ପଶି ମହିଳାଙ୍କୁ ଜବରଦସ୍ତ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ଅଭିଯୁକ୍ତ ଖସି ପଳାଉଥିବା ବେଳେ ସୁରକ୍ଷାକର୍ମୀ ତାଙ୍କୁ କାବୁ କରିଥିଲେ। ଖବରପାଇ ରେମୁଣା ଥାନା ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏନେଇ ମାମଲା (ନଂ. ୧୩୧/୨୫)ରୁଜୁ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି, ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ କହିବା ସହ କାର୍ଯ୍ୟରେ ଅବହେଳା ପାଇଁ ରେସିଡେନ୍‌ସିଆଲ କଲୋନୀ ଫାଟକ ନିକଟରେ ଥିବା ସୁରକ୍ଷାକର୍ମୀଙ୍କୁ ବହିଷ୍କାର କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରତି ଗେଟ୍‌ରେ ୨ଜଣ ଲେଖାଏଁ ସୁରକ୍ଷାକର୍ମୀ ନିୟୋଜିତ କରାଯାଇଛି। ପୂର୍ବରୁ ବିଶ୍ୱବିଦ୍ୟାଳୟରେ ୧୬ଜଣ ସୁରକ୍ଷାକର୍ମୀ ଥିଲେ ଓ ୪ଜଣ ସୁରକ୍ଷାକର୍ମୀ ବିଦ୍ୟୁତ୍ ଚାଳିତ ଅଟୋ ଚଳାଉଥିଲେ। ସୁରକ୍ଷା ବ୍ୟବସ୍ଥା କଡ଼ାକଡି ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି।



**ଆଜିର ମନ୍ତବ୍ୟ**

ନିର୍ବାଚନ କମିଶନ ସଂସ୍ଥାଗତ ଅହଙ୍କାର ଦେଖାଇବା ଛାଡ଼ି ବିହାର ଭୋଟର ତାଲିକାର ସ୍ପେଶିଆଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରିବା ଜରୁରୀ। –ଅଭିଷେକମନୁ ସିଂଘଭୀ, କଂଗ୍ରେସ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସିସିଡବ୍ଲ୍ୟୁଏସ୍‌ଡି ପକ୍ଷରୁ ଏକାକୀ ରହୁଥିବା ମହିଳାଙ୍କ ସମସ୍ୟା ଓ ଆହ୍ୱାନ ନେଇ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଗୀତ ଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ଗ୍ୟାସ୍ଟ୍ରୋଏଣ୍ଟରୋଲୋଜି ଫାଉଣ୍ଡେଶନ୍ ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ, ସ୍ଥାନ: ମେଫେୟାର କନ୍‌ଭେନ୍‌ସନ୍, ସମୟ: ସନ୍ଧ୍ୟା ୭ଟା
- ପାଞ୍ଚଜନ୍ୟ ସାପ୍ତାହିକ ପକ୍ଷରୁ ଶୁସାସନ ସମ୍ବାଦ କାର୍ଯ୍ୟକ୍ରମ, ସ୍ଥାନ: ତାଜ୍ ଭିଭାନ୍ତା, ସମୟ: ମଧ୍ୟାହ୍ନ ୧୨ଟା।

## କଟକ

- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସ, ସ୍ଥାନ: ଓଏସ୍‌ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ (ଦ୍ୱିତୀୟ ସଂସ୍କରଣ) ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

- ମେଧାବୀ ସମ୍ମାନ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ନୂତନ ଜମ୍ବୀରା ପୋଲ ନିର୍ମାଣ ନିମନ୍ତେ ଗ୍ରାମସଭା, ସ୍ଥାନ: ପଟାକୁଣ୍ଡିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ଭାରତୀୟ ମଜ୍‌ଦୂର ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ପୋର୍ଟ କ୍ଲବ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବୃକ୍ଷ ଦାନ ଶିବିର, ସ୍ଥାନ:ନୟାଗଡ଼ ଶିମିଳିସାହି, ସମୟ ; ପୂର୍ବାହ୍ନ ୯ଟା
- ଜିଲା ବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ବଣ୍ଟନ, ସ୍ଥାନ:ରଣପୁର ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ପୂଜା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପଡିଆ, ଗୌଡ଼ସାହି, ମୁନିଗୁଡା, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା

## କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାତୀବାରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମାନବାର ପଞ୍ଚାୟତ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମିଳିତ ଆଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାୟଗଡ଼ା

- ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ପୂଜା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପଡିଆ, ଗୌଡ଼ସାହି, ମୁନିଗୁଡା, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା

## କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାତୀବାରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମାନବାର ପଞ୍ଚାୟତ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମିଳିତ ଆଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ବାମରା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନର ମଞ୍ଚପୂଜା, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୃଡାନ୍ତ ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି,ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମୁରିବାହାଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ସୁନ୍ଦରଗଡ଼

.ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ,ସ୍ଥାନ: ବିଶ୍ରା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷା ଚେତନା ଅଭିଯାନ, ସ୍ଥାନ: ଭବାନୀପାଟଣା ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ, କଂସର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣମେରୁ ମନ୍ଦିରରେ ମହାଜଳଶାୟୀ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ତରଭା ବ୍ଲକର ଟେନ୍ତୁଳିଖୁଣ୍ଟି କୁଶଳେଶ୍ୱର ମନ୍ଦିରରେ ମହାଜଳଶାୟୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରାବଣ ସୋମବାର ପାଇଁ ଶିବଙ୍କ ଉପରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା୩୦।
- ଚମ୍ପାମାଳ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ, ସ୍ଥାନ: ଜିଲା ସ୍ୱାସ୍ଥ୍ୟ ସମିତି, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ, ସମୟ: ପୂର୍ବାହ୍ନ ୧୦ଟା।
- ବୋଲବମ ସେବା ସମିତି ତରବୋଡ ପକ୍ଷରୁ ଅନ୍ନଭୋଗ, ସ୍ଥାନ: ମା' ମଙ୍ଗଳା ଅଟୋ ପାର୍ଟସ, ନୂତନ ଗେରଜ, ତରବୋଡ, ସମୟ: ମଧ୍ୟାହ୍ନ ୧୨ଟା
- ନୂଆପଡ଼ା ବାନର ସେନା ମଞ୍ଚ ପକ୍ଷରୁ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ତରବୋଡ ବସ୍ତି ବେଦୀଗୁଡି ନିକଟ, ସମୟ: ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତି ଆର୍ଥିକ ଅସଙ୍ଗତି ଦୂରକରିବା ସହ ଆଲୋଚନାକୁ ଅଗ୍ରଗାମୀ କରାଇବ। ପୂର୍ବାଲୋଚନା ଅନୁଯାୟୀ ଆଜିର ଯାତ୍ରା, କର୍ମାରମ୍ଭ, ପ୍ରଶାସନିକ ନିଷ୍ପତ୍ତିରେ ସଫଳତା ପାଇବେ। କାଳେ କିଛି ଦେବାକୁ ପଡ଼ିବ,ଏହି ଆଶଙ୍କାରେ ସମ୍ପର୍କୀୟ ଦୂରେଇ ରହିବେ। କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ ରହିଲେ ସମସ୍ୟାକୁ ନିମନ୍ତ୍ରଣ କରିବେ।

**ବୃଷ** କୃତ୍ତିକା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ବୟସ୍କଙ୍କ ଦୁଶ୍ଚିନ୍ତା ବୃଦ୍ଧିପାଇବ। କାର୍ଯ୍ୟ ହାସଲ ସକାଶେ ବନ୍ଧୁଙ୍କ ସାହାଯ୍ୟରୁ ଆଶ୍ୱସ୍ତି ଲଭିବେ। ଯାତ୍ରା, ବାଣିଜ୍ୟ, ପରିବହନ, ଆଇନ ଅଦାଲତ ଓ ଆନୁଷ୍ଠାନିକ କାମ ପାଇଁ ଅସୁବିଧା ହେବ ନାହିଁ। ପ୍ରତ୍ୟେକ ପରିସ୍ଥିତିରେ ମନୋବଳ ଟାଣ ରହିବ ଓ ପଛକୁ ଫେରିବାର ଚିନ୍ତା କରି ନ ପାରନ୍ତି।

**ମିଥୁନ** କର୍ମକ୍ଷେତ୍ରରେ ଭୁଲ୍‌ବଶତଃ ସ୍ଥଗିତ କାମପାଇଁ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ପୁନର୍ବସୁ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଏବଂ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସୁଯୋଗ ଆସିପାରେ। ଜମିଜମା କାରବାର କିମ୍ବା ପ୍ଲଟ କିଣିବା ଦିଗରେ ଆଲୋଚନା କରିପାରନ୍ତି।

**କର୍କଟ** ଅଶ୍ଳେଷା ନକ୍ଷତ୍ର ବନ୍ଧୁଙ୍କ କାମରେ ସାମିଲ ହୋଇ ନିଜ କାମକୁ ପଛକୁ ରଖିପାରନ୍ତି। କେତେକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ପାରିବାରିକ ସମସ୍ୟାର ସରଳ ସମାଧାନ ପାଇଁ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ସାମାଜିକ କାମ, ସଭାସମିତି, ସାମ୍ବାଦିକତା, ପ୍ରଶାସନିକ କ୍ଷେତ୍ର ଓ ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ସିଂହ** ପରିବାରର ଖର୍ଚ୍ଚ ବୃଦ୍ଧି କାରଣରୁ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କର୍ମକ୍ଷେତ୍ରରେ ଚାପଗ୍ରସ୍ତ କାରଣରୁ ବାକିଆ କାମ ପାଇଁ ଚିନ୍ତା ବଢିଯିବ। ପାରିବାରିକ କ୍ଷେତ୍ରର ଅମିମାଂସୀତ ଘଟଣାବଳୀକୁ ନେଇ ଗୁରୁଜନଙ୍କ ସହ ଆଲୋଚନା କରିବାକୁ ମନସ୍ଥ କରିବେ। ମଘା ନକ୍ଷତ୍ର ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କନ୍ୟା** କୌଣସି କାମ ଅଟକି ନ ରହିଲେ ମଧ୍ୟ ତାହାକୁ ସଜାଡିବା କ୍ଷେତ୍ରରେ ହଇରାଣ ହେବାକୁ ପଡିବ। ବନ୍ଧୁଙ୍କ କଥାକୁ ପୂର୍ଣ୍ଣ ବିଶ୍ୱାସ କରି ପରକ୍ଷଣରେ ଅନୁତାପ କରିପାରନ୍ତି। ପରିସ୍ଥିତିବଶତଃ କଠିନ ପରିଶ୍ରମ ଓ ଭ୍ରମଣଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେବ। ହସ୍ତା ନକ୍ଷତ୍ର ସକାଶେ ବ୍ୟବସାୟିକ ସ୍ଥିତି ଭଲ ରହିବାରୁ ଖୁସି ରହିବେ।

**ତୁଳା** ପାରସ୍ପରିକ ବୁଝାମଣା ହେତୁ ପରିବାରରେ ଶାନ୍ତି ଫେରିବାର ସୂଚନା ରହିଛି। ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ଋଣ ପରିଶୋଧ କରିପାରିବେ ନାହିଁ। ସାହିତ୍ୟ, ସାମ୍ବାଦିକତା, ଗବେଷଣା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ବିଶାଖା ନକ୍ଷତ୍ର ଆଇନ ଅଦାଲତରେ ସମସ୍ୟାଜନିତ ଚିନ୍ତା ପ୍ରକଟ କରିପାରନ୍ତି।

**ବିଛା** ପରିସ୍ଥିତିର ତାଡ଼ନାରେ ଇଚ୍ଛା ନ ଥାଇ ମଧ୍ୟ ବାରମ୍ବାର ମତ ବଦଳାଇବାକୁ ବାଧ୍ୟ ହେବେ। ସଭାସମିତି କିମ୍ବା ଆଲୋଚନା ପରିସରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। ଅନୁରାଧା ନକ୍ଷତ୍ର କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତାଦିରେ ସୁନାମ ଅର୍ଜନ କରିବେ। ଯାନବାହନ ଚାଳନାରେ ସତର୍କ ନ ରହିଲେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ଧନୁ** ଅତୀତ ଘଟଣାକୁ କେନ୍ଦ୍ରକରି ସମାଲୋଚନା ମଧ୍ୟରେ ଅଶାନ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ ରହିଥିବା କାମକୁ ପୁନଃ ଆରମ୍ଭ କରିବା ପାଇଁ ଚିନ୍ତା କରିପାରନ୍ତି। ପ୍ରକାଶନ, ପ୍ରଶାସନ, ସଂଗଠନ, ରାଜନୀତି ଓ ସଭାସମିତିରେ ଶୁଭଫଳ ପାଇବେ। ପୂର୍ବାଷାଢ଼ା ନକ୍ଷତ୍ର ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର** ବିବାଦୀୟ ସ୍ଥିତି ମଧ୍ୟରେ ଗତିକରିବାକୁ ପଡୁଥିବାରୁ ଖୁସିରେ ରହପାରିବେ ନାହିଁ। ଅଟକି ରହିଥିବା କୌଣସି କାର୍ଯ୍ୟ ହଠାତ୍ ଆରମ୍ଭ କରିବାକୁ ସ୍ଥିର କରିବେ। ଶ୍ରବଣା ନକ୍ଷତ୍ର ସାମାଜିକ ସ୍ତରରେ ଅପ୍ରୀତିକର ପରିସ୍ଥିତିଜନିତ ଘଟଣାର ଦିଗ ବଦଳିଯିବ। ଶିଳ୍ପ, ବ୍ୟବସାୟ, ପରିବହନ, ପ୍ରଶାସନ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ।

**କୁମ୍ଭ** ନୂତନ କର୍ମାରମ୍ଭ ସକାଶେ ଯୋଜନା କରି ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ପରିସ୍ଥିତିକୁ ଲାଘବ କରିବା ସକାଶେ ଋଣ ପରିଶୋଧର ପ୍ରତିଶ୍ରୁତି ଦେବାକୁ ପଡ଼ିପାରେ। ଶତଭିଷା ନକ୍ଷତ୍ର ସକାଶେ ଯେତେ ଉପାୟ କଲେ ମଧ୍ୟ ସୁବିଧାରେ କାମ ହାସଲ କଷ୍ଟକର ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** ସମସ୍ୟା ଲାଗିରହିଥିଲେ ମଧ୍ୟ ଆଜିର କୌଣସି କାମ ପାଇଁ ହଇରାଣ ହେବେନାହିଁ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ପରିସ୍ଥିତିକୁ ଦେଖିଚାହିଁ କାମ କରିବା ଭଲ। ପରିବାରରେ ହେଉ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ କଡ଼ାକଥା କହିଲେ ଚଳିବନାହିଁ। ରୋଗର ପୀଡ଼ା ବୃଦ୍ଧିରେ ଆତ୍ମୀୟଙ୍କ ସହାନୁଭୂତି ପାଇ ଏକପ୍ରକାର ମନକୁ ବୁଝାଇନେବେ।

ଆଜି ଜୁଲାଇ ୨୮ ତାରିଖ, ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ, ବିଶ୍ୱ ହେପାଟାଇଟିସ୍ ଦିବସ, ଶ୍ରାବଣ ଶୁକ୍ଳ ଚତୁର୍ଥୀ ସୋମବାର। ରାଶିନକ୍ଷତ୍ର–ପୂର୍ବାଫାଲଗୁନୀ/ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫.୨୪ ଗତେ ଘ.୦୭.୦୧ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୧ ଗତେ ଘ. ୦୮.୩୮ ମଧ୍ୟେ ରାହୁ କାଳ।

## ଦେଶର ବିଭିନ୍ନ ମନ୍ଦିରରେ ପ୍ରମୁଖ ଦଳାଚକଟା ଘଟଣା

**୨୦୨୫ ମେ' ୩**
ଗୋଆର ଶିର୍‌ଗାଓ ଗ୍ରାମସ୍ଥିତ ଶ୍ରୀ ଲୈରାଇ ଦେବୀ ମନ୍ଦିରରେ ଦଳାଚକଟା ଘଟି ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୦୦ ଜଣ ଆହତ ହୋଇଥିଲେ।

**୨୦୨୫ ଜାନୁଆରୀ ୮**
ଆନ୍ଧ୍ରପ୍ରଦେଶର ତିରୁମାଲାସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଟିକେଟ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇଥିବା ସମୟରେ ଦଳାଚକଟା ଘଟି ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୨ରୁ ଅଧିକ ଆହତ ହୋଇଥିଲେ।

**୨୦୨୪ ଜୁଲାଇ ୨**
ଉତ୍ତରପ୍ରଦେଶର ହାଥରସ୍‌ଠାରେ ଭୋଲେ ବାବାଙ୍କ ଦ୍ୱାରା ଆୟୋଜିତ ସତ୍‌ସଙ୍ଗରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦଳାଚକଟା ଘଟି ୧୨୧ ଜଣଙ୍କର ମୃତ୍ୟୁ ଘଟିଥିଲା।

**୨୦୦୮ ସେପ୍ଟେମ୍ବର ୩୦**
ରାଜସ୍ଥାନର ଯୋଧପୁର ସହରର ଚାମୁଣ୍ଡା ଦେବୀ ମନ୍ଦିରରେ ବୋମା ବିସ୍ଫୋରଣର ଗୁଜବରୁ ଦଳାଚକଟା ଘଟି ୨୫୦ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିବା ବେଳେ ୬୦ ଜଣ ଆହତ ହୋଇଥିଲେ।

**୨୦୦୮ ଅଗଷ୍ଟ ୩**
ହିମାଚଳ ପ୍ରଦେଶର ବିଳାସପୁର ଜିଲା ନୈନା ଦେବୀ ମନ୍ଦିରରେ ପଥର ଧସିବା ଗୁଜବରୁ ଦଳାଚକଟା ଘଟି ୧୬୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୭ ଜଣ ଆହତ ହୋଇଛନ୍ତି।

**୨୦୦୫ ଜାନୁଆରୀ ୨୫**
ମହାରାଷ୍ଟ୍ରର ସତାରା ଜିଲା ମନ୍ଧାରାଦେବୀ ମନ୍ଦିରର ବାର୍ଷିକ ତୀର୍ଥଯାତ୍ରା ସମୟରେ ଦଳାଚକଟା ଘଟି ୩୪୦ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା।

## ଦିଲ୍ଲୀରୁ ୮୬ ଲକ୍ଷ ଚୋରି, ନୀଳଗିରିରୁ ଗିରଫ

ନୀଳଗିରି, ୨୭।୭ (ପ୍ରଶାନ୍ତ କୁମାର ବିଶ୍ୱାଳ)

ଦିଲ୍ଲୀର ଜଣେ ବିଲଡରଙ୍କ ଘରୁ ସପ୍ତାହ ତଳେ ୮୬ ଲକ୍ଷ ଟଙ୍କା ଚୋରି କରି ଫେରାର ହୋଇଯାଇଥିଲେ ୩ ଓଡ଼ିଆ। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଦିଲ୍ଲୀ ପୋଲିସ କାବୁ କରିବାରେ ସକ୍ଷମ ହୋଇଥିବାବେଳେ ମୁଖ୍ୟ ଅଭିଯୁକ୍ତଙ୍କ ପତ୍ତା ମିଳି ନ ଥିଲା। ସେ ହେଲେ ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଈଶ୍ୱରପୁର ପଞ୍ଚାୟତ ଭିମେଇ ଗ୍ରାମର କାଶୀନାଥ ମଲ୍ଲିକ (୩୦)। ଦିଲ୍ଲୀ ପୋଲିସ ରବିବାର ଭୋର ସମୟରେ ନୀଳଗିରି ପୋଲିସ ସହଯୋଗରେ କାଶୀନାଥଙ୍କୁ ତାଙ୍କ ଘରୁ ଗିରଫ କରିବା ସହିତ ତାଙ୍କଠାରୁ ନଗଦ ୨୦ଲକ୍ଷ ଟଙ୍କା ଜବତ କରି ଦିଲ୍ଲୀ ନେଇଯାଇଛି। ଅଭିଯୋଗକାରୀ ଦିଲ୍ଲୀର ସିଆର ପାର୍କ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୨୪୩/୨୫) ରୁଜୁ ହୋଇଥିଲା।

ସୂଚନା ଅନୁଯାୟୀ, କାଶୀନାଥ ଦିଲ୍ଲୀର ଜଣେ ବିଲ୍‌ଡରଙ୍କ ଘରେ ରୋଷେୟା ଭାବେ କାମ କରିଆସୁଥିଲେ। ଘର ମାଲିକ କାଶୀନାଥଙ୍କୁ ପରିବାରର ଜଣେ ସଦସ୍ୟ ଭାବେ ବିଶ୍ୱାସ କରିଥିଲେ। ମାତ୍ର ସେ ବିଶ୍ୱାସରେ ବିଷ ଦେଇଥିଲେ। ଘରେ ଥିବା ଲକ୍ଷ ଲକ୍ଷ ଟଙ୍କାର ଲୋଭ ସେ ସମ୍ବରଣ କରିପାରି ନ ଥିଲେ। ତାହାକୁ ଲୁଟି ନେବାକୁ ମାଷ୍ଟରପ୍ଲାନ କରିଥିଲେ କାଶୀନାଥ। ଏଥିପାଇଁ ସେ ନିଜ ଗାଁର ଦୁଇ ବନ୍ଧୁ ଆଶୁତୋଷ ଓ ଜଗବନ୍ଧୁଙ୍କ ସହଯୋଗ ଲୋଡ଼ିଥିଲେ। ତଦନୁଯାୟୀ ଆଶୁତୋଷ ଓ ଜଗବନ୍ଧୁ ଦିଲ୍ଲୀରେ ପହଞ୍ଚିଥିଲେ। ଗତ ୭ ଦିନ ପୂର୍ବରୁ ବିଲଡରଙ୍କ ସପରିବାର ରାତିରେ ଶୋଇଥିବା ବେଳେ କାଶୀନାଥ ଦୁଇ ବନ୍ଧୁଙ୍କ ସହାୟତାରେ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଯେଉଁ ଘର ଆଲମିରାରେ ଟଙ୍କା ଗଚ୍ଛିତ ଥିଲା, ସେହି ଘରର ଝରକା ଓ ଆଲମିରାର ତାଲା ଭାଙ୍ଗି ସେମାନ ୮୬ ଲକ୍ଷ ଟଙ୍କା ଚୋରି କରି ପଳାଇଆସିଥିଲେ। ଉକ୍ତ ଟଙ୍କା ମଧ୍ୟରୁ ୨୨ଲକ୍ଷ ଆଶୁତୋଷ, ୨୩ ଲକ୍ଷ ଜଗବନ୍ଧୁ ଏବଂ ୪୧ ଲକ୍ଷ ଟଙ୍କା କାଶୀନାଥ ବାଣ୍ଟି ନେଇଥିଲେ। ସେମାନେ ଏକାସାଙ୍ଗରେ ନ ଫେରି ଟ୍ରେନରେ ଆଶୁତୋଷ, ଦିଲ୍ଲୀରୁ ପାଟଣାକୁ ବସ୍ ଯୋଗେ ଜଗବନ୍ଧୁ ଓ ବାଇକରେ କାଶୀନାଥ ନିଜ ଘର ଭିମେଇ ଗ୍ରାମକୁ ପଳାଇ ଆସିଥିଲେ। ଚୋରି ସମ୍ପର୍କରେ ଖବର ପାଇ ଦିଲ୍ଲୀ ପୋଲିସ ପ୍ରଥମେ ଆଶୁତୋଷଙ୍କୁ ଦିଲ୍ଲୀ ରେଳଷ୍ଟେଶନରୁ ଗିରଫ କରିଥିଲା। ସେହିପରି ପୋଲିସ ବିମାନ ଯୋଗେ ଆସି ପାଟଣା ବସ୍‌ଷ୍ଟାଣ୍ଡରୁ ଜଗବନ୍ଧୁଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ମାତ୍ର କାଶୀନାଥଙ୍କ ସନ୍ଧାନ ପାଇ ନ ଥିଲା ପୋଲିସ। କାଶୀନାଥ ନୀଳଗିରିରେ ଥିବା କଥା ଦିଲ୍ଲୀ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ତଦନୁଯାୟୀ ଦିଲ୍ଲୀ ପୋଲିସ ଶନିବାର ନୀଳଗିରି ପୋଲିସ ଷ୍ଟେଶନରେ ପହଞ୍ଚି ଆଇଆଇସି ଗୋବର୍ଦ୍ଧନ ନାୟକ ଏବଂ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇଙ୍କ ସହଯୋଗରେ ଭିମେଇ ଗ୍ରାମରେ ଚଢ଼ାଉ କରିଥିଲା। ରବିବାର ଭୋର ସମୟରେ କାଶୀନାଥଙ୍କୁ ତାଙ୍କ ଘରୁ କାବୁ କରାଯାଇଥିଲା।

## ଅତ୍ୟଧିକ ଔଷଧ ଖାଇ ନର୍ସ ଅସୁସ୍ଥ

ଯୋଡ଼ା,୨୭।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଏକ ବୃଦ୍ଧାଶ୍ରମରେ କର୍ମଚାରୀ ବିବାଦ ଦେଖାଯାଇଛି। ବିବାଦରୁ ଜଣେ କାର୍ଯ୍ୟରତ ନର୍ସ ମାନସିକ ଚାପରେ ରବିବାର ସନ୍ଧ୍ୟା ସମୟରେ ଅତ୍ୟଧିକ ଔଷଧ ଖାଇ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି। ଅସୁସ୍ଥ ନର୍ସଙ୍କୁ ଆଶ୍ରମ କର୍ମଚାରୀମାନେ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ବୃଦ୍ଧାଶ୍ରମର କର୍ମଚାରୀ ଦେବ ପ୍ରସାଦ ପଟ୍ଟନାୟକ ଗଣମାଧ୍ୟମଙ୍କୁ ସୂଚନା ଦେଇ କହିଛନ୍ତି, ସଂପୃକ୍ତା ନର୍ସ ଓ ବୃଦ୍ଧାଶ୍ରମରେ ଅନ୍ୟଜଣେ ମହିଳା କର୍ମଚାରୀଙ୍କ ମଧ୍ୟରେ କିଛି ଦିନ ହେବ ବିବାଦ ଲାଗି ରହିଥିଲା। ଏହି ଘଟଣାକୁ ନେଇ ସେ ମାନସିକ ଚାପରେ ରହୁଥିଲେ। ତେଣୁ ସେ ଅତ୍ୟଧିକ ଔଷଧ ଖାଇଥିବା ସନ୍ଦେହ କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହଇରେ ରସିକ ରସିଲୁ**
**ମଧୁମାଳତୀକୁ ଛାଡ଼ିଦେଇ ଯାହା**
**ପୋକଶୁଙ୍ଘା ବଣେ ପଶିଲୁ ।**

ରୂପଠାରୁ ଗୁଣ ମହତ୍ତ୍ୱ କାହିଁ କେତେ ଗୁଣରେ ଅଧିକ ହୋଇଥାଏ। ଗୁଣ ନ ଚିହ୍ନି ରୂପରେ ମୋହିବାର ଫଳ ଅନେକ ସମୟରେ ମନ୍ଦ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ହାତ ନଡ଼ବଡ଼ କହୁଣି ଖାଏ**
**ଜିଭ ନଡ଼ବଡ଼ ହଗି ଯାଏ ।**

ଖାଦ୍ୟକୁ ଠିକ୍ ଭାବେ ଧରି ରଖି ନ ଖାଇପାରିଲେ ଖାଦ୍ୟ କହୁଣିକୁ ବୋହି ଯାଇଥାଏ। ସେହିପରି ଜିହ୍ୱାକୁ ଯିଏ ନିୟନ୍ତ୍ରଣରେ ରଖିପାରି ନ ଥାଏ ତା'ର ପେଟ ଖରାପ ହେବା ଅନ୍ୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଜେଲ ଗଲେ ଅମରେଶ...

ନେବାବେଳେ ସେ ଗଣମାଧ୍ୟମକୁ ବିସ୍ଫୋରକ ବୟାନ ଦେଇଛନ୍ତି। ଅର୍ଚ୍ଚନା ମତେ ଫସାଇଦେଇଛନ୍ତି। ଅର୍ଚ୍ଚନାଙ୍କୁ ପଚାରିଲେ ସେ ଏହି ଘଟଣାରେ ସବୁ କହିପାରିବେ ବୋଲି ଅମରେଶ କହିଛନ୍ତି। ଅପରପକ୍ଷରେ ଅମରେଶଙ୍କ ଏଭଳି ଅଭିଯୋଗକୁ ଅର୍ଚ୍ଚନା ମଧ୍ୟ ଭିଡିଓ ଜାରି କରି ଖଣ୍ଡନ କରିଛନ୍ତି। ଅର୍ଚ୍ଚନା କହିଛନ୍ତି, ସେ ଏହି ଘଟଣା ବିଷୟରେ ଜାଣିନାହାନ୍ତି କିମ୍ବା ପୀଡ଼ିତାଙ୍କୁ ମଧ୍ୟ ଚିହ୍ନି ନାହାନ୍ତି। ଘଟଣାର ସତ୍ୟାସତ୍ୟ ଅମରେଶ ଓ ପୀଡ଼ିତା ହିଁ ଜାଣିଥିବେ। ତେବେ ଅମରେଶ କୁକର୍ମରେ ଜଡ଼ିତ ଥିଲେ ବୋଲି ଆଜି ଓଡ଼ିଶାବାସୀଙ୍କୁ ଜଣାଇଦେଇଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବରୁ ଅର୍ଚ୍ଚନା ନାଗଙ୍କୁ ସେ ଚିହ୍ନି ନ ଥିଲେ ବୋଲି ଅମରେଶ କହୁଥିଲେ। ଆଜି ସେ କିପରି ଅର୍ଚ୍ଚନାଙ୍କୁ ଜାଣିଗଲେ। ସେ ନିଜ କର୍ମର ଫଳ ଭୋଗୁଛନ୍ତି। ଅମରେଶଙ୍କୁ ଭାଇ ସମ୍ବୋଧନ କରି ସୁଧୁରି ଯାଆନ୍ତୁ ଓ ଭଉଣୀଙ୍କୁ ଅପନିନ୍ଦା ଦିଅନ୍ତୁ ନାହିଁ ବୋଲି ଅର୍ଚ୍ଚନା କହିଛନ୍ତି। ସେହିପରି ଅମରେଶଙ୍କ ସ୍ତ୍ରୀ ବନଜା ଜେନା ସ୍ୱାମୀଙ୍କ ବିରୋଧରେ ଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ନିର୍ବାଚନ ପାଖେଇ ଆସିଲାଣି, ଏଭଳି ଆମ ସହ ଘଟିବ ବୋଲି ଜାଣିଥିଲୁ। କୋର୍ଟ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି, ନ୍ୟାୟ ମିଳିବ ବୋଲି ସେ କହିଛନ୍ତି। ତେବେ ଅମରେଶ ଭୁବନେଶ୍ୱରରୁ ଫେରାର ହୋଇ କଳାକାଦ ଗାଁରେ ଯାହାଙ୍କ ଘରେ ଆତ୍ମଗୋପନ କରିଥିଲେ, ତାଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କରିଛି। ଉକ୍ତ ବ୍ୟକ୍ତି କିଏ ଓ ଅମରେଶ ତାଙ୍କ ଘରକୁ କାହିଁକି ସୁରକ୍ଷିତ ସ୍ଥାନ ଭାବେ ବାଛିଥିଲେ ବୋଲି ଚର୍ଚ୍ଚା ହେଉଛି। ତେବେ ଅମରେଶଙ୍କ ମାମଲାରେ ସମ୍ପୃକ୍ତି ଆସିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଖବରଦାତା ସମ୍ମିଳନୀରେ ଜୋନ–୪ ଏସିପି ଅଭିମନ୍ୟୁ ନାୟକ କହିଛନ୍ତି। ଏପଟେ ଅମରେଶଙ୍କ ଗିରଫଦାରି ଘଟଣାକୁ ନେଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଲକ୍ଷ୍ମୀସାଗର ଥାନା ପରିସରରେ ଭିଡ଼ ଜମାଇ ହୋହଲ୍ଲା କରିବା ସହ ପୋଲିସର ଗିରଫଦାରିକୁ ନିନ୍ଦା କରିଥିଲେ।

ସୂଚନାଯୋଗ୍ୟ, ଅମରେଶ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ବୁଧବାର ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅମରେଶଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୀଡ଼ିତା ନାବାଳିକା ଥିବା ସମୟରୁ ଅମରେଶ ତାଙ୍କ ସହ ପ୍ରତାରଣା କରି ଅମାନୁଷିକ କାଣ୍ଡ ଘଟାଇଥିବା ଏତଲାରେ ଦର୍ଶାଇଥିଲେ। ଏପରିକି ଅମରେଶ ପୀଡ଼ିତାଙ୍କ ଗର୍ଭପାତ କରାଇ ତାଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ କରିବା ସହ ଭୁବନେଶ୍ୱର ଛାଡ଼ି ଚାଲିଯିବାକୁ ଧମକ ମଧ୍ୟ ଦେଇଥିବା ଅଭିଯୋଗ ହୋଇଛି।

### ମାଟିତଳୁ ମିଳିଲା ...

ମୁତୟନ ଅର୍ଦ୍ଧସାମରିକ ବାହିନୀ ଓ ଓଡ଼ିଶା ପୋଲିସ ମିଳିତ ଭାବେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପ୍ରାୟ ସାଢ଼େ ୪ଟନ୍ ଲୁଟ ବିସ୍ଫୋରକ ଜବତ ହୋଇଥିଲା। କିନ୍ତୁ ମାଓବାଦୀଙ୍କ ପାଲଟା ଜବାବରେ ସେମାନେ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ମେ' ୩୦ରେ କୋମ୍ବିଂ ଅପରେଶନ ବେଳେ କୋବ୍ରା ବାଟାଲିୟନର ଯବାନ ସୁନୀଲ କୁମାର ଗୁରୁତର ଆହତ ହୋଇଥିଲେ। ୩୧ରେ ସରଣ୍ଡା ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଗ୍ରାମବାସୀ ଆହତ ହୋଇଥିଲେ । ସେହିପରି ଜୁନ ୧୪ରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ପୁଣି ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଯବାନ ସତ୍ୟବାନ କୁମାର ସିଂ ଶହୀଦ ହୋଇଥିଲେ। ଇତିମଧ୍ୟରେ ଅନେକ ପୋତା ଲ୍ୟାଣ୍ଡମାଇନ ଉଦ୍ଧାର ହେବା ସହ ଏକ ବଙ୍କରକୁ ଅର୍ଦ୍ଧସାମରିକ ବାହିନୀ ତରଫରୁ ନଷ୍ଟ କରାଯାଇଥିଲା। ପୁଣି ଏବେ ମାଓବାଦୀ ମାଟିତଳେ ଲୁଚାଇ ରଖିଥିବା ୩୫ ଲକ୍ଷ ଟଙ୍କା ଠାବ କରାଯାଇଥିବାବେଳେ ମାଓବାଦୀ ସଙ୍ଗଠନ ଶହୀଦ ସପ୍ତାହ ମଧ୍ୟରେ କିଛି ଯୋଜନା କରୁଥିବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଉଭୟ ରାଜ୍ୟ ପୋଲିସ ଏବେ ସତର୍କ ଦୃଷ୍ଟି ରଖିଥିବା ଜଣାପଡିଛି ।



ମାଟି ତଳୁ ଜବତ ହୋଇଥିବା ଟଙ୍କା।

### ୨୦ ହଜାର ଟଙ୍କାରେ...

କରି ସମ୍ପୃକ୍ତ ଶିଶୁକନ୍ୟାର ବାପାଙ୍କୁ ପଚରାଉଚରା ପାଇଁ ଥାନାକୁ ଡକାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବାଗଡେର ଗାଁର ଜଣେ ବ୍ୟକ୍ତିଙ୍କ ପୂର୍ବରୁ ଏକ ଝିଅ ଥିଲା। ନିକଟରେ ତାଙ୍କ ସ୍ତ୍ରୀ ଟିଟିଲାଗଡ଼ ହସ୍ପିଟାଲରେ ପୁଣି ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ମହିଳା ଜଣକ ଘରକୁ ଆସିବାର କିଛିଦିନ ପରେ ବରଗଡ଼ ଜିଲା ପଦ୍ମପୁର ସବ୍‌ଡିଭିଜନ ଅଧୀନ ପାଇକମାଳ ଗାଁର ସମ୍ପୃକ୍ତ ଦମ୍ପତିଙ୍କ ସହ କଥାବାର୍ତ୍ତା କରି ଶିଶୁକନ୍ୟାକୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ବିକ୍ରି କରିଥିବାନେଇ ଶିଶୁକନ୍ୟାର ମା'ବାପା ଏହାକୁ ସ୍ୱୀକାର ମଧ୍ୟ କରିଛନ୍ତି। ଏହି ଦମ୍ପତି ଗରିବ ଶ୍ରେଣୀର ହୋଇଥିବାରୁ ଅଧିକାଂଶ ସମୟ ଦାଦନ ଖଟିବାକୁ ଯାଇଥାନ୍ତି। ସରକାର ଗରିବ ଲୋକଙ୍କ ପାଇଁ ଅନେକ ଉନ୍ନୟନମୂଳକ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଏହାର ସୁଫଳ ପାଇବାରୁ ଉକ୍ତ ଦମ୍ପତି (ଶିଶୁକନ୍ୟାର ମା'ବାପା)ଙ୍କ ପରିବାର ବଞ୍ଚିତ ହୋଇଛନ୍ତି। ଭଙ୍ଗାଦଦରା ଘରେ ଅତି ଦୟନୀୟ ଭାବେ ଦିନ କାଟୁଥିବରୁ ଅଭାବରେ ନିଜ ଝିଅକୁ ବିକ୍ରି କରିବାକୁ ପଛାଇ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

# ଚରିତ୍ର ନ ଥିଲେ ସବୁ ଅସାର

ନାରୀ ନିର୍ଯାତନା ଓ ସେମାନଙ୍କୁ ଯୌନ ଶୋଷଣ ଭଳି କୁତ୍ସିତ କାର୍ଯ୍ୟରେ ରାଜନେତାମାନେ ସମ୍ପୃକ୍ତ ହେବା ଏବଂ ଗିରଫ ହେବା ଭଳି ଅନେକ ଘଟଣା ଦେଖିବାକୁ ମିଳୁଛି। ସାଧାରଣତଃ ନେତା ସିଏ, ଯିଏ ଜନସାଧାରଣ, ସରକାରୀ କଳ ଏବଂ ସରକାରଙ୍କ ମଧ୍ୟରେ ସେତୁ ହୋଇ କାର୍ଯ୍ୟ କରେ। ଲୋକଙ୍କ ଦୁଃଖକଷ୍ଟ ଦୂର ପାଇଁ କାର୍ଯ୍ୟ କରେ, ସମାଜ କଲ୍ୟାଣ କାର୍ଯ୍ୟରେ ନିଜକୁ ସାମିଲ କରେ। ସେହି ବ୍ୟକ୍ତିଙ୍କ ପ୍ରତି ବହୁସଂଖ୍ୟକ ଲୋକଙ୍କ କେବଳ ଭରସା ନ ଥାଏ, ତାଙ୍କୁ ସେମାନେ ଆଦର୍ଶ ଭାବେ ଗ୍ରହଣ କରିଥାନ୍ତି। ତେଣୁ ନେତାଗିରି କୌଣସି ପେସା ନୁହେଁ, ସ୍ୱୟଂପ୍ରବୃତ୍ତ ସେବା। ଏଭଳିସ୍ଥଳେ ନେତାଙ୍କ ପାଖରେ ଯୌନ ନିର୍ଯାତନା ଭଳି ଚାରିତ୍ରିକ ସ୍ଖଳନ ଦେଖାଦେବା ବାଡ଼ ଫସଲ ଖାଇବା ସଦୃଶ। ଜଣେ ନେତାଙ୍କ ଚରିତ୍ରହାନି ହେଲେ ସେ ଲୋକଙ୍କର, ନିଜର ଏବଂ ତାଙ୍କ ସହ ଜଡ଼ିତ ଦଳର ବ୍ୟାପକ କ୍ଷତି ଘଟାଇଥାନ୍ତି। ତେଣୁ ଲୋକେ କୁହନ୍ତି, 'ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର'। ବିଶେଷକରି ରାଜନୀତିକୁ ଆସୁଥିବା ଯୁବପିଢ଼ି ଏହାକୁ ହୃଦୟଙ୍ଗମ କରି ନିଜକୁ ମାର୍ଜିତ କରି ରଖିବାକୁ ମତ ପ୍ରକାଶ ପାଇଛି।

## ଲୋକଙ୍କ ଭରସା ତୁଟିବାରେ ଲାଗିଛି



ସାଧାରଣ ଜନତା ଏବଂ ବ୍ୟବସ୍ଥା ତଥା ସରକାରଙ୍କ ମଧ୍ୟରେ ଯେଉଁ ଶୂନ୍ୟସ୍ଥାନ ରୁହେ, ତାହା ରାଜନୈତିକ ପଦାଧିକାରୀ ତଥା ନେତାଙ୍କ ଦାରା ପୂରଣ ହୋଇଥାଏ। ଅତୀତରେ ଲୋକଙ୍କ ମଙ୍ଗଳ ସାଧନ ପାଇଁ ରାଜନୈତିକ ବ୍ୟକ୍ତିବିଶେଷ ନିଜର ସର୍ବସ୍ୱ ତ୍ୟାଗ କରି ଇତିହାସ ରଚୁଥିଲେ। ହେଲେ ଏବେ ଯୁଗ ଅନୁସାରେ ତାର ବ୍ୟତିକ୍ରମ ଘଟିଛି। ବସ୍ତୁବାଦୀ ତଥା ବିଳାସବ୍ୟସନ ଜୀବନ ବଞ୍ଚିବା ସ୍ୱପ୍ନ ନେଇ ଲୋକେ ରାଜନୀତିକୁ ଆସୁଛନ୍ତି। ପରେ ଚରିତ୍ରହୀନ କାର୍ଯ୍ୟ କରି ସମାଜ, ସଂସ୍କାର ଓ ପରମ୍ପରାକୁ ଭ୍ରଷ୍ଟ କରିବା ଦ୍ୱାରା ଆଜି ଜନପ୍ରତିନିଧି ଓ ରାଜନୈତିକ ଦଳ ଉପରେ ଲୋକଙ୍କ ଭରସା ତୁଟିବାରେ ଲାଗିଛି।

- ବଳରାମ ପଣ୍ଡା, ସାମାଜିକ କର୍ମୀ, ରାୟଗଡ଼ା

## ମହିଳାଙ୍କୁ ଅସଦାଚରଣ ବ୍ଲେମ୍ ଗେମ୍ ନ ହେଉ



ବର୍ତ୍ତମାନ ରାଜନୀତିରେ ମହିଳାଙ୍କ ଯୋଗଦାନ ବଢ଼ୁଛି। ସେହି ପରିମାଣରେ ରାଜନେତାଙ୍କ ମହିଳାଙ୍କ ପ୍ରତି ଅସଦାଚରଣ ଘଟଣା ପ୍ରତ୍ୟହ ସମ୍ମୁଖକୁ ଆସୁଛି। ବହୁ ସମୟରେ ରାଜନୈତିକ ସୁବିଧା ଯୋଗାଇ ଦେବା ପ୍ରଲୋଭନରେ ବହୁ ଯୁବତୀ ଓ ମହିଳା ରାଜନେତାଙ୍କ ଅସଦାଚରଣର ଶିକାର ହେଉଛନ୍ତି। ଏହା ମହିଳା ସଶକ୍ତୀକରଣକୁ ବିରୋଧାଚରଣ କରୁଥିବାବେଳେ ଦଳର ଭାବମୂର୍ତ୍ତି ଉପରେ ଖରାପ ପ୍ରଭାବ ପକାଉଛି। ଭାରତୀୟ ସଂସ୍କୃତିରେ ମହିଳାଙ୍କୁ ସମ୍ମାନ ଦେବା ପ୍ରାଥମିକ କର୍ତ୍ତବ୍ୟ ଶ୍ରେଣୀରେ ଅଛି। ତେବେ ରାଜନୀତି ପାଇଁ ବହୁ ସମୟରେ ମହିଳାଙ୍କ ମାଧ୍ୟମରେ ଅସଦାଚରଣ ଅଭିଯୋଗ ଆଣି ପ୍ରତିପକ୍ଷକୁ ନିନ୍ଦିତ କରିବା ପ୍ରୟାସ ଜାରି ରହିଛି। ଏପରି ବ୍ଲେମ୍ ଗେମ୍ ଦ୍ୱାରା ରାଜନୈତିକ ଦଳଗୁଡିକ ବଦନାମ ହେଉଛନ୍ତି। ଅପରପକ୍ଷରେ ରାଜନୈତିକ ଦଳଗୁଡ଼ିକରେ ଆଇସିସି (ଇଣ୍ଟରନାଲ କମ୍ପ୍ଲାଂଟସ କମିଟି) ନ ଥିବାରୁ ଏହାର ସତ୍ୟାସତ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

- ମନ୍ମଥ କୁମାର ରାଉତ, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା

## ଜନସାଧାରଣ ଠିକଣା ସମୟରେ ଜବାବ ଦେବେ



ଯୌନ ନିର୍ଯାତନା ଘଟଣାରେ ରାଜନୈତିକ ପଦାଧିକାରୀ ଓ ଜନ ପ୍ରତିନିଧିଙ୍କ ସମ୍ପୃକ୍ତି ଦଳର ଭାବମୂର୍ତ୍ତିକୁ ଅତିମାତ୍ରାରେ କ୍ଷୁଣ୍ଣ କରୁଛି। ଆଜିକାଲି ସାମାଜିକ ଗଣମାଧ୍ୟମ ଏହିସବୁ ଘଟଣାକୁ ଜନମାନସରେ ଉଜ୍ଜୀବିତ କରିରଖୁଛି। ସୁତରାଂ ସମୟ କ୍ରମେ ଜନସାଧାରଣ ଯୌନ ନିର୍ଯାତନାର କାହାଣୀଗୁଡ଼ିକୁ ଭୁଲିଯିବେ- ଏହା ନୁହେଁ। ସେମାନେ ଠିକଣା ସମୟରେ ଜବାବ ଅବଶ୍ୟ ଦେବେ। ଯୌନ ବ୍ୟଭିଚାରରେ ସମ୍ପୃକ୍ତ ରାଜନେତାମାନେ ଉଭୟ ଜନତାଙ୍କ ଦରବାର ଓ ଈଶ୍ୱରଙ୍କ ଦରବାରରେ ଦଣ୍ଡିତ ହେବେ, ଏ ବିଶ୍ୱାସ ମୋର ରହିଛି।

- ଡ. ନାରାୟଣ ମହାନ୍ତି, ଶିକ୍ଷାବିତ୍, ସିଡିଏ ସେକ୍ଟର-୭, କଟକ

## ଜନପ୍ରତିନିଧିମାନେ ଲୋକଙ୍କ ଭରସା ନ ହରାନ୍ତୁ



ରାଜ୍ୟରେ ପ୍ରତିଦିନ ମହିଳାମାନେ ଯୌନ ନିର୍ଯାତନା ଭଳି ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ଅପରାଧରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସମ୍ପୃକ୍ତି ଚିନ୍ତା ବଢ଼ାଇଛି। ଲୋକେ ବହୁ ବିଶ୍ୱାସ ଓ ଭରସାରେ ଲୋକଙ୍କ ସେବା କରିବା ପାଇଁ ଜନପ୍ରତିନିଧି ବାଛିଥାନ୍ତି। ଜନପ୍ରତିନିଧିମାନେ ଯଦି ଏଭଳି କାର୍ଯ୍ୟ କରିବେ, ତେବେ ସାଧାରଣ ଲୋକମାନେ କାହାକୁ ଭରସା କରି ନିଜର ପ୍ରତିନିଧି ବାଛିବେ। ଅନ୍ୟପକ୍ଷରେ ଯେଉଁ ମହିଳାମାନେ ଯୌନ ନିର୍ଯାତନା କିମ୍ବା ଶୋଷଣର ଶିକାର ହେଉଛନ୍ତି, ସେମାନେ ତୁରନ୍ତ ଥାନାରେ ଅଭିଯୋଗ କରନ୍ତୁ। ନୁହେଁ କି ବର୍ଷ ବର୍ଷ ପରେ ଗୋଟିଏ ପ୍ଲାନ କିମ୍ବା ଯୋଜନା ମୁତାବକ ଆସି ଅଭିଯୋଗ କରିବେ। ପ୍ରଥମରୁ ହିଁ ମହିଳାମାନେ ଥାନାରେ ଜଣାଇବାକୁ ଅନୁରୋଧ କରୁଛୁ।

- ଶୁଭଶ୍ରୀ ଦାଶ, ସମାଜସେବୀ, ଭୁବନେଶ୍ୱର

## ଲୋକଙ୍କ ଭରସା ତୁଟୁଛି



ଯେକୌଣସି ରାଜନୈତିକ ଦଳ ଜନସାଧାରଣଙ୍କ ବିକାଶ ପାଇଁ କାମ କରନ୍ତି। କିନ୍ତୁ ଦଳର କୌଣସି କର୍ମୀ ବା ନେତା ଯଦି ନାରୀ ନିର୍ଯାତନା ଘଟଣାରେ ସମ୍ପୃକ୍ତ ହେବେ, ତେବେ ଏହା ଦଳ ପାଇଁ ଶୁଭଙ୍କର ନୁହେଁ। ଆଗାମୀ ଦିନରେ ଦଳ ପ୍ରତି ଲୋକଙ୍କ ଭରସା ତୁଟିଯାଇପାରେ। ଆଗକୁ ଏସବୁ ନ ହେବା ଦରକାର।

- ସୁରେନ୍ଦ୍ର ବେହେରା, ଆଇନଜୀବୀ, ବ୍ରହ୍ମପୁର

## ତତ୍କାଳ ପଦକ୍ଷେପ ନିଆଯିବା ଆବଶ୍ୟକ



ରାଜନୈତିକ ବ୍ୟକ୍ତିମାନେ ନିଜ ପଦର ଫାଇଦା ନେଇ ଅନେକ ସମୟରେ ନିଜ ଦଳର ମହିଳା କର୍ମୀ ଏବଂ ସାଧାରଣ ମହିଳାଙ୍କ ଉପରେ ପ୍ରଭାବ ବିସ୍ତାର କରିଥାନ୍ତି। ଏପରିକି ସେମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥାଏ। ଏଥିରେ ସମ୍ପୃକ୍ତ ଦଳର ଭାବମୂର୍ତ୍ତି ନଷ୍ଟ ହେବା ସ୍ୱାଭାବିକ। ଅନେକ ସମୟରେ ନାରୀ ନିର୍ଯାତନାକୁ ନେଇ ସରକାର ପରିବର୍ତ୍ତନ ହୋଇଥିବା ନଜିର ରହିଛି। ତେବେ ଯେତେବେଳେ ବି କୌଣସି ସ୍ଥାନରେ ମହିଳା ନିର୍ଯାତନା ନେଇ ଅଭିଯୋଗ ଆସୁଛି, ତତ୍କାଳ ଏହା ଉପରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି।

- ପୁଷ୍ପାରାଣୀ ମହାପାତ୍ର, ସାମାଜିକ କର୍ମୀ, ସମ୍ବଲପୁର

## ନେତା ଆଦର୍ଶ, କଳଙ୍କିତ ନ ହୁଅନ୍ତୁ



କିଛିବର୍ଷ ଧରି ଓଡ଼ିଶାରେ ଯୌନ ନିର୍ଯାତନା ଘଟଣା ବୃଦ୍ଧି ପାଇଛି। ଅନେକ ରାଜନୈତିକ ବ୍ୟକ୍ତି ଏଥିରେ ଛନ୍ଦି ହୋଇ ଯାଇଛନ୍ତି। ଅବଶ୍ୟ ଏଥିରୁ କେତେକ ସମ୍ପୃକ୍ତିକୁ ରାଜନୈତିକ ଅଭିସନ୍ଧି ବୋଲି କୁହାଯାଉଛି। ବିଭିନ୍ନ ସମୟରେ ସରକାର, ବିରୋଧୀ ଦଳର ବ୍ୟକ୍ତିଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରାଯାଉଛି ବୋଲି କୁହାଯାଉଛି। ହେଲେ ବିରୋଧୀ ଦଳରୁ ଶାସକ ଗାଦିରେ ବସୁଥିବା ଦଳ ଅନୁରୂପ ଘଟଣା ସୃଷ୍ଟି କରିବାର ମଧ୍ୟ ଅଭିଯୋଗ ହେଉଛି। ଏହା ସତ ଯେ, ଯୌନ ନିର୍ଯାତନା ହେଉଛି ଓ ପରିସ୍ଥିତିକୁ ନେଇ ନିର୍ଯାତିତାମାନେ ମୁହଁ ଖୋଲୁଛନ୍ତି। ଦୁଃଖ ଏହା ଯେ, ଆମେ ଯାହାଙ୍କୁ ଆଦର୍ଶ ଓ ଉତ୍ତମ ନେତା ମାନୁଛୁ, ସେମାନଙ୍କ ଦେହରେ ବି କଳଙ୍କ ଲାଗୁଛି, ଯାହା ଭାରତର ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

- ଡ. ବଦ୍ରି ମିଶ୍ର, ସାମାଜିକ କର୍ମୀ, ପୁରୀ

## ବାଡ଼ ଫସଲ ଖାଇବା ପରି ଅବସ୍ଥା



ରାଜନୈତିକ ନେତାମାନେ ସାଧାରଣ ଜୀବନରେ ଲୋକମାନଙ୍କ ସେବା କରିବାର ଆଭିମୁଖ୍ୟ ନେଇ ଦଳୀୟ ସଙ୍ଗଠନରେ ସାମିଲ ହୋଇଥାଆନ୍ତି। ହେଲେ ଆଜିକାଲି କେତେଜଣ ରାଜନୈତିକ ବ୍ୟକ୍ତିଙ୍କ ସେହି ଆଭିମୁଖ୍ୟ ନାହିଁ। ବିଭିନ୍ନ ସମୟରେ ସେପରି ନେତାଙ୍କ ନାମରେ ବଳାତ୍କାର, ଯୌନ ଶୋଷଣ ଓ ଅସଦାଚରଣ ଅଭିଯୋଗ ଆସୁଛି। ଏପରି ଅଭିଯୋଗ ଆସିବା ପରେ ସାଧାରଣ ନାଗରିକଙ୍କ ଆଶା ଓ ବିଶ୍ୱାସ ସେହି ନେତା ଓ ଦଳ ଉପରୁ ତୁଟି ଯାଉଛି। ଏବେ ବାଡ଼ ଫସଲ ଖାଇବା ପରି ଅବସ୍ଥା। ସମ୍ପ୍ରତି ରାଜନୀତିରେ ଭଲ ମଣିଷଙ୍କ ଅଭାବ ଦେଖାଦେଇଛି। ସରକାରୀ ଓ ବେସରକାରୀ ସମ୍ପତ୍ତି ଆତ୍ମସାତ୍, ଦାଦାବଟି ଆଦାୟ, କାମ ବଦଳରେ କମିଶନ ଆଦାୟ ସହିତ ବିଭିନ୍ନ ଧମକ ଦେଇ ସେମାନେ ଯୁବତୀ, ମହିଳାମାନଙ୍କୁ ଯୌନଶୋଷଣ କରିବାକୁ ପଛାଉ ନାହାନ୍ତି।

- ଋଷି ପ୍ରଧାନ, ଚାଷୀ, ନୟାଗଡ଼

## ରାଜନୈତିକ ଦଳର ଛବିକୁ ମଳିନ କରିବ



ଓଡ଼ିଶାରେ ସାମ୍ପ୍ରତିକ ସ୍ଥିତିରେ ନାରୀ ନିର୍ଯାତନା ବୃଦ୍ଧି ହେଉଛି। ବିଶେଷକରି ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପରେ ଏହା ଚର୍ଚ୍ଚାକୁ ଆସିଛି। ସାଧାରଣ ଜନତା ଜନପ୍ରତିନିଧି ଭାବେ ରାଜନୈତିକ ବ୍ୟକ୍ତିବିଶେଷଙ୍କଠାରୁ ସମାଜ କଲ୍ୟାଣକାରୀ କାର୍ଯ୍ୟ ଆଶା କରିଥାନ୍ତି। ନାରୀ ନିର୍ଯାତନା କ୍ଷେତ୍ରରେ ଏମାନଙ୍କ ସମ୍ପୃକ୍ତି ରହିଲେ ରାଜନୈତିକ ଦଳର ଛବିକୁ ମଳିନ କରିବ। ଏସବୁ କର୍ମ ବାରମ୍ବାର ଘଟି ଚାଲିଲେ ଜନସାଧାରଣ ସେହି ଦଳକୁ ପ୍ରତ୍ୟାଖ୍ୟାନ କରିବାକୁ ପଶ୍ଚାତ୍‌ପଦ ହେବେ ନାହିଁ। ଏହାକୁ ଆଜିର ରାଜନୈତିକ ବ୍ୟକ୍ତି ହୃଦୟଙ୍ଗମ କରିବା ଅତ୍ୟନ୍ତ ଜରୁରୀ।

- ବିଜୟ କୁମାର ସେନାପତି, ସହାୟକ ମହାପ୍ରବନ୍ଧକ, ଆର୍‌ଏସ୍‌ପି, ରାଉରକେଲା

## ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ



ବଳାତ୍କାର, ମହିଳାଙ୍କ ପ୍ରତି ଅତ୍ୟାଚାର ଏକ ସଙ୍ଗିନ ଅପରାଧ। ଏଥିପାଇଁ ଆଇନରେ କଡ଼ାକଡ଼ି ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ଏହାର ସଂଖ୍ୟା ବଢ଼ୁଛି। ଏଭଳି ଘଟଣାରେ ଶିକ୍ଷିତ, ଆଇନ ବିଷୟରେ ଜାଣିଥିବା ରାଜନୈତିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଦିନକୁ ଦିନ ବଢ଼ୁଛି, ଯାହାକି ଅତ୍ୟନ୍ତ ଜଘନ୍ୟ ଓ ସାଂଘାତିକ ବିଷୟ। ଏଣୁ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦଳ ପକ୍ଷରୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଏପରିକି ରାଜନୈତିକ ଦଳ ସେମାନଙ୍କ ପାଇଁ ବଦନାମ ହେଉଛି। ତେଣୁ ଦଳ ସଚେତନ ହେବା ସହ ସେଥିପ୍ରତି କର୍ମଶାଳା କରିବା ଜରୁରୀ।

- ଭକ୍ତବତ୍ସଳ ମହାନ୍ତି, ସାମାଜିକ କର୍ମୀ, କେନ୍ଦୁଝର

## ନେତାଙ୍କ ଆଚାର, ବିଚାରରେ ଶୁଦ୍ଧତା ଜରୁରୀ



ରାଜନୈତିକ ବ୍ୟକ୍ତି ଅଥବା ଜନପ୍ରତିନିଧିମାନେ ସିଧାସଳଖ ଜନତାଙ୍କ ସହ ଜଡ଼ିତ ରହିଥାନ୍ତି। ସେମାନଙ୍କ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ରହିଥାଏ। ଏଣୁ ସେମାନଙ୍କ ଆଚାର ଓ ବିଚାରରେ ଶୁଦ୍ଧତା, ବ୍ୟବହାରରେ ସ୍ୱଚ୍ଛତା ରହିବା ଜରୁରୀ। ଆଜି ଯେଉଁଭଳି ଭାବେ ରାଜନୈତିକ ବ୍ୟକ୍ତି ଓ ଜନପ୍ରତିନିଧିଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସୁଛି, ତାହା ଏକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଏଭଳି ଘଟଣା ଦ୍ୱାରା ଧୀରେ ଧୀରେ ସେମାନଙ୍କ ଉପରୁ ଜନତାଙ୍କ ବିଶ୍ୱାସ ତୁଟିଯାଉଛି। ଏହି କାରଣରୁ ସାଧାରଣ ଜନତା କୌଣସି କାମରେ ଆଗଭଳି ଆଉ ରାଜନୈତିକ ଦଳ ଅଥବା ଜନପ୍ରତିନିଧିଙ୍କ ନିକଟକୁ ଯିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଥିପ୍ରତି ଦଳୀୟ ବ୍ୟକ୍ତିବିଶେଷ ଗୁରୁତ୍ୱ ଦେବା ଜରୁରୀ।

- ପ୍ରବୀଣା ପଟ୍ଟନାୟକ, ସାମାଜିକ କର୍ମୀ, ଖୋର୍ଦ୍ଧା

## ନେତାଙ୍କ କର୍ମଫଳ ଦଳକୁ ପ୍ରଭାବିତ କରିଥାଏ



ନେତା, ପ୍ରଶାସନିକ ଅଧିକାରୀ ପ୍ରମୁଖଙ୍କ ଚାରିତ୍ରିକ ଅବକ୍ଷୟ ଆଜି ସମାଜ ପାଇଁ ଚନ୍ଦ୍ରଗ୍ରହଣ ଅବା ସୂର୍ଯ୍ୟୋପରାଗ ପରିସ୍ଥିତି ସୃଷ୍ଟି କରିଛି। ଜଣେ ନେତାଙ୍କ ଚାରିତ୍ରିକ ସ୍ଖଳନ ତାଙ୍କ ଦଳର ଭାବମୂର୍ତ୍ତିକୁ ବ୍ୟାପକ କ୍ଷତି ପହଞ୍ଚାଉଛି, ଯାହାକି ପରବର୍ତ୍ତୀ ନିର୍ବାଚନରେ ଦଳକୁ ପ୍ରଭାବିତ କରିବା ଆଶଙ୍କା ରହିଥାଏ। ନେତାଙ୍କ କର୍ମଫଳ ଓ ଚରିତ୍ରକୁ ନେଇ ସେହି ରାଜନୈତିକ ଦଳର ଭାଗ୍ୟ ନିର୍ଦ୍ଧାରଣ ହୋଇଥାଏ। ତେଣୁ ଲୋକଙ୍କ ସମସ୍ୟା ତଥା ଅଞ୍ଚଳର ବିକାଶ ପାଇଁ ରାଜନେତାମାନେ ବ୍ରତୀ ହେବା ଆବଶ୍ୟକ।

- ଭାଗୀରଥି ଆଚାର୍ଯ୍ୟ, ସାମାଜିକ କର୍ମୀ, ଯାଜପୁର ରୋଡ୍ ଗୋଶାଳା

## ଦଳର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି



ଯୌନ ନିର୍ଯାତନା ଘଟଣା ସହ କୌଣସି ରାଜନୈତିକ ପଦାଧିକାରୀ ବା ନେତାଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା କ୍ଷଣି ସେହି ନେତାଙ୍କ ଚରିତ୍ରଗତ ସ୍ଖଳନ ସମ୍ପର୍କରେ ଲୋକେ ଆଲୋଚନା କରୁଛନ୍ତି। ସେଭଳି ନେତାଙ୍କ ରାଜନୈତିକ ଭବିଷ୍ୟତ ମଧ୍ୟ ବହୁ ମାତ୍ରାରେ ପ୍ରଭାବିତ ହେଉଛି। ସେହି ବ୍ୟକ୍ତି ଯେଉଁ ଦଳରେ ରହିଛନ୍ତି ସେହି ରାଜନୈତିକ ଦଳର ଭାବମୂର୍ତ୍ତି ମଧ୍ୟ ବହୁ ମାତ୍ରାରେ କ୍ଷୁଣ୍ଣ ହେଉଛି। ଲୋକେ ସେହି ନେତା , ଦଳ ଓ ପୋଲିସକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ଏଭଳି ଘଟଣାରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନ ହେଲେ ଏହା ସମାଜ ଉପରେ ବି କୁପ୍ରଭାବ ପକାଉଛି।

- ନୀଳମଣି ଯୋଷୀ, ସୂଚନା ଅଧିକାର କର୍ମୀ, ବଲାଙ୍ଗୀର

## ସାମାଜିକ ବ୍ୟବସ୍ଥା ଉପରେ ଜନତା ଆସ୍ଥା ହରାନ୍ତି



ଯୌନ ନିର୍ଯାତନା ଦେବା ଏକ ବିକୃତ ମାନସିକତାର ପରିଚୟ। ଯେତେବେଳେ ଅଭିଯୋଗକାରୀ ରାଜନୈତିକ ପଦାଧିକାରୀ କିମ୍ବା ଜନ ପ୍ରତିନିଧିଙ୍କ ଉପରେ ଆରୋପ ଆଣନ୍ତି , ସେତେବେଳେ ଏକ ବିରାଟ ସାମାଜିକ ବ୍ୟବସ୍ଥା ଉପରେ ଜନତା ଆସ୍ଥା ହରାନ୍ତି। ଫଳରେ ଅଭିଯୋଗ ସତ ବା ମିଛ ତାହା ପ୍ରମାଣ ହେଉ ବା ନହେଉ, ଏପରି ସମ୍ବେଦନଶୀଳ ଘଟଣାକୁ ଅଣଦେଖା କରିବା ଲୋକଙ୍କ ଆୟତ୍ତ ବାହାରକୁ ଚାଲିଯାଏ। ଦଳର ଭାବମୂର୍ତ୍ତିକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଥାଏ।

- ଦୀପିକା ମହାପାତ୍ର, ସମାଜସେବୀ, ଅନୁଗୋଳ

# ମନ୍ କୀ ବାତ୍‌ରେ ପ୍ରମିଳାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

## ପାଲା ମାଧ୍ୟମରେ ଜଙ୍ଗଲ ନିଆଁ ନିରୋଧୀ ସଚେତନତା କରୁଛନ୍ତି

କେନ୍ଦୁଝର,୨୭।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ମୁର୍ଗାବାଡ଼ି ଗ୍ରାମର ପ୍ରମିଳା ପ୍ରଧାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଶଂସା କରିଛନ୍ତି। ପ୍ରମିଳାଙ୍କ ଜଙ୍ଗଲ ନିଆଁ ବିରୋଧରେ ସଚେତନତା ଉଦ୍ୟମକୁ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିପରି ସେ 'ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ' ଗଠନ କରି ଅଟେଇ ସଂରକ୍ଷିତ ଜଙ୍ଗଲକୁ ଘେରି ରହିଥିବା ଗ୍ରାମର ଲୋକଙ୍କ ମଧ୍ୟରେ ଅଗ୍ନିରୁ ଜଙ୍ଗଲର ସୁରକ୍ଷା ବାର୍ତ୍ତା ପହଞ୍ଚାଉଛନ୍ତି କହିଥିଲେ।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ମାସିକ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୪ତମ ଏପିସୋଡ୍‌ରେ ତାଙ୍କ ଅଭିଭାଷଣ ସମୟରେ ଜଙ୍ଗଲ ସଂରକ୍ଷଣ ପାଇଁ ଉକ୍ତ ଗୋଷ୍ଠୀର ଅନନ୍ୟ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ଗୋଷ୍ଠୀର ପଦକ୍ଷେପକୁ ପ୍ରଶଂସା କରି କହିଥିଲେ, ଲୋକଗୀତ, ପରମ୍ପରା, ଭଜନ ଏବଂ କୀର୍ତ୍ତନ ହେଉଛି ଭାରତର ବିବିଧତାର ସୁନ୍ଦର ଝଲକ। ଓଡ଼ିଶାର କେନ୍ଦୁଝର ଜିଲାରେ ପ୍ରମିଳା ପ୍ରଧାନ 'ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ' ନାମକ ଗୋଷ୍ଠୀ ଗଠନ କରି ଅଞ୍ଚଳରେ ଜଙ୍ଗଲ ନିଆଁ ବିରୋଧରେ ସଚେତନତା କରୁଛନ୍ତି। ଏଭଳି ଉଦ୍ୟମରେ ପରିବେଶ ସୁରକ୍ଷା ପାଇଁ ଗୋଷ୍ଠୀ କିପରି ମନ୍ତ୍ର ଜପ କରୁଛି ତାହା ଉପରେ ଗୁରୁତ୍ୱ ଦେଇଛନ୍ତି। ଜଙ୍ଗଲ ଏବଂ ପରିବେଶକୁ ସୁରକ୍ଷା ଦେବା ପାଇଁ ସେ ପାରମ୍ପରିକ ଗୀତରେ ନୂତନ ଗୀତ ଯୋଡ଼ି ଲୋକଙ୍କୁ ଜଙ୍ଗଲ ନିଆଁ କେତେ କ୍ଷତି କରେ ତାହା ବୁଝାଇଛନ୍ତି। ଏହି ପାରମ୍ପରିକ ପଦକ୍ଷେପ ମନେପକାଇ ଦେଇଛି, ଆମର ଲୋକ ପରମ୍ପରାରେ ଏବେ ବି ସମାଜର ଉନ୍ନତି ପାଇଁ ଶକ୍ତି ଅଛି ବୋଲି କହିଥିଲେ।

ଏ ନେଇ ପ୍ରମିଳା କହିଛନ୍ତି, 'ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଜାତିକୁ ସମ୍ବୋଧିତ କରିବା ସମୟରେ ତାଙ୍କ ନାମ ଉଚ୍ଚାରଣ ବହୁତ ଖୁସି ଦେବା ସହ ଆଶ୍ଚର୍ଯ୍ୟ ମଧ୍ୟ କରିଥିଲା। ୧୦ ଜଣ ମହିଳା ସଦସ୍ୟଙ୍କ



'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦୁଝରର ପ୍ରମିଳା ପ୍ରଧାନଙ୍କ ପରିବେଶ ସଚେତନତା ଉପରେ ଆଲୋକପାତ କରିବା ଅବସରରେ ଦେଖାଯାଇଥିବା ପୋଷ୍ଟର।

ସମେତ ପ୍ରାୟ ୧୭ ଜଣ ସଦସ୍ୟଙ୍କୁ ନେଇ ଗୋଷ୍ଠୀ ଗଠନ କରିଥିଲେ। ଏହା ମାଧ୍ୟମରେ ବିଲୁପ୍ତ ହୋଇଯାଇଥିବା ପାରମ୍ପରିକ ସଂକୀର୍ତ୍ତନ ସଂସ୍କୃତିକୁ ପୁନର୍ଜୀବିତ କରିଛନ୍ତି। ଦୁଇ ବର୍ଷ ହେଲା ବନ ବିଭାଗ ସହାୟତାରେ ଜଙ୍ଗଲ ନିଆଁ ରୋକିବାକୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହାକୁ ଆଗକୁ ବଢ଼ାଇନେବାକୁ ମୃଦଙ୍ଗ, ଝାଞ୍ଜ ଆଦି ବଜାଇ ଗାଁ ଗାଁ ବୁଲି 'ଶୁଣରେ ଶୁଣରେ ଭାଇ ଭଉଣୀ, ଜଙ୍ଗଲରେ ନିଆଁ ଲଗାଅ ନାହିଁ। ବନ ସୁରକ୍ଷା ସମିତି ଗଢ଼ି, ଉଜୁଡ଼ା ଜଙ୍ଗଲ ଦେବା ସଜାଡ଼ି' ଗୀତ ଗାଇ ସଚେତନତା ଜାରିରଖିଛନ୍ତି।

ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ଗତ ବର୍ଷ ୧୦ଟି ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଲୋକଙ୍କ ମଧ୍ୟରେ ଭାବପ୍ରବଣ ଏବଂ ଆଧ୍ୟାତ୍ମିକ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଏହି ପ୍ରକାର ସଚେତନତା ଯୋଗୁ ଘଟଗାଁ ରେଞ୍ଜରେ ଜଙ୍ଗଲ ଅଗ୍ନିକାଣ୍ଡ ଘଟଣା ହ୍ରାସ ପାଇଛି। ୨୦୨୩ରେ ୨୮୮ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ୨୦୨୪ରେ ୮୦ ଏବଂ ୨୦୨୫ରେ ୨୬ଟି ସ୍ଥାନକୁ ହ୍ରାସ ପାଇଛି। ସେହିପରି କେନ୍ଦୁଝର ଡିଭିଜନରେ ୨୦୨୩ରେ ୧୭୭୨ଟି ଅଗ୍ନି ନିର୍ବାପନ ସ୍ଥାନ ଚିହ୍ନଟ ହୋଇଥିବା ବେଳେ ୨୦୨୫ରେ ତାହା ୭୨୭ ସ୍ଥାନକୁ ହ୍ରାସ ପାଇଛି। ପ୍ରମିଳା ପ୍ରଧାନଙ୍କ ଅବଦାନ ଅଗ୍ନି ସଚେତନତାଠାରୁ ଅଧିକ। ସେ ତାଙ୍କ ପ୍ରଦର୍ଶନ ମାଧ୍ୟମରେ ଶିକାର ବିରୋଧୀ, ବନୀକରଣ ବାର୍ତ୍ତା, ହାତୀ ସଂରକ୍ଷଣ ସଚେତନତା, ବଢ଼ୁଥିବା ମଣିଷ-ପଶୁ ସଂଘର୍ଷକୁ ସମ୍ବୋଧିତ କରିବା ସମେତ ଅନେକ କାର୍ଯ୍ୟକ୍ରମରେ ଆଗରେ ରହିଥିବା ଡିଏଫ୍‌ଓ କହିଛନ୍ତି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

DSPL-187


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ହେପାଟାଇଟିସ୍ ଦିବସ
୨୮ ଜୁଲାଇ ୨୦୨୫

- ଜନ୍ମର ୨୪ ଘଣ୍ଟା ମଧ୍ୟରେ ନବଜାତ ଶିଶୁକୁ ହେପାଟାଇଟିସ୍ ପ୍ରତିଷେଧକ ଟୀକା ଦିଆଯାଏ। ସମସ୍ତ ସରକାରୀ ଡାକ୍ତରଖାନାରେ ଏହା ବିନା ମୂଲ୍ୟରେ ମିଳେ।
- ହେପାଟାଇଟିସ୍‌ରୁ ରକ୍ଷା ପାଇବା ପାଇଁ :
  - ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ହେପାଟାଇଟିସ୍ 'ବି' ଓ 'ସି' ର ପରୀକ୍ଷା ବିନା ମୂଲ୍ୟରେ କରାଇ ନିଅନ୍ତୁ।
  - କେବଳ ସ୍ୱୀକୃତିପ୍ରାପ୍ତ ବ୍ଲଡ୍ ବ୍ୟାଙ୍କରୁ ରକ୍ତ ଓ ରକ୍ତଜାତ ଦ୍ରବ୍ୟ ଗ୍ରହଣ କରନ୍ତୁ।
  - ଅସୁରକ୍ଷିତ ଯୌନ ସମ୍ପର୍କରୁ ଦୂରେଇ ରୁହନ୍ତୁ।
  - ଭଲ ଭାବରେ ହାତ ଧୋଇବା ସହ ତଟକା ଖାଦ୍ୟ ଖାଆନ୍ତୁ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରନ୍ତୁ।
- ହେପାଟାଇଟିସ୍ ପଜିଟିଭ୍ ଗର୍ଭବତୀ ମହିଳାଙ୍କର ପ୍ରସବ ଡାକ୍ତରଖାନାରେ କରାନ୍ତୁ ଏବଂ ନବଜାତ ଶିଶୁକୁ ହେପାଟାଇଟିସ୍ ଇମ୍ୟୁନୋଗ୍ଲୋବୁଲିନ୍ ଇଞ୍ଜେକ୍ସନ ଦେଇ ସୁରକ୍ଷିତ ରଖନ୍ତୁ।

ଆର୍ଥିକ, ସାମାଜିକ, ବ୍ୟବସ୍ଥାଗତ ପ୍ରତିବନ୍ଧକ ତଥା ଅନ୍ଧବିଶ୍ୱାସକୁ ଦୂରେଇ ଦେବା ଏବଂ ହେପାଟାଇଟିସ୍‌କୁ ପ୍ରତିରୋଧ କରିବା

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10003/13/0240/2526

> ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭବ। -ଶ୍ରୀମା

# କାମ୍ବୋଡିଆ-ଥାଇଲାଣ୍ଡ

କିଛି ବର୍ଷ ହେବ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଯୁଦ୍ଧ ଓ ସଂଘର୍ଷ ଲାଗି ରହିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଚାଲିଥିବା ବେଳେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ହମାସ ଓ ପରେ ଇସ୍ରାଏଲ-ଇରାନ ଯୁଦ୍ଧ ନୂଆ ସମୀକରଣ ସୃଷ୍ଟି କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ମେ' ୨୦୨୫ରେ ୪ ଦିନିଆ ଯୁଦ୍ଧ ଆମେ ଅନିଶା କରିଛେ। ନଗଦ ଘଟଣାକୁ ଦେଖିଲେ ସାମ୍ନାକୁ ଆସିଛି କାମ୍ବୋଡିଆ-ଥାଇଲାଣ୍ଡ ଯୁଦ୍ଧ। ଦକ୍ଷିଣ ପୂର୍ବ ଏସିଆ ଦେଶ କାମ୍ବୋଡିଆ। ଏହା ପ୍ରାଚୀନ ମନ୍ଦିର ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ। ଅନ୍ୟପକ୍ଷରେ ଏହାର ଉତ୍ତର ପଶ୍ଚିମାଞ୍ଚଳରେ ପଡ଼ୋଶୀ ଥାଇଲାଣ୍ଡ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ଏହା ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଚିତ। ଦୁଇ ଦେଶ ମଧ୍ୟରେ ସୀମାକୁ ନେଇ ଶତାବ୍ଦୀ ବ୍ୟାପୀ ବିବାଦ ରହିଆସିଛି। ୮୦୦ କିଲୋମିଟର ଦୀର୍ଘ ସୀମା ଘଞ୍ଚ ଜଙ୍ଗଲ ଯୋଗୁ ଦୁର୍ବଳ ଭାବେ ଚିହ୍ନଟ ହୋଇଥିବାରୁ ଦୁଇ ଦେଶ ପରସ୍ପର ଆଡ଼କୁ ମାଡ଼ି ଆସୁଛନ୍ତି। ବିଶେଷକରି ଖେମର ସାମ୍ରାଜ୍ୟ ବେଳେ ଦୁଇ ଦେଶର ସୀମାନ୍ତ ଅଞ୍ଚଳରେ ନିର୍ମିତ ପ୍ରେହ ଭିହିୟାର ମନ୍ଦିର ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ନେଇ ସଂଘର୍ଷ ଏବେ ଜୋର ଧରିଛି। ୧୯୬୨ରେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ) ଏହା ଉପରେ କାମ୍ବୋଡିଆର ମାଲିକାନା ଥିବା ନେଇ ରାୟ ଦେଇଥିଲେ। କିନ୍ତୁ ଥାଇଲାଣ୍ଡ ଉକ୍ତ ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳ ନିଜର କହି ଐତିହାସିକ ମାନଚିତ୍ର ଓ କାଗଜପତ୍ରର ପ୍ରମାଣ ଦର୍ଶାଇ ଚାଲିଛି, ଯଦ୍ଦ୍ୱାରା ଦୁଇ ଦେଶ ମଧ୍ୟରେ ସମ୍ପୃକ୍ତ ଅଞ୍ଚଳ ବିବାଦର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଯାଇଛି। ଏବର ସଂଘର୍ଷକୁ ଦେଖିଲେ ପରସ୍ପର ସୀମା ମାଡ଼ିବସିବାକୁ କେନ୍ଦ୍ର କରି ଦୁଇ ଦେଶର ସେନା ଗତ ୪ ଦିନ ହେବ ଯୁଦ୍ଧରେ ଲିପ୍ତ ରହିବାରୁ ୩୪ ଜଣଙ୍କ ପ୍ରାଣହାନି ଘଟିଛି, ଯେଉଁଥିରେ ଅଧିକାଂଶ ନାଗରିକ ଥିବା କୁହାଯାଉଛି। ଏଥିରେ ୧,୩୦,୦୦୦ ଲୋକ ବାସଚ୍ୟୁତ ହୋଇସାରିଲେଣି। ଜୁଲାଇ ୨୪ରେ ସୀମାନ୍ତ ଅଞ୍ଚଳରେ ବିସ୍ଫୋରଣ ଘଟିବାରୁ ୫ ଜଣ ଥାଇ ସୈନ୍ୟଙ୍କ ମୃତ୍ୟୁ ଘଟିବା ପରେ ସଂଘର୍ଷ ବ୍ୟାପକ ହୋଇଥିଲା। ଜୁଲାଇ ୨୫ରେ ଏହି ପ୍ରସଙ୍ଗ ଜାତିସଂଘରେ ଆଲୋଚନା ହୋଇଥିବା ବେଳେ ଦୁଇ ଦେଶ ପରସ୍ପରକୁ ଦାୟୀ କରୁଛନ୍ତି। ଥାଇଲାଣ୍ଡ ରାଷ୍ଟ୍ରଦୂତ ଚେର୍ଡଚାଇ ଚାଇଭାଇଭିଡ୍ କହିଛନ୍ତି, କାମ୍ବୋଡିଆ ତାଙ୍କ ଅଞ୍ଚଳକୁ ମାଡ଼ି ଆସିବାରୁ ଏଭଳି ସ୍ଥିତି ଉପୁଜିଛି। ଅନ୍ୟପକ୍ଷରେ କାମ୍ବୋଡିଆ ମଧ୍ୟ ଥାଇଲାଣ୍ଡ ବିରୋଧରେ ସମାନ ଅଭିଯୋଗ ଆଣିଛି। ଏଭଳି ସ୍ଥଳେ ଜାତିସଂଘ ଦୁଇ ରାଷ୍ଟ୍ରକୁ ସଂଯମ ରକ୍ଷା କରି ଆଲୋଚନାକୁ ଆସିବା ଲାଗି ପରାମର୍ଶ ଦେଇଛି।

ଏବର ସଂଘର୍ଷକୁ ଦେଖିଲେ ପରସ୍ପର ସୀମା ମାଡ଼ିବସିବାକୁ କେନ୍ଦ୍ର କରି ଦୁଇ ଦେଶର ସେନା ଗତ ୪ ଦିନ ହେବ ଯୁଦ୍ଧରେ ଲିପ୍ତ ରହିବାରୁ ୩୪ ଜଣଙ୍କ ପ୍ରାଣହାନି ଘଟିଛି, ଯେଉଁଥିରେ ଅଧିକାଂଶ ନାଗରିକ ଥିବା କୁହାଯାଉଛି। ଏଥିରେ ୧,୩୦,୦୦୦ ଲୋକ ବାସଚ୍ୟୁତ ହୋଇସାରିଲେଣି। ଜୁଲାଇ ୨୪ରେ ସୀମାନ୍ତ ଅଞ୍ଚଳରେ ବିସ୍ଫୋରଣ ଘଟିବାରୁ ୫ ଜଣ ଥାଇ ସୈନ୍ୟଙ୍କ ମୃତ୍ୟୁ ଘଟିବା ପରେ ସଂଘର୍ଷ ବ୍ୟାପକ ହୋଇଥିଲା। ଜୁଲାଇ ୨୫ରେ ଏହି ପ୍ରସଙ୍ଗ ଜାତିସଂଘରେ ଆଲୋଚନା ହୋଇଥିବା ବେଳେ ଦୁଇ ଦେଶ ପରସ୍ପରକୁ ଦାୟୀ କରୁଛନ୍ତି।

ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଚିରାଚରିତ ଶୈଳୀରେ ଦୁଇ ଦେଶ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଆଗେଇ ଆସିଛନ୍ତି। ଉଭୟ ଦେଶ ତୁରନ୍ତ ଯୁଦ୍ଧ ବନ୍ଦ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ସେମାନେ ଯୁଦ୍ଧ ବନ୍ଦ ନ କଲେ ଆମେରିକା ସେମାନଙ୍କ ସହିତ ବାଣିଜ୍ୟ ଚୁକ୍ତି କରିବ ନାହିଁ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏ ନେଇ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ୍ ମନେଟ ଏବଂ ଥାଇଲାଣ୍ଡ କାମଚଳା ପ୍ରଧାନମନ୍ତ୍ରୀ ଫୁମ୍‌ତାମ ୱେଚେୟାଚାଇଙ୍କ ସହ ସେ କଥା ହେବେ ବୋଲି ୨୬ ଜୁଲାଇରେ କହିଥିଲେ। ଏହା କହିବା ପରେ କାକତାଳୀୟ ନ୍ୟାୟରେ ଦୁଇ ଦେଶ ଆଲୋଚନା ଟେବୁଲରେ ବସିବା ପାଇଁ ସଙ୍କେତ ଦେଇଥିବା ଖବର ମିଳିଛି। ଏହା ନିଶ୍ଚିତ ଭାବେ ପଡ଼ୋଶୀ ଦେଶର ସୈନ୍ୟ ଓ ନାଗରିକଙ୍କ ପାଇଁ ଏକ ସକାରାତ୍ମକ ଖବର। ଏଠାରେ ମନେପକାଇ ଦିଆଯାଇପାରେ ଯେ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୫ ଜଣ ଭାରତୀୟ ଓ ଜଣେ ନେପାଳୀ ପର୍ଯ୍ୟଟକଙ୍କୁ ହତ୍ୟା କରାଯାଇଥିଲା। ପରେ ଭାରତ ପକ୍ଷରୁ ପାକିସ୍ତାନ ଉପରେ 'ଅପରେଶନ ସିନ୍ଦୂର' କରାଯାଇଥିଲା। ଫଳରେ ଦୁଇ ଦେଶ ମଧ୍ୟରେ ୪ ଦିନ ଧରି ଯୁଦ୍ଧ ଲାଗିଥିଲା। ଟ୍ରମ୍ପଙ୍କ ହସ୍ତକ୍ଷେପ ଯୋଗୁ ଯୁଦ୍ଧବିରତି ହୋଇଥିବା ନେଇ କୁହାଯାଇଥିଲା। ଅନୁରୂପ ଘଟଣା କାମ୍ବୋଡିଆ-ଥାଇଲାଣ୍ଡ ମଧ୍ୟରେ ଦେଖାଦେବା ପରେ ଟ୍ରମ୍ପଙ୍କ ଶାନ୍ତି ବୁଝାମଣା ପାଇଁ ସବୁଥିରେ ହସ୍ତକ୍ଷେପ ଆଲୋଚନାର ବିଷୟ ହୋଇଛି। ହୁଏତ ଟ୍ରମ୍ପ ଏସବୁଥିରେ ଆମେରିକାକୁ ସୁହାଉଥିବା ବାଣିଜ୍ୟ ଚୁକ୍ତିକୁ ଆଖି ଆଗରେ ରଖୁଛନ୍ତି। ଅନ୍ୟପକ୍ଷେ ନୋବେଲ ଶାନ୍ତିକୁ ଅନିଶା କରି ସେ ସବୁ ଦ୍ୱନ୍ଦ୍ୱ ଭିତରେ ନିଜକୁ ସାମିଲ କରି ଶାନ୍ତି ବାର୍ତ୍ତାର ଜ୍ଞାନ ବାଣ୍ଟୁଛନ୍ତି। ହୁଏତ କାମ୍ବୋଡିଆ ଓ ଥାଇଲାଣ୍ଡ ଏହି ମୁହୂର୍ତ୍ତରେ ସଂଘର୍ଷ ବଢ଼ାଇବାକୁ ଚାହୁଁ ନ ଥାଇ ପାରନ୍ତି। ତେବେ ଏହି ସମୟରେ ଟ୍ରମ୍ପଙ୍କ ହସ୍ତକ୍ଷେପ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ବାଟ ଫିଟାଇ ଥାଇପାରେ ବୋଲି କୁହାଯାଇପାରେ।

# ଜାତିଭିତ୍ତିକ ଜନଗଣନା: ଆଶା ଓ ସଂଶୟ



ଅଧ୍ୟାପକ ଗୋପବନ୍ଧୁ

ଶେଷରେ କେନ୍ଦ୍ର ସରକାର ଦେଶରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ଅପ୍ରତ୍ୟାଶିତ ଘୋଷଣା। କାରଣ ପୂର୍ବରୁ କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା ସପକ୍ଷରେ ନାହାନ୍ତି ବୋଲି ଘୋଷଣା କରିଥିଲେ ଓ ସାଧାରଣ ଜନତା ଭାବି ନେଇଥିଲେ ଯେ ଏ ସରକାର ସମୟରେ ଆଉ ଜାତିଭିତ୍ତିକ ଜନଗଣନା ହେବାର ସମ୍ଭାବନା ନାହିଁ। ଏପରି ପରିସ୍ଥିତିରେ ହଠାତ ଜାତିଭିତ୍ତିକ ଜନଗଣନା କରିବାର ଘୋଷଣା ଅନେକଙ୍କୁ ଚକିତ କରିଛି। ଏହା ଉପରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଦଳେ ଏହାକୁ ସ୍ୱାଗତ କରୁଥିବା ବେଳେ ଆଉ କେତେକେ ଏହାକୁ ସମର୍ଥନ କରୁନାହାନ୍ତି। ଯେଉଁମାନେ ଦିନେ ଜାତିଭିତ୍ତିକ ଜନଗଣନା ବିରୋଧରେ କହୁଥିଲେ ସେମାନେ ଏବେ ଚୁପ। ବିରୋଧୀ ମେଣ୍ଟ ଜାତିଭିତ୍ତିକ ଜନଗଣନା ସପକ୍ଷରେ ଦାବିକରି ଆସୁଥିଲା। ଏବେ ଏ ଘୋଷଣାକୁ ବିରୋଧୀ ମେଣ୍ଟ ମଧ୍ୟ ସ୍ୱାଗତ କରିଛି। ତେଣୁ ଜାତିଭିତ୍ତିକ ଜନଗଣନାର ସପକ୍ଷରେ ସମର୍ଥନ ମଜଭୁତ ଥିବା ବେଳେ ବିରୋଧୀ ସ୍ୱର କ୍ଷୀଣ।

ଦେଶରେ ଜାତିଭିତ୍ତିକ ଜନଗଣନା ସାମାଜିକ ବିକାଶ କ୍ଷେତ୍ରରେ ଅପରିହାର୍ଯ୍ୟ ବୋଲି ଅନେକଙ୍କ ମତ। ଏହାଦ୍ୱାରା ପ୍ରତ୍ୟେକ ଜାତି ଓ ଜାତିକୁ ନେଇ ଗଠିତ ହୋଇଥିବା ବର୍ଗ ସମ୍ବନ୍ଧରେ ଠିକ୍ ତଥ୍ୟ ମିଳିପାରିବ। ଏହା କେବଳ ପରିସଂଖ୍ୟାନକୁ ସୂଚିତ କରିବ ତାହା ନୁହେଁ, ଏହା ସହିତ ପ୍ରତ୍ୟେକ ବର୍ଗ ଓ ଜାତିର ଆର୍ଥିକ ଓ ଶିକ୍ଷାଗତ ସ୍ଥିତିକୁ ମଧ୍ୟ ସୂଚିତ କରିବ। ଫଳରେ ବିକାଶର ଦୌଡ଼ରେ କେଉଁ ଜାତି କେତେ ଆଗେଇଛି ଓ କେଉଁ ଜାତି ପଛରେ ପଡ଼ିଯାଇଛି ତାହା ତଥ୍ୟ ସହିତ ଉପଲବ୍ଧ ହେବ। ଏପରି କ୍ଷେତ୍ରରେ ତୁଳନାତ୍ମକଭାବେ ପଛରେ ପଡ଼ିଥିବା ଜାତିଗୁଡ଼ିକର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇପାରିବେ। ସେହିପରି ବର୍ଗ କ୍ଷେତ୍ରରେ ମଧ୍ୟ ତଥ୍ୟଭିତ୍ତିକ ସ୍ଥିତି ଉପଲବ୍ଧ ହୋଇପାରିବ। ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଦେଶରେ ଚାରୋଟି ବର୍ଗ ରହିଛି। ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଓ ସାଧାରଣ ବର୍ଗ। ଓଡ଼ିଶାରେ ସାମାଜିକ ଓ ଆର୍ଥିକ ଭାବେ ପଛୁଆ ବର୍ଗ(ଏସ୍‌ଇବିସି) ଓବିସିର ଏକ ପରିବର୍ଦ୍ଧିତ ରୂପ। ଜାତିଭିତ୍ତିକ ଜନଗଣନା ହେଲେ କେଉଁ ବର୍ଗର ସଂଖ୍ୟା କେତେ ଏବଂ ସେମାନେ ଚାକିରି ଓ ପ୍ରଶାସନିକ ସେବାରେ କେତେ ଅଛନ୍ତି, ଜମି ମାଲିକାନା ଓ ବାଣିଜ୍ୟ ବ୍ୟବସାୟରେ କେତେ ଅଛନ୍ତି ଏବଂ ଶିକ୍ଷା ଦୃଷ୍ଟିକୋଣରୁ କେତେ ଆଗେଇଛନ୍ତି ତାହାର ସ୍ପଷ୍ଟ ଚିତ୍ର ମିଳିପାରିବ। କୌଣସି ବର୍ଗ ନିଜର ସଂଖ୍ୟା ଅନୁପାତଠାରୁ ତଳେ ଥିଲେ ଆନୁପାତିକ ପ୍ରତିନିଧି ପାଇଁ ପଦକ୍ଷେପ ନିଆଯାଇପାରିବ।

ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତିଙ୍କ ପରିସଂଖ୍ୟାନ ନିର୍ଣ୍ଣୟ ହୋଇଆସିଛି। ଅର୍ଥାତ ତାଙ୍କ ସାମଗ୍ରିକ ସଂଖ୍ୟା କେତେ ପ୍ରତି ଜନଗଣନାରେ




ତାହାର ହିସାବ ମିଳୁଛି। କିନ୍ତୁ ସାମଗ୍ରିକଭାବେ ଏମାନେ ଉଚ୍ଚଶିକ୍ଷା, ପ୍ରଶାସନିକ ସେବା, ବାଣିଜ୍ୟ ବ୍ୟବସାୟ, ଜମିଜମା ମାଲିକାନା ଇତ୍ୟାଦି କ୍ଷେତ୍ରରେ କେତେ ଭାଗୀଦାରି, ତାହାର ପରିସଂଖ୍ୟାନ ନାହିଁ। ପ୍ରସ୍ତାବିତ ଜାତିଭିତ୍ତିକ ଜନଗଣନାରେ ଏହା ଉପରେ ଏକ ସ୍ପଷ୍ଟ ଚିତ୍ର ଉପଲବ୍ଧ ହେବ। ବଡକଥା ହେଉଛି ଏସ୍‌ଟି ଓ ଏସ୍‌ସି ଅନ୍ତର୍ଭୁକ୍ତ ପ୍ରତ୍ୟେକ ଜାତିର ଏ ଦୃଷ୍ଟିରୁ ସ୍ଥିତିଗତ ଅବସ୍ଥା କ'ଣ ତାହାର ପ୍ରାଞ୍ଜଳ ରୂପ ସମ୍ମୁଖକୁ ଆସିବ। ଦେଖାଯାଉଛି ଏହି ବର୍ଗ ଅନ୍ତର୍ଗତ ଜାତିଗୁଡ଼ିକ ମଧ୍ୟରେ ବିକାଶର ତାରତମ୍ୟ ରହିଛି। କିଛି ଜାତି ତୁଳନାତ୍ମକ ଭାବେ ବହୁ ଆଗକୁ ଆଗେଇ ଯାଇଥିବା ବେଳେ ଆଉ କେତେକ ଜାତି ପୂର୍ବବତ ତଳେ ପଡ଼ିଛନ୍ତି। ତେଣୁ ତଳେ ପଡିଥିବା ଜାତିମାନଙ୍କର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ଜାତିଭିତ୍ତିକ ଜନଗଣନା ସହାୟକ ହେବ। ସାମାଜିକ ସମତା ପ୍ରତିଷ୍ଠା ଦିଗରେ ଏହା ଉପାଦେୟ ହେବ।

ଦେଶରେ ସଂଖ୍ୟାଲଘୁମାନଙ୍କ ପରିସଂଖ୍ୟାନ ଜନଗଣନା ସମୟରେ କରାଯାଉଛି। କିନ୍ତୁ ତାଙ୍କ ସ୍ଥିତିଗତ ଅବସ୍ଥିତି ଉପରେ ତଥ୍ୟ ସଂଗ୍ରହ ହୁଏ ନାହିଁ। ଜାତିଭିତ୍ତିକ ଜନଗଣନା ହେଲେ ଏହା ମଧ୍ୟ ଉପଲବ୍ଧ ହେବ। ଭାରତବର୍ଷରେ ମୁଖ୍ୟ ସମସ୍ୟା ହେଉଛି ଓବିସି ପରିସଂଖ୍ୟାନକୁ ନେଇ। ସାଧୀନତା ପରେ ଜାତିଭିତ୍ତିକ ଜନଗଣନା ହୋଇନଥିବା ଯୋଗୁ ଏମାନଙ୍କ ସଂଖ୍ୟା କେତେ ଏବଂ ଆର୍ଥିକ ଓ ଶିକ୍ଷାଗତ ସ୍ଥିତି କ'ଣ, ଚାକିରି ଓ ପ୍ରଶାସନରେ ଭାଗୀଦାରି କେତେ, ତାହାର ତଥ୍ୟ ଉପଲବ୍ଧ ନୁହେଁ। ଦେଶରେ ଶେଷଥର ପାଇଁ ଜାତିଭିତ୍ତିକ ଜନଗଣନା ହୋଇଥିଲା ବ୍ରିଟିଶରାଜ ସମୟରେ ୧୯୩୧ ମସିହାରେ। ଏହାପରେ ୨୦୧୧ ମସିହାରେ ଜାତିଭିତ୍ତିକ ଜନଗଣନା ହୋଇଥିଲା, କିନ୍ତୁ ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ସାର୍ବଜନୀନ କରାଗଲା ନାହିଁ। ମଣ୍ଡଳ ଆୟୋଗ ୧୯୩୧ ମସିହାର ପରିସଂଖ୍ୟାନ ଆଧାରରେ ୧୯୮୦ ମସିହାରେ ତାଙ୍କ ରିପୋର୍ଟରେ ଓବିସିଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୫୨% ବୋଲି ଦର୍ଶାଇଥିଲେ। କିନ୍ତୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଓବିସି ସମ୍ବନ୍ଧିତ କେସ୍‌ରେ ଏହି ପରିସଂଖ୍ୟାନକୁ ଗ୍ରହଣ କରୁନାହାନ୍ତି। ନିର୍ଦ୍ଦିଷ୍ଟ ସଂଖ୍ୟା ସହିତ ସ୍ଥିତିଗତ ତଥ୍ୟ ମାଗୁଛନ୍ତି। ତେଣୁ ଜାତିଭିତ୍ତିକ ଜନଗଣନା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହା ବାଦ ଦେଶରେ ଅଗ୍ରସର ବା ସାଧାରଣ ବର୍ଗଙ୍କ ସଂଖ୍ୟା କେତେ ତାହାର ମଧ୍ୟ ତଥ୍ୟ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଏମାନଙ୍କ ଭାଗୀଦାରି କେତେ ତାହାର ମଧ୍ୟ ସ୍ପଷ୍ଟ ଚିତ୍ର ନାହିଁ। ଜାତିଭିତ୍ତିକ ଜନଗଣନାରେ ଏହା ମଧ୍ୟ ସ୍ପଷ୍ଟ ହେବ।

ଯେଉଁମାନେ ସାମାଜିକ ନ୍ୟାୟର ସମର୍ଥକ, ଯେଉଁମାନେ ସମତାଭିତ୍ତିକ ସମାଜ କଥା କହନ୍ତି, ଯେଉଁମାନେ ସମାଜକୁ ବିକାଶର ମାର୍ଗରେ ଆଗେଇ ନେବାକୁ ଚାହାନ୍ତି, ସେମାନେ ସର୍ବଦା ଜାତିଭିତ୍ତିକ ଜନଗଣନାର ସପକ୍ଷରେ ମତବ୍ୟକ୍ତ କରିଆସିଛନ୍ତି। ଏମାନଙ୍କ ମତରେ ଏକ ବିଷମ ସମାଜ କେବେବି କ୍ଷୀପ୍ର ବେଗରେ ଆଗେଇ ପାରିବ ନାହିଁ। ସାମାଜିକ ସମାନତା ନଥିଲେ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରିବ ନାହିଁ। ସମାନତା, ସ୍ୱତନ୍ତ୍ରତା, ଭ୍ରାତୃବିବାଦ ଓ ନ୍ୟାୟ ହୋଇଛି ଗଣତନ୍ତ୍ରର ଆଭୂଷଣ। ଜାତିବାଦ ହେଉଛି ଏ ସମସ୍ତର ପରିପନ୍ଥୀ। ଏଥିରୁ ମୁକ୍ତି ପାଇବା ପାଇଁ ହେଲେ ସମସ୍ତ ବର୍ଗର ସମାନ ଭାଗୀଦାରିକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଜାତି ଜାତି ମଧ୍ୟରେ ବିକାଶ ଦୃଷ୍ଟିରୁ ସମତୁଲ୍ୟତା ସ୍ଥାପନ କାରିବାକୁ ହେବ। ଯେଉଁଦିନ ସମସ୍ତ ଜାତି ବିକଶିତ ହୋଇ ପରସ୍ପରର ସମକକ୍ଷ ହୋଇଯିବେ ସେହିଦିନ ଜାତି ତାହାର ପ୍ରାସଙ୍ଗିକତା ହରାଇବ। ତେଣୁ ଏହି ଗୋଷ୍ଠୀଟି ଜାତିଭିତ୍ତିକ ଜନଗଣନା ସିଦ୍ଧାନ୍ତକୁ ସ୍ୱାଗତ କରିଛନ୍ତି ଓ ଆଶା ରଖିଛନ୍ତି ଜନଗଣନା ପରେ ପ୍ରତ୍ୟେକ ବର୍ଗ ସଂଖ୍ୟାନୁପାତରେ ସଂରକ୍ଷଣ ସୁବିଧା ପାଇପାରିବେ, ବିଶେଷ କରି ଓବିସିମାନେ। ଏହା ସହିତ ପଛରେ ପଡ଼ିଥିବା ଜାତିମାନଙ୍କର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇପାରିବ। ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିକୋଣରୁ ଏହା ଏକ ସକାରାତ୍ମକ ପଦକ୍ଷେପ।

ଯେଉଁମାନେ ଜାତିଭିତ୍ତିକ ଜନଗଣନାକୁ ବିରୋଧ କରୁଛନ୍ତି ତାଙ୍କ ସଂଶୟ ଯେ ଏହା ଦେଶରେ ଜାତିବାଦକୁ ବଢ଼ାଇବ ଓ ଜାତିବାଦୀ ରାଜନୀତିକୁ ପ୍ରସାରିତ କରିବ। ବେଳେବେଳେ ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀ, ଓବିସି, ଏସଟିଓ ଏସ୍‌ସିମାନେ ସଂଗଠିତ ହୋଇ ରାଜନୀତି ଆରମ୍ଭ କରିବେ। ସଂଖ୍ୟାବହୁଳ ଗୋଷ୍ଠୀ ସଂଖ୍ୟାନ୍ୟୂନଙ୍କ ଉପରେ ଅତ୍ୟାଚାର କରିବାର ସମ୍ଭାବନା ମଧ୍ୟ ରହିଛି। ଅଗ୍ରସର ଓ ଅନଗ୍ରସର ଜାତି ସମୂହ ମଧ୍ୟରେ ସଂଘର୍ଷର ବାତାବରଣ ତିଆରି ହେବ। ଜାତି ନାମରେ ଦକ୍ଷତାକୁ ଅଣଦେଖା କରାଯିବ। ଏପରି ଜନଗଣନା ଅନଗ୍ରସର ଜାତି ସମୂହକୁ ସଂଗଠିତ କରିଦେବ। ବର୍ତ୍ତମାନର ସାମାଜିକ ସ୍ଥିତାବସ୍ଥାକୁ ଭାଙ୍ଗିଦେବ। ବାସ୍ତବରେ ଏପରି ସଂଶୟ ଅମୂଳକ। ଭାରତ ଭାଇଚାରାର ଦେଶ। ସମସ୍ତେ ସମସ୍ତଙ୍କୁ ସମ୍ମାନ ଜଣାଇଲେ ଓ ସମସ୍ତେ ସମସ୍ତଙ୍କ ସମାନ ଅଧିକାରକୁ ସ୍ୱୀକାର କଲେ କୌଣସି ବିଭ୍ରାଟ ସୃଷ୍ଟି ହେବ ନାହିଁ। ଯେଉଁମାନେ ସମାଜର ପଛ ଧାଡ଼ିରେ ରହିଛନ୍ତି ତାଙ୍କୁ ଆଗକୁ ଆଣିବା ହେଉଛି ଜାତିଭିତ୍ତିକ ଜନଗଣନାର ଅସଲ ଉଦ୍ଦେଶ୍ୟ। ଲକ୍ଷ୍ୟ ହେଉଛି ସମସ୍ତଙ୍କୁ ସମସ୍ତ କ୍ଷେତ୍ରରେ ସମାନ ଭାଗୀଦାରି କରାଇ ରାଷ୍ଟ୍ରର ବିକାଶ ପ୍ରକ୍ରିୟାରେ ସାମିଲ କରିବା। ଏପରି ମହତ ପଦକ୍ଷେପକୁ ରାଜନୀତିର ଊର୍ଦ୍ଧ୍ୱରେ ରଖାଯାଉ ଓ ସରକାରଙ୍କ ନିଷ୍ପତ୍ତିକୁ ଆନ୍ତରିକତାର ସହିତ ସ୍ୱାଗତ କରାଯାଉ।

**ବାରିପଦା, ମୟୂରଭଞ୍ଜ,**
**ମୋ:୭୦୦୮୯୭୬୧୮୦**

# ହେପାଟାଇଟିସ୍ ଓ ଯକୃତ କର୍କଟ



ଡା. ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ବିଶ୍ୱବ୍ୟାପୀ ଏହି ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ହେପାଟାଇଟିସ୍ : ଚାଲ ଏହାକୁ ଭାଙ୍ଗିବା'। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରିଆସୁଛି। ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ୍ କୁହାଯାଏ। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ସଂକ୍ରାମକ ରୋଗ। ହେପାଟାଇଟିସ୍‌କୁ ୫ଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରା ନ ଯାଏ ତେବେ ଏହା ଲିଭର ସିରୋସିସ୍, ଲିଭର କ୍ୟାନ୍‌ସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍‌ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ। ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି। ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ମେ' ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍ବରର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।

ଲିଭର କ୍ୟାନ୍‌ସର ଏକ ମାରାତ୍ମକ ରୋଗ। କିନ୍ତୁ ଏହି ବ୍ୟାଧିର ନିରାକରଣ ହୋଇପାରେ। ପ୍ରତିବର୍ଷ ପୃଥିବୀରେ ୬ଲକ୍ଷ ବ୍ୟକ୍ତି ଲିଭର କ୍ୟାନ୍‌ସରରେ ମୃତ୍ୟୁବରଣ କରିଥାନ୍ତି। ସମଗ୍ର ପୃଥିବୀରେ ଏହି କ୍ୟାନ୍‌ସରର ସ୍ଥାନ ଷଷ୍ଠରେ। ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଭିତରେ ଏହି ରୋଗର ପ୍ରାଦୁର୍ଭାବ ବେଶି।



ପୁରୁଷଙ୍କ ଭିତରେ ଏହା ପଞ୍ଚମ ଓ ମହିଳାଙ୍କ ଭିତରେ ଏହା ଅଷ୍ଟମ ସ୍ଥାନରେ ଅଛି। ଫୁସ୍‌ଫୁସ୍ କ୍ୟାନ୍‌ସର ଓ ପେଟ କ୍ୟାନ୍‌ସର ପରେ ଲିଭର କ୍ୟାନ୍‌ସରରୁ ହିଁ ବେଶି ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି। ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକାରେ ହେପାଟାଇଟିସ୍ ବି ୮୦% ଓ ଆମେରିକା ଓ ଜାପାନ ଦେଶରେ ହେପାଟାଇଟିସ୍ ସି ୭୫% ହେଉଛି ଲିଭର କ୍ୟାନ୍‌ସରର ମୁଖ୍ୟ କାରଣ। ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜି ଓ ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ମାଧ୍ୟମରେ ଜଣଙ୍କଠୁ ଅନ୍ୟ ଜଣଙ୍କ ଶରୀରକୁ ପ୍ରବେଶ କରିଥାଏ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନ୍‌ସର ରୋଗରେ ପୀଡ଼ିତ ହୁଅନ୍ତି। ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମପାନ ସେବନ, ଡାଇବେଟିସ୍ ଓ ଆଫ୍ଲା ଟକ୍ସିନ୍ ସେବନ ମାଧ୍ୟମରେ ଲିଭର କ୍ୟାନ୍‌ସର ହୋଇଥାଏ। ହିମୋକ୍ରୋମାଟୋସିସ୍ (ଲିଭରରେ ଅତ୍ୟଧିକ ଲୌହକଣା ଜମିବା, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍ ଅଭାବ ବ୍ୟକ୍ତିଙ୍କୁ ମଧ୍ୟ ଏହି କ୍ୟାନ୍‌ସର ରୋଗ ହୁଏ। ଏହି କାରଣଗୁଡ଼ିକ ମଧ୍ୟରୁ ହେପାଟାଇଟିସ୍ ବି, ସି, ମଦ୍ୟପାନ, ଧୂମ ସେବନ, ଚର୍ବିଜନିତ ରୋଗ ଓ ଡାଏବେଟିସ୍ ହେଉଛି ପ୍ରଧାନ ରୋଗ, ଯେଉଁଥିରେ କି ପରବର୍ତ୍ତୀ ଅବସ୍ଥାରେ ରୋଗୀ ଲିଭର କ୍ୟାନ୍‌ସରରେ ଆକ୍ରାନ୍ତ ହୁଏ। ଭାରତରେ ହେପାଟାଇଟିସ୍ ବି ସାଧାରଣଃ ୨ରୁ ୭% ଜନସାଧାରଣଙ୍କ ଭିତରେ ଦେଖାଯାଏ।

ଦେଶରେ ହେପାଟାଇଟିସ୍‌ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଯାହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ବର୍ତ୍ତମାନ ପାଖାପାଖି ୫କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ଅଛନ୍ତି। ଯେଉଁମାନେ ପରବର୍ତ୍ତୀ କାଳରେ ଯକୃତ ସିରୋସିସ୍ ଓ ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇପାରନ୍ତି। ହେପାଟାଇଟିସ୍ ବି ଏଡ୍‌ସଠାରୁ ଶହେଗୁଣ ଅଧିକ ସଂକ୍ରାମକ। ଯକୃତ କର୍କଟ ରୋଗରେ ୯୦-୯୫% ବ୍ୟକ୍ତି ୬ମାସରୁ ୧ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ନ୍ତି। ତେଣୁ ଏହିପରି ଏକ ମାରାତ୍ମକ ବ୍ୟାଧିର ନିରାକରଣ ହେଉଛି ଆମ୍ଭମାନଙ୍କ ସମ୍ମୁଖରେ ଏବେ ବଡ଼ ଆହ୍ୱାନ। ଆମ୍ଭେମାନେ ଯଦି ହେପାଟାଇଟିସ୍ ବିକୁ ଟିକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତା'ହେଲେ ଲିଭର କ୍ୟାନ୍‌ସରର ସଂଖ୍ୟା ମଧ୍ୟ କମିଯିବ। ମଦ୍ୟପାନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନ୍‌ସରକୁ ମଧ୍ୟ ନିରାକରଣ କରାଯାଇ ପାରିବ। ରକ୍ତବ୍ୟାଙ୍କଗୁଡ଼ିକରେ ହେପାଟାଇଟିସ୍ ବି ଓ ସି ପରୀକ୍ଷା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଡାଇବେଟିସ, ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ବହୁକାଂଶରେ ନିୟନ୍ତ୍ରଣ ସାପେକ୍ଷ। ଆଫ୍‌ଲାଟକ୍ସିନ୍ ମାଧ୍ୟମରେ ଯେଉଁ ଲିଭର କ୍ୟାନ୍‌ସର ବ୍ୟାପେ, ତାହାକୁ ମଧ୍ୟ ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ମାଧ୍ୟମରେ ରୋକାଯାଇପାରିବ। ଜନସାଧାରଣଙ୍କ ମଧ୍ୟରେ ଏହି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନ୍‌ସର ଭଳି ଏକ ମାରାତ୍ମକ ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ।

**ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ,**
**କଟକ, ମୋ: ୯୪୩୭୦୫୧୯୫୭**

## ଏଇ ଭାରତରେ

ନିଶା କବଳରେ ମଣିଷ ବେଳେବେଳେ ଏତେ ହିଂସ୍ର ପାଲଟିଯାଏ ଯେ ଅତି ଅମାନୁଷିକ କାମ କରିବସେ। ଏମିତିକି ଜନ୍ମକଲା ମା'କୁ ବି ହତ୍ୟା କରିପାରେ! ଏଭଳି ଏକ ଘଟଣା ଘଟିଛି ହରିୟାଣାର ନୁହ ଜିଲା ରଣାସିକା ଗାଁରେ। ମାତ୍ର ୨୦ ଟଙ୍କା ପାଇଁ ଏହି ଗାଁର ଜମସେଦ ନିଜ ମା'କୁ କୁରାଢ଼ିରେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଜମସେଦ ଦୀର୍ଘଦିନ ଧରି ମଦ ଓ ଅନ୍ୟାନ୍ୟ ନିଶାରେ ବୁଡି ରହୁଥିଲେ। ନିଶା ପାଇଁ ସେ ଅନ୍ଧ ପାଲଟି ଯାଉଥିଲେ। ଏଥିପାଇଁ ସେ ପ୍ରାୟ ସମୟ ମା'ରଜିୟାକୁ ଟଙ୍କା ମାଗୁଥିଲେ। ମନା କଲେ ସେ ମାଡ଼ ଗାଳି ଦେଇ ଜୋର କରି ଟଙ୍କା ନେଇଯାଉଥିଲେ। ଏମିତିକି ଘରୁ ବିଭିନ୍ନ ଜିନିଷ ଚୋରି ବି କରୁଥିଲେ। ନିଶା କବଳରେ ସେ ଏମିତି ବାନ୍ଧି ହୋଇ ପଡିଥିଲେ ଯେ ତାକୁ ଅନ୍ୟ କିଛି ଜଣା ପଡୁ ନ ଥିଲା। ସେଥିପାଇଁ ତ ନିଶା ଖାଇବାକୁ ୨୦ ଟଙ୍କା ନ ଦେବାରୁ ସେ କ୍ରୋଧରେ ହିଂସ୍ର ପାଲଟି ଯାଇଥିଲେ। ଟଙ୍କା ନ ଦେଲେ ସେ ମା'କୁ ମାରିଦେବ ବୋଲି ଧମକ ବି ଦେଇଥିଲେ। ହେଲେ ରଜିୟା ନିଶା ଖାଇବା ପାଇଁ ଆଦୌ ଟଙ୍କା ଦେବେ ନାହିଁ ବୋଲି ସ୍ପଷ୍ଟ ଜଣାଇଥିଲେ। ଏହାପରେ ଜମସେଦ ଭୟଙ୍କର ଭାବରେ ରାଗି ଯାଇ ପାଖରେ ଥିବା କୁରାଢ଼ିରେ ଅତି ନିର୍ମମଭାବେ ହାଣି ହତ୍ୟା କରିଥିଲେ। ଜମସେଦଙ୍କ ଅନ୍ୟ ଦୁଇଭାଇ ଘରେ ନ ଥିବା ସମୟରେ ସେ ଏହି କାଣ୍ଡ ଘଟାଇଥିଲେ। ଘର ଲୋକେ ଏ ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରି ଜାମସେଦଙ୍କୁ ଜେଲ ପଠାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଜୁଲାଇ ୧୯୭୬

- ଭଦ୍ରକ ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ଯୁଗଳ କିଶୋର ପଟ୍ଟନାୟକ ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ ସୁପ୍ରିମ୍‌କୋର୍ଟରେ କରିଥିବା ଅପିଲକୁ କୋର୍ଟ ଖାରଜ କରିଦେଇଛନ୍ତି।
- ପାକିସ୍ତାନ ସରକାର ପୂର୍ବରୁ ଧାର୍ଯ୍ୟ ଥିବା ଯୌତୁକ ଦାବିର ହାରକୁ ୫ ହଜାର ଟଙ୍କାକୁ କମାଇ ଆଣି ଏ ସଂକ୍ରାନ୍ତରେ ଏକ ବିଲ୍ ପାର୍ଲାମେଣ୍ଟରେ ପାସ୍ କରିଛନ୍ତି।

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 7 | | | | | 6 | |
| | | | | | 1 | 3 | | 4 |
| 1 | 8 | | | | | | | 9 |
| | | 9 | 2 | | | | | |
| | 3 | | 8 | | 5 | | | |
| 4 | | 1 | | | 3 | | | |
| | | | | | | | 1 | |
| 7 | | | | | | | 8 | 5 |
| 2 | | | 6 | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 3 | 9 | 8 | 4 | 2 | 7 | 6 |
| 4 | 9 | 6 | 7 | 3 | 2 | 5 | 8 | 1 |
| 2 | 7 | 8 | 5 | 1 | 6 | 9 | 3 | 4 |
| 3 | 4 | 1 | 2 | 6 | 8 | 7 | 5 | 9 |
| 9 | 8 | 2 | 1 | 7 | 5 | 4 | 6 | 3 |
| 5 | 6 | 7 | 4 | 9 | 3 | 1 | 2 | 8 |
| 8 | 1 | 9 | 6 | 5 | 7 | 3 | 4 | 2 |
| 7 | 3 | 4 | 8 | 2 | 9 | 6 | 1 | 5 |
| 6 | 2 | 5 | 3 | 4 | 1 | 8 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରେ ଶାଳୀନତା ରହୁ

ମହାଶୟ,

ସମ୍ପ୍ରତି ବିଭିନ୍ନ ରାଜନୈତିକ ଦଳର ନେତାମାନେ ପରସ୍ପର ବିରୋଧରେ ଅଶାଳୀନ କଟୁ ମନ୍ତବ୍ୟ ଦେଉଥିବା ଦେଖାଯାଉଛି। ଏବେ ବାଲେଶ୍ୱରର ୨ ରାଜନେତାଙ୍କ ପରସ୍ପର ମଧ୍ୟରେ କୁତ୍ସାରଟନା ଏତେ ନିମ୍ନ ଧରଣର ଥିଲା ଯେ, ସେମାନଙ୍କଠାରୁ ତାହା ଆଶା କରାଯାଉନ ଥିଲା। ସମୟ ଥିଲା ସର୍ବଭାରତୀୟ ନେତା ବିଭିନ୍ନ ଦଳରେ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ପରସ୍ପର ସ୍ନେହ, ଶ୍ରଦ୍ଧା ଓ ସମ୍ପର୍କ ମଧୁର ଥିଲା। ନିର୍ବାଚନ ସମୟରେ ବିଭିନ୍ନ ଦଳ ନୀତି ବିରୋଧରେ ବିଷୋଦ୍‌ଗାର କରୁ ନ ଥିଲେ। ଏବେ ସାମ୍ବାଦିକ ସମ୍ମିଳନୀ କରି ଜଣେ ବିଧାୟକ ଓ ଅନ୍ୟଜଣେ ମହିଳା ସାଂସଦ ପ୍ରାର୍ଥୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚରମସୀମାରେ ପହଞ୍ଚିଯାଇଛି। ରାଜନୀତିରେ ତିକ୍ତତା ଏବେ ବଢ଼ିଯାଇଛି। ପଣ୍ଡିତ ନେହେରୁ ଓ ଅଟଳ ବିହାରୀ ବାଜପେୟୀ କଂଗ୍ରେସ-ଭାଜପା ଦଳର ପ୍ରତିଷ୍ଠିତ ରାଜନେତାଙ୍କ ମଧ୍ୟରେ ଯେଉଁଭଳି ଶ୍ରଦ୍ଧା ସମ୍ମାନ ବନ୍ଧୁତା ଥିଲା ତାହା ଆଜି ବିରଳ। ସଂସଦରେ ପରସ୍ପର ଶାଳୀନତାରେ ଭିତ୍ତିରେ ଯୁକ୍ତି ସମାଲୋଚନା କରୁଥିଲେ। ତତ୍କାଳୀନ ଶାସକ ଓ ବିରୋଧୀ ଦଳର ନେତାଙ୍କ ନୀତି ଆଦର୍ଶ ଓ ବ୍ୟକ୍ତିତ୍ୱ ଆଜିର ନେତା ଅନୁସରଣ କରନ୍ତୁ।

**-ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବରଷୁ ତପତ କଣା ପଛେ ମାରତଣ୍ଡ
ଆସୁ ପଛେ ଗରଜନ ବଜ୍ର ପରଚଣ୍ଡ
ଗହନ ଝଞ୍ଜା ବତାସି ଆସୁ ପଛେ ବେଗେ ଭାସି
ସେ ରାଇଜେ ନାହିଁ ତାର ପଥ
ଗୋଟିଏ ଆଶ୍ଳେଷେ ଯହିଁ ପୂରେ ମନୋରଥ ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଆଜି ୧୫ ଜିଲାରେ ବର୍ଷା, ୩୧ରୁ କମିବ

ଭୁବନେଶ୍ୱର,୨୭।୭(ଅନୁରାଧା ମହାରଣା)

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପଶ୍ଚିମବଙ୍ଗ ଉପକୂଳ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ବାଂଲାଦେଶର ସଂଲଗ୍ନ ଅଞ୍ଚଳ ଉପରେ କେନ୍ଦ୍ରୀଭୂତ ହୋଇ ଅବପାତର ରୂପ ନେଇଛି। ଏହି ଅବପାତ କ୍ରମଶଃ ଦୁର୍ବଳ ହୋଇ ପୁଣି ଲଘୁଚାପରେ ପରିଣତ ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ୧୫ ଜିଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ ଓ ସମ୍ବଲପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ବେଗରେ ପବନ ବହିବ। ଉପକୂଳ ଓ ଏହାର ଆଖପାଖ ଅଞ୍ଚଳ, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରଭିତରକୁ ଯିବାକୁ ବାରଣ କରାଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଜାରି ରହିବ ଓ ୩୧ରୁ ବର୍ଷା କମିପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।

# ଦେଶର ୭୦% ନାଗରିକ ସାମାଜିକ, ଆର୍ଥିକ ନ୍ୟାୟରୁ ବଞ୍ଚିତ

■ବିପ୍ଳବିଣୀଙ୍କ ସ୍ୱପ୍ନର ଭାରତବର୍ଷ ଆଜି କେଉଁଠି?

■ପ୍ରାଚୁର୍ଯ୍ୟଭରା ଓଡ଼ିଶାର ଲୋକେ ଗରିବ କାହିଁକି?

ଭୁବନେଶ୍ୱର, ୨୭।୭(ସୌମ୍ୟରଞ୍ଜନ ରାଉତ)

ସ୍ୱାଧୀନତାର ୭୭ ବର୍ଷ ପରେ ବି ଓଡ଼ିଶା ସମେତ ସମଗ୍ର ଦେଶରେ ୭୦ ପ୍ରତିଶତ ନାଗରିକ ସାମାଜିକ ଓ ଆର୍ଥିକ ନ୍ୟାୟରୁ ବଞ୍ଚିତ ରହୁଛନ୍ତି। ସେମାନଙ୍କ ପାଇଁ ବାସ୍ତବ ସ୍ୱାଧୀନତା ନିରର୍ଥକ ବୋଲି ସ୍ୱାଧୀନତା ସଂଗ୍ରାମର ୩ ବିପ୍ଳବିଣୀ ଲକ୍ଷ୍ମୀ ସେହଗଲ, ମାଳତୀ ଚୌଧୁରୀ, ଅରୁଣା ଆସଫ ଅଲ୍ଲୀ ଓ ସମାଜବାଦୀ ନେତା ତଥା ପରିବେଶ ଆନ୍ଦୋଳନର ଭୀଷ୍ମ ପିତାମହ ବାଙ୍କବିହାରୀ ଦାସଙ୍କ ସ୍ମୃତି ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ରବିବାର 'ଧନୀ ଓଡିଶାର ଗରିବ ଓଡ଼ିଆ' ଶୀର୍ଷକ ଆଲୋଚନାଚକ୍ର ସୂର୍ଯ୍ୟକାନ୍ତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।



ଆଲୋଚନାଚକ୍ରରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ସହ ଅନ୍ୟମାନେ।

ଏହି ଅବସରରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ, ୫୦ ଦଶକରେ ରାଜ୍ୟପାଳଙ୍କ ପତ୍ନୀ ଅରୁଣା ଆସଫ ଅଲ୍ଲୀ ଗାଡିରୁ ଓହ୍ଲାଇ ପଡ଼ି ଛାତ୍ରମାନଙ୍କ ସହିତ ମିଶି ରାଜରାସ୍ତାରେ 'ୟେହ ଆଜାଦି ଝୁଟି ହେ ଦେଶ କୀ ଜନତା ଭୁଖୀ ହେ' ଦେଇଥିବା ନାରା ଆଜି ବି ଦେଶବ୍ୟାପୀ ପ୍ରତିଧ୍ୱନିତ ହେଉଛି। କାରଣ ସରକାରୀ ହିସାବରେ ଆଜିର ଦିନରେ ମଧ୍ୟ ୮୦ କୋଟି ଲୋକ ଦେଶରେ ମାଗଣା ଚାଉଳ ଉପରେ ନିର୍ଭରଶୀଳ। ବିପ୍ଳବିଣୀଙ୍କ ସ୍ୱପ୍ନର ଭାରତବର୍ଷ ଆଜି କେଉଁଠି? ପ୍ରାଚୁର୍ଯ୍ୟଭରା ଓଡ଼ିଶାର ଲୋକେ ଗରିବ କାହିଁକି? ବୋଲି ଦେବୀପ୍ରସନ୍ନ ପ୍ରଶ୍ନ କରିଥିଲେ। ସେହିପରି ସେ ବାଙ୍କବିହାରୀ ଦାସଙ୍କୁ ନୀତି ଓ ଆଦର୍ଶର ରାଜନେତା ଭାବେ ଅଭିହିତ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ସଂଗ୍ରାମୀଙ୍କ ସ୍ୱପ୍ନକୁ ସାର୍ଥକ କରିବାକୁ ଯୁବ ଓ ଛାତ୍ରମାନେ ନୂଆ ଢ଼ଙ୍ଗରେ ସାଲିସ ବିହୀନ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ସ୍ତମ୍ଭକାର ପ୍ରହ୍ଲାଦ ସିଂହ ଧନୀ ରାଜ୍ୟରେ ଲୋକେ ଗରିବ ରହିବା ଏକ ବିଡମ୍ବନା ବୋଲି କହିଥିଲେ। ଏଥିସହ ଲୁଣ, ଲୁଗା, ଅଣ୍ଡା, ଆଳୁ, ତେଲ, ଚିନିରୁ ଆରମ୍ଭ କରି ସବୁକିଛି ବାହାରୁ ଆସୁଥିବା ବେଳେ କେବଳ ଖଣି, ପାଣି, ଜଙ୍ଗଲ କୃଷି ଜମିକୁ ଶାଗ ମାଛ ଦରରେ ବିକ୍ରି ଚାଲିଛି ବୋଲି ତୀବ୍ର ସମାଲୋଚନା କରିଥିଲେ। ପରିବେଶବିତ ସୁଦର୍ଶନ ଦାସ, ବିଶ୍ୱଜିତ୍ ମହାନ୍ତି ଓ ଇନ୍‌ଟାକ୍‌ର ସମ୍ପାଦକ ଅନିଲ ଧୀର, ବିଜୟ ପ୍ରଧାନ ପ୍ରମୁଖ ବାଙ୍କବିହାରି ଦାସଙ୍କ ଚିଲିକା ବଞ୍ଚାଅ, ଭିତରକନିକା ଓ କଇଁଛ ସୁରକ୍ଷା ଆନ୍ଦୋଳନର ଗୁରୁତ୍ୱ ଅଧିକରୁ ଅଧିକ ରହିଛି ବୋଲି କହିଥିଲେ। ଏହା ବ୍ୟତୀତ ସରକାରଙ୍କ ଶିଳ୍ପପତି ପ୍ରେମ ହିଁ ଜଳ ବାୟୁ ପରିବେଶ ପ୍ରଦୂଷଣ ଓ ବିସ୍ଥାପନ ପାଇଁ ଦାୟୀ ବୋଲି କହିଥିଲେ। ଉଭୟ ମଣିଷ ଓ ପ୍ରାଣୀ ଏହାର କବଳିତ ହୋଇଛନ୍ତି। ଏହା ବିରୋଧରେ ସେମାନେ ମିଳିତ ଲଢେଇ ପାଇଁ ଆହ୍ୱାନ ଦେଇଥିଲେ। ପ୍ରସନ୍ନ ସେଠୀ, ମନୋରଞ୍ଜନ ନାୟକ,ଦୀପକ ନାୟକ, ଜ୍ୟୋତି ପ୍ରକାଶ ସ୍ୱାଇଁ, ଶରତ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନ କରିଥିଲେ। ସୀମନ୍ତିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଟାରୀ କ୍ଲବ ଏଞ୍ଜେଲାର ଅଧିଷ୍ଠାନ ଉତ୍ସବ



ଭୁବନେଶ୍ୱର, ୨୭।୭(ସୌମ୍ୟରଞ୍ଜନ ରାଉତ)

ରୋଟାରୀ କ୍ଲବ ଏଞ୍ଜେଲାର ୫ମ ଅଧିଷ୍ଠାନ ଉତ୍ସବ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପ୍ରାନ୍ତପାଳ (୨୫-୨୬) ରୋଟାରିଆନ ମନୋଜ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ୟୁନାଇଟେଡ୍ ଫର୍ ଗୁଡ୍ ଥିମ୍ ଅନୁସାରେ ଏକତା, ସେବା ଓ ମାନବିକତାକୁ ପାଥେୟ କରି କାର୍ଯ୍ୟ କରିବା ପାଇଁ ବାର୍ତ୍ତା ଦେଇଥିଲେ। ସହଯୋଗୀ ପ୍ରାନ୍ତପାଳ ରୋଟାରିଆନ ଝରଣା ପାଣି, ଜୋନାଲ ଚେୟାର ରୋଟାରିଆନ ଅଜିତ ପାଢ଼ୀ, ପୂର୍ବ ପ୍ରାନ୍ତପାଳ ରୋଟାରିଆନ ଶାନ୍ତନୁ ପାଣି, ଯଜ୍ଞାଶିଷ ମହାପାତ୍ର ପ୍ରମୁଖ ରୋଟାରୀର ମୂଲ୍ୟବୋଧ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ରୋଟାରିଆନ ସୁରଭି ଦାଶ ୨୦୨୫-୨୬ ମସିହା ପାଇଁ ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ସହିତ ସେବା ମାଧ୍ୟମରେ ନାରୀ ସଶକ୍ତୀକରଣ, ସ୍ୱାସ୍ଥ୍ୟ ଜାଗରୁକତା ଓ ସଡ଼କ ସୁରକ୍ଷା କ୍ଷେତ୍ରରେ କ୍ଲବର ଦୃଢ଼ ପଦକ୍ଷେପ ବାବଦରେ ଅବଗତ କରିଥିଲେ। ପରେ କ୍ଲବ୍ ବୁଲେଟିନ୍ 'ଆସ୍ଥା' ଉନ୍ମୋଚନ କରାଯାଇଥିଲା। ଏଥିସହ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଅନ୍ୟମାନଙ୍କୁ ପ୍ରେରଣା ଦେଉଥିବା ୧୦ଜଣ ଟ୍ରାନ୍ସଜେଣ୍ଡରଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟତମ ଅତିଥିଭାବେ ପୂର୍ବତନ ସଭାପତି ସବିତା ମହାନ୍ତି, ଅମିୟବାଳା ପରିଡ଼ା, ଚୁମକି ଘୋଷଲ, ଅମିତା ମିଶ୍ର, ତୃପ୍ତିରେଖା ଭଞ୍ଜଦେଓ, ଅର୍ପିତା ମହାନ୍ତି ପ୍ରମୁଖ କ୍ଲବର ସଦସ୍ୟ ଯୋଗଦେଇଥିଲେ। ରୋଟାରିଆନ ମମତା ମଞ୍ଜ ପରିଚାଳନା କରିଥିଲେ।

### ସତ୍ୟର ପର୍ଦ୍ଦାଫାଶ କଲା 'ପିସି'

ଭୁବନେଶ୍ୱର, ୨୭।୭ (ସୌମ୍ୟରଞ୍ଜନ ରାଉତ)

ବାଲ୍ମୀକି ନିଜ ନାମର ସାର୍ଥକତାକୁ ବଜାୟ ରଖି ଜଣେ ଲାଞ୍ଚଖୋର ନେତା, ପ୍ରମୋଶନ ସ୍ୱପ୍ନରେ ବିଭୋର ଥିବା ଜଣେ ବରିଷ୍ଠ ଅଧିକାରୀ, ଆଉ ସେମାନଙ୍କୁ ଅର୍ଥ ଦେଇ ବଶ କରି ରଖିଥିବା ଠିକାଦାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛି। ଯେଉଁମାନଙ୍କ ଚକ୍ରାନ୍ତରେ ଭୁଶୁଡ଼ି ପଡିଛି ନିର୍ମାଣାଧୀନ ଉଡ଼ନ୍ତା ପୋଲ। ଯାହାର ତଳେ ଜୀବନ ଚାଲିଯାଇଛି ଜଣେ ନିରୀହ ବାଳିକାର। ଏନେଇ ବାଲ୍ମୀକି ସାଥିରେ ହାତ ମିଳେଇଥିବା କିଛି ଅଧିକାରୀ, ଖବରଦାତାଙ୍କ ମିଳିତ ପ୍ରୟାସରେ ସତ୍ୟ ପର୍ଦ୍ଦାଫାଶ ହୋଇଛି। ଏପରି ଏକ କାହାଣୀକୁ ନେଇ ନୟାପଲ୍ଲୀସ୍ଥିତ ବିଜୁ ନାଟ୍ୟ କେନ୍ଦ୍ରଠାରେ ଶୁକ୍ରବାର ମଞ୍ଚସ୍ଥ ହୋଇଥିଲା ବିଶ୍ୱନାଥ ପତିଙ୍କ ରଚିତ ବିଘ୍ନରାଜ ଜେନାଙ୍କ ନିର୍ଦ୍ଦେଶିତ ନାଟକ 'ପିସି'। ଶତାବ୍ଦୀର କଳାକାର ପକ୍ଷରୁ ଅନୁଷ୍ଠିତ ନାଟକରେ ଅତିଥିଭାବେ ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ନାଟ୍ୟକାର ନାରାୟଣ ସାହୁ, ନିର୍ଦ୍ଦେଶକ ଗଣେଶ ମହାନ୍ତି ଓ ଜିତ୍ ଶତପଥୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସିକନ୍ଦର ଥିଲେ ସଙ୍ଗୀତ ଜଗତର ବେତାଜ୍ ବାଦ୍‌ଶାହ





ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍ ଓ ତାଳବାଦ୍ୟ ପରିବେଷକ ବସନ୍ତ କୁମାର ତିଆଡ଼ିଙ୍କୁ ଅତିଥିମାନେ ସମ୍ମାନ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୨୭।୭ (ସୌମ୍ୟରଞ୍ଜନ ରାଉତ)

■ମହମ୍ମଦ ସିକନ୍ଦର ଆଲାମ୍‌ଙ୍କ ୮୬ତମ ଜୟନ୍ତୀ

■ଲକ୍ଷ୍ମୀକାନ୍ତ ପାଲିତ, ବସନ୍ତ କୁମାର ତିଆଡ଼ି ସମ୍ମାନିତ

ଓଡ଼ିଆ ସଙ୍ଗୀତର ବିବିଧ ବର୍ଣ୍ଣାଳୀକୁ ସ୍ୱକୀୟ ସର୍ଜନାରେ ପ୍ରାଣବନ୍ତ କରିଥିଲେ ସଙ୍ଗୀତ ସାଧକ ମହମ୍ମଦ ସିକନ୍ଦର ଆଲାମ୍। ବେତାର ଓ ଦୂରଦର୍ଶନରୁ ବିବିସି ଲଣ୍ଡନ ପର୍ଯ୍ୟନ୍ତ ବିସ୍ତାରିତ ଥିଲା ଆଲାମ୍‌ଙ୍କ ସଙ୍ଗୀତର ବଳୟ। ସବୁ ପ୍ରକାରର ସଙ୍ଗୀତର ବିବିଧତାରେ ସିକନ୍ଦର ଥିଲେ ବେତାଜ୍ ବାଦ୍‌ଶାହ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ମହମ୍ମଦ ସିକନ୍ଦର ଆଲାମ୍ ଫାଉଣ୍ଡେଶନ୍ ପକ୍ଷରୁ ସିକନ୍ଦର ଆଲାମଙ୍କ ୮୬ତମ ଜୟନ୍ତୀ ଅବସରରେ ରବିବାର ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍‌ଙ୍କୁ 'ସିକନ୍ଦର ଆଲାମ୍ ସ୍ମାରକୀ ସମ୍ମାନ' ଓ ଲୋକପ୍ରିୟ ତାଳବାଦ୍ୟ ପରିବେଷକ ବସନ୍ତ କୁମାର ତିଆଡ଼ିଙ୍କୁ 'ସିକନ୍ଦର ଆଲାମ୍ ବାଦ୍ୟରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ଆଲାମ୍‌ଙ୍କ ସଙ୍ଗୀତ ସମର୍ପିତ ଜୀବନକୁ ନେଇ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ଡ. ଆଦ୍ୟାଶା ଦାସ, ମହାପ୍ରସାଦ କର, ରଣଦୀପ୍ ପାଲିତ୍, ବନ୍ଦିଶ୍ ପାଲିତ୍ ଓ ଯଶ୍ ମହାନ୍ତି ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ସାହିତ୍ୟିକ ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ, ବରିଷ୍ଠ ଅଭିନେତା ପ୍ରଶାନ୍ତ ନନ୍ଦ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ମନୋଜ ପାଣିଗ୍ରାହୀ, ପ୍ରଫୁଲ୍ଲ ସାମଲ ଓ ଡ. ଇତିରାଣୀ ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବାବେଳେ ଫାଉଣ୍ଡେଶନର ସମ୍ପାଦିକା ନାଜିଆ ଆଲାମ୍ ଧନ୍ୟବାଦ ଦେଇଥିଲେ।

### ଓଡ଼ିଆ ଅସ୍ମିତାର ପ୍ରତୀକ ବାରବାଟୀ ସମ୍ପୂର୍ଣ୍ଣ ଅବହେଳିତ

ଭୁବନେଶ୍ୱର, ୨୭।୭ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୫ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଜାତୀୟ ପ୍ରସାରଣ ଓ ମଲ୍ଟିମିଡିଆ ଏକାଡେମୀର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. ଦୀପକ ସାମନ୍ତରାୟ ଯୋଗଦେଇ କହିଲେ, ବାରବାଟୀକୁ ବାଦ୍‌ଦେଇ ଓଡ଼ିଶାର ଇତିହାସ କଳ୍ପନା କରିବା ସମ୍ଭବ ନୁହେଁ। ବାରବାଟୀ ସବୁ ସମୟରେ ପ୍ରେରଣାର ଉତ୍ସ ଭାବରେ ଓଡ଼ିଆ ଜାତିକୁ ଉଦ୍‌ବୁଦ୍ଧ କରିଛି। ପରିତାପର ବିଷୟ ଆଜି ଓଡ଼ିଆ ଜାତିର ଅସ୍ମିତାର ପ୍ରଭାବଶାଳୀ ପ୍ରତୀକ ବାରବାଟୀ ସମ୍ପୂର୍ଣ୍ଣ ଭାବେ ଅବହେଳିତ। ଗଡ଼ଖାଇର ପୁନରୁଦ୍ଧାର, ସାଇଟ୍ ସଂଗ୍ରହାଳୟ ସ୍ଥାପନ, ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ଯୋଗାଇ ଦିଆଯାଇପାରିଲେ ଆମେ କହିପାରିବା ଆମେ ବାରବାଟୀର ଡାକ ଶୁଣିଲୁ। ଐତିହ୍ୟକୁ ସମ୍ମାନ ଦେବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ। ଆସନ୍ତୁ ଆମ ଐତିହ୍ୟକୁ ସୁରକ୍ଷା ଦେବା। କାରଣ ଆମ ଐତିହ୍ୟ ହିଁ ଆମ ଅସ୍ମିତା ବୋଲି ଡ. ସାମନ୍ତରାୟ ମତ ରଖିଥିଲେ। ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବିଆଇଆଇଟିଏମ୍ କ୍ୟାମ୍ପସରେ ରକ୍ତଦାନ ଶିବିର





ଭୁବନେଶ୍ୱର,୨୭।୭(ଅନୁରାଧା ମହାରଣା)

ସ୍ୱର୍ଗତ କଳ୍ପତରୁ ଦାସଙ୍କ ୧୦ମ ଶ୍ରାଦ୍ଧୋତ୍ସବ ଅବସରରେ ବିଆଇଆଇଟିଏମ୍ କ୍ୟାମ୍ପସରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆମ ଓଡ଼ିଶା ରକ୍ତଦାନ ଏବଂ ରେଡ୍‌କ୍ରସ୍ ସହାୟତାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ବିଆଇଆଇଟିଏମ୍‌ର ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀ ରକ୍ତଦାନ କରିଥିଲେ। ଏମ୍‌ସର ପୂର୍ବତନ ରେଜିଷ୍ଟ୍ରାର ଡା. ବି. ବି. ମିଶ୍ର ଏବଂ ଶୈଳବାଳା ମିଶ୍ର, ବିଆଇଆଇଟିଏମ୍ ଅଧକ୍ଷ ପ୍ରଫେସର ଡ. ମିହିର ରଞ୍ଜନ ନାୟକ ଶିବିର ଉଦ୍‌ଘାଟନ କରିଥିଲେ। ସେମାନେ ସ୍ୱର୍ଗତ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ରକ୍ତଦାନର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ।

## କୈଳାସ ପୁହାଣ ହେଲେ ଆଞ୍ଚଳିକ ସମ୍ପାଦକ





ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)

**ସିପିଆଇ ଭୁବନେଶ୍ୱର ଜୋନ୍‌ର ୧୬ତମ ସମ୍ମିଳନୀ**

ସିପିଆଇର ୧୬ତମ ଭୁବନେଶ୍ୱର ଜୋନ୍ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଅସମ୍ଭାଳ ଦରଦାମ ବୃଦ୍ଧିରେ ଲଗାମ ଲଗାଇବା, ଖାଲିଥିବା ସମସ୍ତ ସରକାରୀ ପଦପଦବୀ ପୂରଣ କରିବା ଏବଂ ସମସ୍ତ ଠିକା ବ୍ୟବସ୍ଥା ଉଚ୍ଛେଦ ଦାବିରେ ଆନ୍ଦୋଳନ କରିବା ସହ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥାର ପ୍ରତିକାର, ସହର ମଝିରେ ଡମ୍ପିଂୟାର୍ଡ଼ ଉଚ୍ଛେଦ ପାଇଁ ନିୟମିତ ରାଜରାସ୍ତାରେ ଗଣ ଆନ୍ଦୋଳନ ଏବଂ ପ୍ରତିବାଦ କରିବା ପାଇଁ ସମ୍ମିଳନୀରେ ସ୍ଥିର କରାଯାଇଥିଲା। ସେହିପରି ପଟିଆଠାରେ ଅଗଷ୍ଟ ୨ ଓ ୩ରେ ହେବାକୁ ଥିବା ଜିଲା ସମ୍ମିଳନୀ ପାଇଁ ପ୍ରତିନିଧି ଚୟନ, ସେପ୍ଟେମ୍ବର ୪ରୁ ୬ଯାଏ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀ ଓ ଶତବାର୍ଷିକୀ ସମାରୋହକୁ ସଫଳ କରିବା ପାଇଁ ଭୁବନେଶ୍ୱର ଜୋନ୍ କମିଟିର ସମର୍ଥନ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଆଞ୍ଚଳିକ ସମ୍ପାଦକ ଭାବେ କୈଳାସ ପୁହାଣ ନିର୍ବାଚିତ ହୋଇଥିବାବେଳେ ରାକେଶ ପାତ୍ର, ଶରତ ସ୍ୱାଇଁ, ଶଙ୍କର ବାରିକ, ବିଶ୍ୱଜିତ ନାୟକ ସହ-ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଖୋର୍ଦ୍ଧାଜିଲା ସହସମ୍ପାଦକ ସତୀଶ ମିଶ୍ର ରାଜନୈତିକ ଓ ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଖୋର୍ଦ୍ଧା ଜିଲା ସମ୍ପାଦକ ଅମିୟ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ।

## ବୃଦ୍ଧାଶ୍ରମରେ ଜାତୀୟ ମାତାପିତା ଦିବସ ପାଳିତ



ଭୁବନେଶ୍ୱର,୨୭।୭(ସୁଚିସ୍ମିତା ସାହୁ)

ଆଲିଶା ଫାଉଣ୍ଡେଶନ ପକ୍ଷରୁ ପଟିଆସ୍ଥିତ 'ଖୁସିୟୋ କା ଘର' ବୃଦ୍ଧାଶ୍ରମରେ ଜାତୀୟ ମାତାପିତା ଦିବସ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ଅନ୍ନଦା ପ୍ରଭା ରାୟ ଓ ସଦସ୍ୟ ଅଶୋକ କୁମାର ଦାସ, ପ୍ରଶାନ୍ତ କୁମାର ମହାପାତ୍ର, ଦୁର୍ଗାମଣି ମହାପତ୍ର, ସୋଫିଆ ସ୍ୱାଇଁଙ୍କ ସହଯୋଗରେ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ପୂଜା କରାଯାଇଥିଲା। ନୂତନ ବସ୍ତ୍ର ପରିଧାନ କରାଯିବା ସହ ଖାଦ୍ୟ ପେୟ ବଣ୍ଟନ କରାଯାଇଥିଲା। ବୃଦ୍ଧାଶ୍ରମର ବୃଦ୍ଧ ମାତାପିତା ଅତ୍ୟନ୍ତ ଖୁସି ହୋଇ ଥିବାରୁ ପ୍ରତିଷ୍ଠାତା ସୁଜିତ କୁମାର ପରିଡା ଆଲିଶା ଫାଉଣ୍ଡେଶନକୁ ଧନ୍ୟବାଦ ଦେଇଥିଲେ।

## 'ଚିତ୍ରମୟ ପିଲାଦିନ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୨୭।୭ (ସୌମ୍ୟରଞ୍ଜନ ରାଉତ)

ପ୍ରାଣକୃଷ୍ଣ କଲ୍‌ଚରାଲ୍ ଫାଉଣ୍ଡେଶନ୍ ଟ୍ରଷ୍ଟ ବାଲେଶ୍ୱର ଓ ବନଫୁଲ ପ୍ରକାଶନୀ ଭୁବନେଶ୍ୱର ପକ୍ଷରୁ ଲେଖିକା ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କ ରଚିତ ସ୍ମୃତିଚିତ୍ର 'ଚିତ୍ରମୟ ପିଲାଦିନ' ପୁସ୍ତକ ରବିବାର ଜାତୀୟ ଅଭିଲେଖାଗାର ସମ୍ମିଳନୀ କକ୍ଷରେ ଲୋକାର୍ପିତ ହୋଇଯାଇଛି। ଉତ୍ସବରେ ଲେଖିକା ଡ. ମହାପାତ୍ର ସଭାପତିତ୍ୱ କରି ପୁସ୍ତକ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ଅନୀତି ପଣ୍ଡାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ଭାବେ ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକ ଡ. ମିହିର କୁମାର ସାହୁ, ସାହିତ୍ୟିକ ରବିନାରାୟଣ ସେନାପତି ଓ ପ୍ରଶାସକ ଶୋଭନ କର ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶନୀର ନିର୍ଦ୍ଦେଶକ ପବିତ୍ର ବ୍ରହ୍ମପୁତ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଶର୍ମିଷ୍ଠା ମହାପାତ୍ର ପରିଚାଳନା କରିଥିଲେ। ଡ. ସୁଶୀଳ କୁମାର ବାଗ୍ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କ 'ଚିତ୍ରମୟ ପିଲାଦିନ'କୁ ଉନ୍ମୋଚନ କରୁଛନ୍ତି।

## ପତଞ୍ଜଳି ଯୋଗପୀଠରେ କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର

ଭୁବନେଶ୍ୱର,୨୭।୭(ଅନୁରାଧା ମହାରଣା)

ପତଞ୍ଜଳି ୱେଲ୍‌ନେସ ଓ ଉଦ୍ଧାର ଜୈଫଗିଜ ନାଗପୁରର ମିଳିତ ତତ୍ତ୍ୱାବଧାନରେ ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠରେ ଦୁଇଦିନିଆ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୫୦ରୁ ଅଧିକ ଦିବ୍ୟାଙ୍ଗ ଲାଭାର୍ଥୀଙ୍କୁ ମାଗଣାରେ କୃତ୍ରିମ ହାତ, ପାଦ, କେଲିପର ଏବଂ ବୈଶାଖୀ ଆଦି ସହାୟକ ଉପକରଣ ବଣ୍ଟନ କରାଯାଇଛି। ପ୍ରତି ୩ରୁ ୪ ମାସ ଅନ୍ତରରେ ଏଭଳି ଶିବିର ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ପତଞ୍ଜଳି ଯୋଗପୀଠର ପ୍ରତିଷ୍ଠାତା ତଥା ଯୋଗଗୁରୁ ରାମଦେବ ଏବଂ ମହାସଚିବ ଆଚାର୍ଯ୍ୟ ବାଲକୃଷ୍ଣ ଦିବ୍ୟାଙ୍ଗଜନଙ୍କୁ ଉପକରଣ ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭରତା ପାଇଁ ଉତ୍ସାହିତ କରିଥିଲେ। ସ୍ୱାମୀ ରାମଦେବ କହିଛନ୍ତି, ଏମାନେ ଦିବ୍ୟାଙ୍ଗ ନୁହନ୍ତି, ଦିବ୍ୟ ଆତ୍ମା ଅଟନ୍ତି। ସେମାନଙ୍କୁ ସହାନୁଭୂତି ନୁହେଁ, ସଶକ୍ତୀକରଣର ଆବଶ୍ୟକତା ରହିଛି। ଆଚାର୍ଯ୍ୟ ବାଲ୍‌କୃଷ୍ଣ କହିଲେ, ପତଞ୍ଜଳିର ଲକ୍ଷ୍ୟ କେବଳ ଆୟୁର୍ବେଦିକ ସ୍ୱାସ୍ଥ୍ୟ ନୁହେଁ, ବରଂ ପ୍ରତ୍ୟେକ ମାନବକୁ ଆତ୍ମନିର୍ଭର କରାଇବା ହେଉଛି ଆମର ରାଷ୍ଟ୍ର ସେବା।



ଏହି ଶିବିର ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତି, ଉଦ୍ଧାର ସେବା ସମିତି, ଅଭିଜ୍ଞ ଚିକିତ୍ସକ, ଦକ୍ଷ ଟେକ୍ନିସିଆନ ଏବଂ ପତଞ୍ଜଳି ସେବା ବିଭାଗର କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ସମ୍ପନ୍ନ ହୋଇଛି। ଶିବିରରେ ଉପକରଣ ବଣ୍ଟନ ସହିତ ଲାଭାର୍ଥୀଙ୍କ ପାଇଁ ମାପଚୁପ, ଫିଟିଂ, ଫିଜିଓଥେରାପି ଏବଂ ପରାମର୍ଶର ମଧ୍ୟ ସୁବ୍ୟବସ୍ଥା କରାଯାଇଥିଲା। ଶିବିରରେ ସ୍ୱାମୀ ବିଦେହଦେବ, ସ୍ୱାମୀ ପୁଣ୍ୟଦେବ, ପୂଜା ପ୍ରମୁଖଙ୍କ ସହ ଉଦ୍ଧାର ଟିମ୍ ମ୍ୟାନେଜମେଣ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। ଶିବିରକୁ ସଫଳ କରିବାରେ ସଞ୍ଜୟ, ରୁଚିକା ଅଗ୍ରୱାଲ, ଶ୍ରୁତି, ପ୍ରଧୁମନ, ରବି, ଦିବ୍ୟାଂଶୁ, କୃଷ୍ଣା, ନୀହାରିକା, ଦିବ୍ୟା, ଦୀନଦୟାଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ୨୫ ଟ୍ରେନ୍ ବାତିଲ, ୧୨ ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ

ଭୁବନେଶ୍ୱର,୨୭।୭ (ଅନୁରାଧା ମହାରଣା)

ସମ୍ବଲପୁର ଷ୍ଟେଶନରେ ପ୍ରମୁଖ ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ବିଭିନ୍ନ ନିରାପତ୍ତା ସମ୍ବନ୍ଧୀୟ ଭିତ୍ତିଭୂମି କାର୍ଯ୍ୟ ଏବଂ ଯାତ୍ରୀ ସୁବିଧା କାର୍ଯ୍ୟ ମଧ୍ୟ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ୨୫ଟି ଟ୍ରେନ ବାତିଲ କରାଯାଇଥିବାବେଳେ ୧୨ ଟ୍ରେନର ମାର୍ଗ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି। ୬୮୨୧୩ ଟିଟିଲାଗଡ଼-ବିଳାସପୁର ପାସେଞ୍ଜର, ୫୮୩୦୫ ବଲାଙ୍ଗୀର-ପୁରୁଣାକଟକ ପାସେଞ୍ଜର, ୫୮୩୦୬ ପୁରୁଣାକଟକ - ବଲାଙ୍ଗୀର ପାସେଞ୍ଜର, ୫୮୩୦୭ ବଲାଙ୍ଗୀର-ପୁରୁଣାକଟକ ପାସେଞ୍ଜର, ୫୮୩୦୮ ପୁରୁଣାକଟକ - ବଲାଙ୍ଗୀର ପାସେଞ୍ଜର, ୫୮୩୦୯ ବଲାଙ୍ଗୀର - ସୋନପୁର ପାସେଞ୍ଜର ଏବଂ ୬୮୨୧୮ ରାୟପୁର -ଟିଟିଲାଗଡ଼ ପାସେଞ୍ଜର ଅଗଷ୍ଟ ୭ରୁ ୧୫ ପର୍ଯ୍ୟନ୍ତ ବାତିଲ ରହିବ। ୬୮୨୧୪ ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର ଏବଂ ୬୮୨୧୭ ଟିଟିଲାଗଡ଼-ରାୟପୁର ପାସେଞ୍ଜର ଅଗଷ୍ଟ ୮ରୁ ୧୪ ପର୍ଯ୍ୟନ୍ତ ବାତିଲ ରହିବ। ୫୮୩୦୩ ସମ୍ବଲପୁର-ଜୁନାଗଡ଼ ରୋଡ୍ ପାସେଞ୍ଜର ଅଗଷ୍ଟ ୬ରୁ ୧୫ ଯାଏ ବାତିଲ ରହିବ। ୫୮୩୦୪ ଜୁନାଗଡ଼ ରୋଡ- ସମ୍ବଲପୁର ପାସେଞ୍ଜର, ୧୮୩୦୩/୧୮୩୦୪ ସମ୍ବଲପୁର-ପୁରୀ-ସମ୍ବଲପୁର ଏକ୍ସପ୍ରେସ୍ ଏବଂ ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ଏକ୍ସପ୍ରେସ ଅଗଷ୍ଟ ୭ରୁ ୧୬ ଯାଏ ବାତିଲ ରହିବ। ୫୮୩୧୦ ସୋନପୁର- ବଲାଙ୍ଗୀର ପାସେଞ୍ଜର ଅଗଷ୍ଟ ୮ରୁ ୧୬ ପର୍ଯ୍ୟନ୍ତ ବାତିଲ ରହିବ। ବାତିଲ ହୋଇଥିବା ଅନ୍ୟଟ୍ରେନ୍ ମଧ୍ୟରେ ସମ୍ବଲପୁର-ନାନ୍ଦେଡ ଏକ୍ସପ୍ରେସ, ସମ୍ବଲପୁର ଏକ୍ସପ୍ରେସ, ସମ୍ବଲପୁର-ଶାଲିମାର ଏକ୍ସପ୍ରେସ, ଶାଲିମାର- ସମ୍ବଲପୁର ଏକ୍ସପ୍ରେସ, ବିଶାଖାପାଟଣା- ବନାରସ ଏକ୍ସପ୍ରେସ, ବନାରସ- ବିଶାଖାପାଟଣା ଏକ୍ସପ୍ରେସ, ସମ୍ବଲପୁର-ବୌଦ୍ଧ ଏକ୍ସପ୍ରେସ, ବୌଦ୍ଧ-ସମ୍ବଲପୁର ଏକ୍ସପ୍ରେସ,ବୌଦ୍ଧ- ଭୁବନେଶ୍ୱର-ବୌଦ୍ଧ ଏକ୍ସପ୍ରେସ ଆଦି ରହିଛି। ମାର୍ଗ ପରିବର୍ତ୍ତନ ହୋଇଥିବା ଟ୍ରେନ୍ ମଧ୍ୟରେ ତପସ୍ୱିନୀ ଏକ୍ସପ୍ରେସ, ଟାଟା-ଏର୍ଣ୍ଣାକୁଲମ ଏକ୍ସପ୍ରେସ, ଏର୍ଣ୍ଣାକୁଲମ-ଟାଟା ଏକ୍ସପ୍ରେସ, ତାମ୍ବରମ-ଜସିଡିହ ଏକ୍ସପ୍ରେସ, ଜସିଡିହ- ତାମ୍ବରମ ଏକ୍ସପ୍ରେସ, ସାଇନଗର ଶିରିଡି -ପୁରୀ ଏକ୍ସପ୍ରେସ, ଟାଟା- ଏସ୍‌ଏମ୍‌ଭିବି ବେଙ୍ଗାଲୁରୁ ଏକ୍ସପ୍ରେସ, ଏସ୍‌ଏମ୍‌ଭିବି ବେଙ୍ଗାଲୁରୁ-ଟାଟା ଏକ୍ସପ୍ରେସ, ଗୋରଖପୁର-ସମ୍ବଲପୁର ମୌର୍ଯ୍ୟ ଏକ୍ସପ୍ରେସ, ରେଙ୍ଗାଲି ଷ୍ଟେଶନ, ସମ୍ବଲପୁର-ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ ଝାରସୁଗୁଡା-ସମ୍ବଲପୁର (ମେମୁ) ଏବଂ ସମ୍ବଲପୁର-ଝାରସୁଗୁଡ଼ା (ମେମୁ) ଏବଂ ସମ୍ବଲପୁର-ଝାରସୁଗୁଡ଼ା (ମେମୁ), ଜମ୍ମୁ ତାୱି-ସମ୍ବଲପୁର ଏକ୍ସପ୍ରେସ ଆଦି ରହିଛି।

## ସଂକ୍ଷେପରେ

### ଖଣିରେ ଚଢ଼ାଉ: ଟ୍ରକ୍, ପାୱାର ଟ୍ରିଲର ଜବତ

ନିରାକାରପୁର,୨୭।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆ ଅଞ୍ଚଳରେ ରବିବାର ଏକ ଖଣିରେ ପୋଲିସ ଚଢାଉ କରିଛି। ଚଢ଼ାଉବେଳେ ଘଟଣାସ୍ଥଳରୁ ଏକ ପଥରବୋଝେଇ ଟ୍ରକ ଓ ପାୱାର ଟ୍ରିଲରକୁ ଜବତ କରାଯାଇଛି। ତେବେ ଚାଳକ ଟ୍ରକ ଛାଡ଼ି ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି।

### ଆଜି କୃଷ୍ଣପ୍ରସାଦ ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି

କୃଷ୍ଣପ୍ରସାଦ,୨୭।୭(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ପ୍ରଶାସନ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୁରୀର ନୂତନ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପୂର୍ବାହ୍ନ ୧୦ଟା ୩୦ରେ କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟରେ ହେବାକୁ ଥିବା ଜନଶୁଣାଣି ଶିବିରରେ ଯୋଗଦେବେ ବୋଲି ବିଡିଓ ଅମିୟ କୁମାର ପଣ୍ଡା ସୂଚନା ଦେଇଛନ୍ତି। ପ୍ରଥମ କରି ଜିଲାପାଳ ପରିଡ଼ା କୃଷ୍ଣପ୍ରସାଦ ବ୍ଲକକୁ ଆସୁଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବ। ସୋମବାର ହେବାକୁ ଥିବା ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଜନସାଧାରଣ ଅଭିଯୋଗ ନେଇ ଉପସ୍ଥିତ ରହିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

### ବୟାନ ରେକର୍ଡ ପାଇଁ ଦିଲ୍ଲୀ ଗଲା ବଲଙ୍ଗା ପୋଲିସ

#### ଛାତ୍ରୀଙ୍କୁ ଜାଳିଦେବା ଘଟଣା

ବଲଙ୍ଗା,୨୭।୭(କେଦାରେଶ୍ୱର ନନ୍ଦ)

ବଲଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣାକୁ ୯ଦିନ ପୂରିଥିଲେ ମଧ୍ୟ ପୋଲିସ ହାତ ଖାଲି। ପୁଣିଥରେ ଛାତ୍ରୀଙ୍କ ବୟାନ ରେକର୍ଡ କରିବା ପାଇଁ ରବିବାର ବଲଙ୍ଗା ପୋଲିସ୍, ପୁରୀ ହେଡ୍‌କ୍ୱାର୍ଟର୍ସର ସ୍ୱତନ୍ତ୍ର ଟିମ୍ ଓ କ୍ରାଇମବ୍ରାଞ୍ଚ ଟିମ୍ ଦିଲ୍ଲୀ ଯାଇଛନ୍ତି। ଡିଏସ୍‌ପି କଳ୍ପନା କହଁର, ବଲଙ୍ଗା ଓଆଇସି ଚିତ୍ତରଞ୍ଜନ ପଣ୍ଡା ଦିଲ୍ଲୀ ଯାଇଥିବା ସୂଚନା ମିଳିଛି। ସେଠାରେ ପୀଡ଼ିତାଙ୍କ ବାପା ଓ ଅନ୍ୟ ସଦସ୍ୟଙ୍କ ବୟାନ ରେକର୍ଡ ପାଇଁ ଟିମ୍ ଦିଲ୍ଲୀ ଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ବଲଙ୍ଗା ପୀଡ଼ିତାଙ୍କ ବୟାନରେ ତାଳମେଳ ରହୁ ନ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଭୁବନେଶ୍ୱର ଏମ୍ସ ଓ ଦିଲ୍ଲୀ ଏମ୍ସରେ ଦେଇଥିବା ବୟାନରେ ତାଳମେଳ ରହୁନାହିଁ। ତେଣୁ ପୁଣି ଥରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବୟାନ ରେକର୍ଡ ହେବ।

### ପଞ୍ଚାୟତ ସମିତି କାର୍ଯ୍ୟାଳୟର ନୂତନ ନାମଫଳକ ଲଗାଯିବାକୁ ଦାବି

ବୋଲଗଡ଼,୨୭।୭(ଦେବବ୍ରତ ହୋତା)

ବୋଲଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଉପରେ ଲାଗିଥିବା ଓଡ଼ିଆ ନାମଫଳକ କୌଣସି କାରଣରୁ ଭାଙ୍ଗିଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଏହା ଭାଙ୍ଗିଥିବା ଅଭିଯୋଗ ହେଉଛି। ତେବେ ନାମଫଳକ ଲଗାଯାଉ ନ ଥିବାରୁ ବ୍ଲକ କାର୍ଯ୍ୟାଳୟର ଅବସ୍ଥିତି ସମ୍ପର୍କରେ ଲୋକେ ଜାଣିପାରୁନାହାନ୍ତି। ତୁରନ୍ତ ଏହି ଭଗ୍ନ ନାମଫଳକ ହଟାଇ ନୂତନ ଫଳକ ଲଗାଇବା ପାଇଁ ସାମାଜିକକର୍ମୀ ଲଲାଟେନ୍ଦୁ ପଟ୍ଟନାୟକ, ମନୋଜ ପଣ୍ଡା, ପାଣ୍ଡବ ସାହୁ ଏବଂ ସଞ୍ଜୟ ବେହେରା ପ୍ରମୁଖ ଦାବି କରିଛନ୍ତି।

# ସର୍ଭେଲାନ୍ସରେ ବାର୍ଡ ଫ୍ଲୁ ଅଞ୍ଚଳ

## ବ୍ରଏଲର ନ ରଖିବାକୁ ପରାମର୍ଶ

- କୁକୁଡ଼ା, ବତକ ମଡ଼କ ହେଲେ ନିକଟସ୍ଥ କେନ୍ଦ୍ରକୁ ଜଣାଅ
- ଲୋକଙ୍କୁ ସଚେତନ କରୁଛି ଆର୍‌ଆର୍‌ଟି, ଚାଲିଛି ବିଶୋଧନ

ଖୋର୍ଦ୍ଧା,୨୭।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜଙ୍କିଆ ମୁଣ୍ଡାଆମ୍ବ ଅଞ୍ଚଳରେ ବାର୍ଡ ଫ୍ଲୁ ଘୋଷଣା ପରେ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୨ଟି କୁକୁଡ଼ା ଫାର୍ମରୁ ଦୁଇଟି ପର୍ଯ୍ୟାୟରେ ୬,୯୫୭ଟି ବ୍ରଏଲର ଏବଂ ୭୨୨ ଦେଶୀ କୁକୁଡ଼ା ମରାଯାଇ ପୋତାଯାଇଛି। ଉକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିବା ବେଳେ ଏହାର ଏକ କିମି ଅଞ୍ଚଳକୁ ସର୍ଭେଲାନ୍ସରେ ରଖାଯାଇଛି। ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ୮ଟି କୁକୁଡ଼ା କଲିଂ ଆର୍‌ଆର୍‌ଟି, ୩ଟି ସର୍ଭେଲାନ୍ସ ଏବଂ ଗୋଟିଏ ସୁପରଭିଜନ ଟିମ୍‌କୁ ମିଶାଇ ମୋଟ ୧୩ଟି ଦଳ ଏଥିରେ ନିୟୋଜିତ ଅଛନ୍ତି। କୁକୁଡ଼ା ଓ ବତକ ମରାଯାଇଥିବା ଫାର୍ମକୁ ଆଗାମୀ ୬ ମାସ ପର୍ଯ୍ୟନ୍ତ କୁକୁଡା ଚିଆଁ ରଖିବା ଓ ବିକ୍ରି ଉପରେ କଟକଣା ଜାରି ସହ ସିଲ୍ କରାଯାଇଛି। ଗୋଟିଏ ପଟେ ଆର୍‌ଆର୍‌ଟି ଏକ କିମି ପରିଧି ମଧ୍ୟରେ ଆସୁଥିବା ସମସ୍ତ କୁକୁଡ଼ା ଫାର୍ମରେ ଚୂନ ପକାଇ ବିଶୋଧନ କରୁଥିବାବେଳେ ସର୍ଭେଲାନ୍ସ ଟିମ୍ ସମ୍ପୃକ୍ତ



ଏକ କୁକୁଡ଼ା ଫାର୍ମକୁ ବିଶୋଧନ କରାଯାଉଛି।

ଅଞ୍ଚଳକୁ ନିରୀକ୍ଷଣ କରୁଛି। ସୁପରଭିଜନ ଟିମ୍ ୧୦ କିମି ପରିଧି ମଧ୍ୟରେ ଥିବା କୁକୁଡ଼ାଫାର୍ମ ଉପରେ ନଜର ରଖିଛି। କେଉଁଠି କେତେ କୁକୁଡ଼ା ରହିଛନ୍ତି, ଫାର୍ମ ସ୍ଥିତି କ'ଣ, ଏହାର ସ୍ୱଚ୍ଛତା ଓ ବିଶୋଧନ ଆଦି ଉପରେ ସୁପରଭିଜନ ଟିମ୍ ଗୁରୁତ୍ୱ ଦେଉଛି। ଅନ୍ୟ ୩ଟି ଦଳ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଘରବାରି, ଅଗଣାରେ ଲୁଚାଛପାରେ ଦେଶୀ କୁକୁଡ଼ା, ବ୍ରଏଲର ନ ରଖିବା ଅଥବା ଖାଇବା ପାଇଁ ସେମାନେ ବାରଣ କରୁଛନ୍ତି।

କୌଣସି ଅଞ୍ଚଳରେ କୁକୁଡ଼ା ଅଥବା ଅନ୍ୟ ପ୍ରାଣୀଙ୍କ ମୃତ୍ୟୁ ଘଟିଲେ, ତୁରନ୍ତ ନିକଟସ୍ଥ ପ୍ରାଣୀଧନ ଚିକିତ୍ସାଳୟ ସହ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏନେଇ ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ (ସିଡିଭିଓ) ଭାରପ୍ରାପ୍ତ ଡା. ରବି ପଟ୍ଟନାୟକ କହିଛନ୍ତି, ବାର୍ଡ ଫ୍ଲୁ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିବାବେଳେ ଏହାର ଏକ କିମି ଅଞ୍ଚଳକୁ ଆକ୍ଟିଭ ସର୍ଭେଲାନ୍ସରେ ରଖାଯାଇଛି। ଏଥିସହ ଅନ୍ୟ ବ୍ଲକରେ ମଧ୍ୟ ଭ୍ରାମ୍ୟମାଣ ପ୍ରାଣୀଧନ ଚିକିତ୍ସାଳୟ ଭ୍ୟାନ୍, ଆର୍‌ଆର୍‌ଟି ବୁଲି ଲୋକଙ୍କୁ ସଚେତନ ସହ କୁକୁଡ଼ା ମଳ, ସ୍ୱାବ୍ ସଂଗ୍ରହ କରି ପଠାଉଛନ୍ତି। ଉକ୍ତ ଅଞ୍ଚଳରେ କୌଣସି ଅପ୍ରୀତିକର ପରିସ୍ଥିତି ଘଟିନାହିଁ। ଟିମ୍ ପୂରା ସଜାଗ ଏବଂ ସଚେତନ ରହିଛି। କୌଣସି ପରିସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରାଣୀଧନ ବିଭାଗ ପ୍ରସ୍ତୁତ ରହିଛି ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ମୃତକଙ୍କ ନାମରେ ସୀମା ନିର୍ଦ୍ଧାରଣ ନୋଟିସ

## ପ୍ରଶାସନର ଅଜବ ନୀତି

ବେଗୁନିଆ,୨୭।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ତହସିଲ ଅଞ୍ଚଳରେ ଜଣେ ମୃତକଙ୍କ ନାମରେ ସୀମା ନିର୍ଦ୍ଧାରଣ ନୋଟିସକୁ ନେଇ ଚର୍ଚ୍ଚା ଚାଲିଛି। ଏହା ପ୍ରଶାସନର ଅଜବ ନୀତି ବୋଲି ଲୋକେ କହୁଛନ୍ତି। ବେଗୁନିଆ ତହସିଲ ଅନ୍ତର୍ଗତ କୁରାଡ଼ିଲୋ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ପଙ୍ଗାରସିଂହ ମୌଜାର ଖାତା ୩୭୮ ପ୍ଲଟ ୧୨୧୫କୁ ଦିନିଆରୀ ଗ୍ରାମର ବିପିନ ବିହାରୀ ମହାପାତ୍ର ରକ୍ଷଣାବେକ୍ଷଣ କରିଆସୁଛନ୍ତି। ୧୯୮୮ ମସିହାରେ ସେହି ପ୍ଲଟକୁ ଲାଗି ୨୪୦ ଡିସିମିଲ ଜମି ଲିଜ୍ ସୂତ୍ରରେ ତଳଗଡ଼ ଗ୍ରାମର ସ୍ୱର୍ଗତ ସାରଥ ବେହେରାଙ୍କୁ ଦିଆଯାଇଥିବା ବେଳେ ସେ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏପରିକି ବିଭିନ୍ନ ସମୟରେ ଜମିର ସୀମାକୁ ନେଇ ସ୍ୱର୍ଗତ ବେହେରାଙ୍କ ପୁତୁରା ଭଗବାନ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏହି ଜମିର ସୀମା ନିର୍ଦ୍ଧାରଣ କରିବା ପାଇଁ ବେଗୁନିଆ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସ୍ୱର୍ଗତ ସାରଥଙ୍କ ନାମରେ ବାରମ୍ବାର ନୋଟିସ ଜାରି ହୋଇଥିଲା। ଏ ନେଇ ମହାପାତ୍ର ତହସିଲଦାରଙ୍କୁ ଅବଗତ କରିବାରୁ ସୀମା ନିର୍ଦ୍ଧାରଣ ନୋଟିସ ସଂଶୋଧନ କରାଯାଇଥିଲେ ମଧ୍ୟ ପୁନଶ୍ଚ ୧୪୪ ଧାରା ଜାରି ହୋଇ ବିଚାରାଧୀନ ଥିବାବେଳେ ପୁଣି ନୋଟିସ ଜାରି କରାଯାଇଛି। ପ୍ରଶାସନ ପକ୍ଷରୁ ସୀମା ନିର୍ଦ୍ଧାରଣ ନୋଟିସ କିଭଳି ତରବରିଆ ଭାବେ ଜାରି ହେଉଛି, ତାହା ଏଥିରୁ ବୁଝାପଡୁଛି।

# ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ




ଅତିଥିଙ୍କ ଗହଣରେ ପୁରସ୍କାର ସହ ଖେଳାଳିମାନେ।

ଜଟଣୀ,୨୭।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅଧୀନ ଖୁଦୁପୁର ଛକସ୍ଥ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଗତ ଶୁକ୍ରବାରଠାରୁ ଚାଲିଥିବା ୟୁନିକ୍ସ ସନ୍‌ରାଇଜ୍ ଓଏସ୍‌ବିଏ ଅଲ୍‌ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମିନି ଅଣ୍ଡର ୦୯, ଅଣ୍ଡର ୧୧ ଏବଂ ସବ୍‌ଜୁନିୟର ଅଣ୍ଡର ୧୩ ରାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଦ୍ୱାରା ଆୟୋଜିତ ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ବରିଷ୍ଠ ମାନବସମ୍ବଳ ଓ ଆଡ୍‌ମିନ୍ ଚିତ୍ତରଞ୍ଜନ ପଟ୍ଟନାୟକ, ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ରବିନାରାୟଣ ରାଉତରାୟ, ଓଏସ୍‌ବିଏ ଉପସଭାପତି ପ୍ରଦୀପ ପଟ୍ଟନାୟକ, ଅବଦୁଲ ହାକିମ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ବିଭିନ୍ନ କାଟାଗୋରିରେ ସମୁଦାୟ ୩୩ ଜଣ ଖେଳାଳି କୃତିତ୍ୱ ହାସଲ କରିଥିବାବେଳେ ୧୨ଜଣଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅତିଥିମାନେ ଖେଳ ଓ ଖେଳାଳିଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଆୟୋଜକ ସଂଗଠନର ପ୍ରଶଂସା କରିଥିଲେ। ଦୀପକ ମହାନ୍ତି ଏହି ଟୁର୍ନାମେଣ୍ଟର ଅବଜରଭର ଥିବାବେଳେ କୌଶିକ ଦାସ, ପ୍ରସାଦ ଜଗଦେବ, ସୌଭାଗ୍ୟ ଜଗଦେବ, ପ୍ରଣୟ ପଟ୍ଟନାୟକ, ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ଆଇଟିବିପି ପକ୍ଷରୁ 'ଫିଟ୍ ଫର୍ ଇଣ୍ଡିଆ' ଶୋଭାଯାତ୍ରା




ଆଇଟିବିପି ଖୋର୍ଦ୍ଧା ପକ୍ଷରୁ ସହର ପରିକ୍ରମା ପାଇଁ ବାହାରିଥିବା 'ଫିଟ୍ ଫର୍ ଇଣ୍ଡିଆ' ସାଇକେଲ ଶୋଭାଯାତ୍ରା।

ଖୋର୍ଦ୍ଧା,୨୭।୭(ପ୍ରଭାତ ପାଣିଗ୍ରାହୀ)

୪୧ ବାଟାଲିୟନ ଇଣ୍ଡୋ-ତିବ୍ବତ ପୋଲିସ (ଆଇଟିବିପି) ବାହିନୀ ଖୋର୍ଦ୍ଧା ପକ୍ଷରୁ 'ଫିଟ୍ ଫର୍ ଇଣ୍ଡିଆ' ସାଇକେଲ ସଚେତନତା ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଣ୍ଟ ନରେନ୍ଦ୍ର ସିଂ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ତରତୁଆସ୍ଥିତ କାର୍ଯ୍ୟାଳୟଠାରୁ ଯବାନମାନେ ସାଇକେଲରେ ବାହାରି ଖୋର୍ଦ୍ଧା ସହର ପରିକ୍ରମା କରି ଫେରିଥିଲେ। ଏଥିରେ ଜାତୀୟ ଏକତା, ସଂହତିର ଝଲକ ଦେଖିବାକୁ ମିଳିଥିଲା। ରାଷ୍ଟ୍ର ଓ ସୀମା ସୁରକ୍ଷା ଏବଂ ମାଓବାଦୀ ଦମନରେ ଆଇଟିବିପିର କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ କମାଣ୍ଡାଣ୍ଟ ସିଂ ଆଲୋକପାତ କରିଥିଲେ।

# ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବ

ଝାଁଙ୍କା:୨୭।୭(ବୁଲା ବାରିକ)

ରୋଟାରି କ୍ଲବ ଭୁବନେଶ୍ୱର କନ୍‌ଫ୍ଲୁଏନ୍ସ ଆନୁକୂଲ୍ୟରେ ୧୮ତମ ବାର୍ଷିକ ଅଧିଷ୍ଠାନ ଉତ୍ସବ ରବିବାର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରୀତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ୍ ଡ. ସତ୍ୟବ୍ରତ ମୀନକେତନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରୋଟାରିଆନମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୨୫-୨୬ ବର୍ଷ ପାଇଁ ନୂତନ ସଭାପତି ଭାବେ ରୁଦ୍ରପ୍ରସନ୍ନ ହୋତା ଓ ସମ୍ପାଦକ ପ୍ରଣିତ କିଶୋର ଜେନାଙ୍କ ସମେତ ସମସ୍ତ ବୋର୍ଡ ସଭ୍ୟଙ୍କୁ ଅଧିଷ୍ଠିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ଗଭର୍ନର ପ୍ରତାପ ଚୌଧୁରୀ, ପୂର୍ବତନ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର, ଭବାନୀ ଚୌଧୁରୀ, ପୂର୍ବତନ ପ୍ରାନ୍ତପାଳ ସୌମ୍ୟରଞ୍ଜନ ମିଶ୍ର, ବରିଷ୍ଠ ରୋଟାରିଆନ କୈଳାସ କାନୁନ୍‌ଗୋ, ବିଷ୍ଣୁଚରଣ ସାହୁ, ଅଶୋକ ସାମଲ, କ୍ଷୀରୋଦ ମିଶ୍ର, ନୀଳାଚଳ ପ୍ରଧାନ, ଅଭିଳାଷ ପତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟୁତ ସେଠୀ ସଭା ପରିଚାଳନା କରିଥିବା ବେଳେ ଡାକ୍ତର କାଳିକୀଙ୍କର ସେନାପତି ଧନ୍ୟବାଦ ଦେଇଥିଲେ।

# ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

ବୋଲଗଡ଼,୨୭।୭(ଦେବବ୍ରତ ହୋତା)

ଖୋର୍ଦ୍ଧା ବରୁଣେଇ ଡାକବଙ୍ଗଳାରେ ରବିବାର ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପାଧ୍ୟକ୍ଷ ରଜନୀକାନ୍ତ ସାମନ୍ତରାୟଙ୍କ ପରିଚାଳନାରେ ଭାଜପା ମିଡିଆ ସେଲ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାର ସଚେତନ ଥିବା କହିଥିଲେ। ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡଜେନା ଯୋଗଦେଇ ରାଜ୍ୟ ବିକାଶରେ ଖବରଦାତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ




ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବୋଲି କହିଥିଲେ। ଖବରଦାତାଙ୍କ ସୁରକ୍ଷା ପ୍ରସଙ୍ଗରେ ସରକାର ଗମ୍ଭୀରତା ସହିତ ବିଚାର କରୁଥିବା ସେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ଭାଜପା ସଭାପତି ରଶ୍ମୀରଞ୍ଜନ ମହାପାତ୍ର ଯୋଗଦେଇ ଖବରଦାତାଙ୍କ କଲ୍ୟାଣରେ ନିୟୋଜିତ ସଂଘର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟ ସଂଘର ନବନିର୍ବାଚିତ କର୍ମକର୍ତ୍ତା ସଭାପତି ସଞ୍ଜୟ ଦାସ, ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, କୋଷାଧ୍ୟକ୍ଷ ପ୍ରସନ୍ନ ପୃଷ୍ଟି, ଉପସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ଦାସ, ସୁବାସ ପଣ୍ଡାଙ୍କ ସମେତ ୫ଜଣ କାର୍ଯ୍ୟକାରୀ ସଦସ୍ୟ ନାମ ଘୋଷିତ ହୋଇଥିଲା। ସେହିପରି ଖୋର୍ଦ୍ଧା ଜିଲା ସଭାପତି ହେମନ୍ତ ବେହେରା, ଉପସଭାପତି ଭାବେ ଦେବବ୍ରତ ହୋତା, ରଜନୀକାନ୍ତ ଜଗଦେବ, ଯୋଗେଶ ପଣ୍ଡା, ସମ୍ପାଦକ ନିରଞ୍ଜନ ନାୟକ ଓ କୋଷାଧ୍ୟକ୍ଷ ଭାବେ ମଞ୍ଜୁଲତା ଇନ୍ଦ୍ରଜିତ ନିର୍ବାଚିତ ହୋଇଛନ୍ତି। ଏଥିସହ ପୁରୀ, କଟକ, କଳାହାଣ୍ଡି ଓ ନୟାଗଡ ଆଦି ଜିଲାର କର୍ମକର୍ତ୍ତା ନିର୍ବାଚିତ ହୋଇଥିବାବେଳେ ସର୍ବସମ୍ମତି କ୍ରମେ ଉମାକାନ୍ତ ପଟ୍ଟନାୟକ ଭାରତୀୟ ଗଣମାଧ୍ୟମ ପରିଷଦର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ୪୦ ଜଣ ଖବରଦାତା ନୂତନ ଭାବେ ସଂଘର ସଦସ୍ୟତା ଗ୍ରହଣ କରିଥିଲେ।

# ସୋଲାର ଫ୍ରାଞ୍ଚାଇଜ୍ ଦେବା ଆଳରେ ୪.୫ ଲକ୍ଷ ଠକେଇ

## ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୭।୭(ସତ୍ୟଜିତ୍ ରାଉତ)

ସୋଲାର ସାମଗ୍ରୀର ଫ୍ରାଞ୍ଚାଇଜ୍ ଆଳରେ ୪.୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଭରତପୁର ଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡାର ଜ୍ୟୋତିରଞ୍ଜନ ପାଇକରାୟ (୪୮)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକେଇର ଶିକାର ହୋଇଥିବା ଅମରେଶ ପଣ୍ଡାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ଅଭିଯୋଗ ଅନୁସାରେ, ଅମରେଶ ଓ ଅଭିଯୁକ୍ତ ଜ୍ୟୋତିରଞ୍ଜନ ସେମାନଙ୍କ ବନ୍ଧୁଙ୍କ ଜରିଆରେ ଉଭୟ ଯୋଗାଯୋଗରେ ଆସିଥିଲେ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଅଧୀନରେ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ ପାଇଁ ସାମଗ୍ରୀ ଯୋଗାଉଥିବା ଜ୍ୟୋତିରଞ୍ଜନ ତାଙ୍କୁ କହିଥିଲେ। ଏପରିକି ଯାଜପୁର ଜିଲାରେ ଫ୍ରାଞ୍ଚାଇଜ୍ ଦେବାକୁ ସେ ଅମରେଶଙ୍କ ସହ ଚୁକ୍ତିନାମା କରି ୫ ଲକ୍ଷ ଟଙ୍କା ଦାବି କରିଥିଲେ। ଅମରେଶ ତାଙ୍କୁ ୪ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ଜ୍ୟୋତିରଞ୍ଜନ ୮ ଦିନ ମଧ୍ୟରେ ୨୫ ଲକ୍ଷ ଟଙ୍କାର ସୋଲାର ସାମଗ୍ରୀ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସୋଲାର ସାମଗ୍ରୀ ନ ଦେଇ ଦିନ ଗଡ଼ାଇ ଚାଲିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଜୁନ୍ ୩୦ରେ ଏକ ମାମଲା (ନଂ.୩୫୬/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ଅନିୟମିତତା ଅଭିଯୋଗର ତଦନ୍ତ ଆରମ୍ଭ

## ଶଗଡ଼ଭଙ୍ଗା-ବେତରଜଙ୍ଗ ସମବାୟ ସମିତି

ବେଗୁନିଆ,୨୭।୭(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଶଗଡ଼ଭଙ୍ଗା-ବେତରଜଙ୍ଗ ସମବାୟ ସମିତି କାର୍ଯ୍ୟାଳୟରେ ଅନିୟମିତତା ଯୋଗୁ ଚାଷୀ ଅସନ୍ତୋଷ ଦେଖାଦେଇଛି। ଚାଷୀଙ୍କୁ ଉପଯୁକ୍ତ ସେବା ମିଳୁ ନ ଥିବା ନେଇ ବିଭାଗୀୟ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏପରିକି ଆର୍ଥିକ କାରବାରରେ ଅନିୟମିତତା, ଅର୍ଥହଡ଼ପ ଓ ଋଣ ପ୍ରଦାନରେ ଦୁର୍ନୀତି କରାଯାଉଥିବା ନେଇ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧା ମଣ୍ଡଳ (ଏ.ଆର୍)ଙ୍କୁ ଗତ ୧୦ ତାରିଖରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପକ୍ଷରୁ ଲିଖିତ ଅଭିଯୋଗପତ୍ର ଦିଆଯାଇଥିଲା। ଏ ନେଇ ଶୁକ୍ରବାରଠାରୁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ କାର୍ଯ୍ୟାନୁଷ୍ଠାନକୁ ଚାଷୀମାନେ ଅପେକ୍ଷା କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଶଗଡଭଙ୍ଗା-ବେତରଜଙ୍ଗ ସମବାୟ ସମିତି କାର୍ଯ୍ୟାଳୟ ଉପରେ ଛିମା, ମାନପୁର, ପିଣ୍ଡାମୂଳ, ଗୋଡିକିଲୋ, ଲକ୍ଷ୍ମୀନାରାୟଣପୁର ଏବଂ ଶଗଡଭଙ୍ଗା - ବେତରଜଙ୍ଗ ଗ୍ରାମର ଚାଷୀ ନିର୍ଭର କରନ୍ତି। ତେବେ ଉକ୍ତ ସେବା ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ସେବା ମିଳୁନାହିଁ। ଋଣ ପ୍ରଦାନରେ ଚଞ୍ଚକତା, ଏପରିକି ଗୋଟିଏ ପ୍ଲଟ, ନିର୍ଦ୍ଦିଷ୍ଟ ଏରିଆ ଦର୍ଶାଇ ଏକାଧିକ ଚାଷୀଙ୍କୁ ଋଣ ପ୍ରଦାନ କରାଯାଇଛି। ଫସଲ ବୀମା ପଞ୍ଜୀକୃତ ସମୟରେ ଚାଷୀଙ୍କ ପ୍ରମାଣପତ୍ର ତଥ୍ୟ ସଂଗ୍ରହ ବେଳେ ବିଭ୍ରାନ୍ତିକର ନୀତିନିୟମ କହି ଫେରାଇ ଦିଆଯାଉଛି। ସେହିପରି ସବ୍‌ସିଡି ଯୋଗାଣରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଚାଷୀ ଏହାର ଫାଇଦାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ଯଦି ଅସୁବିଧା ସମ୍ପର୍କରେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି, ତାହାଲେ ଅଭିଯୋଗକାରୀଙ୍କ ଉପରେ ନାନା ଚାପ ପକାଯାଉଛି। ଅନିୟମିତତା ଉପରେ ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ପୃଥକ ପୃଥକ ଅଭିଯୋଗ ଫର୍ଦ୍ଦକୁ ଖୋର୍ଦ୍ଧା ଜିଲାପାଳ, ବିଭାଗୀୟ ଉପନିବନ୍ଧକ ଏବଂ ଭୁବନେଶ୍ୱରସ୍ଥିତ ନିବନ୍ଧକ ସମବାୟ ସମିତି ସମୂହ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଥିଲା। ଏହାକୁ ନେଇ ଖୋର୍ଦ୍ଧା ମଣ୍ଡଳ ସହକାରୀ ନିବନ୍ଧକ ଭାଗବତ ମାରାଣ୍ଡି ଏବଂ ସହକର୍ମୀମାନେ ଶୁକ୍ରବାର ଶଗଡଭଙ୍ଗା - ବେତରଜଙ୍ଗ ସମବାୟ ସମିତି କାର୍ଯ୍ୟାଳୟକୁ ଯାଇ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଉପଯୁକ୍ତ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଉପରେ ଯଦି ପ୍ରମାଣ ମିଳିବ, ତେବେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସହକାରୀ ନିବନ୍ଧକ ମାରାଣ୍ଡି କହିଛନ୍ତି।

# ଗୋଦାବରୀଶ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହ ଉଦ୍‌ଯାପିତ



ପ୍ରତିଷ୍ଠା ଦିବସ ସମାରୋହରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ବାଣପୁର,୨୭।୭(ଦିଲୀପ କୁମାର ସ୍ୱାଇଁ)

ଗୋଦାବରୀଶ ମହାବିଦ୍ୟାଳୟର ୬୯ତମ ପ୍ରତିଷ୍ଠା ଦିବସ ସମାରୋହର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମାଙ୍କ ସଂଯୋଜନା ଏବଂ ଅଧ୍ୟକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥିଭାବେ ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଓ ଭେଟେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଭୋଳ ଯୋଗଦେଇଥିଲେ। ମନ୍ତ୍ରୀ ହରିଚନ୍ଦନ ମହାବିଦ୍ୟାଳୟର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ମହାବିଦ୍ୟାଳୟକୁ ଏକ ଆଦର୍ଶ ଶିକ୍ଷାନୁଷ୍ଠାନରେ ପରିଣତ କରିବ ବୋଲି କହିଥିଲେ। ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ମିଳିତ ଉଦ୍ୟମ ଦ୍ୱାରା ଏହା ଏକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରିଣତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଯୁକ୍ତ୨ ଓ ଯୁକ୍ତ୩ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଲକ୍ଷ୍ମୀପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୭।୨୦୨୫

| | |
|---|---|
| ୭,୦୪,୭୩୧ ଟଙ୍କା | |
| ସୁନା | ୫୨୦ ମିଲିଗ୍ରାମ୍ |
| ରୁପା | ୫୭.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଲୁଟିଲେ ଦୁର୍ବୃତ୍ତ

ନିମାପଡ଼ା,୨୭।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଶ୍ରୀମୁଖ ବେହେରାସାହି ଗ୍ରାମର ବୃଦ୍ଧା ରଜନୀପ୍ରଭା ବେହେରା (୭୮)ଙ୍କ ବେକରୁ ସୁନାଚେନ ଭିଡ଼ିନେଇ ୨ ଲୁଟେରା ଚମ୍ପଟ ମାରିଛନ୍ତି। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ବୃଦ୍ଧା ଜଣକ ଦାଣ୍ଡଦୁଆରେ ବସିଥିବାବେଳ ବାଇକ୍‌ରେ ଦୁଇଜଣ ଆସି ତାଙ୍କ ବେକରୁ ୨ ଭରି ଓଜନର ସୁନାଚେନ ଭିଡ଼ିନେଇ ଶ୍ରୀମୁଖ ବଜାର ଆଡ଼କୁ ଦ୍ରୁତଗତିରେ ପଳାଇଥିଲେ। ଏନେଇ ରଜନୀପ୍ରଭାଙ୍କ ପୁଅ ରଶ୍ମିରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଲୁଟ୍ ହୋଇଥିବା ସୁନାଚେନ୍‌ର ମୂଲ୍ୟ ୨ ଲକ୍ଷରୁ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।

### ୪୦୦ ଲିଟର ପୋଚ, ଦେଶୀମଦ ଜବତ

ସାକ୍ଷୀଗୋପାଳ,୨୭।୭(ଭରତ ରାଉତ)

ସତ୍ୟବାଦୀ ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ କେତନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସାଣ୍ଡରା ପଞ୍ଚାୟତର ଷୋଳହଳ ଗ୍ରାମ ନିକଟସ୍ଥ ଜଙ୍ଗଲ ରାସ୍ତାରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀମଦ ଜବତ କରାଯାଇଛି। ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଚଢ଼ାଉ କରି ପ୍ଲାଷ୍ଟିକ ଜାର୍‌ରେ ଗଚ୍ଛିତ ଥିବା ୪୦୦ ଲିଟର ରନ୍ଧାମଦ ନଷ୍ଟ କରିବା ସହ ରୋଷେଇ ନିମନ୍ତେ ବ୍ୟବହୃତ ରନ୍ଧା ସାମଗ୍ରୀ ଯଥା- ୟୁରିଆ ସାର, ଗୁଡ଼, ରସହାଣ୍ଡି ଇତ୍ୟାଦି ଜବତ କରିଛି। ଏହି ଚଢ଼ାଉରେ କାହାକୁ ଗିରଫ କରାଯାଇ ନ ଥିବା ସୂଚନା ମିଳିଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ରାଜ୍ୟ ଅବକାରୀ ଆଇନ ଧାରା ଅନୁଯାୟୀ ୨୩୭/୨୫ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ସତ୍ୟବାଦୀ ଥାନା ପକ୍ଷରୁ ସୂଚନା ମିଳିଛି।

### ଜିଲାସ୍ତରୀୟ ଲୋକ ଅଦାଲତ, ୭ ମାମଲା ଫଇସଲା

ପୁରୀ,୨୭।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷା ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ରବିବାର ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ ଗୋଟି ଫଇସଲା ହୋଇଥିଲା। କାର୍ଯ୍ୟକ୍ରମରେ ପତିତପାବନ ପଣ୍ଡା, ଗିତିକା ଗର୍ଗ, ଏସ୍ ମହାପାତ୍ର, ଅନିମେଶ ଜେନା, ସୋନାଲି ମହାନ୍ତି, ଗ୍ରାମ୍ୟ ନ୍ୟାୟ ଅଧିକାରୀ ପ୍ରମୁଖ ମାମଲା ଗୁଡ଼ିକର ଫଇସଲା କରିଥିଲେ। ଏହି ଜିଲାସ୍ତରୀୟ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ।

### ନୂତନ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବଳଙ୍ଗା,୨୭।୭(କେଦାରେଶ୍ୱର ନନ୍ଦ)

ସ୍ଥାନୀୟ ବଳଙ୍ଗା ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧକ୍ଷ ନିରଞ୍ଜନ କୁମାର ମହାପାତ୍ର ଛାତ୍ରୀମାନଙ୍କୁ ସାମ୍ପ୍ରତିକ ସମୟରେ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଉକ୍ତ ମାଧ୍ୟମିକ ବିଦ୍ୟାଳୟର ରେଡ୍‌କ୍ରସ ଶାଖା ତରଫରୁ ଛାତ୍ରୀମାନଙ୍କୁ ନେଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ଚାରାରୋପଣ କରି ସଚେତନତା ବିଷୟରେ ଆଲୋଚନା କରିଥିଲେ।

# 'ନିମାପଡ଼ା କଲେଜକୁ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ କରାଯିବ'

ନିମାପଡ଼ା,୨୭।୭(ବିଚିତ୍ରାନନ୍ଦ ସାହୁ)



କଲେଜର ପ୍ରତିଷ୍ଠା ଦିବସ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିବୃନ୍ଦ।

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଓଡ଼ିଶାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ କରାଯିବ। କଲେଜର ବହୁବିଧ ବିକାଶ ପାଇଁ ଆବଶ୍ୟକ ସରକାରୀ ଅନୁଦାନ ଯୋଗାଇ ଦିଆଯିବ। ରବିବାର ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୨ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଏହା କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା ଆହୁରି କହିଛନ୍ତି ଯେ, ଆଜିର ଛାତ୍ରସମାଜ ଆଗାମୀ ସ୍ୱପ୍ନର ବାର୍ତ୍ତାବହ। ଓଡ଼ିଶାର ସାମଗ୍ରିକ ବିକାଶ ଓ ମଙ୍ଗଳ ପାଇଁ ଆମ ସରକାର ଦୃଢ ସଂକଳ୍ପବଦ୍ଧ। ଦେଶ ଓ ରାଜ୍ୟ ଆଗକୁ ବଢ଼ିବାରେ ଛାତ୍ର ଓ ଯୁବକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ପ୍ରକାଶ କରିଛନ୍ତି। କଲେଜ ପରିସରରେ ଆୟୋଜିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଓ ଐତିହାସିକ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, କଲେଜ ପରିଚାଳନା କମିଟି ସଭାପତି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, କଲେଜ ଆଲୁମ୍ନି ଆସୋସିଏଶନ ସଭାପତି ପ୍ରଫେସର ବସନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଶିକ୍ଷାନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମାରୋହରେ ଅଧକ୍ଷା ଅମିତା ମହାନାୟକ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିବାବେଳେ କଲେଜର ବିଭିନ୍ନ ସମସ୍ୟା ଓ ଛାତ୍ରୀଛାତ୍ରଙ୍କ ବିଭିନ୍ନ ମୌଳିକ ଅଭାବ ଅସୁବିଧା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢ଼ୀ, ଅଧ୍ୟାପକ ପ୍ରଦୀପ ଦାସ, ମାନସ ରଞ୍ଜନ ସ୍ୱାଇଁ, ସ୍ୱପ୍ନାରାଣୀ ମିଶ୍ର, ସୁବ୍ରତ ମହାନ୍ତି, ଅଶୋକ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ। କଲେଜର ୧୯ ଜଣ ସ୍ନାତକ ଟପ୍ପର, ଶ୍ରେଷ୍ଠ ଗ୍ରାଜୁଏଟ୍ ଓ ସ୍ନାତକୋତ୍ତର ବିଭାଗର ରସାୟନ ବିଜ୍ଞାନ, ବାଣିଜ୍ୟ, ଭୂତତ୍ତ୍ୱ ବିଜ୍ଞାନ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ଗଣିତ ବିଭାଗ ସମେତ ୫ଟି ବିଭାଗର ଟପ୍ପରଙ୍କ ସମେତ ମୋଟ ୨୪ ଜଣ କୃତୀ ବିଦ୍ୟାର୍ଥୀଙ୍କୁ ଉପମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କଲେଜ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମାରୋହରେ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଶୋଭାଯାତ୍ରା ମାଧ୍ୟମରେ ମହିଳା, ଶିଶୁ ସୁରକ୍ଷା ସଚେତନତା

ସାକ୍ଷୀଗୋପାଳ,୨୭।୭(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ସତ୍ୟବାଦୀରେ ଥିବା ୧୬୫ ଅଙ୍ଗନୱାଡ଼ି କେନ୍ଦ୍ରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳା ଓ ଶିଶୁମାନଙ୍କ ସୁରକ୍ଷା, ବେଟୀ ବଚାଅ ବେଟୀ ପଢ଼ାଅର ଆହ୍ୱାନ ଦେଇ ଏକ ଶୋଭାଯାତ୍ରା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଅଞ୍ଚଳ ପରିକ୍ରମା କରିଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ କାର୍ଯ୍ୟକ୍ରମର ମୁଖ୍ୟ ଭାବେ ରହିଥିଲେ। ସମାଜରେ ଝିଅ ଓ ପୁଅ ଉଭୟଙ୍କର ଅବଦାନ ରହିଛି। ଝିଅଙ୍କୁ ଉପଯୁକ୍ତ ସୁରକ୍ଷା ଦେଇ ପାଠ ପଢ଼ାଇଲେ ସେ ମଧ୍ୟ ସମାଜରେ ଜଣେ ଜଣେ ସମ୍ବଳ ହୋଇ ଉଭାହେବେ। ଅପରପକ୍ଷେ ଯଦି କୌଣସି କ୍ଷେତ୍ରରେ ଅସଦାଚରଣ ବା ସେହିଭଳି ମନ୍ଦ ଉଦ୍ଦେଶ୍ୟରେ କାହାଠାରୁ ଇଙ୍ଗିତ ମିଳେ, ତେବେ ମହିଳାଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ୍ ନମ୍ବର ୧୮୧, ଶିଶୁ ସୁରକ୍ଷା ହେଲ୍ପ ଲାଇନ୍ ନମ୍ବର ୧୦୯୮ ଓ ଏମର୍ଜେନ୍ସି ନମ୍ବର ୧୧୨ରେ ଯୋଗାଯୋଗ ପାଇଁ ସୂଚନା ଦିଆଯାଇଥିଲା।

## ସବୁଜ ପରିବେଶ ପାଇଁ ଗଛ ଲଗାଇଲେ ଗ୍ରାମବାସୀ



ଗ୍ରାମବାସୀ ଗଛ ଲଗାଉଛନ୍ତି ।

ପୁରୀ,୨୭।୭(ଅଜିତ୍ କୁମାର ମହାନ୍ତି)

ସବୁଜିମା ପରିବେଶ ସୃଷ୍ଟି କରିବାର ଲକ୍ଷ୍ୟନେଇ ମିଶନ ଓଡ଼ିଶାର ସ୍ୱେଚ୍ଛାସେବୀମାନେ ଗାଁ ଗାଁରେ ଗଛ ଲଗାଇବା କାର୍ଯ୍ୟକ୍ରମ ଚଳାଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଗ୍ରସର ମିଶନ ଓଡ଼ିଶାର ସଦସ୍ୟ ଅଜୟ ପ୍ରଧାନ ଓ ସବ୍ୟସାଚୀ ସେନାପତିଙ୍କ ନେତୃତ୍ୱରେ ହରେକୃଷ୍ଣପୁର ପଞ୍ଚାୟତ ଦକ୍ଷିଣ ଭୋଇ ସାହିର ବିଭିନ୍ନ ସ୍ଥାନରେ ମୋଟ ୮୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଏହି ଗଛ ଲଗାଇବା କାର୍ଯ୍ୟରେ ଗଛ ମଣିଷ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ପ୍ରକୃତି ବନ୍ଧୁ ବଦ୍ରୀ ମିଶ୍ର, ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ଦଳାଇ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ବାଲିଗୁଆଳି ଗ୍ରାମର ମଣ୍ଡଳ ସଭାପତି ଦୁର୍ଗା ପ୍ରସାଦ ପରିଡ଼ା, ସମ୍ପାଦକ ପ୍ରଶାନ୍ତ ପଣ୍ଡା, ଦୁର୍ଗା ପ୍ରସାଦ ପ୍ରଧାନ, ପ୍ରଶାନ୍ତ ଭୋଇ, ବ୍ୟାସଦେବ ବହିଆ, ଜୟନ୍ତ ଜେନା, ଶଙ୍କର ଭୋଇ, ପ୍ରସନ୍ନ ରାଉତ, ଦୀପକ ଜେନା ପ୍ରମୁଖ ଅନେକ ଗ୍ରାମବାସୀ ଉକ୍ତ କାର୍ଯ୍ୟରେ ଯୋଗଦେଇଥିଲ। "ମା'ଙ୍କ ଉଦ୍ଦେଶ୍ୟରେ ଦୁଇଟି ଗଛ ଲଗାନ୍ତୁ ଓ ସବୁଜ ପରିବେଶ ସୃଷ୍ଟି କରନ୍ତୁ" ସ୍ଲୋଗାନ ଦେଇଥିଲେ। ସମୟ ସହ ପରିବେଶ ଦିନକୁ ଦିନ ବିଗୁଡୁଥିବାରୁ ପରିବେଶକୁ କିପରି ଆଗାମୀ ଦିନରେ ସୁରକ୍ଷିତ ରଖିପାରିବା ସେ ଦିଗରେ କାର୍ଯ୍ୟ କରିବାକୁ ସମସ୍ତେ ଶପଥ ନେଇଛନ୍ତି ବୋଲି ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି।

# ଆଗାମୀ ପିଢ଼ି ଲାଗି ବୃକ୍ଷ ହେବ ଜୀବନରେଖା





ଗୋପ କୁଶଭଦ୍ରା ନଦୀ ନିକଟରେ ସ୍ୱେଚ୍ଛାସେବୀ ସଂଗଠନ ନିଃସ୍ୱାର୍ଥ ପରିବାର ପକ୍ଷରୁ ଚାରା ରୋପଣ କରାଯାଉଛି ।

ଗୋପ,୨୭।୭(ଭାରତୀ ଭୂଷଣ ଉପାଧ୍ୟାୟ)

**ନିଃସ୍ୱାର୍ଥ ପରିବାର ପକ୍ଷରୁ ମେଗା ବୃକ୍ଷରୋପଣ**

ଏବେଠାରୁ ଆମମାନଙ୍କୁ ବୃକ୍ଷ ପ୍ରତି ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଆସିଛି। ନଚେତ୍ ବୃକ୍ଷ ଆଗାମୀ ପିଢ଼ି ପାଇଁ ଜୀବନରେଖା ସଦୃଶ ହେବ ବୋଲି ରବିବାର ଗୋପ ବ୍ଲକ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନିଃସ୍ୱାର୍ଥ ପରିବାର ପକ୍ଷରୁ ଆୟୋଜିତ ମେଗା ଚାରାରୋପଣ କାର୍ଯ୍ୟକ୍ରମରେ ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ନିଃସ୍ୱାର୍ଥ ପରିବାରର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ଖଟୋଇ ଉପସ୍ଥିତ ଶତାଧିକ ସଦସ୍ୟସଦସ୍ୟାଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଡ. ପୂର୍ଣ୍ଣଚନ୍ଦ୍ର ପାଣି, ସମରେନ୍ଦ୍ର ସିଂ, ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ତାପସ କୁମାର ସାହୁ, ନିଃସ୍ୱାର୍ଥ ପରିବାର ସଭାପତି ରତ୍ନାକର ସେଠୀ, ସମ୍ପାଦକ ସିଲନ କୁମାର ମହାନ୍ତି, ସତ୍ୟନାରାୟଣ ସେନାପତି ପ୍ରମୁଖ ଯୋଗଦେଇ ଚାରାରୋପଣର ଉଦ୍ଦେଶ୍ୟ ଓ ସମାଜ ଲାଗି କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ନିଃସ୍ୱାର୍ଥ ପରିବାର ଦୀର୍ଘ ବର୍ଷ ହେବ ଶତାଧିକ ସଦସ୍ୟା, ସଦସ୍ୟମାନଙ୍କୁ ଜିଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ସହିତ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ତା'ର ସେବା ଜାରି ରଖିଥିବା ବେଳେ ବିଭିନ୍ନ ସମୟରେ ନିଜର କାର୍ଯ୍ୟ ଲାଗି ସମ୍ମାନିତ ହେଉଛନ୍ତି। ଏହି ନିଃସ୍ୱାର୍ଥ ପରିବାର ପକ୍ଷରୁ ବାତ୍ୟା, ବନ୍ୟା ସମୟରେ ମାଗଣା ଔଷଧପତ୍ର, ବସ୍ତ୍ର ସହିତ ମାଗଣା ଖାଦ୍ୟ ବଣ୍ଟନ କରାଯାଏ। ରବିବାର ମେଗା ଚାରାରୋପଣ କାର୍ଯ୍ୟକ୍ରମରେ ଗୋପ ଜଳସମ୍ପଦ ବିଭାଗର କୁଶଭଦ୍ରା ନଦୀ ବନ୍ଧରେ ଶତାଧିକ ବଉଳ ଗଛ ଲଗାଯାଇଥିବା ବେଳେ ଆଗାମୀ ଦିନରେ ଆହୁରି ଅଧିକ ଚାରାରୋପଣ କରାଯିବ ବୋଲି ବରିଷ୍ଠ ସଦସ୍ୟମାନେ ମତପ୍ରକାଶ କରିଛନ୍ତି।

## ହରିରାଜପୁର ଡିପଜମି ଏବେ ଶସ୍ୟଶ୍ୟାମଳା

ପୁରୀ,୨୭।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଡ୍ରେନେଜ ବିଭାଗ ଅଧୀନରେ ଥିବା ହରିରାଜପୁର ନିକାସିର ଡିପଜମି ଏବେ ଶସ୍ୟଶ୍ୟାମଳା। ନିକାସିରେ ପ୍ରବଳ କଟକୀଦଳ ସାଙ୍ଗକୁ ଶଯ୍ୟା ପୋତି ହୋଇପଡ଼ିଥିବାରୁ ବର୍ଷା ଓ ବନ୍ୟା ଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁ ନ ଥିଲା। ୨୦୨୩ ମସିହାରେ ସେଠାକାର ଚାଷୀଙ୍କ ଦାବିକୁ ନେଇ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିକାସିକୁ ଖନନ କରାଯାଇଥିଲା। ଏଷ୍ଟିମେଟ ମୁତାବକ କାର୍ଯ୍ୟ ହୋଇଥିବା ବେଳେ ଚାଷୀଙ୍କ ଦାବିକୁ ନେଇ ମୁଖ୍ୟଡ୍ରେନର ୨ କିମି ପର୍ଯ୍ୟନ୍ତ ଚଉଡ଼ା ୩୦ ମିଟର ଅଟକଳ ଥିବାବେଳେ ଡ୍ରେନର ଚଉଡ଼ା ୬୦ରୁ ୮୦ ମିଟର ଖନନ କରାଯାଇଥିଲା। ଏହି ମୁଖ୍ୟ ଡ୍ରେନ ସହ ଏହାକୁ ସଂଯୋଗ କରୁଥିବା ୬ଟି ଲିଙ୍କ୍ ଡ୍ରେନ ମଧ୍ୟ ଖନନ କରାଯାଇଥିଲା। ଏଥିଯୋଗୁ ଏହି ଅଞ୍ଚଳରେ ଥିବା ଡିପଜମି ଶସ୍ୟଶ୍ୟାମଳା ହେବା ସହ ୫ ହଜାରରୁ ଊର୍ଦ୍ଧ୍ୱ ଜମିରେ ଧାନଚାଷ ସହ ପନିପରିବା ଓ ମାଛ ଚାଷ ମଧ୍ୟ ହୋଇପାରିଛି। ବିନା ପ୍ରତିବନ୍ଧକରେ ଏହି ଡ୍ରେନ୍‌ର ଉଦ୍‌ବୃତ୍ତ ଜଳ ଦୟାନଦୀକୁ ନିଷ୍କାସନ ହୋଇପାରୁଛି। ଏହି ଖନନ କାର୍ଯ୍ୟ ପୁରୀ ଡ୍ରେନେଜ ବିଭାଗ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ରମାକାନ୍ତ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିଓ ପ୍ରଦୀପ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ କନିଷ୍ଠଯନ୍ତ୍ରୀ ବିଜୟ କୁମାର ସିଂଙ୍କ ଉପସ୍ଥିତିରେ କାର୍ଯ୍ୟ ଚାଲିଥିବାବେଳେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ ପରିଦର୍ଶନରେ ଆସି ସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ କାର୍ଯ୍ୟରେ ଠକେଇ କିମ୍ବା ଅନିୟମିତତା ଅଭିଯୋଗ ଭିତ୍ତିହୀନ ଏବଂ ଏହା ପଛରେ କେତେଜଣ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଡ୍ରେନେଜ ବିଭାଗ ପକ୍ଷରୁ କୁହାଯାଉଛି।

## ଅଗ୍ନିବିପନ୍ନ ପରିବାରକୁ ସବୁଜ ଶାଖା ପକ୍ଷରୁ ସହାୟତା



ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଉଛି ।

କାକଟପୁର/ଅସ୍ତରଙ୍ଗ,୨୭।୭
(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଉଦୟକଣି ଗ୍ରାମର କପିଳେନ୍ଦ୍ର କାଣ୍ଡିଙ୍କ ଘରେ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳଘର ପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ଝିଅ ବାହାଘର ପାଇଁ ରଖିଥିବା ସୁନା, ଅଳଙ୍କାର ସମେତ ଘରେ ଥିବା ବର୍ଷକର ଆହାର, ଆସବାବପତ୍ର, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ସ୍କୁଟି, ସାଇକେଲ ପୋଡ଼ି ପାଉଁଶ ହୋଇଯାଇଥିଲା। ସର୍ବସ୍ୱ ହରାଇ ପରିବାର ଅସହାୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ବିପନ୍ନ ପରିବାରଙ୍କ ସମସ୍ୟା ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ଅସ୍ତରଙ୍ଗ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ସବୁଜ ଶାଖା ପକ୍ଷରୁ ଉପଦେଷ୍ଟା ଦିବାକର ଛାଟୋଇଙ୍କ ନିର୍ଦ୍ଦେଶକ୍ରମେ ସଦସ୍ୟମାନେ ଅଗ୍ନିବିପନ୍ନ କପିଳେନ୍ଦ୍ର କାଣ୍ଡିଙ୍କ ଘରେ ପହଞ୍ଚି ପାଲ, ଶୁଖିଲା ଖାଦ୍ୟ, ବସ୍ତ୍ର ସମେତ ମାସକ ଚାଉଳ, ବିଭିନ୍ନ ରାଶନ ସାମଗ୍ରୀ ଓ ଅର୍ଥରାଶି ପ୍ରଦାନ କରିବା ସହ ପରିବାରବର୍ଗଙ୍କୁ ସବୁଜ ଶାଖାର ସଭାପତି ରମାକାନ୍ତ ବହିଆ, ଦୁଷ୍ମନ୍ତ କୁମାର ପରିଡ଼ା, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ, ସୁମନ, ଦୁର୍ଗାଚରଣ ମହାରଣାଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ବେଟୀ ବଚାଅ, ବେଟୀ ପଢ଼ାଅ ସଚେତନତା ଶୋଭାଯାତ୍ରା

ନିମାପଡ଼ା,୨୭।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ନିମାପଡ଼ା ବ୍ଲକର ୩୨ଟି ପଞ୍ଚାୟତ ଓ ଏନ୍‌ଏସିର ୧୧ଟି ୱାର୍ଡ ସମେତ ୩୭୯ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ବେଟୀ ବଚାଓ, ବେଟୀ ପଢ଼ାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ମହିଳା ଓ ଶିଶୁ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା।

ମହିଳା ଓ ଶିଶୁମାନଙ୍କର ସୁରକ୍ଷା ଲାଗି ଏହି ସଚେତନତା ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ଶିଶୁ ବିକାଶ ବିଭାଗ ଅଧିକାରିଣୀ ମାଧବୀ ମହାପାତ୍ର ଓ ସମସ୍ତ ପରିଦର୍ଶିକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୭୯ଟି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ, ସହାୟିକା, ଗ୍ରାମର ମହିଳା ଓ କିଶୋରୀମାନଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଗ୍ରାମ ଓ ସହର ପରିକ୍ରମା କରି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏହି ସଚେତନତା ଶୋଭାଯାତ୍ରା ଜରିଆରେ ମହିଳା ଓ କିଶୋରୀ ବାଳିକାଙ୍କ ସହାୟତା ପାଇଁ ୧୮୧, ଶିଶୁ ସହାୟତା ପାଇଁ ୧୦୯୮ ଓ ଜରୁରିକାଳୀନ ସହାୟତା ପାଇଁ ୧୧୨ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିବା ପାଇଁ ସୂଚନା ଦିଆଯାଇଥିଲା। ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟରେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠନ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ସରପଞ୍ଚଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ

**ସ୍କୁଲ୍‌ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ ନେଇ ଗଣ୍ଡଗୋଳ ଆଶଙ୍କା**

ଗୋପ,୨୭।୭
(ଭାରତୀ ଭୂଷଣ ଉପାଧ୍ୟାୟ)

ନାଗପୁର ପଞ୍ଚାୟତର ମହିଳା ସରପଞ୍ଚ ପଦ୍ମପର୍ଣ୍ଣା ଦଳାଇଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ସ୍ୱାମୀ ଅପର୍ତ୍ତି ଦଳାଇଙ୍କୁ କେତେଜଣ ଯୁବକ ଆକ୍ରମଣ କରିଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ନେଇ ତଦନ୍ତ କରୁଥିବା ବେଳେ କାହାରିକୁ ଗିରଫ କରିନାହିଁ କି ମକଦ୍ଦମା ରୁଜୁ କରି ନ ଥିବା ଜଣାପଡ଼ିଛି। ଏହି ଗଣ୍ଡଗୋଳ ନାଗପୁର ପଞ୍ଚାୟତର ଗୋଲପୁର ସ୍କୁଲରେ ଚାଲିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ କେନ୍ଦ୍ରକରି ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଗୋଲପୁର ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନ ହେବ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କେତେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଥିଲା। ଏହି କାର୍ଯ୍ୟକୁ ନେଇ ଗତ ଶନିବାର ଅପରାହ୍ନରେ କେତେଜଣ ଯୁବକ ସ୍କୁଲ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ରବିବାର ସନ୍ଧ୍ୟାରେ ସରପଞ୍ଚଙ୍କ ସ୍ୱାମୀ ନାଗପୁର ବଜାରରେ ଥିବାବେଳେ ଉକ୍ତ ଗୋଲପୁର ଗ୍ରାମର ୫ ଯୁବକ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବଜାର ଉପରେ ଲୁହାରଡ୍ ଓ ବାଉଁଶରେ ଆକ୍ରମଣ କରିଥିଲେ। ଏପରି ଘଟଣାକୁ ସ୍ଥାନୀୟ ଲୋକେ ବିରୋଧ କରିବା ଫଳରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସଂଘବଦ୍ଧ ଆକ୍ରମଣରେ ତାଙ୍କ ମୁଣ୍ଡ, ଛାତି ସହ ଶରୀରର କେତେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବାରୁ ତାଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସରପଞ୍ଚଙ୍କ ସ୍ୱାମୀ ଅପର୍ତ୍ତି ପ୍ରାଥମିକ ଚିକିତ୍ସା ପରେ ଗୋପ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି। ଅପରପକ୍ଷରେ ଅଭିଯୋଗ ହୋଇଥିବା ଯୁବକଙ୍କ ପକ୍ଷରୁ ସରପଞ୍ଚଙ୍କ ସ୍ୱାମୀଙ୍କ ବିରୋଧରେ ମଧ୍ୟ ଅନୁରୂପ ଅଭିଯୋଗ କରାଯାଇଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ଥାନାର ମହିଳା ଏସ୍‌ଆଇ ଦେବସ୍ମିତା ସିଂଙ୍କୁ ପଚାରିବାରେ ଦୁଇ ପକ୍ଷରୁ ଅଭିଯୋଗ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

# ଓଡ଼ିଆ ସଂସ୍କୃତି, ପରମ୍ପରାର ବାର୍ତ୍ତାବହ 'ସଂଯୋଗୀ ସଜଫୁଲ'

ପୁରୀ,୨୭।୭(ଅଜିତ୍ କୁମାର ମହାନ୍ତି)



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ଓଡ଼ିଆ ଭାଷା ସାହିତ୍ୟର ନବଉନ୍ମେଷ ସଂଯୋଗୀ ସାହିତ୍ୟ ସଂସଦ କୁଣ୍ଡାପିଠାର ତ୍ରୈମାସିକ ମୁଖପତ୍ର ସଂଯୋଗୀ ସଜଫୁଲର ଦକ୍ଷିଣ-ପୂର୍ବାଞ୍ଚଳ ବିଶେଷାଙ୍କ ଲୋକାର୍ପଣ ଉତ୍ସବ ରବିବାର ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁସାହିତ୍ୟିକ ନଗେନ୍ଦ୍ରନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରିୟପତ୍ର ପତ୍ରିକାର ସମ୍ପାଦକ ବିପିନ ବିହାରୀ ଦଳାଇ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲାର କବି ଚନ୍ଦ୍ରବିଜୟୀ ମିଶ୍ର ଓ ସଂଯୋଗୀ ସାହିତ୍ୟ ସଂସଦ କୁଣ୍ଡାପିଠାର ସଭାପତି ଉପେନ୍ଦ୍ର ଦାଶ ଯୋଗଦେଇ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସାହିତ୍ୟ ଉତ୍ସବ ଆୟୋଜନ କରି ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରୁଥିବାରୁ ସଂଯୋଗୀ ସଜଫୁଲ ପରିବାରକୁ ଭୂୟସୀ ପ୍ରଶଂସା କରିଥଲେ। ସମ୍ପ୍ରତି ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ ସଂଯୋଗୀ ସଜଫୁଲ ବୋଲି ଅଭିହିତ କରିଥିଲେ।

ଏହି ଅବସରରେ କେନ୍ଦୁଝର ଜିଲାର ରତିନାରାୟଣ ରାଉତଙ୍କ ପୁସ୍ତକ 'ସତ୍ୟ ସୁମନ', ପୁରୀର ଜାନକୀବଲ୍ଲଭ ଦାଶଙ୍କ ସ୍ୱରଚିତ ପୁସ୍ତକ 'ଆହତ ବସନ୍ତ' ଓ 'ତାରା ଭରା ରାତି' ଏବଂ କନ୍ଧମାଳ ଜିଲା ଫୁଲବାଣୀର ବରିଷ୍ଠ ସାହିତ୍ୟିକ ନୃସିଂହାନନ୍ଦ ମହାପାତ୍ରଙ୍କ ପୁସ୍ତକ ଶ୍ରୀମଦ୍ ଆଦି ଶଙ୍କରାଚାର୍ଯ୍ୟ କୃତ 'ଭଜ ଗୋବିନ୍ଦମ୍, ମୋହ ମୁଦଗର, ତତ୍ତ୍ୱବୋଧ, ବେଦାନ୍ତ ଡିଣ୍ଡିମ, ରତ୍ନମାଳିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜ୍ୟୋତିଷ ଶାସ୍ତ୍ର ବିଶାରଦ ଡ. ସସ୍ମିତା ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ବାବୁଲାଲ ପଲେଇ ସମ୍ପାଦକୀୟ ପାଠ କରିଥିଲେ। ସମାରୋହରେ ଓଡ଼ିଶାର ଦକ୍ଷିଣ-ପୂର୍ବାଞ୍ଚଳରେ ଥିବା ୧୩ ଜିଲାର ୧୮ ଜଣ ସାରସ୍ୱତ ସ୍ରଷ୍ଟାଙ୍କୁ ମାନପତ୍ର, ଉପଢ଼ୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରଥମ ଅଧିବେଶନରେ କେନ୍ଦୁଝର ଜିଲାର ବରିଷ୍ଠ ସାହିତ୍ୟିକ ଅର୍ଜୁନ ଚରଣ ବେହେରାଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ଭାରତୀୟ ସାହିତ୍ୟ ସଂସଦ ଓଡ଼ିଶାର ମୁଖ୍ୟ ଉପଦେଷ୍ଟା ଛନ୍ଦକବି ସୁରେଶ ଚନ୍ଦ୍ର ରଥ, ସମ୍ମାନିତ ଅତିଥି ଭାବେ ପୁରୀର ଦୈନିକ ସମ୍ବାଦପତ୍ର ସୁଦେଷ୍ଟାର ପ୍ରତିଷ୍ଠାତା ଓ ସମ୍ପାଦକ ଶିବପ୍ରସାଦ ବାହିନୀପତି, କଟକର ଉଦୟନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଡଶପୁରର ବରିଷ୍ଠ ଅଧ୍ୟାପିକା ଡ. ସ୍ମୃତି ପଟ୍ଟନାୟକ, କବିତା ପାଠୋତ୍ସବର ସଂଯୋଜକ ଭାବେ ବଲାଙ୍ଗୀରର ସୁସାହିତ୍ୟିକ କସ୍ତୁରୀ ଚରଣ ରାଉତ ଓ ସଂଯୋଜିକା ଭାବେ ପୁରୀର ଦିବ୍ୟଦର୍ଶନର ସମ୍ପାଦିକା ପ୍ରବାସିନୀ ମିଶ୍ର ଯୋଗଦେଇ ଥିବାବେଳେ ଅନୁଷ୍ଠାନର ରାଜ୍ୟ ସଞ୍ଚାଳକ ବଲାଙ୍ଗୀରର ନାଟ୍ୟକାର ହୃଷୀକେଶ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଅନୁଷ୍ଠାନର କୋଷାଧକ୍ଷ ସନ୍ତୋଷ କୁମାର ପତି ଧନ୍ୟବାଦ ଦେଇଥିଲେ।

# ବ୍ୟାଟେରି ଗାଡ଼ି ସୁବିଧା ନ ପାଇ ରୋଗୀ ହଟହଟା

କଟକ,୨୭।୭(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଏକପ୍ରକାରର ବ୍ୟାଟେରି ଗାଡି ବ୍ୟବସ୍ଥା ଠପ୍ ହୋଇଯାଇଛି। ଶତାଧିକ ରୋଗୀଙ୍କ ସେବାରେ ଏବେ ମାତ୍ର ୫ଟି ଗାଡି ଯେପରି ରୋଗୀଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟିଛି। ରୋଗୀ ୱାର୍ଡରୁ ପରୀକ୍ଷା ପାଇଁ ଓ ପରୀକ୍ଷା କେନ୍ଦ୍ରରୁ ୱାର୍ଡ ଅଭିମୁଖେ ଯିବାକୁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ରୋଗୀ ବ୍ୟାଟେରି ଗାଡିକୁ ଅପେକ୍ଷା କରି ନିଜ ସମ୍ପର୍କୀୟଙ୍କ ସହ ବହୁ କଷ୍ଟରେ ମୟୂରଭଞ୍ଜ ଅଞ୍ଚଳର ରାଧିଆ ସାମଲ ଓ କେନ୍ଦ୍ରାପଡା ଅଞ୍ଚଳର ପ୍ରତିମା ବେହେରା ଚାଲି ଯାଉଥିବା ଦୃଶ୍ୟ ନଜରକୁ ଆସିଛି। କେବଳ ଏତିକି ନୁହେଁ ବ୍ୟାଟେରି ଗାଡିକୁ ବହୁ ସମୟ ଧରି ଅପେକ୍ଷା କରି ଚାଲି ଚାଲି ଯାଉଥିବା ବେଳେ ଉଦଳା ଅଞ୍ଚଳର ନିରୁପମା ଜେନା ଅସୁସ୍ଥ ଅନୁଭବ କରିବା ଓ ପେଟରେ ଯନ୍ତ୍ରଣା ବଢ଼ିବାରୁ ରାସ୍ତା କଡରେ ବସି ରହିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏଭଳି ବ୍ୟାଟେରି ଗାଡି ସମସ୍ୟା ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମହଲରେ ଅସନ୍ତୋଷ




ବ୍ୟାଟେରି ଗାଡ଼ି ସୁବିଧା ନ ପାଇ ରୋଗୀଙ୍କୁ ସେମାନଙ୍କ ସମ୍ପର୍କୀୟ ମାନେ ରାସ୍ତାରେ ଚଳେଇକି ନେଇ ଯାଉଛନ୍ତି।

ଦେଖାଦେଇଛି। ତେବେ ମେଡିକାଲରେ ପୂର୍ବରୁ ୧୫ଟି ଗାଡି ଥିବାବେଳେ ଏହାକୁ କାହିଁକି ମରାମତି କରାଯାଉନି, ସେହିପରି ନୂତନ ଗାଡି ଆଣିବାରେ କାହିଁକି ବିଳମ୍ବ କରାଯାଉଛି ଏବେ ସେ ନେଇ ବଡ ପ୍ରଶ୍ନ ସୃଷ୍ଟି ହୋଇଛି। ଅନ୍ୟପଟେ ମେଡିକାଲର ଉଭୟ ଫାଟକ ଦେଇ ଭାରପ୍ରାପ୍ତ ଅଧୀକ୍ଷକ ଓ ଅନ୍ୟାନ୍ୟ ଅଧିକାରୀ ଯିବା ଆସିବା କରୁଥିବାବେଳେ ଏହି ସମସ୍ୟାକୁ ଅଣଦେଖା କରାଯାଉଥିବା କହିଲେ ଅତ୍ୟୁକ୍ତି ହେବନାହିଁ। ଘଟଣା ସମ୍ପର୍କରେ ମେଡିକାଲର ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ କହିଛନ୍ତି, ମେଡିକାଲରେ ଏବେ ୫ଟି ଗାଡି କାର୍ଯ୍ୟ କରୁଛି ଏବଂ ଆଜି ଆଉ ୨ଟି ଗାଡିର ମରାମତି କରାଯାଇଛି। ଖୁବଶୀଘ୍ର ଅନ୍ୟ ଗାଡିଗୁଡିକ ମରାମତି କରାଯିବ। ଗାଡିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସଂସ୍ଥା ସହଯୋଗ କରୁ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ଅନ୍ୟପଟେ ମେଡିକାଲକୁ ନୂଆ ଗାଡି ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ବହୁବାର ଅବଗତ କରାଯିବା ସତ୍ତ୍ୱେ ମଧ୍ୟ ଏହାର ସୁଫଳ ମିଳି ପାରିନାହିଁ ବୋଲି ଶତପଥୀ କହିଛନ୍ତି।

**ଏସ୍‌ସିବି ମେଡ଼ିକାଲ**

■ଗାଡ଼ି ଅପେକ୍ଷାରେ କିଏ ରାସ୍ତା କଡ଼ରେ ବସି ରହୁଛି ତ କିଏ କଷ୍ଟ ପାଇ ଚାଲିକି ଯାଉଛି

■ରୋଗୀ ଓ ସମ୍ପର୍କୀୟଙ୍କ ମହଲରେ ଅସନ୍ତୋଷ



ରାସ୍ତାରେ ଥକି ପଡ଼ିଥିବା ଜଣେ ରୋଗୀ।



ରାଇସିନା ମଣ୍ଡପରେ ରବିବାର ଅନୁଷ୍ଠିତ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବ ଏବଂ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।

# ରାଇସିନା ମଣ୍ଡପରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ

କଟକ,୨୭।୭(ଶିଳ୍ପା ପ୍ରିୟଦର୍ଶିନୀ)

ମର୍କତ ନଗର ମଣ୍ଡଳ ପକ୍ଷରୁ ଭାଜପା ବରିଷ୍ଠ ନେତ୍ରୀ ସ୍ଫୂର୍ତ୍ତି ପଟ୍ଟନାୟକଙ୍କ ନେତୃତ୍ୱରେ ସିଡିଏ ସେକ୍ଟର-୯ ସ୍ଥିତ ରାଇସିନା ମଣ୍ଡପରେ ରବିବାର ୧୨୯ତମ ମନ୍ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଛନ୍ତି ଯେ, କେନ୍ଦୁଝର ଅଞ୍ଚଳର ମହିଳାମାନେ ସଂକୀର୍ତ୍ତନ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଓ ବନାଗ୍ନି ପରି ସାମାଜିକ ବାର୍ତ୍ତା ଦେଉଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଆଜି ମହିଳାମାନଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଏହାସହ ଅରୁଣାଞ୍ଚଳପ୍ରଦେଶଠାରୁ ଆରମ୍ଭ କରି ଗୋଆସ୍ଥିତ ପାନାଜି ଯାଏଁ ଥିବା ବିଭିନ୍ନ ସହରର ସ୍ୱଚ୍ଛତା ବିଷୟରେ ବଖାଣିଛନ୍ତି। ମୁଖ୍ୟତଃ ଦେଶକୁ ଆତ୍ମନିର୍ଭର କରିବା ଦିଗରେ ମୋଦି ଅଧିକ ଗୁରୁତ୍ୱ ଦେଇଛନ୍ତି। ଆଜିର ଏହି ମନ୍ କୀ ବାତ କାର୍ଯ୍ୟକ୍ରମ ପ୍ରତ୍ୟେକ ଭାରତବାସୀଙ୍କ ମନକୁ ଛୁଇଁଥିବ ନିଶ୍ଚିତ ବୋଲି ମହତାବ କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗର ସଭାପତି ଲକ୍ଷ୍ମୀଧର ପ୍ରଧାନ, ନଗର ଜିଲା ଉପସଭାପତି ଦେବାଶିଷ ରାଏ, ପୂର୍ବତନ କର୍ପୋରେଟର ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସନ୍ତୋଷ ରାଉତ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ରାଉତ, ରବି ମୁଦୁଲି, ରଜନୀକାନ୍ତ ଦାସ, ଶର୍ମିଳା ରାଉତରାୟ, ସୁଜାତା ଭରଦ୍ୱାଜ, ସଞ୍ଜୁବାଳା ଦାସ, ବିଜୟଲକ୍ଷ୍ମୀ ତ୍ରିପାଠୀ, ଶୁଦ୍ଧିରେନ୍ଦ୍ର ବଳ, ଅମୁଲ୍ୟ ବେଉରାଙ୍କ ସମେତ ସିଡିଏ ଅଞ୍ଚଳର ବୁଦ୍ଧିଜୀବୀ ସହ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର

**ନିର୍ମାଣ କରୁଛନ୍ତି ବ୍ରହ୍ମାକୁମାରୀ ପ୍ରଭା ମିଶ୍ର**

କଟକ,୨୭।୭(କାର୍ତ୍ତିକ ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଉପରେ ଏକ ଚଳଚ୍ଚିତ୍ର ନିର୍ମାଣ ହେଉଛି। ଏହି ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ କାର୍ଯ୍ୟାଳୟ ମାଉଣ୍ଟଆବୁରେ ରହୁଥିବା ବ୍ରହ୍ମାକୁମାରୀ ପ୍ରଭା ମିଶ୍ର। କଟକର ଏକ ଫିଲ୍ମ ଫେଷ୍ଟିଭାଲରେ ଯୋଗଦେବାକୁ ଆସିବା ଅବସରରେ ସେ ଏହି ସୂଚନା ଦେଇଛନ୍ତି। ତେବେ ପ୍ରଭା ରାମାୟଣ ସିରିଏଲର ମନ୍ଦୋଦରୀ ଚରିତ୍ରରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଏହି ଅଭିନେତ୍ରୀଙ୍କୁ ବକ୍ସିବଜାର ବ୍ରହ୍ମାକୁମାରୀ କେନ୍ଦ୍ରଠାରେ ବ୍ରହ୍ମାକୁମାରୀ ଝୁନୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେଠାରେ ଭୋଗ ଲାଗିବା ଓ ଧ୍ୟାନ ପରେ ବ୍ରହ୍ମାକୁମାରୀ ପ୍ରଭା ମୁରଲୀ ପଢ଼ାଇଥିଲେ। ଉପସ୍ଥିତ ଭଉଣୀଭାଇମାନେ ମୁରଲୀ ଶୁଣିଥିଲେ। ପ୍ରଭା ଦେବୀ ସମ୍ବର୍ଦ୍ଧନାର ଉତ୍ତର ଦେଇ ପ୍ରତିଦିନ ସକାଳେ ମୁରଲୀ ଶୁଣିବା ସହ ସନ୍ଧ୍ୟାରେ ନିୟମିତ ଧ୍ୟାନ କରିବାକୁ ପରାମର୍ଶ ଦେଇଥିଲେ। ବି.କେ. ବରଦା, ହେମନ୍ତ, ରମେଶ, ପ୍ରତିମା ଆଦିଙ୍କୁ ସେ ପାଦୁକା ପ୍ରଦାନ କରିଥିଲେ।




କଟକ କଳା ବିକାଶ କେନ୍ଦ୍ର ଅଡିଟୋରିୟମରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରବିବାର ଅନୁଷ୍ଠିତ ନବ ଗୁଞ୍ଜନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ। (ଫଟୋ: ରାଜକିଶୋର ମହାନ୍ତି)

# ନବ ଗୁଞ୍ଜନରେ ଦର୍ଶକ ମୁଗ୍ଧ

କଟକ,୨୭।୭(କାର୍ତ୍ତିକ ସାହୁ)

ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ପରିଚିତି ଆଣିଥିବା ନୃତ୍ୟାନୁଷ୍ଠାନ ଗୁଞ୍ଜନ ଡାନ୍ସ ଏକାଡେମୀ ପକ୍ଷରୁ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ନବ ଗୁଞ୍ଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏକକ ନୃତ୍ୟ ପରମ୍ପରା ଭାବେ ନିମନ୍ତ୍ରିତ ବିଭିନ୍ନ ଅନୁଷ୍ଠାନର ନୃତ୍ୟାଙ୍ଗନାମାନେ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ଗୁଞ୍ଜନର ବରିଷ୍ଠ ନୃତ୍ୟାଙ୍ଗନା ସୁଶ୍ରୀ ସ୍ୱପ୍ନା ଦତ୍ତ ନୃତ୍ୟ ଉପସ୍ଥାପନା କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ନବ ଗୁଞ୍ଜନର ସକାଳ ପ୍ରସ୍ତୁତିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନବକଳିକାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନା ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ମୀରା ଦାସଙ୍କ ଆବାହକତ୍ୱରେ ଏବଂ ଗୁଞ୍ଜନର ନୃତ୍ୟାଙ୍ଗନାଙ୍କ ଦ୍ୱାରା ଉତ୍ସବ ପରିଚାଳିତ ହୋଇଛି। ଦର୍ଶକ ଓ ଉଦୀୟମାନ ନୃତ୍ୟଶିଳ୍ପୀମାନଙ୍କ ମଧ୍ୟରେ ଓଡ଼ିଶୀ ନୃତ୍ୟର ପରମ୍ପରା ଏବଂ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା ପାଇଁ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ପ୍ରୟାସ ସର୍ବଦା ଜାରି ରହିବ ବୋଲି ଅନୁଷ୍ଠାନର ଗୁରୁ ମୀରା ଦାସ ପ୍ରକାଶ କରିଛନ୍ତି। ନିମନ୍ତ୍ରିତ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦୋସ, ଶିକ୍ଷାବିତ ବିନୋଦ ଦାଶ, ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଏ. ମହେଶ୍ୱର ରାଓ ଯୋଗଦେଇ ନୃତ୍ୟଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସଭାପତି ଗାୟତ୍ରୀ ଦାଶ, ଉପସଭାପତି ଶିବାଙ୍ଗୀ ମହାପାତ୍ର, ଯୁଗ୍ମ ସମ୍ପାଦିକା ସସ୍ମିତା ପଣ୍ଡା ମଞ୍ଚାସୀନ ଥିଲେ। ବିଶ୍ୱଜିତ ବଳିୟାରସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଶିଳ୍ପୀ ସୁଶ୍ରୀ ସ୍ୱପ୍ନା ଦତ୍ତ ନୃତ୍ୟ ପରିବେଷଣ କରୁଛନ୍ତି।

**ଓଡ଼ିଶୀ ନୃତ୍ୟର ପରମ୍ପରା, ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖ**

# ହାଇକୋର୍ଟ ନିର୍ଦ୍ଦେଶକ୍ରମେ ପରିଦର୍ଶନ କଲେ ଆଡ୍‌ଭୋକେଟ କମିଟି

କଟକ,୨୭।୭(କାର୍ତ୍ତିକ ସାହୁ)

ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଡ୍‌ଭୋକେଟ କମିଟି ସଦସ୍ୟ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ମାତୃଭବନଠାରେ ମୁଖ୍ୟ ଡ୍ରେନ ରବିବାର ପୂର୍ବାହ୍ନରେ ପରିଦର୍ଶନ କରିଛନ୍ତି। ସେମାନେ ବର୍ଜ୍ୟଜଳ ନିଷ୍କାସନରେ ଅବରୋଧ କରୁଥିବା ସ୍ଥାନ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରେଳବାଇ, ଟିପିସିଓଡିଏଲ, ୱାଟକୋ ଆଦି ବିଭାଗର ଅଧିକାରୀମାନେ ଆଡଭୋକେଟ କମିଟିଙ୍କ ସହ ମିଳିତ ଭାବେ ସେଠାରେ ଭୂତଳ ବିଦ୍ୟୁତ କେବୁଲ ଅପସାରଣ ଓ ବକ୍ସ ପୁସିଂ କଲଭର୍ଟ ପାଇଁ ସୃଷ୍ଟି ହେଉଥିବା ସମସ୍ୟା ସଂକ୍ରାନ୍ତରେ ଅବଗତ ହୋଇଥିଲେ। ଆଡଭୋକେଟ କମିଟି ପକ୍ଷରୁ ଏ ସଂକ୍ରାନ୍ତରେ ବିସ୍ତୃତ ରିପୋର୍ଟ ହାଇକୋର୍ଟଙ୍କୁ ପ୍ରଦାନ କରାଯିବ ବୋଲି ଜଣାଯାଇଛି। ଆମିକସକ୍ୟୁରି ବିଜୟ କୁମାର ଦାଶ, ଆମିକସକ୍ୟୁରି ଇଂ ଏନ. କେ ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟ ଓ ରେଳବାଇ, ଟିପିସିଓଡିଏଲ, ୱାଟକୋ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର, ଆତ୍ମହତ୍ୟା ସନ୍ଦେହ

କଟକ,୨୭।୭(କାର୍ତ୍ତିକ ସାହୁ)

ଝାଞ୍ଜିରୀମଙ୍ଗଳା ଅଞ୍ଚଳରେ ରହୁଥିବା ଗୋପାଳପୁରର ମୂଳବାସିନ୍ଦା ବୃଦ୍ଧବ୍ୟକ୍ତି ଶିଶିରକାନ୍ତ ସାହୁଙ୍କ ମୃତଦେହ ପୋଲିସ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ରବିବାର ଉଦ୍ଧାର କରିଛି। ବୃଦ୍ଧ ଜଣକ ଗଛରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବାଦାମବାଡ଼ି ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ଖାନ୍‌ନଗର ଗ୍ୟାସ୍ ଚୁଲାରେ ଶେଷକୃତ୍ୟ ସମ୍ପନ୍ନ କରିଛି।

ସୂଚନାନୁସାରେ, ଶିଶିରକାନ୍ତ ତାଙ୍କ ସ୍ତ୍ରୀ ରାଧାରାଣୀଙ୍କ ସହ ପ୍ରାୟ ୩୦ ବର୍ଷ ହେବ ନିଜ ଘରୁ ଆସି ଝାଞ୍ଜିରୀମଙ୍ଗଳାରେ ଏକ ଛୋଟ ଭଡ଼ା ଘରେ ରହୁଥିଲେ। ଶିଶିରକାନ୍ତ କାମଧନ୍ଦା କରି ଚଳୁଥିଲେ। ହେଲେ ବୟସାଧିକ୍ୟ କାରଣରୁ ସେ ଆଉ କାମଧନ୍ଦା କରିପାରିଲେ ନାହିଁ। ଫଳରେ ତାଙ୍କ ସ୍ତ୍ରୀ ପରଘରେ କାମ କରି ସ୍ୱାମୀସ୍ତ୍ରୀ ଚଳିଲେ। ପରିବାର ଲୋକ କିମ୍ବା ସମ୍ପର୍କୀୟ ସେମାନଙ୍କୁ କୌଣସି ସାହାଯ୍ୟ, ସହଯୋଗ କଲେ ନାହିଁ। ତିନିମାସ ତଳେ ରାଧାରାଣୀଙ୍କ ମୃତ୍ୟୁ ଘଟିଥିଲା। ଶିଶିର ଏକୁଟିଆ ହୋଇଗଲେ। ତାଙ୍କର ରୋଜଗାର ନ ଥିବାରୁ ଘର ମାଲିକ ମଧ୍ୟ ଆଉ ଘର ଭଡ଼ା ପଇସା ନେଲେନି। ବରଂ ମାନବିକତା ଦେଖାଇ ତାଙ୍କୁ ତିନିଓଳି ଖାଇବାକୁ ଦେଲେ। ତାଙ୍କ ପରିବାର କି ସମ୍ପର୍କୀୟ କେହି ଶିଶିରଙ୍କ କଥା ବୁଝିଲେ ନାହିଁ। ଦିନକୁ ଦିନ ତାଙ୍କ ଭିତରେ ଅସହାୟ ଭାବ ବଢ଼ିବାକୁ ଲାଗିଲା। ଘର ମାଲିକ ରବିବାର ସକାଳ ପ୍ରାୟ ସାଢ଼େ ଆଠଟା ବେଳେ ତାଙ୍କୁ ଜଳଖିଆ ଖାଇବାକୁ ଦେଲେ। ଶିଶିର ସେସବୁ ଖାଇଲେ। ହେଲେ ଏହାର କିଛି ସମୟ ପରେ ନିକଟସ୍ଥ ଏକ ଗଛରେ ଦଉଡ଼ି ବାନ୍ଧି ବେକରେ ଲଗାଇ ଶିଶିର ଝୁଲିପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇବା ପରେ ଅଗ୍ନିଶମ ଓ ପୋଲିସ ଆସି ପହଞ୍ଚିଲା। ହେଲେ ସେତେବେଳକୁ ଶିଶିରଙ୍କ ମୃତ୍ୟୁ ହୋଇଯାଇଥିଲା। ପୋଲିସ ଗୋପାଳପୁରରେ ରହୁଥିବା ତାଙ୍କ ପରିବାରକୁ ଜଣାଇଥିଲା। ସେଠାରେ ରହୁଥିବା ଜଣେ ପୁଅ ଆସିଲେନି। ଆଉ ଜଣେ ପୁଅ ଦିଲ୍ଲୀରେ ରହୁଛନ୍ତି। ତାଙ୍କ ନାତି ଓ ଭଣଜା ଆସିଲେ। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ପୋଲିସ ମାନବିକତା ଦେଖାଇଲା। ଆଇଆଇସି ଅଜୟ କୁମାର ରାଉତ ବ୍ୟବଚ୍ଛେଦ ପରେ ଖାନ୍‌ନଗର ଗ୍ୟାସ୍ ଚୁଲାରେ ନିଜ ଖର୍ଚ୍ଚରେ ଶିଶିରଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିବା ଜଣାପଡ଼ିଛି।

# ଗଡ଼ଗଡ଼ିଆରୁ ପାଣି ଉଠାଇଲେ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ

କଟକ,୨୭।୭(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରାବଣ ମାସର ତୃତୀୟ ସୋମବାର ପାଇଁ ରବିବାର ଗଡ଼ଗଡ଼ିଆ ଘାଟରେ ପାଣି ଉଠାଇବାକୁ କାଉଡିଆଙ୍କ ପ୍ରବଳ ଭିଡ ଜମିଛି। ବାଲିଯାତ୍ରା ତଳପଡିଆଠାରୁ ଆରମ୍ଭ କରି ଟିଂବନ୍ଧ ସମ୍ପୂର୍ଣ୍ଣ କାଉଡିଆମୟ ହୋଇଉଠିଥିଲା। ପୋଲିସ ପାଇଁ ରବିବାର ଭିଡ ନିୟନ୍ତ୍ରଣ କରିବା କଷ୍ଟକର ହୋଇଥିଲା। ଭିଡ ଏତେ ଥିଲା ଯେ ବହୁ କାଉଡିଆ ବିପଦସଙ୍କୁଳ ସ୍ଥାନରେ ପାଣି ଉଠାଇଥିଲେ। ପୋଲିସ ଏବଂ ଅଗ୍ନିଶମ ବିଭାଗ ଡାକବାଜି ଯନ୍ତ୍ର ମାଧ୍ୟମରେ କାଉଡିଆଙ୍କୁ ସଚେତନ କରିଥିଲେ ମଧ୍ୟ ନାକେଦମ ହେବାକୁ ପଡୁଥିବା ଦେଖିବାକୁ ମିଳିଛି। ଶ୍ରାବଣରେ ମହାଦେବଙ୍କ ଜଳାଭିଷେକର ତୃତୀୟ ପାଳି ପାଇଁ ଭୁବନେଶ୍ୱର ଲିଙ୍ଗରାଜ, ଧବଳେଶ୍ୱର, ଛତିଆ ଓ ଜଗତସିଂହପୁର ଗୋରଖନାଥପୀଠକୁ କାଉଡିଆମାନେ ଯାତ୍ରା କରିଥିଲେ। କମିଶନରେଟ ପୋଲିସ ଗଡଗଡିଆ ଘାଟ ପାଇଁ ୨ ପ୍ଲାଟୁନ ଫୋର୍ସକୁ ମୁତୟନ କରାଯାଇଥିଲା। ସେହିପରି ଚହଟା ଘାଟ, ଧବଳେଶ୍ୱର ନୂଆପାଟଣା, ମଧୁସୂଦନ ସେତୁ ଓ ନରାଜରେ ୫ଟି ଅସ୍ଥାୟୀ ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଛି। ଗଡଗଡିଆ ଘାଟରେ ୨ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ୩୫ଜଣ ଏସ୍‌ଆଇ ଓ ଏଏସ୍‌ଆଇ ଏବଂ ୬୦ରୁ ଅଧିକ କନଷ୍ଟେବଲ ଓ ହୋମଗାର୍ଡଙ୍କୁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଥିଲା। ସ୍ଥାନୀୟ ପୋଲିସ ଓ ଟ୍ରାଫିକ ପୋଲିସ ପକ୍ଷରୁ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଥିଲା।



ଶ୍ରାବଣ ମାସର ତୃତୀୟ ସୋମବାରରେ ଜଳ ଉଠାଇବା ପାଇଁ ରବିବାର ଗଡ଼ଗଡ଼ିଆ ଘାଟ ମହାନଦୀଠାରେ କାଉଡିଆଙ୍କ ଗହଳି।

# ଅକ୍ଟୋବରରେ ହେବ ରାଜ୍ୟ ତୀରନ୍ଦାଜ ପ୍ରତିଯୋଗିତା

କଟକ,୨୭।୭(କାର୍ତ୍ତିକ ସାହୁ)

ଓଡ଼ିଶା ଆର୍ଚେରୀ ଆସୋସିଏଶନର ଏକ ସ୍ୱତନ୍ତ୍ର ବାର୍ଷିକ ସାଧାରଣ ଅଧିବେଶନ ବାରବାଟୀ ଷ୍ଟାଡିୟମସ୍ଥିତ ଆର୍ଚେରୀ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଉପସଭାପତି ନବୀନ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସଂପୂର୍ଣ୍ଣାନନ୍ଦ ଦାସ ସଂଘର ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷ ପାଇଁ ବିବରଣୀ ଉପସ୍ଥାପନ କରିଥିଲେ। ସଂଘର ସଭାପତି ଗୋକୁଳ ଚନ୍ଦ୍ର ପତି ଆମେରିକାରୁ ବାର୍ଷିକ ସାଧାରଣ ଅଧିବେଶନର ସଫଳତା କାମନା କରି ବାର୍ତ୍ତା ପାଠ କରାଯାଇଥିଲା। ସଂଘର ସମ୍ବିଧାନ ଏବଂ ନିର୍ବାଚନ ବାଇ ଲ’ ସଂଶୋଧନ କରାଯାଇଥିଲା। ଚଳିତବର୍ଷ ଓଡ଼ିଆ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତାରେ ୮ଟି ପଦକ ହାସଲ କରିଥିବାରୁ ଖେଳାଳି ଓ କୋଚ୍‌ମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଏହା ବ୍ୟତୀତ ପାରାର୍ଚେରୀ ପ୍ରତିଯୋଗିତାରେ ଓଡ଼ିଶାର ପାୟଲ ନାଗ ସ୍ୱର୍ଣ୍ଣପଦକ ହାସଲ କରିଥିବାରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ବୈଠକରେ ୨୦୨୫ବର୍ଷ ପାଇଁ ଖେଳସୂଚୀ ଉପସ୍ଥାପନ କରାଯାଇଥିଲା। ଆସନ୍ତା ଅକ୍ଟୋବରରେ ୨୬ତମ ରାଜ୍ୟ ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ବିଭିନ୍ନ ତୀରନ୍ଦାଜ ପ୍ରତିଯୋଗିତା ଏବଂ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଶା ଦଳ ଅଂଶଗ୍ରହଣ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ସେପ୍ଟେମ୍ବରରୁ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇ ୪ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତାରେ ସଫଳତା ପାଇଥିବା ଖେଳାଳିମାନଙ୍କୁ ୫୬ ହଜାର ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିବା ସମ୍ପାଦକ ଦାସ ଘୋଷଣା କରିଥିଲେ। ସମୀର ଦତ୍ତ, ରବି ପଟ୍ଟନାୟକ, ସଦାନନ୍ଦ ଦାସ, ଶ୍ରୀଧର ଦାସ ଓ ସଂଘର ବରିଷ୍ଠ ସଦସ୍ୟମାନେ ସାଂଗଠନିକ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ସୌରଜିତ ସିଂ ଧନ୍ୟବାଦ ଦେଇଥିଲେ।




ଓଡ଼ିଶା ଆର୍ଚେରୀ ଆସୋସିଏଶନର ସ୍ୱତନ୍ତ୍ର ସାଧାରଣ ଅଧିବେଶନରେ ଉପସ୍ଥିତ ଅତିଥି।

**ଓଡ଼ିଶା ଆର୍ଚେରୀ ଆସୋସିଏଶନର ସ୍ୱତନ୍ତ୍ର ସାଧାରଣ ଅଧିବେଶନ**

# ପରିମଳ କର୍ମଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି: ମନ୍ତ୍ରୀ

## 'ଗରିମା' ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)

ପରିମଳ କର୍ମଚାରୀଙ୍କ ସୁରକ୍ଷାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଲୋକସେବା ଭବନରେ 'ଗରିମା' ଅଧୀନରେ ଚାଲିଥିବା ଦୁଇଦିନିଆ ଜାତୀୟ ସମ୍ମିଳନୀର ରବିବାର ଉଦ୍‌ଯାପନ ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏହା କହିଛନ୍ତି। 'ମୁଖ୍ୟ ପରିମଳ କର୍ମଚାରୀଙ୍କ ସମ୍ମାନ, ନିରାପତ୍ତା ଓ ଅନ୍ତର୍ଭୁକ୍ତୀକରଣ ସୁନିଶ୍ଚିତ କରିବା' ପ୍ରସଙ୍ଗ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେବା ସହ ପରିମଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ ପ୍ରମୁଖ ସଫେଇ କର୍ମଚାରୀଙ୍କ ପ୍ରସଙ୍ଗକୁ ଜାତୀୟସ୍ତରରେ ଆଗେଇ ନେବାରେ ଓଡ଼ିଶାର ନେତୃତ୍ୱକୁ ନେଇ ସେ ଗର୍ବିତ ବୋଲି କହିଥିଲେ। ଏଥିସହ ସଫେଇ କର୍ମଚାରୀଙ୍କ ପାଇଁ ପ୍ରସ୍ତୁତ ଦୃଢ଼ ସାମାଜିକ ସୁରକ୍ଷା ଢାଞ୍ଚାର ଆବଶ୍ୟକତା ସମେତ ଦୁଇଦିନିଆ ଆଲୋଚନାର ମୁଖ୍ୟାଂଶ ଉପରେ ଆଲୋକପାତ କରିଥିଲେ। ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା (ଓଏଚ୍‌ଏସ) ମାନର ବୃଦ୍ଧି, ଚୁକ୍ତିଭିତ୍ତିକ ସଂସ୍କାର ମାଧ୍ୟମରେ ଅନୌପଚାରିକ ଶ୍ରମିକଙ୍କ ଆନୁଷ୍ଠାନିକତା ଏବଂ କଲ୍ୟାଣକାରୀ ଯୋଜନାରେ ପ୍ରବେଶ, କଲ୍ୟାଣ ବିତରଣକୁ ଟ୍ରାକ କରିବା, ମହିଳା ଓ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କୁ ସମ୍ମାନ ଓ ସୁରକ୍ଷା ସହିତ ପରିମଳ ଭୂମିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଟେକ୍ନୋଲୋଜି ଏବଂ ଡାଟା ସିଷ୍ଟମର ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଥିଲେ। ସମ୍ମିଳନୀର ଏକ ଅଂଶ ଭାବରେ ବିଭିନ୍ନ ରାଜ୍ୟ, ଅନ୍ତର୍ଜାତୀୟ ସଂଗଠନ, ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ



ସମ୍ମିଳନୀରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ୟୁଏଲ୍‌ବି ପ୍ରତିନିଧିମାନେ ବିଷୟଗତ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ସାମାଜିକ ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ଏବଂ ଯାନ୍ତ୍ରିକ ପରିମଳ ଏବଂ ସୁରକ୍ଷା ପ୍ରୋଟୋକଲରେ ପରିମଳ କାର୍ଯ୍ୟାବଳୀ ପାଇଁ ସର୍ବୋତ୍ତମ ଅଭ୍ୟାସ ବୋଲି ମତ ପ୍ରକାଶ ପାଇଥିଲା। ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ମଧ୍ୟ ସେମାନଙ୍କ ମତ ରଖିଥିଲେ। ସମ୍ମିଳନୀରେ ୧୨ଟି ରାଜ୍ୟ ଓ ୩୪ଟି ଉନ୍ନୟନ ସଂସ୍ଥାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ରାଜ୍ୟର ପ୍ରମୁଖ ପରିମଳ କର୍ମଚାରୀ, ପଞ୍ଚାୟତିରାଜ ବିଭାଗ ଏବଂ ଏସ୍‌ଟି ଆଣ୍ଡ୍ ଏସ୍‌ସିଏମ୍‌ବିସିସି ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ସୋଲାର ଫ୍ରାଞ୍ଚାଇଜ୍ ଦେବା ଆଳରେ ୪.୫ ଲକ୍ଷ ଠକେଇ

## ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୭।୭(ସତ୍ୟଜିତ୍ ରାଉତ)

ସୋଲାର ସାମଗ୍ରୀର ଫ୍ରାଞ୍ଚାଇଜ୍ ଆଳରେ ୪.୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଭରତପୁର ଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡାର ଜ୍ୟୋତିରଞ୍ଜନ ପାଇକରାୟ (୪୮)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକେଇର ଶିକାର ହୋଇଥିବା ଅମରେଶ ପଣ୍ଡାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ଅଭିଯୋଗ ଅନୁସାରେ, ଅମରେଶ ଓ ଅଭିଯୁକ୍ତ ଜ୍ୟୋତିରଞ୍ଜନ ସେମାନଙ୍କ ବନ୍ଧୁଙ୍କ ଜରିଆରେ ଉଭୟ ଯୋଗାଯୋଗରେ ଆସିଥିଲେ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଅଧୀନରେ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ ପାଇଁ ସାମଗ୍ରୀ ଯୋଗାଉଥିବା ଜ୍ୟୋତିରଞ୍ଜନ ତାଙ୍କୁ କହିଥିଲେ। ଏପରିକି ଯାଜପୁର ଜିଲାରେ ଫ୍ରାଞ୍ଚାଇଜ୍ ଦେବାକୁ ସେ ଅମରେଶଙ୍କ ସହ ଚୁକ୍ତିନାମା କରି ୫ ଲକ୍ଷ ଟଙ୍କା ଦାବି କରିଥିଲେ। ଅମରେଶ ତାଙ୍କୁ ୪ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ଜ୍ୟୋତିରଞ୍ଜନ ୮ ଦିନ ମଧ୍ୟରେ ୨୫ ଲକ୍ଷ ଟଙ୍କାର ସୋଲାର ସାମଗ୍ରୀ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସୋଲାର ସାମଗ୍ରୀ ନ ଦେଇ ଦିନ ଗଡ଼ାଇ ଚାଲିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଜୁନ୍ ୩୦ରେ ଏକ ମାମଲା (ନଂ.୩୫୬/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ବେସରକାରୀ ବିଦ୍ୟାଳୟ ସଂଘର ବୈଠକ

ବାଲିପାଟଣା, ୨୭।୭(ଅଭିମନ୍ୟୁ ନାୟକ)

ବାଲିପାଟଣା ବେସରକାରୀ ବିଦ୍ୟାଳୟ ସଙ୍ଘର ବାର୍ଷିକ ବୈଠକ ରବିବାର ବାଲିପାଟଣାସ୍ଥିତ ବାଗଦେବୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ଅଭିମନ୍ୟୁ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବାଗଦେବୀ ବିଦ୍ୟା ମନ୍ଦିର, ବାଲିପାଟଣା ସରସ୍ୱତୀ ଶିଶୁମନ୍ଦିର, ବିଶନାଥପୁର ସରସ୍ୱତୀ ଶିଶୁମନ୍ଦିର, ବଦଲା ସରସ୍ୱତୀ ଶିଶୁମନ୍ଦିର, ବାଲିପାଟଣା ଜାଭିଅର ହାଇସ୍କୁଲ, ବନମାଳୀପୁର ଆଦର୍ଶ ଶିଶୁ ନିକେତନ ଏବଂ ତୁରିନ୍ତିରା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏଥିସହ ସାମ୍ପ୍ରତିକ ଏବଂ ଆଗାମୀ ପରିସ୍ଥିତିକୁ କିପରି ସମସ୍ତେ ମିଳିମିଶି ସମ୍ମୁଖୀନ ହେବା ସେସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ସଂଘକୁ ପଞ୍ଜୀକୃତ କରିବା ସହ ଆହୁରି ସଙ୍ଗଠିତ କରିବା ପାଇଁ ପ୍ରତ୍ୟେକ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ସହଯୋଗ କରିବାକୁ କୁହାଯାଇଛି। ଏନେଇ ଖୁବ୍‌ଶୀଘ୍ର ଦ୍ୱିତୀୟ ବୈଠକ ତୁରିନ୍ତିରା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ଅନ୍ୟ ବିଦ୍ୟାଳୟମାନଙ୍କରେ ଅନୁଷ୍ଠିତ ହେବ। ଏହି ବୈଠକରେ ସମ୍ପାଦକ ଅରୁଣ କୁମାର ଶତପଥୀ ପୂର୍ବ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରତିନିଧି ସମ୍ପାଦକ ସୁରେନ୍ଦ୍ର ସାହୁ, ସୁଶ୍ରୀ ସଂଗୀତା ହୋତା, ଘନଶ୍ୟାମ ଭୋଳ, ପ୍ରଶାନ୍ତ କୁମାର ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଟିବିପି ପକ୍ଷରୁ 'ଫିଟ୍ ଫର୍ ଇଣ୍ଡିଆ' ଶୋଭାଯାତ୍ରା

ଖୋର୍ଦ୍ଧା, ୨୭।୭(ପ୍ରଭାତ ପାଣିଗ୍ରାହୀ): ୪୧ ବାଟାଲିୟନ ଇଣ୍ଡୋ-ତିବ୍ବତ ପୋଲିସ (ଆଇଟିବିପି) ବାହିନୀ ଖୋର୍ଦ୍ଧା ପକ୍ଷରୁ 'ଫିଟ୍ ଫର୍ ଇଣ୍ଡିଆ' ସାଇକେଲ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଣ୍ଟ ନରେନ୍ଦ୍ର ସିଂ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ତରତୁଆସ୍ଥିତ କାର୍ଯ୍ୟାଳୟଠାରୁ ଯବାନମାନେ ସାଇକେଲରେ ବାହାରି ଖୋର୍ଦ୍ଧା ସହର ପରିକ୍ରମା କରି ଫେରିଥିଲେ। ଏଥିରେ ଜାତୀୟ ଏକତା, ସଂହତିର ଝଲକ ଦେଖିବାକୁ ମିଳିଥିଲା। ରାଷ୍ଟ୍ର ଓ ସୀମା ସୁରକ୍ଷା ଏବଂ ମାଓବାଦୀ ଦମନରେ ଆଇଟିବିପିର କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ କମାଣ୍ଡାଣ୍ଟ ସିଂ ଆଲୋକପାତ କରିଥିଲେ।





ଖୋର୍ଦ୍ଧା ତରତୁଆସ୍ଥିତ ୪୧ ବାଟାଲିୟନ ଇଣ୍ଡୋ-ତିବ୍ବତ ପୋଲିସ (ଆଇଟିବିପି) ବାହିନୀ ପକ୍ଷରୁ ରବିବାର ଅନୁଷ୍ଠିତ 'ଫିଟ୍ ଫର୍ ଇଣ୍ଡିଆ' ସାଇକେଲ ଶୋଭାଯାତ୍ରା।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

## ଚିକିତ୍ସା ସହାୟତା ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

ନିରାକାରପୁର, ୨୭।୭
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଜଗନ୍ନାଥ ସଡ଼କର ଲେଣ୍ଡୋ କାଜ ନିକଟରେ ରବିବାର ଅପରାହ୍ଣ ସାଢେ ୪ଟାରେ ଏକ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନିରାକାରପୁର ଥାନା ଅଧୀନ ଲେଣ୍ଡୁ ତଳସାହିର ସୁଶାନ୍ତ ସ୍ୱାଇଁ (୨୭)। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲକୁ ପଠାଯାଇଛି। ଆହତଙ୍କୁ ଚିକିତ୍ସା ସହାୟତା ସହ ଅଭିଯୁକ୍ତ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ କାଜ ନୂଆ ଜଗନ୍ନାଥ ସଡ଼କରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସନ୍ଧ୍ୟା ପ୍ରାୟ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ୫ଘଣ୍ଟା ଧରି ଅବରୋଧ ସହ ଉତ୍ତେଜନା ଲାଗିରହିଥିଲା। ଖବର ପାଇ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

# ବଢୁଛି ମହାନଦୀ ଜଳସ୍ତର

ବାରଙ୍ଗ, ୨୭।୭(ଲିଙ୍ଗରାଜ ରାଉତ)

ଉପରମୁଣ୍ଡରେ ପ୍ରବଳ ବର୍ଷା ହେବା ଫଳରେ ହୀରାକୁଦ ସମେତ ଅନ୍ୟ ଶାଖାନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଯାହାଫଳରେ ମହାନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଉଛି। ଜୁଲାଇ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ମହାନଦୀର ଉପର ମୁଣ୍ଡରେ ପ୍ରବଳବର୍ଷା ହେବା ନେଇ ପାଣିପାଗବିଭାଗ ପକ୍ଷରୁ ଆକଳନ କରାଯାଇଛି। ପ୍ରବଳ ବର୍ଷା ଯୋଗୁ ହୀରାକୁଦକୁ ୫ ଲକ୍ଷ ୪୨ହଜାର କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଛି। ଏଥିସହ ହୀରାକୁଦରୁ ୨୦ଟି ଗେଟ୍‌ଦେଇ ୩ ଲକ୍ଷ ୪୧ ହଜାର କ୍ୟୁସେକ ବନ୍ୟାଜଳ ନିଷ୍କାସନ ହେଉଛି।ଫଳରେ ମହାନଦୀ ଫୁଲିବାରେ ଲାଗିଛି। ବର୍ତ୍ତମାନ ମୁଣ୍ଡଳୀଠାରେ ୪ ଲକ୍ଷ ୯୧ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ତେବେ ଉପରମୁଣ୍ଡରେ ୮୮.୧୦ ଫୁଟ ଓ ତଳମୁଣ୍ଡରେ ୮୫.୧୦ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ଏହାପରେ ଯଦି ହୀରାକୁଦରୁ ଆଉ ଗେଟ୍ ଖୋଲିବାକୁ ପଡେ ତେବେ ମହାନଦୀକୁ ଅଧିକରୁ ଅଧିକ ବନ୍ୟାଜଳ ଆସିବାକୁ ଲାଗିବ। ଏହାଦ୍ୱାରା ମହାନଦୀରେ ବନ୍ୟା ଆଶଙ୍କା ଦେଖାଦେବାର ସମ୍ଭାବନା ରହିଛି।

# ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବ

ଝାଁଳା:୨୭।୭(ବୁଲା ବାରିକ): ରୋଟାରି କ୍ଲବ ଭୁବନେଶ୍ୱର କନ୍‌ଫ୍ଲୁଏନ୍ସ ଆନୁକୂଲ୍ୟରେ ୧୮ତମ ବାର୍ଷିକ ଅଧିଷ୍ଠାନ ଉତ୍ସବ ରବିବାର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଭାପତିପ୍ରୀତକୁମାରଦାସଙ୍କସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ୍ ଡ. ସତ୍ୟବ୍ରତ ମୀନକେତନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରୋଟାରିଆନମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୨୫-୨୬ ବର୍ଷ ପାଇଁ ନୂତନ ସଭାପତି ଭାବେ ରୁଦ୍ରପ୍ରସନ୍ନ ହୋତା ଓ ସମ୍ପାଦକ ପ୍ରଣିତ କିଶୋର ଜେନାଙ୍କ ସମେତ ସମସ୍ତ ବୋର୍ଡ ସଭ୍ୟଙ୍କୁ ଅଧିଷ୍ଠିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ଗଭର୍ନର ପ୍ରତାପ ଚୌଧୁରୀ, ପୂର୍ବତନ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର, ଭବାନୀ ଚୌଧୁରୀ, ପୂର୍ବତନ ପ୍ରାନ୍ତପାଳ ସୌମ୍ୟରଞ୍ଜନ ମିଶ୍ର, ବରିଷ୍ଠ ରୋଟାରିଆନ କୈଳାସ କାନୁନ୍‌ଗୋ, ବିଷ୍ଣୁଚରଣ ସାହୁ, ଅଶୋକ ସାମଲ, ଭକ୍ତରଞ୍ଜନ ମହାନ୍ତି, ଗଣେଶ୍ୱର ପ୍ରଧାନ, କ୍ଷୀରୋଦ କୁମାର ମିଶ୍ର, ନୀଳାଚଳ ପ୍ରଧାନ, ଅଭିଳାଷ ପତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟୁତ କୁମାର ସେଠୀ ସଭା ପରିଚାଳନା କରିଥିବାବେଳେ ଡାକ୍ତର କାଳିକୀଙ୍କର ସେନାପତି ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱରରେ ସେନା ସ୍ମାରକୀ ପାର୍କ ପ୍ରତିଷ୍ଠା ହେଉ

## କାରଗିଲ ବିଜୟ ଦିବସ ପାଳିତ

ଭୁବନେଶ୍ୱର, ୨୭।୭(ସୁଚିସ୍ମିତା ସାହୁ)

ବିଙ୍ଗ୍ ଇଣ୍ଡିଆନ ଫାଉଣ୍ଡେଶନ ଓ ରୋଟାରାକ୍ଟ କ୍ଲବ ଅଫ୍ ଭୁବନେଶ୍ୱର ରୟାଲ ପକ୍ଷରୁ ୨୬ତମ କାରଗିଲ ବିଜୟ ଦିବସ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସେନାର ମେଜର ଜେନେରାଲ ଡ. ପ୍ରଦୀପ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାରଗିଲ ବିଜୟରେ ଭାରତୀୟ ସେନାର ସାହାସ, ପରାକ୍ରମ, ବଳିଦାନ ଓ ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଇ.ଜି. ଡ୍ରୋନ୍ସର ପ୍ରତିଷ୍ଠାତା ବୋଧିସତ୍ତ୍ୱ ସଂଘପ୍ରିୟ ଯୋଗଦେଇ କହିଲେ, ରାଷ୍ଟ୍ରୀୟ ସୁରକ୍ଷା ଓ ଦେଶର ସେନା ଶକ୍ତି ବୃଦ୍ଧିରେ ଟେକ୍ନୋଲୋଜିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଓଡ଼ିଶାର ଡ୍ରୋନ୍ ଅପରେଶନ ସିନ୍ଦୂର ଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତୀୟ ସେନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ପୂର୍ବତନ ରଣଜୀ ଖେଳାଳି ସତ୍ୟରଞ୍ଜନ ଶତପଥୀ କହିଲେ, ଦେଶ ଓ ସମାଜ ନିର୍ମାଣରେ କ୍ରୀଡ଼ାର ବହୁ ଭୂମିକା ରହିଛି। କ୍ରୀଡ଼ା ମାଧ୍ୟମରେ ସାରା ବିଶ୍ୱରେ ଭାରତର ଗୌରବ ବଢ଼ାଇବା ପାଇଁ ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି ସେ କହିଥିଲେ। ବିଇଙ୍ଗ ଇଣ୍ଡିଆନ ଫାଉଣ୍ଡେଶନର ପ୍ରତିଷ୍ଠାତା ସ୍ମୃତିରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରୋଟାରାକ୍ଟ କ୍ଲବ୍ ଅଫ୍ ଭୁବନେଶ୍ୱର ରୟାଲର ଅଧ୍ୟକ୍ଷ ଦେବବ୍ରତ ମହାରଣା କହିଲେ, ଯୁବପିଢ଼ିଙ୍କ ମନରେ ସମାଜ ଓ ଦେଶସେବା ପାଇଁ ଆଗ୍ରହ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି। ଏହି ଅବସରରେ ଭୁବନେଶ୍ୱରରେ ଏକ ସେନା ସ୍ମାରକୀ ପାର୍କ ପ୍ରତିଷ୍ଠା ହେଉ ବୋଲି ବିଙ୍ଗ୍ ଇଣ୍ଡିଆନ ଫାଉଣ୍ଡେଶନ ଓ ରୋଟାରାକ୍ଟ କ୍ଲବ ଅଫ ଭୁବନେଶ୍ୱର ରୟାଲ ତରଫରୁ ସମସ୍ତ ଜନସାଧାରଣଙ୍କୁ ଆହ୍ୱାନ କରାଯାଇ ଦସ୍ତଖତ ଅଭିଯାନ କରାଯାଇଥିଲା। କାରଗିଲ ବିଜୟଠାରୁ ଅପରେଶନ ସିନ୍ଦୂର ପର୍ଯ୍ୟନ୍ତ ସମସ୍ତ ବୀରଙ୍କ ବଳିଦାନକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।



ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ସିକନ୍ଦର ଆଲମଙ୍କ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ସାରଳା ଦାସ ସ୍ମୃତି ସଂସଦର ନୂତନ କର୍ମକର୍ତ୍ତା

## ରବି ନାରାୟଣ ସେନାପତି ସଭାପତି, ମହେନ୍ଦ୍ର କୁମାର ମଲ୍ଲିକ କାର୍ଯ୍ୟକାରୀ ସଭାପତି

ଭୁବନେଶ୍ୱର, ୨୭।୭(ସୌମ୍ୟରଞ୍ଜନ ରାଉତ)

ସାରଳା ଦାସ ସ୍ମୃତି ସଂସଦର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ଚୟନ ରାଜଧାନୀ କଳାସଂସଦଠାରେ ଅନୁଷ୍ଠାନର ସଦସ୍ୟ ରାମନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୩-୨୪ ଓ ୨୦୨୪-୨୫ ବର୍ଷର ଆୟବ୍ୟୟ ବିବରଣୀ ଏବଂ ୨୦୨୫-୨୬ ବର୍ଷର ଆୟ ବ୍ୟୟ ଅଟକଳର ଅନୁମୋଦନ କରାଯାଇଥିଲା। ଏଥିସହିତ ଚଳିତବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ସୁପରିଚାଳନା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଆଗାମୀ କାର୍ଯ୍ୟକାରିଣୀ ପରିଷଦ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଉପଦେଷ୍ଟା ଭାବେ ଧନେଶ୍ୱର ବିଶ୍ୱାଳ ଓ ପ୍ରଫେସର ଡ. ସୁବାସ ଚନ୍ଦ୍ର ପରିଜାଙ୍କୁ ମନୋନୀତ କରାଯାଇଥିଲା। ସଭାପତି ଭାବେ ପୂର୍ବତନ ଉନ୍ନୟନ କମିଶନର ଡ. ରବି ନାରାୟଣ ସେନାପତି, କାର୍ଯ୍ୟକାରୀ ସଭାପତି ଭାବେ ପୂର୍ବତନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମହେନ୍ଦ୍ର କୁମାର ମଲ୍ଲିକ, ଉପସଭାପତି ଭାବେ ବିକାଶ ଚନ୍ଦ୍ର ପରିଜା, ସମ୍ପାଦକ ପ୍ରଦୀପ୍ତ କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଅମୀୟ କୁମାର ଦାସ, କୋଷାଧ୍ୟକ୍ଷ ସମୀର ରଞ୍ଜନ ଗୋଛାୟତ ଓ କାର୍ଯ୍ୟକାରୀ ପରିଷଦ ସଭ୍ୟ ଭାବେ ରାମନାରାୟଣ ମିଶ୍ର, ଅଶୋକ କୁମାର ମହାନ୍ତି ଏବଂ ଡ. ସିଦ୍ଧାର୍ଥ କାନୁନ୍‌ଗୋ ନିର୍ବାଚିତ ହୋଇଥିଲେ। ଅତିଥି ଭାବେ କମଳ ଲୋଚନ ରାୟ, ନାରାୟଣ ବାରିକ, ବ୍ରଜ କିଶୋର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମୀର ରଞ୍ଜନ ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।





ସାରଳା ଦାସ ସ୍ମୃତି ସଂସଦର ବୈଠକରେ ସଭାପତି ଡ.ରବି ନାରାୟଣ ସେନାପତିଙ୍କ ସହ ଉପସ୍ଥିତ ଅନ୍ୟ କର୍ମକର୍ତ୍ତାମାନେ।

# ରାସ୍ତା ମରାମତି କଲେ ଯୁବଗୋଷ୍ଠୀ

- ପ୍ରଶାସନ ଶୁଣିଲାନି
- ଦୀର୍ଘ ବର୍ଷ ହେବ ରାସ୍ତା ଅବସ୍ଥା ଶୋଚନୀୟ ଥିଲା

ବାରଙ୍ଗ, ୨୭।୭(ଲିଙ୍ଗରାଜ ରାଉତ)

ବାରମ୍ବାର ଦାବିସତ୍ତ୍ୱେ ପ୍ରଶାସନ ଶୁଣିଲାନି। ଶେଷରେ ଦୀର୍ଘବର୍ଷ ହେବ ଖାଲଖମା ଅବସ୍ଥାରେ ଥିବା ରାସ୍ତାକୁ ଯୁବଗୋଷ୍ଠୀ ମରାମତି କରିଛନ୍ତି। କୁହ୍ନେଇପଡ଼ା ଗ୍ରାମପଞ୍ଚାୟତର ପାଟପୁର ଶଅରସାହିରେ ଏପରି ଘଟଣା ଦେଖିବାକୁ ମିଳିଛି। ଏଠାକାର ମୁଖ୍ୟରାସ୍ତା ଦୀଘବର୍ଷ ହେବ ଶୋଚନୀୟ ହୋଇପଡ଼ିଥିଲା। ଫଳରେ ଲୋକମାନେ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାର ମରାମତି ପାଇଁ ଗ୍ରାମବାସୀ ବହୁବାର ଲୋକପ୍ରତିନିଧିମାନଙ୍କଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନକୁ ଜଣାଇଥିଲେ।



ପାଟପୁର ଶଅରସାହିର ଯୁବକମାନେ ଗାଁ ରାସ୍ତାର ମରାମତି କରୁଛନ୍ତି।

ମାତ୍ର କୌଣସି ସୁଫଳତା ମିଳି ନଥିଲା। ଶେଷରେ ବାଧହୋଇ ସ୍ଥାନୀୟ ଯୁବକମାନେ ଏକାଠି ହୋଇ ରାସ୍ତା କାମ କରିଛନ୍ତି। ଯୁବକମାନେ ନିଜ ମଧ୍ୟରେ ଟଙ୍କା ଆଦାୟ କରି ଟ୍ରାକ୍ଟରରେ ମାଟି ଆଣିଥିଲେ। ଏଥିସହ ମେଶିନ ଦ୍ୱାରା ଖାଲଖମା ହୋଇଥିବା ରାସ୍ତାକୁ ସମତୁଲ କରିଥିଲେ। ସେହିପରି ମୁଖ୍ୟରାସ୍ତାରେ ଜମି ରହୁଥିବା ବର୍ଷାପାଣି ନିଷ୍କାସନର ବ୍ୟବସ୍ଥା ମଧ୍ୟ କରିଥିଲେ। ଯୁବଗୋଷ୍ଠୀଙ୍କ ଏଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

# ବଢୁଛି ମହାନଦୀ ଜଳସ୍ତର



ହୀରାକୁଦରେ ଗେଟ୍ ଖୋଲାଯିବା ପରେ ମହାନଦୀରେ ଜଳସ୍ତର ବଢୁଛି ।

**ବାରଙ୍ଗ,୨୭।୭(ଲିଙ୍ଗରାଜ ରାଉତ):** ଉପରମୁଣ୍ଡରେ ପ୍ରବଳ ବର୍ଷା ହେବା ଫଳରେ ହୀରାକୁଦ ସମେତ ଅନ୍ୟ ଶାଖାନଦୀରେ ଜଳସ୍ତର ବଢିବାରେ ଲାଗିଛି। ଯାହାଫଳରେ ମହାନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଉଛି। ଜୁଲାଇ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ମହାନଦୀର ଉପର ମୁଣ୍ଡରେ ପ୍ରବଳବର୍ଷା ହେବା ନେଇ ପାଣିପାଗବିଭାଗ ପକ୍ଷରୁ ଆକଳନ କରାଯାଇଛି। ପ୍ରବଳ ବର୍ଷା ଯୋଗୁ ହୀରାକୁଦକୁ ୫ ଲକ୍ଷ ୪୨ହଜାର କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଛି। ଏଥିସହ ହୀରାକୁଦରୁ ୨୦ଟି ଗେଟ୍‌ଦେଇ ୩ ଲକ୍ଷ ୪୧ ହଜାର କ୍ୟୁସେକ ବନ୍ୟାଜଳ ନିଷ୍କାସନ ହେଉଛି।ଫଳରେ ମହାନଦୀ ଫୁଲିବାରେ ଲାଗିଛି। ବର୍ତ୍ତମାନ ମୁଣ୍ଡଲୀଠାରେ ୪ ଲକ୍ଷ ୯୧ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ତେବେ ଉପରମୁଣ୍ଡରେ ୮୮.୧୦ ଫୁଟ ଓ ତଳମୁଣ୍ଡରେ ୮୫.୧୦ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ଏହାପରେ ଯଦି ହୀରାକୁଦରୁ ଆଉ ଗେଟ୍ ଖୋଲିବାକୁ ପଡେ ତେବେ ମହାନଦୀକୁ ଅଧିକରୁ ଅଧିକ ବନ୍ୟାଜଳ ଆସିବାକୁ ଲାଗିବ। ଏହାଦ୍ୱାରା ମହାନଦୀରେ ବନ୍ୟା ଆଶଙ୍କା ଦେଖାଦେବାର ସମ୍ଭାବନା ରହିଛି।

## ମା' ଭଟ୍ଟାରିକା ବେଢ଼ା ଛୁଇଁଲା ମହାନଦୀ ଜଳ

**ବଡ଼ମ୍ବା, ୨୭।୭(ମାୟାଧର ମଲ୍ଲିକ):** ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ବେଢ଼ା ଛୁଇଁଛି ମହାନଦୀ ଜଳ। ଏହି ଜଳ ବୃଦ୍ଧି ପାଇ ଯଦି ମନ୍ଦିର ଭିତରକୁ ପ୍ରବେଶ କରେ, ତେବେ ମନ୍ଦିର ସନ୍ନିକଟ ରୋଷଘରକୁ ସ୍ଥାନାନ୍ତର କରାଯିବ ବୋଲି ମନ୍ଦିର ମୁଖ୍ୟ ପୂଜକ ଶିରିଶ କୁମାର ରଣା ସୂଚନା ଦେଇଛନ୍ତି। ବନ୍ୟା ଆଶଙ୍କାକୁ ଦୃଷ୍ଟି ରଖି ବଡ଼ମ୍ବା ଦେବୋତ୍ତର ବିଭାଗ ମଧ୍ୟ ସଜାଗ ରହିଥିବା ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ କହିଛନ୍ତି। ମହାନଦୀରେ ଜଳସ୍ତର ବଢୁଥିବାରୁ ଏଠାରେ ସ୍ନାନ ନ କରିବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏଥିସହ ଘଟଣାସ୍ଥଳରେ ପୋଲିସ ମୁତୟନ ହେବା ସହ ବନ୍ୟାସ୍ଥିତି ଉପରେ ନଜର ରଖାଯାଇଛି। ଏହାପୂର୍ବରୁ ଜୁଲାଇ ୮ରେ ମହାନଦୀର ବନ୍ୟା ଜଳ ଆସି ଭଟ୍ଟାରିକାଙ୍କ ବେଢ଼ା ଛୁଇଁଥିଲା ।



ମା' ଭଟ୍ଟାରିକାଙ୍କ ପୀଠ ବେଢ଼ାକୁ ମହାନଦୀ ଜଳ ଛୁଇଁଲା ।

## ସଂକ୍ଷେପରେ

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଟିଗିରିଆ,୨୭।୭(ଜାଫର ଖାଁ):** ଟିଗିରିଆ ବ୍ଲକ ନିଜିଗଡ ପଞ୍ଚାୟତ ଅନ୍ତର୍ଗତ ପୂର୍ବତନ ସରପଞ୍ଚ ହେମନ୍ତ କୁମାର ମହାପାତ୍ର(୭୩)ଙ୍କ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମହାପାତ୍ର ନିଜିଗଡ ପଞ୍ଚାୟତ ଗୋପୀନାଥପୁର ଶାସନର ବାସିନ୍ଦା। ସେ କଟକ ଲୋକସଭା ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଟିଗିରିଆ ବ୍ଲକ ପ୍ରତିନିଧି ଭାବେ ବିଭିନ୍ନ ଉନ୍ନୟନମୂଳକ କାମରେ ସହଯୋଗ କରିଥିଲେ। କ୍ୟାନ୍‌ସର ରୋଗରେ ପୀଡ଼ିତ ହୋଇ କୋଲକାତାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ପୁଣି ଦେହ ଅସୁସ୍ଥ ହେବାରୁ ଶନିବାର କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମହାପାତ୍ରଙ୍କ ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗୋପୀନାଥପୁରସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ମହାପାତ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



## ୧୫ ଫୁଟ ଅଜଗର ଉଦ୍ଧାର



**ବାଙ୍କୀ , ୨୭।୭( ଶୁଭେନ୍ଦୁ ମହାପାତ୍ର ):** ବାଙ୍କୀ ଉପଖଣ୍ଡ ବାଆଁର ପଞ୍ଚାୟତସ୍ଥିତ ନୂଆ ସାହି ରାସ୍ତାରେ ରବିବାର ୧୫ ଫୁଟରୁ ଉର୍ଦ୍ଧ୍ୱ ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ଏହାପରେ ଉକ୍ତ ସାପକୁ ସ୍ନେକ୍ ହେଲ୍ପ ଲାଇନ୍ ସାହାଯ୍ୟରେ ଜଙ୍ଗଲରେ ଛଡ଼ାଯାଇଛି।

ସୂଚନାଯୋଗ୍ୟ, ସାପଟି ରାସ୍ତାରେ ଶୋଇଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇ ସ୍ନେକ ହେଲ୍ପ ଲାଇନକୁ ଜଣାଇଥିଲେ। ଖବରପାଇ ସ୍ଥାନୀୟ ଅଞ୍ଚଳର ୨ଜଣ ଯୁବକ ଘଟଣାସ୍ଥଳରେ ପହଞ୍ଚି ଅଜଗରଟିକୁ କାବୁ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ

**ଆଠଗଡ଼, ୨୭।୭(ସତ୍ୟପ୍ରସାଦ ରଥ)**

ଆଠଗଡ ଗାନ୍ଧୀମାର୍ଗସ୍ଥିତ ଭାଜପା କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୪ତମ ମନ୍‌କୀ ବାତ୍‌କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ପରିଷଦ ସଦସ୍ୟ (କଟକ ଜିଲା) ବ୍ରଜେନ୍ଦ୍ର କୁମାର ରାୟ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ଚାଷୀ, ବୁଣାକାର, ଯୁବ ଉଦ୍ୟୋଗୀଙ୍କୁ ପ୍ରେରଣା ବାର୍ତ୍ତା ଦେଇଛନ୍ତି। ଏଥିସହ ଓଡ଼ିଶାର ମୟୂରଭଞ୍ଜ, କନ୍ଧମାଳ, କେନ୍ଦୁଝର ଜିଲାମାନଙ୍କର ଉଦ୍ୟୋଗପତିମାନଙ୍କୁ ପ୍ରଶଂସିତ କରିଥିଲେ। ଏହି ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପୂର୍ବତନ ନଗର ମଣ୍ଡଳ ସଭାପତି ହେମନ୍ତ କୁମାର ମହାନ୍ତି, ଉପସଭାପତି ସୁନୀଲ କୁମାର ମିଶ୍ର, ରମାକାନ୍ତ ସେନାପତି, କ୍ୟାପ୍‌ଟେନ ପ୍ରଫୁଲ୍ଲ ପରିଡ଼ା, ପଦ୍ମଚରଣ ବେଉରା, ବିବେକାନନ୍ଦ ବେଉରା, ରେଣୁବାଳା ବେଉରା, ମୀନାକ୍ଷୀ ଜେନା, ଶକୁନ୍ତଳା ସେନାପତି ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତଥିଲେ।



ଭାଜପା କାର୍ଯ୍ୟାଳୟରେ ନେତା ଓ କର୍ମୀମାନେ 'ମନ୍ କୀ ବାତ୍' ଶୁଣୁଛନ୍ତି ।

## ରାସ୍ତା ମରାମତି କଲେ ଯୁବଗୋଷ୍ଠୀ

- ପ୍ରଶାସନ ଶୁଣିଲାନି
- ଦୀର୍ଘ ବର୍ଷ ହେବ ରାସ୍ତା ଅବସ୍ଥା ଶୋଚନୀୟ ଥିଲା

**ବାରଙ୍ଗ,୨୭।୭(ଲିଙ୍ଗରାଜ ରାଉତ):**

ବାରମ୍ବାର ଦାବିସତ୍ତ୍ୱେ ପ୍ରଶାସନ ଶୁଣିଲାନି। ଶେଷରେ ଦୀର୍ଘବର୍ଷ ହେବ ଖାଲଖମା ଅବସ୍ଥାରେ ଥିବା ରାସ୍ତାକୁ ଯୁବଗୋଷ୍ଠୀ ମରାମତି କରିଛନ୍ତି। କୁହ୍ନେଇଁପଡ଼ା ଗ୍ରାମପଞ୍ଚାୟତର ପାଟପୁର ଶଅରସାହିରେ ଏପରି ଘଟଣା ଦେଖିବାକୁ ମିଳିଛି। ଏଠାକାର ମୁଖ୍ୟରାସ୍ତା ଦୀଘବର୍ଷ ହେବ ଶୋଚନୀୟ ହୋଇପଡ଼ିଥିଲା। ଫଳରେ ଲୋକମାନେ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାର ମରାମତି ପାଇଁ ଗ୍ରାମବାସୀ ବହୁବାର ଲୋକପ୍ରତିନିଧିମାନଙ୍କଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନକୁ ଜଣାଇଥିଲେ।

ମାତ୍ର କୌଣସି ସୁଫଳତା ମିଳି ନଥିଲା। ଶେଷରେ ବାଧହୋଇ ସ୍ଥାନୀୟ ଯୁବକମାନେ ଏକାଠି ହୋଇ ରାସ୍ତା କାମ କରିଛନ୍ତି। ଯୁବକମାନେ ନିଜ ମଧ୍ୟରେ ଟଙ୍କା ଆଦାୟ କରି ଟ୍ରାକ୍ଟରରେ ମାଟି ଆଣିଥିଲେ। ଏଥିସହ ମେଶିନ ଦ୍ୱାରା ଖାଲଖମା ହୋଇଥିବା ରାସ୍ତାକୁ ସମତୁଲ କରିଥିଲେ। ସେହିପରି ମୁଖ୍ୟରାସ୍ତାରେ ଜମି ରହୁଥିବା ବର୍ଷାପାଣି ନିଷ୍କାସନର ବ୍ୟବସ୍ଥା ମଧ୍ୟ କରିଥିଲେ। ଯୁବଗୋଷ୍ଠୀଙ୍କ ଏଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।



ଯୁବକମାନେ ରାସ୍ତା ମରାମତି କରୁଛନ୍ତି ।

## ନିୟମିତ ଯୋଗ, ପ୍ରାଣାୟମ କରନ୍ତୁ ବରିଷ୍ଠ ନାଗରିକ

**ବଯ୍ୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ଅବଦାନ ସଚେତନତା କାର୍ଯ୍ୟକ୍ରମ**

**ବାଙ୍କୀ,୨୭।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ରବିବାର ବିଦ୍ୟାରତ୍ନ ଭବନରେ ଅବଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା ଅତିଥି ପରିଚୟ ଦେବା ସହ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଯୋଗ ଓ ପ୍ରାଣାୟମ ସମ୍ବନ୍ଧରେ ଶ୍ରୀବସ୍ତ ନାୟକ, ଅର୍ଥନୀତି ପରିଚାଳନା ସମ୍ପର୍କରେ ପୂର୍ବତନ ବ୍ୟାଙ୍କ ଅଧିକାରୀ ଉମେଶ ଚନ୍ଦ୍ର ମିଶ୍ର, ବରିଷ୍ଠ ନାଗରିକଙ୍କ ବିଭିନ୍ନ ଦିଗ ଉପରେ ଇଂ.ସତ୍ୟବ୍ରତ ରଥ ଓ ପ୍ରାଧ୍ୟାପକ ମନୋଜ କୁମାର ରଥ, ବରିଷ୍ଠ ନାଗରିକ ସମସ୍ୟା ଉପରେ ଭରତ ଚନ୍ଦ୍ର ବେହେରା, ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅଖିଳବୀର ହରିଚନ୍ଦନ, ସ୍ୱାସ୍ଥ୍ୟ ସମ୍ବନ୍ଧରେ ଦେବରାଜ ରଣା, ବରିଷ୍ଠ ନାଗରିକଙ୍କ ଆଇନ ସହାୟତା ବିଷୟରେ ଆଇନ୍‌ଜୀବୀ ବ୍ରଜବନ୍ଧୁ ପାଲ ଓ କୁମର ପ୍ରଧାନ ପ୍ରମୁଖ ଆଲୋଚନା କରିବା ସହ ଏସବୁ ବିଷୟ ଉପରେ ମାର୍ଗଦର୍ଶନ କରିଥିଲେ। ଆଲୋଚନାଚକ୍ରକୁ ବରିଷ୍ଠ ନାଗରିକ ସଂଘର ସଭ୍ୟ କୃତିବାସ ପଣ୍ଡା ସଭା ପରିଚାଳନା କରିଥିବାବେଳେ ପ୍ରଫୁଲ୍ଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବରିଷ୍ଠ ନାଗରିକମାନେ ।

## ଆଜି ୧୫ ଜିଲାରେ ବର୍ଷା, ୩୧ରୁ କମିବ

**ଭୁବନେଶ୍ୱର,୨୭।୭ (ଅନୁରାଧା ମହାରଣା):** ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପଶ୍ଚିମବଙ୍ଗ ଉପକୂଳ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ବାଂଲାଦେଶର ସଂଲଗ୍ନ ଅଞ୍ଚଳ ଉପରେ କେନ୍ଦ୍ରୀଭୂତ ହୋଇ ଅବପାତର ରୂପ ନେଇଛି। ଏହି ଅବପାତ କ୍ରମଶଃ ଦୁର୍ବଳ ହୋଇ ପୁଣି ଲଘୁଚାପରେ ପରିଣତ ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ୧୫ ଜିଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ ଓ ସମ୍ବଲପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ଉପକୂଳ ଓ ଏହାର ଆଖପାଖ ଅଞ୍ଚଳ, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।।

## 'ଓଏମ୍‌ପିରୁ କନ୍ଦରପୁର ଯାଏ ହେବ ଏଲିଭେଟେଡ କରିଡର'

**କଟକ,୨୭।୭(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଓଏମ୍‌ପିଠାରୁ କନ୍ଦରପୁର ପର୍ଯ୍ୟନ୍ତ ନିର୍ମାଣ ହେବ ଏଲିଭେଟେଡ କରିଡର। ଏ ବିଷୟରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟି ଦାବିପତ୍ର ଦେବା ସହ ଆଲୋଚନା କରିଥିବା ନେଇ ରବିବାର ସିଡିଏସ୍ଥିତ ରାଇସିନା ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି। ସେ କହିଛନ୍ତି ଯେ, ସହରରେ ଚାଉଳିଆଗଞ୍ଜ ଓ ନୂଆବଜାର ଅଞ୍ଚଳର ଭିଡକୁ ଦୃଷ୍ଟିରେ ରଖି ଏଲିଭେଟେଡ କରିଡର ପାଇଁ ନିଷ୍ପତ୍ତି କରାଯାଇଛି। ଖୁବଶୀଘ୍ର ଏହି କାର୍ଯ୍ୟକୁ ମଞ୍ଜୁରୀ ମିଳିବ, ଏଥିପାଇଁ ଡିପିଆର ପ୍ରସ୍ତୁତ ସରିଛି। ଆସନ୍ତା ୩ମାସ ମଧ୍ୟରେ ଏହାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ଏବଂ କାମ ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୬୪୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା କଟକ ସହରର ଭିଡକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ। ସେହିପରି ଖାନନଗର ପରିବର୍ତ୍ତେ ଓଏମ୍‌ପିଠାରେ କରିବାକୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଚାରିବର୍ଷ ପୂର୍ବରୁ ଦାବି କରି ଆସୁଥିଲେ, କିନ୍ତୁ ଜିଦ୍‌ରେ ତାହାକୁ ଖାନନଗରଠାରେ କରାଗଲା। ଏପରିକି ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ଏଯାଏଁ ସମ୍ପୂର୍ଣ୍ଣ କରି ପାରିଲେ ନାହିଁ। ସେହିପରି ଚୌଦ୍ୱାର ଚାରବାଟିଆ ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି। ଏହା ଏବେ ପ୍ରତିରକ୍ଷା ବିଭାଗ ଅଧୀନରେ ରହିଥିବାବେଳେ ଏହି କାମକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନ କରୁଛି। ଏହି ବିମାନବନ୍ଦରକୁ ଏଆର କାରଗୋ ହବ୍ କରିବା ଯାହାଦ୍ୱାରା ସିଭିଲିଆନ ବିମାନ କଟକକୁ ଆସି ପାରିବ। ଏହାସହ ବିଭିନ୍ନ ଅଞ୍ଚଳରେ ଡିଫେନ୍ସର ଯେଉଁ କାରଖାନ ଏବେ କରାଯାଉଛି ସେଥିମଧ୍ୟରୁ କିଛି କାରଖାନା ଏହି ଚାରବାଟିଆ ଅଞ୍ଚଳରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଆଲୋଚନା କରିଥିବା ମହାତାବ କହିଛନ୍ତି।

**ଚାରବାଟିଆ ବିମାନବନ୍ଦର ଏୟାର କାରଗୋ ହବ୍ ପାଇଁ ଆଲୋଚନା**

## ହେପାଟାଇଟିସ ଉପରେ କରାଯିବ ସଚେତନତା



ଏସ୍‌ସିବି ମେଡିକାଲ ହେପାଟୋଲୋଜି ବିଭାଗ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ସୂଚନା ଦେଉଛନ୍ତି।

**କଟକ,୨୭।୭(ଶିଳ୍ପା ପ୍ରିୟଦର୍ଶିନୀ):** ବିଶ୍ୱ ହେପାଟାଇଟିସ୍ ଦିବସ ସୋମବାର ପାଳନ କରାଯିବ। ଚଳିତବର୍ଷ ହେପାଟାଇଟିସ- ଚାଲ ଏହାକୁ ଭାଙ୍ଗିବା ଥିମରେ ଲୋକଙ୍କୁ ସଚେତନତା କରାଯାଉଛି। ଏହାସହ ପରୀକ୍ଷା କରାଇବା, ଟୀକାକରଣ, ଉପଯୁକ୍ତ ଔଷଧ ଖାଇବା ସହ ସଚେତନ ହେଲେ ଏହି ରୋଗଠାରୁ ଦୂରେଇ ରହି ହେବ ବୋଲି ରବିବାର କଟକସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ସିବି ମେଡିକାଲ ହେପାଟୋଲୋଜି ବିଭାଗର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର କହିଛନ୍ତି। ଡାକ୍ତର ପାତ୍ର କହିଛନ୍ତି, ଏହାସହ ପର୍ଯ୍ୟାପ୍ତ ପରିମାଣର ପନିପରିବା ଓ ଭିଟାମିନ-ସି ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ। ଅନ୍ୟପଟେ ଏହି ଦିଗରେ ସରକାରଙ୍କ ପକ୍ଷରୁ ଅଧିକ ସହାୟତା ମିଳିଲେ ଏହା ଠିକ୍ ଭାବେ କାର୍ଯ୍ୟକରି ହେବ ବୋଲି ସେ କହିଛନ୍ତି।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ବାଙ୍କୀ,୨୭।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋଡିପାଟଣା ଗ୍ରାମସ୍ଥ ମା'ମଙ୍ଗଳା ମନ୍ଦିର ପରିସରରେ ରବିବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ବଉଳ ଓ ଅଁଳା ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମକୁ ପ୍ରକୃତିବନ୍ଧୁ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଶୁଭାରମ୍ଭ କରିଥିଲେ। ଏଥିସହ ବୃକ୍ଷ ହିଁ ଜୀବନ ଓ ବୃକ୍ଷରୁ ଅମ୍ଳଜାନ ମିଳିଥାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅକ୍ଷୟ କୁମାର ସାମଲ, ବିଶ୍ୱରଞ୍ଜନ ସ୍ୱାଇଁ, ବିନୋଦିନୀ ପରିଡା, ରବୀନ୍ଦ୍ର କୁମାର ଲେଙ୍କା, ଶାନ୍ତିଲତା ପରିଡା, ସରୋଜିନୀ ମହାନ୍ତି, କଂଗ୍ରେସ ରଣା ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।



## ଯୋଜନାରେ ସୀମିତ ଏଚ୍‌ଏଲ୍‌ଏ ଲ୍ୟାବ୍ ବ୍ୟବସ୍ଥା

**ନମୁନା ମ୍ୟାଚିଂ ପାଇଁ ଯାଉଛି ଘରୋଇ ହସ୍ପିଟାଲ**

**କଟକ,୨୭।୭(ଶିଳ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ହ୍ୟୁମାନ ଲ୍ୟୁକୋସାଇଟ ଆଣ୍ଟିଜେନ (ଏଚ୍‌ଏଲଏ) ଲ୍ୟାବ୍ ବ୍ୟବସ୍ଥା ଟେଣ୍ଡରରେ ସୀମିତ ରହିଛି। ଏପରି କି ମେଡିକାଲ ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ଏଚ୍‌ଏଲଏ ଲାବରେଟୋରି ଖୋଲିବ ବୋଲି ସ୍ଥିର କରାଯାଇ ଟେଣ୍ଡର ଡକାଯାଇଥିଲା। ହେଲେ ଏହି ଟେଣ୍ଡର ଡକାଯିବା ଘଟଣାକୁ ବର୍ଷ ପରେ ବର୍ଷ ବିତି ଚାଲିଥିବାବେଳେ ଏହି ଦିଗରେ କାର୍ଯ୍ୟ ଆଗେଇ ପାରିନାହିଁ। ଏସ୍‌ସିବିରେ ବୃକକ, ଲିଭର ପ୍ରତିରୋପଣ କରାଯାଉଥିବାବେଳେ ଏଥିପାଇଁ ଏଚ୍‌ଏଲଏ ମ୍ୟାଚିଂ ଆବଶ୍ୟକ ପଡିଲେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନମୁନା ପଠାଯାଉଛି।

**ଏଚ୍‌ଏଲଏ ମ୍ୟାଚିଂ କ'ଣ:** ହ୍ୟୁମାନ ଲ୍ୟୁକୋସାଇଟ ଆଣ୍ଟିଜେନ (ଏଚ୍‌ଏଲଏ)। ପ୍ରତ୍ୟେକ ପ୍ରତିରୋପଣ ନିମନ୍ତେ ଏଚ୍‌ଏଲଏ ମ୍ୟାଚିଂ ଜରୁରୀ। ଏହା ରକ୍ତ ନମୁନା ମ୍ୟାଚିଂ ଭଳି ସାଧାରଣ ପ୍ରକ୍ରିୟା ନୁହେଁ। ରକ୍ତ କଣିକାରେ ଥିବା ପ୍ରୋଟିନକୁ ଆଣ୍ଟିଜେନ କୁହାଯାଏ। ଏଚ୍‌ଏଲଏ ମ୍ୟାଚିଂରେ ଆଣ୍ଟିଜେନ ମେଳ ଖାଉଛି କି ନାହିଁ ତାହା ପରୀକ୍ଷା କରାଯାଏ। ରୋଗୀ ଓ ଡୋନରଙ୍କ ଏଚ୍‌ଏଲଏ ରିପୋର୍ଟ ମେଳ ଖାଇଲେ ପ୍ରତିରୋପଣ ପ୍ରକ୍ରିୟା ଆରମ୍ଭ ହୋଇଥାଏ।

ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ମେଡିକାଲରେ ବୃକ୍କ ପ୍ରତିରୋପଣ ଏକ ଦଶନ୍ଧି ଧରି ହୋଇ ଆସୁଛି। ସେହିପରି ଲିଭର ପ୍ରତିରୋପଣ ଗତବର୍ଷ ଆରମ୍ଭ ହୋଇଛି ଏବଂ ଆଗାମୀ ଦିନରେ ହୃତ୍‌ପିଣ୍ଡ ପ୍ରତିରୋପଣ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ଘୋଷଣା କରିଛି। ଏସ୍‌ସିବିରେ ଏହି ବ୍ୟବସ୍ଥା କରାଯିବା ବୋଲି ସ୍ଥିର କରାଯାଇଥିଲା ଏବଂ ରାଜ୍ୟର ସରକାରୀ ମେଡିକାଲ ଭାବେ ଏସ୍‌ସିବିରେ ଏହା ପ୍ରଥମ କରି ଉପଲବ୍ଧ ହେବ ବୋଲି କୁହାଯାଉଥିଲା। ଏହାସହ ମେଡିକାଲ ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ଏହାକୁ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିରୋପଣ ସମୟରେ ଏହି ଏଚ୍‌ଏଲଏ ମ୍ୟାଚିଂ ଜରୁରୀ ରହିଥାଏ। ପୂର୍ବରୁ ରାଜ୍ୟ ବାହାରକୁ ନମୁନା ପଠାଯାଉଥିବା ବେଳେ ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ପଠାଯାଉଛି। ଏସ୍‌ସିବିରେ ଏହି ଲାବରେଟୋରି ହେଲେ ପ୍ରତିରୋପଣ ପ୍ରକ୍ରିୟା ଆହୁରି ଅଧିକ ସହଜ ହୋଇ ପାରନ୍ତା । ସେହିପରି ଏସ୍‌ସିବିର ୟୁରୋଲୋଜି ବିଭାଗ ସଫଳପୂର୍ଣ୍ଣ ଭାବେ କାର୍ଯ୍ୟ କରୁଛି। ୧୬ରୁ ଅଧିକ କାଡାଭରିକ ପ୍ରତିରୋପଣ ସମେତ ୨୦୦ରୁ ଅଧିକ ସାଧାରଣ ବୃକ୍କ ପ୍ରତିରୋପଣ ଏଠାରେ ହୋଇସାରିଲାଣି। ହେଲେ ଏଚ୍‌ଏଲ୍‌ଏ ମ୍ୟାଚିଂ ନିମନ୍ତେ କିଛି ନିର୍ଦ୍ଦିଷ୍ଟ ଘରୋଇ ଲାବରେଟୋରି ଜରିଆରେ ନମୁନା ରାଜ୍ୟ ବାହାରକୁ ପଠାଯାଉଥିଲା। ଯେଉଁଥି ପାଇଁ ଅନେକ ସମୟରେ ଅସନ୍ତୋଷ ଉପୁଜିବା ସହିତ ସମୟ ଅପଚୟ ହେଉଥିଲା। ପୂର୍ବରୁ ଏଚ୍‌ଏଲ୍‌ଏ ମ୍ୟାଚିଂ ନିମନ୍ତେ ୫ରୁ ୬ ଦିନ ଲାଗୁଥିଲା। ନିକଟ ଅତୀତରେ ଯେଉଁ ସବୁ ପ୍ରତିରୋପଣ ବଡ ମେଡିକାଲରେ କରାଯାଇଛି, ଏହାର ଏଚ୍‌ଏଲଏ ମ୍ୟାଚିଂ ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ଉପରେ ନିର୍ଭର କରାଯାଉଛି। ଏସ୍‌ସିବି ମେଡ଼ିକାଲରେ ଏହି ଲାବରେଟୋରି ଖୋଲିଲେ ୨ ଦିନରେ ମ୍ୟାଚିଂ ହୋଇ ପାରନ୍ତା ବୋଲି ସୂଚନା ମିଳିଛି। ଏସ୍‌ସିବିରେ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଥିବାବେଳେ ଏହି ଲ୍ୟାବ୍ ବ୍ୟବସ୍ଥାର କାର୍ଯ୍ୟ ଆରମ୍ଭ ନ ହେବା ଓ ଟେଣ୍ଡରରେ ସମସ୍ତ ପ୍ରକ୍ରିୟା ଅଟିକିବା ବିଷୟରେ ମେଡିକାଲର ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ‘ପରିମଳ କର୍ମଚାରୀଙ୍କ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଉଛନ୍ତି’

## ‘ଗରିମା’ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)

ପରିମଳ କର୍ମଚାରୀଙ୍କ ସୁରକ୍ଷାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଲୋକସେବା ଭବନରେ ‘ଗରିମା’ ଅଧୀନରେ ଚାଲିଥିବା ଦୁଇଦିନିଆ ଜାତୀୟ ସମ୍ମିଳନୀର ରବିବାର ଉଦ୍‌ଯାପନ ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏହା କହିଛନ୍ତି। ‘ମୁଖ୍ୟ ପରିମଳ କର୍ମଚାରୀଙ୍କ ସମ୍ମାନ, ନିରାପତ୍ତା ଓ ଅନ୍ତର୍ଭୁକ୍ତୀକରଣ ସୁନିଶ୍ଚିତ କରିବା’ ପ୍ରସଙ୍ଗ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେବା ସହ ପରିମଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ ପ୍ରମୁଖ ସଫେଇ କର୍ମଚାରୀଙ୍କ ପ୍ରସଙ୍ଗକୁ ଜାତୀୟସ୍ତରରେ ଆଗେଇ ନେବାରେ ଓଡ଼ିଶାର ନେତୃତ୍ୱକୁ ନେଇ ସେ ଗର୍ବିତ ବୋଲି କହିଥିଲେ। ଏଥିସହ ସଫେଇ କର୍ମଚାରୀଙ୍କ ପାଇଁ ପ୍ରସ୍ତୁତ ଦୃଢ଼ ସାମାଜିକ ସୁରକ୍ଷା ଢାଞ୍ଚାର ଆବଶ୍ୟକତା ସମେତ ଦୁଇଦିନିଆ ଆଲୋଚନାର ମୁଖ୍ୟାଂଶ ଉପରେ ଆଲୋକପାତ କରିଥିଲେ। ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା (ଓଏଚ୍‌ଏସ) ମାନର ବୃଦ୍ଧି, ଚୁକ୍ତିଭିତ୍ତିକ ସଂସ୍କାର ମାଧ୍ୟମରେ ଅନୌପଚାରିକ ଶ୍ରମିକଙ୍କ ଆନୁଷ୍ଠାନିକତା ଏବଂ କଲ୍ୟାଣକାରୀ ଯୋଜନାରେ ପ୍ରବେଶ, କଲ୍ୟାଣ ବିତରଣକୁ ଟ୍ରାକ କରିବା, ମହିଳା ଓ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କୁ ସମ୍ମାନ ଓ ସୁରକ୍ଷା ସହିତ ପରିମଳ ଭୂମିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଟେକ୍ନୋଲୋଜି ଏବଂ ଡାଟା ସିଷ୍ଟମର ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଥିଲେ।



ସମ୍ମିଳନୀରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ମିଳନୀର ଏକ ଅଂଶ ଭାବରେ ବିଭିନ୍ନ ରାଜ୍ୟ, ଅନ୍ତର୍ଜାତୀୟ ସଂଗଠନ, ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ୟୁଏଲ୍‌ବି ପ୍ରତିନିଧିମାନେ ବିଷୟଗତ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ସାମାଜିକ ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ଏବଂ ଯାନ୍ତ୍ରିକ ପରିମଳ ଏବଂ ସୁରକ୍ଷା ପ୍ରୋଟୋକଲରେ ପରିମଳ କାର୍ଯ୍ୟାବଳୀ ପାଇଁ ସର୍ବୋତ୍ତମ ଅଭ୍ୟାସ ବୋଲି ମତ ପ୍ରକାଶ ପାଇଥିଲା। ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ମଧ୍ୟ ସେମାନଙ୍କ ମତ ରଖିଥିଲେ। ସମ୍ମିଳନୀରେ ୧୨ଟି ରାଜ୍ୟ ଓ ୩୪ଟି ଉନ୍ନୟନ ସଂସ୍ଥାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ରାଜ୍ୟର ପ୍ରମୁଖ ପରିମଳ କର୍ମଚାରୀ, ପଞ୍ଚାୟତିରାଜ ବିଭାଗ ଏବଂ ଏସ୍‌ଟି ଆଣ୍ଡ୍ ଏସ୍‌ସିଏମ୍‌ବିସିସି ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

## ଚିକିତ୍ସା ସହାୟତା ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

ନିରାକାରପୁର, ୨୭।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଜଗନ୍ନାଥ ସଡ଼କର ଲେଣ୍ଟୋ କାଜ ନିକଟରେ ରବିବାର ଅପରାହ୍ନ ସାଢେ ୪ଟାରେ ଏକ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନିରାକାରପୁର ଥାନା ଅଧୀନ ଲେଣ୍ଟୁ ତଳସାହିର ସୁଶାନ୍ତ ସ୍ୱାଇଁ (୨୭)। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲକୁ ପଠାଯାଇଛି। ଆହତଙ୍କୁ ଚିକିତ୍ସା ସହାୟତା ସହ ଅଭିଯୁକ୍ତ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ କାଜ ନୂଆ ଜଗନ୍ନାଥ ସଡ଼କରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସନ୍ଧ୍ୟା ପ୍ରାୟ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ୫ଘଣ୍ଟା ଧରି ଅବରୋଧ ସହ ଉତ୍ତେଜନା ଲାଗିରହିଥିଲା। ଖବର ପାଇ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

ସୂଚନା ଅନୁଯାୟୀ, ଏକ ଟ୍ରକ୍ ଲେଣ୍ଟୋ ପଟୁ ଆସୁଥିବାବେଳେ ବାଇକଟି ବିପରୀତ ଦିଗରୁ ଅର୍ଥାତ ନିରାକାରପୁର ପଟୁ ଯାଉଥିଲା। ଲେଣ୍ଟୋ କାଜ ନିକଟରେ ଉଭୟ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଥିଲା। ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକଟିକୁ ଜବତ କରି ଥାନାକୁ ନେଇଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି। ଶତାଧିକ ମହିଳା ଓ ପୁରୁଷ ରାସ୍ତାରୋକୋ କରିବାରୁ ଉଭୟ ପଟେ ପ୍ରାୟ ୧ କିଲୋମିଟର ପର୍ଯ୍ୟନ୍ତ ଗାଡ଼ିମୋଟର ଅଟକି ରହିଥିଲା।



ଗ୍ରାମବାସୀ କାଜ ନୂଆ ଜଗନ୍ନାଥ ସଡ଼କରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

## ‘ଚିତ୍ରମୟ ପିଲାଦିନ’ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୨୭।୭ (ସୌମ୍ୟରଞ୍ଜନ ରାଉତ)

ପ୍ରାଣକୃଷ୍ଣ କଲ୍‌ଚରାଲ୍ ଫାଉଣ୍ଡେଶନ୍ ଟ୍ରଷ୍ଟ ବାଲେଶ୍ୱର ଓ ବନଫୁଲ ପ୍ରକାଶନୀ ଭୁବନେଶ୍ୱର ପକ୍ଷରୁ ଲେଖିକା ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କ ରଚିତ ସ୍ମୃତିଚିତ୍ର ‘ଚିତ୍ରମୟ ପିଲାଦିନ’ ପୁସ୍ତକ ରବିବାର ଜାତୀୟ ଅଭିଲେଖାଗାର ସମ୍ମିଳନୀ କକ୍ଷରେ ଲୋକାର୍ପିତ ହୋଇଯାଇଛି। ଉତ୍ସବରେ ଲେଖିକା ଡ. ମହାପାତ୍ର ସଭାପତିତ୍ୱ କରି ପୁସ୍ତକ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ଅନୀତି ପଣ୍ଡାଙ୍କୁ ମାନପତ୍ର ଓ ଉପୌକନ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ଭାବେ ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକ ଡ. ମିହିର କୁମାର ସାହୁ, ସାହିତ୍ୟିକ ରବିନାରାୟଣ ସେନାପତି ଓ ପ୍ରଶାସକ ଶୋଭନ କର ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶନୀର ନିର୍ଦ୍ଦେଶକ ପବିତ୍ର ବ୍ରହ୍ମପୁତ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଶର୍ମିଷ୍ଠା ମହାପାତ୍ର ପରିଚାଳନା କରିଥିଲେ। ଡ. ସୁଶୀଳ କୁମାର ବାଗ୍ ଧନ୍ୟବାଦ ଅର୍ପଣ କରିଥିଲେ।



ଭାରତୀୟ ପୂର୍ବ ସେନାନୀ ସଂଘ ଚିଲିକା ଶାଖା ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳନ କରାଯାଉଛି।

## କୈଳାସ ପୁହାଣ ହେଲେ ଆଞ୍ଚଳିକ ସମ୍ପାଦକ

### ସିପିଆଇ ଭୁବନେଶ୍ୱର ଜୋନ୍‌ର ୧୬ତମ ସମ୍ମିଳନୀ

ଭୁବନେଶ୍ୱର, ୨୭।୭ (ବନ୍ଦନା ସେଠୀ)

ସିପିଆଇର ୧୬ତମ ଭୁବନେଶ୍ୱର ଜୋନ୍ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଅସମ୍ଭାଳ ଦରଦାମ ବୃଦ୍ଧିରେ ଲଗାମ ଲଗାଇବା, ଖାଲିଥିବା ସମସ୍ତ ସରକାରୀ ପଦପଦବୀ ପୂରଣ କରିବା ଏବଂ ସମସ୍ତ ଠିକା ବ୍ୟବସ୍ଥା ଉଚ୍ଛେଦ ଦାବିରେ ଆନ୍ଦୋଳନ କରିବା ସହ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥାର ପ୍ରତିକାର, ସହର ମଝିରେ ଡମ୍ପିଂୟାର୍ଡ଼ ଉଚ୍ଛେଦ ପାଇଁ ନିୟମିତ ରାଜରାସ୍ତାରେ ଗଣ ଆନ୍ଦୋଳନ ଏବଂ ପ୍ରତିବାଦ କରିବା ପାଇଁ ସମ୍ମିଳନୀରେ ସ୍ଥିର କରାଯାଇଥିଲା। ସେହିପରି ପଟିଆଠାରେ ଅଗଷ୍ଟ ୨ ଓ ୩ରେ ହେବାକୁ ଥିବା ଜିଲା ସମ୍ମିଳନୀ ପାଇଁ ପ୍ରତିନିଧି ଚୟନ, ସେପ୍ଟେମ୍ବର ୪ରୁ ୬ଯାଏ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀ ଓ ଶତବାର୍ଷିକୀ ସମାରୋହକୁ ସଫଳ କରିବା ପାଇଁ ଭୁବନେଶ୍ୱର ଜୋନ୍ କମିଟିର ସମର୍ଥନ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଆଞ୍ଚଳିକ ସମ୍ପାଦକ ଭାବେ କୈଳାସ ପୁହାଣ ନିର୍ବାଚିତ ହୋଇଥିବାବେଳେ ରାକେଶ ପାତ୍ର, ଶରତ ସ୍ୱାଇଁ, ଶଙ୍କର ବାରିକ, ବିଶ୍ୱଜିତ ନାୟକ ସହ-ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଖୋର୍ଦ୍ଧାଜିଲା ସହସମ୍ପାଦକ ସତୀଶ ମିଶ୍ର ରାଜନୈତିକ ଓ ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଖୋର୍ଦ୍ଧା ଜିଲା ସମ୍ପାଦକ ଅମିୟ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ।

## କାର୍ଗିଲ ବିଜୟ ଦିବସ ପାଳିତ

ଟାଙ୍ଗୀ, ୨୭।୭ (ରଘୁନାଥ ସାହୁ)

ଭାରତୀୟ ପୂର୍ବ ସେନାନୀ ସଂଘ ଚିଲିକା ଶାଖା ପକ୍ଷରୁ ଏହାର କାର୍ଯ୍ୟାଳୟରେ ଶନିବାର ୨୬ ତମ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପରେଡ୍ କରାଯାଇଥିଲା। ୧୯୭୧ ମସିହାରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧର ବରିଷ୍ଠ ସେନା କର୍ମଚାରୀ ସୁରେନ୍ଦ୍ରନାଥ ପ୍ରଧାନ ଜାତୀୟପତାକା ଉତ୍ତୋଳନ କରିଥିଲେ। ସଂଘ ସଭାପତି ଶ୍ରୀବସ୍ତ ବୈରିଗଞ୍ଜନ ପୁଷ୍ପ ଅର୍ପଣ କରି କାର୍ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ର ସେନାନୀ ସଂଘ ଉପଦେଷ୍ଟା କ୍ୟାପଟେନ୍ ମନ୍ମଥ କୁମାର ସିଂଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ଉପସ୍ଥିତ ଥିବା ସମସ୍ତ ସୈନିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାରତୀୟ ପୂର୍ବ ସେନାନୀ ସଂଘ ସଦସ୍ୟ ଭୁବନେଶ୍ୱର ପାଇକରାୟ, ଶଙ୍କର କୁମାର ବଡ଼ଜେନା, ଅଶ୍ୱିନୀ କୁମାର ପରିଡା, ଉପସଭାପତି ଜି.କେ.ରାଜୁ, ଜି. କାଳିଆ ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାଶ, ପବିତ୍ର ବରାଳ, ଅଧିକାରୀ ସୁବୁଦ୍ଧି, ବିଜୟ ସାମନ୍ତରାୟ, ସୁରେନ୍ଦ୍ର ପ୍ରଧାନ, ଶ୍ୟାମନାଥ ପାଇକରାୟ, ଲକ୍ଷ୍ମଣ ବେହେରା, ଶ୍ରୀକର ମହାପାତ୍ର, ଜଳନ୍ଧର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ରାସ୍ତାରେ ଗୋରୁ, ଫସଲ ଚିନ୍ତାରେ ଚାଷୀ

ଟାଙ୍ଗୀ, ୨୭।୭ (ରଘୁନାଥ ସାହୁ)

ଟାଙ୍ଗୀ ଅଞ୍ଚଳରେ ଚାଷୀମାନେ ଧାନଚାଷ ପାଇଁ ବୁଣାବୁଣି ସହ ରୁଆକାର୍ଯ୍ୟ ସାରିବାକୁ ବସିଥିବାବେଳେ ଗୋରୁ ଚରାଇବାକୁ ଲୋକ ମିଳୁନାହାନ୍ତି। ତେଣୁ ରାସ୍ତାରେ ଗୋରୁ ବୁଲୁଛନ୍ତି। ଅନ୍ୟପଟେ ଚାଷୀମାନେ ଧାନ ଫସଲକୁ କିପରି ଗୋରୁଙ୍କଠାରୁ ରକ୍ଷା କରିବେ ସେହି ଚିନ୍ତାରେ ପଡ଼ିଛନ୍ତି। ଗତବର୍ଷ ଗୋରୁ ଜଗୁଥିବା ଜଣେ ବ୍ୟକ୍ତିଙ୍କୁ ଲୋକେ ଠିକ୍ ଭାବେ ପାରିଶ୍ରମିକ ଦେଲେନାହିଁ। ଏଥିସହ ଗୋରୁ ଜଗୁଥିବାରୁ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ପରିବାରର ମର୍ଯ୍ୟାଦା କ୍ଷୁଣ୍ଣ ହେଉଥିବା ଅନୁଭବ କରିଥିଲେ। ଫଳରେ ସେ ଚଳିତ ବର୍ଷ ଏହି କାର୍ଯ୍ୟରୁ ମୁହଁ ଫେରାଇନେଲେ। ତେଣୁ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଯାଇଥିବାବେଳେ ଗୋସମ୍ପଦ ବିପଦରେ ପଡ଼ିଛି। ରାସ୍ତା ଦୁର୍ଘଟଣାରେ ପ୍ରତିଦିନ ଗୋରୁଙ୍କ ଜୀବନ ଯାଉଥିବାବେଳେ ବେଆଇନ ଗୋଚାଲାଣ ରୋକାଯାଇପାରୁନାହିଁ। ବାହାରେ ବୁଲୁଥିବା ଗୋରୁଙ୍କୁ ଅଟକ ରଖିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ କାଞ୍ଜିଆହୁଦା ଥିଲେ ବି କାମରେ ଲାଗୁନାହିଁ। ଟାଙ୍ଗୀ ପଞ୍ଚାୟତ ପକ୍ଷରୁ ଖୋର୍ଦ୍ଧା ଉପଜିଲାପାଳଙ୍କୁ କାଞ୍ଜିଆହୁଦା ନିଲାମ ପାଇଁ ଅନୁମତି ମଗାଯାଇଛି। ଧାନ ଫସଲ ପାଇଁ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ପ୍ରଶାସନ ଏକ ଗୋଶାଳା ନିର୍ମାଣ କରି ବାହାରେ ବୁଲୁଥିବା ଗୋରୁଙ୍କୁ ଏଠାରେ ରଖିପାରିଲେ ଫସଲ ରକ୍ଷା ପାଇପାରନ୍ତା ବୋଲି ଚାଷୀ ପ୍ରକାଶ କରିଛନ୍ତି।

## ଆଇନ ସଚେତନତା ଶିବିର





ଶିବିରରେ ଯୋଗଦେଇଥିବା ଅତିଥି।

ଖୋର୍ଦ୍ଧା, ୨୭।୭ (ପ୍ରଭାତ ପାଣିଗ୍ରାହୀ)

କ୍ୟାପିଟାଲ ଇଞ୍ଜିନିୟରିଂ କଲେଜରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସବ୍‌ଜଜ୍ ରାଜେଶ ରୋଶନ ନନ୍ଦ ଅଧ୍ୟକ୍ଷତା କରିଥିଲେ। ଏସ୍‌ଡିଜେଏମ୍ ପ୍ରତାପ ଚନ୍ଦ୍ର ପୃଷ୍ଟି, ଜେଏମ୍‌ଏଫ୍‌ସି ଦୁର୍ଗାପ୍ରସାଦ ପଣ୍ଡା, ଆଇନଜୀବୀ ଶିବ ପ୍ରସାଦ ତ୍ରିପାଠୀ, କଲେଜ ଅଧ୍ୟକ୍ଷ ଚିନ୍ମୟ ରଞ୍ଜନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଶିକ୍ଷାଗତ ଅଧିକାର ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ପିଲାମାନେ ଉତ୍ତମ ନାଗରିକ ହୋଇ ଦେଶସେବାରେ ବ୍ରତୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବସନ୍ତ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଜି ୧୫ ଜିଲାରେ ବର୍ଷା, ୩୧ରୁ କମିବ

ଭୁବନେଶ୍ୱର, ୨୭।୭ (ଅନୁରାଧା ମହାରଣା)

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପଶ୍ଚିମବଙ୍ଗ ଉପକୂଳ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ବାଂଲାଦେଶର ସଂଲଗ୍ନ ଅଞ୍ଚଳ ଉପରେ କେନ୍ଦ୍ରୀଭୂତ ହୋଇ ଅବପାତର ରୂପ ନେଇଛି। ଏହି ଅବପାତ କ୍ରମଶଃ ଦୁର୍ବଳ ହୋଇ ପୁଣି ଲଘୁଚାପରେ ପରିଣତ ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ୧୫ ଜିଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ ଓ ସମ୍ବଲପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ଉପକୂଳ ଓ ଏହାର ଆଖପାଖ ଅଞ୍ଚଳ, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଜାରି ରହିବ।

## ରାସ୍ତାରେ ଜମିଛି ବର୍ଷାପାଣି: ଯାତାୟାତରେ ସମସ୍ୟା

ଜଟଣୀ, ୨୭।୭ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଅଞ୍ଚଳରେ ରବିବାର ପ୍ରବଳ ବର୍ଷା ହେବାରୁ ବିଭିନ୍ନ ମୁଖ୍ୟ ରାସ୍ତାରେ ପାଣି ଜମି ରହିଛି। ଫଳରେ ଲୋକଙ୍କ ଯାତାୟାତରେ ସମସ୍ୟା ଉପୁଜିଛି। ଖୋର୍ଦ୍ଧା-ପିପିଲିକୁ ସଂଯୋଗ କରୁଥିବା ଜଟଣୀ ସହରର ମୁଖ୍ୟ ରାସ୍ତା ପାର୍ଶ୍ୱସ୍ଥ ଆନ୍ଧ୍ରା ବ୍ୟାଙ୍କଠାରୁ ସୀତାରାମ ଛକ, ବଡ଼ବଜାର, ଟାଉନ ହଲ ସମ୍ମୁଖ ରାସ୍ତା, ପୋଷ୍ଟ ଅଫିସ ସମ୍ମୁଖ ରାସ୍ତା, ରେଲୱେ ହସ୍ପିଟାଲକୁ ସଂଯୋଗ କରୁଥିବା ରେଲୱେ ମୁଖ୍ୟ ରାସ୍ତା ଆଦି ଏକାଧିକ ସ୍ଥାନରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଲହଡି ଭାଙ୍ଗୁଥିବା ଦେଖିବାକୁ ମିଳିଥିଲା। ସହରରେ ଅସରାଏ ବର୍ଷା ହେଲେ ମୁଖ୍ୟ ରାସ୍ତା ସହିତ ସାହିବସ୍ତି ରାସ୍ତା ଏବଂ ଡ୍ରେନରେ ପାଣି ଜମି ରହି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିଲା ବେଳେ ପୌର ପ୍ରଶାସନ କିମ୍ବା ଆର୍‌ଆଣ୍ଡ୍‌ବି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଥିଯୋଗୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ରାସ୍ତାରେ ଜମି ରହିଥିବା ବର୍ଷାପାଣି।

## ଅଞ୍ଚଳର ବିକାଶ ଉପରେ ବ୍ରହ୍ମଗିରି ବିଧାୟିକାଙ୍କ ଗୁରୁତ୍ୱ

କୃଷ୍ଣପ୍ରସାଦ, ୨୭।୭ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ତିଛିଣି ତ୍ରିଲୋଚନେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଆବାହକତ୍ୱରେ ଭାଜପା ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ ପଞ୍ଚାୟତର ପ୍ରମୁଖ ନେତୃବୃନ୍ଦ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ନିମନ୍ତେ ଉଦ୍ୟମ ଜାରି ରଖିଥିବା ବିଧାୟିକା ମହାପାତ୍ର କହିବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ବିଧାୟିକା ସମୀକ୍ଷା କରିବା ସହ ପ୍ରତ୍ୟେକ ଗ୍ରାମକୁ ଆଦର୍ଶ ଗ୍ରାମରେ ପରିଣତ କରିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ସୂଚନା ଦେଇଥିଲେ। ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



ସାଙ୍ଗଠନିକ ବୈଠକରେ ବିଧାୟିକା ଉପାସନା ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।

ପ୍ରତ୍ୟେକ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ, ପାନୀୟଜଳ ଓ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ସହ ବନ୍ୟା ଓ ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପଞ୍ଚାୟତଗୁଡ଼ିକରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ପ୍ରତି ଦୃଷ୍ଟି ଦିଆଯିବ ବୋଲି ବିଧାୟିକା କହିଥିଲେ। ବିଭିନ୍ନ ଗ୍ରାମର ଅଭାବ ଅସୁବିଧା ସମ୍ପର୍କରେ ଗ୍ରାମବାସୀ ତାଙ୍କୁ ଜଣାଇଥିଲେ। ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ଭାଜପା ନେତା ଦୀନବନ୍ଧୁ ଜେନା, ବିଧାୟିକାଙ୍କ ମାର୍ଗଦର୍ଶକ ରଘୁନାଥ ବଡୁ, ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ଜେନା, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସାଂସଦଙ୍କ ପ୍ରତିନିଧି ହରିହର ଦାଶଙ୍କ ଉପରେ ବିଭିନ୍ନ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ବୈଠକରେ ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ସଦାନନ୍ଦ ପ୍ରଧାନ, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ବିଶ୍ୱରଞ୍ଜନ ପ୍ରଧାନ, ସୁରେନ୍ଦ୍ର କୁମାର ବିଶ୍ୱାଳ, ଦେବାଶିଷ ଜଗଦେବ ନାୟକ, ନାଲୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନିଜ ମତାମତ ଦେଇଥିଲେ।

# ସରକାରଙ୍କ ଦୃଷ୍ଟି ଆଢୁଆଳରେ ସତ୍ୟବାଦୀ ହାଇସ୍କୁଲ

ସାକ୍ଷୀଗୋପାଳ,୨୭।୭ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ଐତିହ୍ୟସମ୍ପନ୍ନ ସତ୍ୟବାଦୀ ହାଇସ୍କୁଲ। ୧୯୦୯ରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଏକ ସମୟରେ ଗୋପବନ୍ଧୁଙ୍କ ମଣିଷ ତିଆରି କାରଖାନା ଭାବେ ପରିଚିତ ହୋଇଥିଲା। ଏଠାରେ ଗୁରୁକୁଳ ଢାଞ୍ଚାରେ ଶିକ୍ଷାଦାନ ସହ ଭଲ ମଣିଷ ହେବା ପାଇଁ ଶିକ୍ଷାଦାନ ଦିଆଯାଉଥିଲା। ପଞ୍ଚସଖା ତଥା ପଞ୍ଚ ମହାପୁରୁଷମାନେ ଏଠାରେ ଶିକ୍ଷାଦାନ କରୁଥିଲେ। ଅନେକ ସମୟରେ ଏହି ଐତିହାସିକ ସ୍କୁଲକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଛାତ୍ରୀଛାତ୍ର ଉଚ୍ଚତର ଅଧ୍ୟୟନ ସହ ଗବେଷଣା ନିମନ୍ତେ ଆସୁଥିଲେ। ଅନୁଷ୍ଠାନକୁ ୧୦୦ ବର୍ଷ ଅତିକ୍ରମ କରିଛି । ଏବେ ଏହି ଅନୁଷ୍ଠାନ ଯେଭଳି ସରକାର ତଥା ପ୍ରଶାସନର ଅବହେଳା ଚରମ ସୀମାରେ ପହଞ୍ଚିଛି।

ଏହି ବିଦ୍ୟାଳୟକୁ ତତ୍କାଳୀନ ସରକାର ୨୦୨୧ ଡିସେମ୍ବର ୧୫ରେ ୫-ଟିରେ ଅନ୍ତର୍ଭୁକ୍ତ କରି ପ୍ରାୟ ୬୦ ଲକ୍ଷ ଟଙ୍କା ବ୍ୟୟରେ ପୁରୁଣା ବିଲ୍ଡିଂର



ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ।

କିଛି କୋଠରିକୁ ରୂପାନ୍ତରିତ କରି ଉଦ୍‌ଘାଟନ କରିଥିଲେ। ରୂପାନ୍ତରିତ ହେବାର ଠିକ୍ ୭ମାସ ପରେ ଅର୍ଥାତ୍ ୨୦୨୨ ମସିହା ଜୁଲାଇରେ ଏଥିରେ ଥିବା ସ୍ମାର୍ଟ ରୁମ୍‌ଗୁଡ଼ିକରୁ ବଡ଼ ବଡ଼ କଂକ୍ରିଟ ଖଣ୍ଡ ଖସିଥିଲା। ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ଛାତରୁ ଏକ ବଡ଼ କଂକ୍ରିଟ ଖଣ୍ଡ ଖସି ପଡ଼ିବାରୁ କାର୍ଯ୍ୟରତ ଜଣେ କିରାଣିଙ୍କ ମୁଣ୍ଡ ଫାଟି ଯାଇଥିଲା, ସେ ଗୁରୁତର ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେହି ୨୦୨୨ ମସିହା ଶେଷବେଳକୁ ପୁରୀର ପୂର୍ବତନ ଉପଜିଲାପାଳ ଭବତାରଣ ସାହୁ ଓ ପୂର୍ବତନ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ପରିଦର୍ଶନରେ ଆସି ବିଦ୍ୟାଳୟ ରୂପାନ୍ତରିତ ହୋଇଥିବା ସ୍ମାର୍ଟ ରୁମ୍‌ଗୁଡ଼ିକ ବିପଦପୂର୍ଣ୍ଣ ଘୋଷଣା କରିଥିଲେ। ଫଳରେ ଏଠାରେ ଅଧ୍ୟୟନରତ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହୋଇଥିଲା। ବିଦ୍ୟାଳୟର ପୁରାତନ କିଛି ଆଜ୍‌ବେଷ୍ଟସ ଘରେ ଶିକ୍ଷାଦାନ ଚାଲିଥିଲା। ଛାତ୍ରୀଛାତ୍ରମାନେ ବିଜ୍ଞାନ ଗୃହ ଓ ସ୍ମାର୍ଟକ୍ଲାସ ଶିକ୍ଷାରୁ ବଞ୍ଚିତ ହେଲେ। ଏବେ ମୁଖ୍ୟତଃ ୨୦୨୩, ୨୦୨୪ ଓ ୨୦୨୫ ଶିକ୍ଷାବର୍ଷ ଛାତ୍ରୀଛାତ୍ରମାନେ କେବଳ ମିଥ୍ୟା ପ୍ରତିଶ୍ରୁତି

### ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟକାରୀ ହେଉନି

ଶୁଣି ଶୁଣି ସେମାନେ ବିଦ୍ୟାଳୟର ଏହିସବୁ ଶିକ୍ଷାଦାନରୁ ବଞ୍ଚିତ ହୋଇ ଦଶମ ଶ୍ରେଣୀ ଶେଷ କରିଛନ୍ତି। ଏହା ମଧ୍ୟରେ ସରକାର ପରିବର୍ତ୍ତନ ହୋଇଛି। ପ୍ରଶାସନରେ ଥିବା ପ୍ରଶାସନିକ ଅଧିକାରୀମାନେ ମଧ୍ୟ ପରିବର୍ତ୍ତନ ହୋଇଛନ୍ତି। ବର୍ତ୍ତମାନର ବିଧାୟକ ଓମ୍ ପ୍ରକାଶ ମିଶ୍ର ମଧ୍ୟ ବିଦ୍ୟାଳୟକୁ ବିଭିନ୍ନ ସଭା ସମିତିଠାରୁ ଆରମ୍ଭ କରି ଅନ୍ୟ କାର୍ଯ୍ୟରେ ବାରମ୍ବାର ଯାଇ ଏହି ସମସ୍ୟା ଦେଖିଛନ୍ତି। ତେବେ ସେମାନେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ସେଗୁଡ଼ିକ ସବୁ ମିଥ୍ୟା ପ୍ରମାଣିତ ହୋଇଛି। ଏହି ଐତିହାସିକ ଅନୁଷ୍ଠାନ ଦିନକୁ ଦିନ ଅବକ୍ଷୟ ହେଉଛି ବୋଲି କହିଛନ୍ତି ଅଭିଭାବକ ତଥା ସାମାଜିକ କର୍ମୀ ପ୍ରଶାନ୍ତ କୁମାର ବିଶ୍ୱାଳ।

ସୂଚନାଯୋଗ୍ୟ, ବିଦ୍ୟାଳୟରେ ଶିଶୁବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୬୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ନିମନ୍ତେ ୧୬ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ବାଳକଙ୍କ ତୁଳନାରେ ଶୌଚାଳୟର ଅଭାବ ରହିଛି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିମନ୍ତେ ଶୌଚାଳୟ ନ ଥିବାରୁ ଅନେକ ସମସ୍ୟା ହେଉଛି। ଭଙ୍ଗାଘରେ ଷ୍ଟାଫ୍‌ଙ୍କ କମନ୍ ରୁମ ଚାଲିଛି। ବିପଦପୂର୍ଣ୍ଣ ଘୋଷଣା ହେବା ପରେ ବିଜ୍ଞାନାଗାର ବନ୍ଦ ରହିଛି। ଶ୍ରେଣୀଗୃହ ୧୩ଟି ଆବଶ୍ୟକ ଥିବାବେଳେ ମାତ୍ର ୭ ରୁମ୍‌ରେ ଶିକ୍ଷାଦାନ କରାଯାଉଛି। ଏବେ ଯେଉଁ ଆଜ୍‌ବେଷ୍ଟସ ଘରେ ଶିକ୍ଷାଦାନ କରାଯାଉଛି, ସେଗୁଡ଼ିକ ମଧ୍ୟ ବିପଦପୂର୍ଣ୍ଣ ରହିଛି। ଆଜ୍‌ବେଷ୍ଟଗୁଡ଼ିକ କଣା ହୋଇଥିବାରୁ ବର୍ଷା ହେଲେ ବର୍ଷାପାଣି ପଡୁଥିବାରୁ ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି। ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସବୁ ଡବଲ କ୍ଲାସ ହେଉଛି। ସ୍କୁଲ ପରିସରରେ ଥିବା ଖେଳପଡ଼ିଆ ଆଦୌ ଅନୁକୂଳ ନୁହେଁ। ସବୁଠାରୁ ବଡ଼ କଥା ହେଉଛି, ଶ୍ରେଣୀଗୃହଗୁଡ଼ିକ ପରସ୍ପରଠାରୁ ଅନେକ ଦୂରରେ ରହିଥିବାରୁ ପିଲାମାନଙ୍କ ଉପରେ ନଜର ଦେବା ସହ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି କହିଛନ୍ତି।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର

### ନିର୍ମାଣ କରୁଛନ୍ତି ବ୍ରହ୍ମାକୁମାରୀ ପ୍ରଭା ମିଶ୍ର

କଟକ,୨୭।୭(କାର୍ତ୍ତିକ ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଉପରେ ଏକ ଚଳଚ୍ଚିତ୍ର ନିର୍ମାଣ ହେଉଛି। ଏହି ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ କାର୍ଯ୍ୟାଳୟ ମାଉଣ୍ଟଆବୁରେ ରହୁଥିବା ବ୍ରହ୍ମାକୁମାରୀ ପ୍ରଭା ମିଶ୍ର। କଟକର ଏକ ଫିଲ୍ମ ଫେଷ୍ଟିଭାଲରେ ଯୋଗଦେବାକୁ ଆସିବା ଅବସରରେ ସେ ଏହି ସୂଚନା ଦେଇଛନ୍ତି। ତେବେ ପ୍ରଭା ରାମାୟଣ ସିରିଏଲର ମନ୍ଦୋଦରୀ ଚରିତ୍ରରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଏହି ଅଭିନେତ୍ରୀଙ୍କୁ ବକ୍ସିବଜାର ବ୍ରହ୍ମାକୁମାରୀ କେନ୍ଦ୍ରଠାରେ ବ୍ରହ୍ମାକୁମାରୀ ଝୁନୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେଠାରେ ଭୋଗ ଲାଗିବା ଓ ଧ୍ୟାନ ପରେ ବ୍ରହ୍ମାକୁମାରୀ ପ୍ରଭା ମୁରଲୀ ପଢ଼ାଇଥିଲେ। ଉପସ୍ଥିତ ଭଉଣୀଭାଇମାନେ ମୁରଲୀ ଶୁଣିଥିଲେ। ପ୍ରଭା ଦେବୀ ସମ୍ବର୍ଦ୍ଧନାର ଉତ୍ତର ଦେଇ ପ୍ରତିଦିନ ସକାଳେ ମୁରଲୀ ଶୁଣିବା ସହ ସନ୍ଧ୍ୟାରେ ନିୟମିତ ଧ୍ୟାନ କରିବାକୁ ପରାମର୍ଶ ଦେଇଥିଲେ। ବି.କେ. ବରଦା, ହେମନ୍ତ, ରମେଶ, ପ୍ରତିମା ଆଦିଙ୍କୁ ସେ ପାଦୁକା ପ୍ରଦାନ କରିଥିଲେ।

# ବର୍ଷାଦିନେ ରାସ୍ତା ଅବସ୍ଥା ଶୋଚନୀୟ

ଯୋଗେଶ୍ୱରପୁର,୨୭।୭ (ରଶ୍ମିରଞ୍ଜନ ସାହୁ)


ପିଚୁ ରାସ୍ତା ମାଟି ରାସ୍ତାରେ ପରିଣତ ହୋଇଥିବାର ଦୃଶ୍ୟ ।

ଗୋପ ବ୍ଲକ ନୟାହାଟ ଅଞ୍ଚଳରେ ବର୍ଷାଦିନେ ରାସ୍ତାଘାଟ ଅବସ୍ଥା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଫଳରେ ଖାଲିପାଦରେ ଯିବା ସାଧାରଣ ଲୋକଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି। ପିଚୁ ରାସ୍ତା ମାଟି ରାସ୍ତାରେ ପରିଣତ ହୋଇଛି। ନୟାହାଟରୁ ନାଗପୁର, କଳାବୁଦା, ନରସିଂହପୁର, ପାଣିଛତ୍ରରୁ ରାଉଳପାଟଣା ପ୍ରମୁଖ ରାସ୍ତା ମରାମତି ଅଭାବରୁ ବଉଳାଙ୍ଗ ପଞ୍ଚାୟତ ଅଫିସଠାରୁ କୋରୁଆଳ ପର୍ଯ୍ୟନ୍ତ ଇଟାରେ କରାଯାଇଥିବା ୪୦ ଲକ୍ଷ ବ୍ୟୟରେ ରାସ୍ତା ନଷ୍ଟ ହୋଇ ଦବିଗଲାଣି। ତିରୁଣାଠାରୁ ବଉଳାଙ୍ଗ ରାସ୍ତାରେ ବଡ଼ ବଡ଼ ଖାଲମାନ ସୃଷ୍ଟି ହୋଇ ବର୍ଷାଦିନେ ପାଣି ଜମି ରହିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ନୟାହାଟ ବଜାରକୁ ଲାଗିଥିବା ଧୂମାଳ ଗୋହରି ରାସ୍ତା ମାଟିରାସ୍ତାରେ ପରିଣତ ହୋଇଥିବା ବେଳେ ଜଗତ୍‌ସିଂହପୁର ଓ ପାରାଦୀପରୁ ପୁରୀ ଅଭିମୁଖେ ଆସୁଥିବା ଯାତ୍ରୀବାହୀ ବସ୍ ଏହି ରାସ୍ତା ଦେଇ ବିପଦସଙ୍କୁଳ ଭାବେ ଯାତାୟାତ କରିଥାନ୍ତି। ନୟାହାଟରୁ ନିପାଣିଆଁ ଗଡ଼ ରାସ୍ତାର ବିଭିନ୍ନ ସ୍ଥାନରେ ଢଳେଇ ରାସ୍ତା ଫାଟି ନଷ୍ଟ ହୋଇ ପାଣି ଜମୁଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ନବୀନ ବେହେରା କହିଛନ୍ତି, ବର୍ଷାଦିନେ ପିଚୁ କାମ ହୋଇପାରିବ ନାହିଁ। ଶୀତ ଦିନ ଆସିଲେ ଟେଣ୍ଡର ଡକାଯାଇ କାମ କରାଯିବ।

## ସଂକ୍ଷେପରେ

### ବୟାନ ରେକର୍ଡ ପାଇଁ ଦିଲ୍ଲୀ ଗଲା ବଳଙ୍ଗା ପୋଲିସ

#### ଛାତ୍ରୀଙ୍କୁ ଜାଳିଦେବା ଘଟଣା

ବଳଙ୍ଗା,୨୭।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣାକୁ ୯ଦିନ ପୂରିଥିଲେ ମଧ୍ୟ ପୋଲିସ ହାତ ଖାଲି। ପୁଣିଥରେ ଛାତ୍ରୀଙ୍କ ବୟାନ ରେକର୍ଡ କରିବା ପାଇଁ ରବିବାର ବଳଙ୍ଗା ପୋଲିସ୍, ପୁରୀ ହେଡ୍‌କ୍ୱାର୍ଟର୍ସର ସ୍ୱତନ୍ତ୍ର ଟିମ୍ ଓ କ୍ରାଇମବ୍ରାଞ୍ଚ ଟିମ୍ ଦିଲ୍ଲୀ ଯାଇଛନ୍ତି। ଡିଏସ୍‌ପି କଳ୍ପନା କହଁର, ବଳଙ୍ଗା ଓଆଇସି ଚିତ୍ତରଞ୍ଜନ ପଣ୍ଡା ଦିଲ୍ଲୀ ଯାଇଥିବା ସୂଚନା ମିଳିଛି। ସେଠାରେ ପୀଡ଼ିତାଙ୍କ ବାପା ଓ ଅନ୍ୟ ସଦସ୍ୟଙ୍କ ବୟାନ ରେକର୍ଡ ପାଇଁ ଟିମ୍ ଦିଲ୍ଲୀ ଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ବଳଙ୍ଗା ପୀଡ଼ିତାଙ୍କ ବୟାନରେ ତାଳମେଳ ରହୁ ନ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଭୁବନେଶ୍ୱର ଏମ୍ସ ଓ ଦିଲ୍ଲୀ ଏମ୍ସରେ ଦେଇଥିବା ବୟାନରେ ତାଳମେଳ ରହୁନାହିଁ। ତେଣୁ ପୁଣି ଥରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବୟାନ ରେକର୍ଡ ହେବ।

### ମନ୍ଦିର ନିକଟରେ ଶୌଚାଳୟ ନିର୍ମାଣ କଲେ ସହପାଠୀ

ସାକ୍ଷୀଗୋପାଳ,୨୭।୭ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସ୍ଥାନୀୟ ଗବକୁଣ୍ଡ ଜୟଦୁର୍ଗା ହାଇସ୍କୁଲର ୧୯୮୮ ବ୍ୟାଚ୍‌ର ସହପାଠୀମାନେ ରାୟଖଣ୍ଡି ପଞ୍ଚାୟତ ହରିପୁର ଗ୍ରାମର ମା' ପାଳପୋଛିଙ୍କ ମନ୍ଦିର ନିକଟରେ ଏକ ଶୌଚାଳୟ ନିର୍ମାଣ କରିଛନ୍ତି। ରଶ୍ମିରେଖା କର, ବିଜୟ ହୋତା, ପ୍ରଦୀପ୍ତ ପଟ୍ଟନାୟକ, ସୁରେଶ ମିଶ୍ର ପ୍ରମୁଖ ଅନ୍ୟ ସହପାଠୀଙ୍କ ଆର୍ଥିକ ସହାୟତାକ୍ରମେ ଶୌଚାଳୟ ନିର୍ମାଣ କରାଯାଇଥିଲା। ମା' ପାଳପୋଛିଙ୍କ ମନ୍ଦିରକୁ ପ୍ରତିଦିନ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଲାଗୁଥିବାବେଳେ ସେଠାରେ ଶୌଚାଳୟ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଛୋଟିଆ ଉଦ୍ୟମ ହେଲେ ବି ମନ୍ଦିର ନିକଟରେ ସାଧାରଣ ଲୋକଙ୍କ ସୁବିଧା ନିମନ୍ତେ ସହପାଠୀମାନଙ୍କ ଦ୍ୱାରା ଶୌଚାଳୟ ନିର୍ମାଣ ଅଞ୍ଚଳବାସୀଙ୍କ ପାଇଁ ଉଦାହରଣ ପାଲଟିଛି।

# 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ


ଭାଜପା କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ନିମାପଡ଼ା,୨୭।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି କଲ୍ୟାଣମଣ୍ଡପରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା ଏନ୍‌ଏସି ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବ୍ଲକ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ନିମାପଡ଼ା ବିଧାୟିକାଙ୍କ ପ୍ରତିନିଧି ଯଚିନ୍ଦ୍ରନାଥ ସ୍ୱାଇଁ, ଭାଜପା ବଳଙ୍ଗା ମଣ୍ଡଳ ସଭାପତି ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ନିମାପଡ଼ା ନଗର ମଣ୍ଡଳ ସଭାପତି ନିରଞ୍ଜନ ନାୟକ, କାଉନ୍‌ସିଲର କବିତା ତରାଇ, ଧନୁଆଁ ମଣ୍ଡଳ ସଭାପତି ସନ୍ତୋଷ ପରିଡ଼ା, ଆତ୍ମା ଅଧ୍ୟକ୍ଷ ଦିଲୀପ ପରିଡ଼ା, ଗୋପ ବ୍ଲକର ସାଂସଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁଙ୍କ ସମେତ ଭାଜପାର ଶତାଧିକ ନେତୃବୃନ୍ଦ, କର୍ମୀ ଉପସ୍ଥିତ ଥିଲେ।

# ପୁରୀ ପୋଲିସ ପକ୍ଷରୁ ସ୍କୁଲ, କଲେଜରେ ଜାଗୃତି ଅଭିଯାନ

ପୁରୀ,୨୭।୭(ଅଜିତ୍ କୁମାର ମହାନ୍ତି)

ବିଦ୍ୟାର୍ଥୀମାନେ ଏକ ସୁରକ୍ଷିତ, ସଚେତନ ଓ ସାହସୀ ଶିକ୍ଷା ପରିବେଶରେ ଶିକ୍ଷା ଗ୍ରହଣ କରନ୍ତୁ, ସେଥିପାଇଁ ପୁରୀ ପୋଲିସ ତରଫରୁ ଏକ ବିଶେଷ କାର୍ଯ୍ୟକ୍ରମ 'କଲେଜ ଆୱାରନେସ୍ ଡ୍ରାଇଭ' ଆୟୋଜିତ ହୋଇଯାଇଛି। ଏସ୍‌ପି ପିନାକ ମିଶ୍ରଙ୍କ ଦିଗ୍‌ଦର୍ଶନ ଓ ନିର୍ଦ୍ଦେଶନାରେ ଜିଲାର ସବୁ ୪ଟି ପୋଲିସ ଉପଖଣ୍ଡ ତଥା ସିଟି, ସଦର, ନିମାପଡ଼ା ଓ ପିପିଲି ଅନ୍ତର୍ଗତ ୩୩ ସ୍କୁଲ ଓ କଲେଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀମାନଙ୍କୁ ମାନସିକ ସ୍ୱାସ୍ଥ୍ୟ, ଶାରୀରିକ ସୁରକ୍ଷା, ନିଶା ଓ ସାଇବର ଅପରାଧ ବିଷୟରେ ସଚେତନ କରିବା। ପ୍ରତ୍ୟେକ କଲେଜରେ ଅଧିକାରୀମାନେ ନିଜ ଅଭିଜ୍ଞତା ଓ ଜ୍ଞାନ ସହ ବିଦ୍ୟାର୍ଥୀଙ୍କୁ ସମ୍ବୋଧନ କରି 'ଯଦି କିଛି ଭଲି ନାହିଁ ଲାଗେ, ଚୁପ୍ ରୁହନ୍ତୁ ନାହିଁ, ସହଯୋଗ ନିଅନ୍ତୁ, ପୁରୀ ପୋଲିସ ଆପଣଙ୍କ ସହିତ ଅଛନ୍ତି' ବୋଲି ଏସ୍‌ପି କହିଥିଲେ। ନିମାପଡ଼ା ଉପଖଣ୍ଡରେ ୯ଟି, ସଦର ଉପଖଣ୍ଡରେ ୧୩ଟି, ପିପିଲି ଉପଖଣ୍ଡରେ ୬ଟି, ସିଟି ଉପଖଣ୍ଡରେ ୫ଟି ଏହିପରି ମୋଟ ୩୩ଟି ସ୍କୁଲ ଓ କଲେଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନେକ ଶିକ୍ଷା ପ୍ରତିଷ୍ଠାନ ଯେଉଁଠାରେ ବିଶେଷ ସେମିନାର, ଇଣ୍ଟେରାକ୍ଟିଭ୍ ସେସନ୍, ପ୍ରଶ୍ନ-ଉତ୍ତର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାର୍ଥୀମାନେ ତାଙ୍କର ଅନୁଭୂତି ଓ ଚିନ୍ତା ବିନିମୟ ମାଧ୍ୟମରେ ସ୍ୱତନ୍ତ୍ର ଭାବେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ବିଦ୍ୟାର୍ଥୀ ଏକ ସୁରକ୍ଷିତ ଓ ମିଶାଣୁଆ ମନୋଭାବରେ ପୁରୀ ପୋଲିସ ସହ ତାଙ୍କର ଅନୁଭୂତି ବାଣ୍ଟିଛନ୍ତି। ଅନେକ କଲେଜରେ ରାଗିଂ, ମାନସିକ ଚାପ ଏବଂ ସାଇବର ଠକେଇ ଭଳି ବିଷୟ ଉପରେ ଆଲୋଚନା କରାଯାଇଥିଲା। ପୁରୀ ପୋଲିସ ଏହି ମାଧ୍ୟମରେ ଏକ ସ୍ଥାୟୀ 'ଷ୍ଟୁଡେଣ୍ଟ ସପୋର୍ଟ ସିଷ୍ଟମ ଗଠନ କରିବା ଯୋଜନା ରଖିଛି, ଯେଉଁଥିରେ ମନୋବିଜ୍ଞାନୀ, ଲିଗାଲ୍ କାଉନସିଲର୍ ଓ ପୋଲିସ ଅଧିକାରୀମାନେ ମିଶି ବିଦ୍ୟାର୍ଥୀମାନଙ୍କ ସହ ଯୋଗାଯୋଗ କରିପାରିବେ। ଏଥିପାଇଁ ସମସ୍ତ କଲେଜର ଅଧିକାରୀ, ଅଭିଭାବକ ଓ ଶିକ୍ଷକମାନଙ୍କର ସହଯୋଗ ଆବଶ୍ୟକତା ରହିଛି ବୋଲି ଜିଲା ପୋଲିସ ପକ୍ଷରୁ କୁହାଯାଇଛି।

### କାଉଡିଆଙ୍କୁ ପ୍ରସାଦ ବାଣ୍ଟିଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

ପୁରୀ,୨୭।୭(ଅଜିତ୍ କୁମାର ମହାନ୍ତି)

ଶ୍ରାବଣର ତୃତୀୟ ସୋମବାର ଶିବଙ୍କ ମସ୍ତକରେ ପାଣି ଢାଳିବା ପାଇଁ କାଉଡ଼ିଆମାନେ ବିଭିନ୍ନ ନଦୀର ପ୍ରବାହିତ ଜଳକୁ କାନ୍ଧରେ ନେଇ ଶୈବପୀଠ ଅଭିମୁଖେ ଯାଇଥିଲେ। ରାଜ୍ୟ ତଥା ପୁରୀର ପ୍ରମୁଖ ଶୈବପୀଠ ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି ପାଇଁ ରବିବାର କାଉଡିଆଙ୍କ ଭିଡ଼ ପରିଲକ୍ଷିତ ହେଉଛି। ତେବେ ଭକ୍ତଙ୍କୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ବାଲିସାହିର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସଂଘ ପକ୍ଷରୁ ଶ୍ରୀଲୋକନାଥ ପୀଠକୁ ଆସୁଥିବା କାଉଡିଆଙ୍କୁ ପ୍ରସାଦ ବଣ୍ଟନ କରାଯାଇଛି। ବଣ୍ଟନ କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ଜୟଲକ୍ଷ୍ମୀ ଆପଟ, ସୁଲୋଚନା ସେନାପତି, ଅନିମା ପ୍ରଧାନ, ଝରଣା ସିଂ, ମଞ୍ଜୁ ବରାଳ ଏବଂ କାଦମ୍ବିନୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି କୃଷ୍ଣପ୍ରସାଦ ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି

କୃଷ୍ଣପ୍ରସାଦ,୨୭।୭ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ପ୍ରଶାସନ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୁରୀର ନୂତନ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପୂର୍ବାହ୍ନ ୧୦ଟା ୩୦ରେ କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟରେ ହେବାକୁ ଥିବା ଜନଶୁଣାଣି ଶିବିରରେ ଯୋଗଦେବେ ବୋଲି ବିଡିଓ ଅମିୟ କୁମାର ପଣ୍ଡା ସୂଚନା ଦେଇଛନ୍ତି। ପ୍ରଥମ କରି ଜିଲାପାଳ ପରିଡ଼ା କୃଷ୍ଣପ୍ରସାଦ ବ୍ଲକକୁ ଆସୁଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବ। ସୋମବାର ହେବାକୁ ଥିବା ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଜନସାଧାରଣ ଅଭିଯୋଗ ନେଇ ଉପସ୍ଥିତ ରହିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

# ବର୍ଷାଦିନେ ଚାଲିଛି କେନାଲ ସଫେଇ


ଜେସିବି ଯୋଗେ କେନାଲ ସଫେଇ କରାଯାଉଛି ।

କଣାସ,୨୭।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର କଣାସ କେନାଲରୁ ଜଳସେଚନ ବିଭାଗ କାର୍ଯ୍ୟାଳୟଠାରୁ ବାହାରିଥିବା ବେଣାଗାଁ ମାଇନର୍ ଦୀର୍ଘ ବର୍ଷ ହେଲା ପୋତି ହୋଇ ଯାଇଥିବାରୁ ତଳମୁଣ୍ଡର ଚାଷୀମାନେ ଟୋପାଏ ହେଲେ ପାଣି ପାଉ ନ ଥିବା ଜଣାପଡ଼ିଛି। ଶୀତ ଓ ଖରାଦିନ ଗଲା, କେନାଲ ସଫେଇ କାର୍ଯ୍ୟ ହୋଇ ନ ଥିଲା। କେନାଲ ପାଖରେ ଯାଇଥିବା ବାସଗୃହର ଲୋକମାନେ କେନାଲରେ ଆବର୍ଜନା ପକାଇବା ଏବଂ କଳିକତି ଦଳ ଯୋଗୁ କେନାଲ ପୋତି ହୋଇଥିବାରୁ ଦଳ ପ୍ରବାହିତ ନ ହେବାରୁ ଆଜି ଜେସିବି ଯୋଗେ କେନାଲ ମଧ୍ୟରୁ ଦଳ ଓ ଆବର୍ଜନା କଢ଼ାଯାଇ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ବୁହାଯାଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ କଣାସ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ଟେଲିଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା।

# ସ୍ମରଣୀୟ ରହିବେ ଖବରଦାତା ଅଜିତ୍ ମଲ୍ଲିକ

ଅସ୍ତରଙ୍ଗ/କାକଟପୁର,୨୭।୭ (ପ୍ରଦୀପ୍ତ କୁମାର ଦୀକ୍ଷିତ/ ମମତା ଜେନା/ଶୁଭଦର୍ଶନ ମିଶ୍ର)

ବରିଷ୍ଠ ଖବରଦାତା ସ୍ୱର୍ଗତ ଅଜିତ୍ ମଲ୍ଲିକଙ୍କ ସ୍ମୃତିସଭା କାକଟପୁର ଖୁଣ୍ଟିଆ କନ୍‌ଭେନ୍‌ଶନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପେସାଦାର ସାମ୍ବାଦିକ ସଂଘ ଆୟୋଜନରେ ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ, କାକଟପୁର ପ୍ରେସ୍ କ୍ଲବ ସଭାପତି କମଳଲୋଚନ ଦୀକ୍ଷିତ୍, ଭାରତୀ ଭୂଷଣ ଉପାଧ୍ୟାୟ, ନିରଞ୍ଜନ ଦାସ, ଆଦିତ୍ୟ ରାଉତ, ତୁଷାର ରଞ୍ଜନ ଦୀକ୍ଷିତ୍ ଓ ନିମାପଡ଼ା ପ୍ରେସ୍ କ୍ଲବର ସଭାପତି ଅକ୍ଷୟ ବେହେରା ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ଖବରଦାତା ସଞ୍ଜୟ ପତି ପରିଚାଳନା କରିଥିଲେ। ସେ ଜଣେ ପରୋପକାରୀ ଏବଂ ଧର୍ମପରାୟଣ ବ୍ୟକ୍ତି ଥିଲେ। ଅଜିତ୍ ବାବୁ ସମସ୍ତଙ୍କ ସ୍ମରଣୀୟ ହୋଇ ରହିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ମିଡିଆ ଫୋରମ୍ ସଭାପତି ବିଜୟ ବେହେରା, ପ୍ରଦୀପ୍ତ ପଣ୍ଡା, ମାନସ ଦୀକ୍ଷିତ୍, ପ୍ରଦୀପ୍ତ ଦୀକ୍ଷିତ୍, ପ୍ରଶାନ୍ତ ବାରିକ, ଆର୍ଯ୍ୟ ବିଶ୍ୱାଳ, ଲୋକନାଥ ସ୍ୱାଇଁଙ୍କ ସମେତ ଅସ୍ତରଙ୍ଗ, କାକଟପୁର, ଚାଟିଛକ, ପିପିଲି, ନିମାପଡ଼ା ଅଞ୍ଚଳର ଖବରଦାତାମାନେ ଉପସ୍ଥିତ ଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି ଓ ଖବରଦାତାମାନେ ।

# ୬ ପ୍ରାଣୀ କୁଟୁମ୍ବ ଧରି ପଲିଥିନ ତଳେ ଦ୍ୱିଜରାଜ

କଣାସ,୨୭।୭(ବିଭୂତି ଭୂଷଣ ତ୍ରିପାଠୀ)



ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଉଥିବା ବେଳେ କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତର ଗଡ଼ିଶାଗୋଦା ଗ୍ରାମର ଦ୍ୱିଜରାଜ ପଲେଇ ୬ ପ୍ରାଣୀ କୁଟୁମ୍ବଙ୍କୁ ଧରି ପଲିଥିନ ଓ ବାଉଁଶ ତାଟି କାନ୍ଥ ତଳେ ରହୁଥିବା ଦେଖିବାକୁ ମିଳିଛି। ଦ୍ୱିଜରାଜ ଜଣେ ଦିନମଜୁରିଆ ହୋଇଥିବା ବେଳେ ବାରମ୍ବାର ଆବାସ ଗୃହ ପାଇଁ ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କ ନିକଟରେ ଆପତ୍ତି ଜଣାଇଥିଲେ ମଧ୍ୟ ନିରାଶ ହୋଇଥିଲେ।

ଦ୍ୱିଜରାଜ ଦୀର୍ଘ ୨୦ ବର୍ଷ ଧରି ସରପଞ୍ଚ ଓ ଅଧିକାରୀମାନଙ୍କୁ ଜଣାଇ ଆସିଥିଲେ ମଧ୍ୟ କେହି ତାଙ୍କ କଥାକୁ କର୍ଣ୍ଣପାତ କରୁନଥିବା କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ମଧୁସୂଦନ ବେହେରା କହିଛନ୍ତି, ପୂର୍ବ ସରପଞ୍ଚମାନଙ୍କୁ ବହୁଥର ଆବାସଗୃହ ପାଇଁ ନିବେଦନ କରିଥିଲେ, କିନ୍ତୁ ତାଙ୍କ କଥା କେହି ଶୁଣିନାହାନ୍ତି। ମୋତେ ଏବେ କହିବାରୁ ମୁଁ ତାଙ୍କ ନାମ ଗ୍ରାମସଭାରେ ପକାଇଛି। ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ କହିଛନ୍ତି, ସେ ତଦନ୍ତ କରିବାକୁ ଯାଇ ଦେଖିଥିଲେ ଦ୍ୱିଜରାଜଙ୍କ ପରିବାର ସଦସ୍ୟ ଜରିପାଲ ତଳେ ବାସ କରୁଛନ୍ତି। ତୁରନ୍ତ ତାଙ୍କୁ କିପରି ଆବାସ ଗୃହ ଯୋଗାଇ ଦିଆଯିବ ସେଥିପ୍ରତି ଦୃଷ୍ଟି ଦିଆଯିବ।

# ସମୁଦ୍ରରେ ବୁଡ଼ି ପର୍ଯ୍ୟଟକ ମୃତ

ପୁରୀ,୨୭।୭(ଅଜିତ୍ କୁମାର ମହାନ୍ତି)

ପୁଣି ପୁରୀ ସମୁଦ୍ର ବେଳାଭୂମିରେ ରବିବାର ଏକ ଅଘଟଣ ଦେଖିବାକୁ ମିଳିଛି। ସମୁଦ୍ରରେ ସ୍ନାନ କରୁଥିବା ବେଳେ ଜଣେ ପର୍ଯ୍ୟଟକ ବୁଡ଼ିଯାଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତ ପର୍ଯ୍ୟଟକ ହେଲେ ଛତିଶଗଡ଼ର ମୁକେଶ ଗୁପ୍ତା। ସୂଚନାଯୋଗ୍ୟ, ମୁକେଶ ପୁରୀ ବୁଲିବାକୁ ଆସିଥିଲେ। ରବିବାର ପୂର୍ବାହ୍ନରେ ପିଙ୍କ୍ ହାଉସ୍ ବେଳାଭୂମିରେ ସ୍ନାନ କରୁଥିଲେ। ଲହଡ଼ି ମାଡ଼ରେ ସେ ସମୁଦ୍ର ଭିତରକୁ ଭାସିଯାଇଥିଲେ। ପରେ ତାଙ୍କୁ ଖୋଜାଖୋଜି କରି କିଛି ସମୟ ପରେ ଆମ୍ବୁଲାନ୍ସ ଯୋଗେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା।

# ବିଚ୍ଛିନ୍ନାଞ୍ଚଳ ପିଲାଙ୍କୁ ମିଳୁନି ଓଡ଼ିଆ ବହି

ଭୁବନେଶ୍ୱର,୨୭।୭(ସୁଚିସ୍ମିତା ସାହୁ)

**ପଢୁଛନ୍ତି ପୁରୁଣା ପାଠ୍ୟକ୍ରମ**

- ବିନା ବହିରେ ପରୀକ୍ଷା ଦେଉଛନ୍ତି ୯ମରୁ ସ୍ନାତକ ଛାତ୍ରୀଛାତ୍ର
- ସମସ୍ୟା ସମାଧାନ ଲାଗି ରାଜ୍ୟ ସରକାରଙ୍କୁ ନିବେଦନ କଲେ ଓଡ଼ିଆ ଅଧିବାସୀ

ଓଡିଶାର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦିଆଯାଉନାହିଁ। ସେଠାରେ ରହୁଥିବା ପିଲାମାନେ ବର୍ଷ ବର୍ଷ ଧରି ଓଡ଼ିଆ ପାଠପଢ଼ାରୁ ବଞ୍ଚିତ ହେବା ସହ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ସବୁବେଳେ ଓଡିଆ ଅସ୍ମିତାର କଥା କହୁଛନ୍ତି। ଓଡ଼ିଆ ଭାଷା ଓ କଳାସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଅଣ୍ଟା ଭିଡିଛନ୍ତି। ଏପରିକି ସମସ୍ତ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଓଡିଆ ଭାଷାକୁ ଗୁରୁତ୍ୱ ଦିଆଯାଉଛି। ହେଲେ ଝାଡ଼ଖଣ୍ଡ ଅଧୀନରେ ଥିବା ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ପରିବାର ଓ ସେମାନଙ୍କ ପିଲାମାନେ ଓଡିଆ ଅସ୍ମିତାକୁ ନେଇ ଗର୍ବ କରିବାକୁ ସୁଯୋଗ ନାହିଁ। ଓଡ଼ିଶା ସରକାର ତଥା ପ୍ରଶାସନିକ ସ୍ତରରେ ସେମାନଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ବିଶେଷକରି ଓଡ଼ିଆ ପିଲା ମାତୃଭାଷାରେ ପାଠପଢ଼ିବାକୁ ବହି ପାଉନାହାନ୍ତି। ସେମାନେ ପୁରୁଣା ପାଠ୍ୟକ୍ରମ ପଢୁଥିବାବେଳେ ୯ମ ଶ୍ରେଣୀରୁ ସ୍ନାତକ ଡିଗ୍ରୀ ପର୍ଯ୍ୟନ୍ତ ପିଲାମାନେ ବିନା ବହିରେ ଓଡିଆ ଭାଷା ପରୀକ୍ଷା ଦେଉଛନ୍ତି। ଏନେଇ ଝାଡ଼ଖଣ୍ଡର ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଅଧିବାସୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇବା ସହ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

ସେମାନେ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବିଚ୍ଛିନ୍ନାଞ୍ଚଳର ପିଲାଙ୍କ ପାଖରେ ନୂଆ ଓଡ଼ିଆ ସାହିତ୍ୟ ବହି ଉପଲବ୍ଧ ହେଉ ନାହିଁ। ବର୍ତ୍ତମାନ ଓଡ଼ିଶାରେ ପ୍ରଚଳିତ ପାଠ୍ୟକ୍ରମର ଓଡ଼ିଆ ସାହିତ୍ୟ ବହି ଯଦି ଝାଡ଼ଖଣ୍ଡ ସରକାର ଗ୍ରହଣ କରନ୍ତେ, ତେବେ ଛାତ୍ରୀଛାତ୍ର ଓଡ଼ିଆ ମାତୃଭାଷା ରଖି ପଢି ପାରନ୍ତେ। ତେଣୁ ଅନୁଗ୍ରହ କରି ଓଡ଼ିଶା ସରକାର ଝାଡ଼ଖଣ୍ଡ ସରକାରଙ୍କ ସହ ବୁଝାମଣା କରି ଓଡ଼ିଶାରେ ପ୍ରଚଳିତ ନୂତନ ପାଠ୍ୟକ୍ରମର ଓଡ଼ିଆ ସାହିତ୍ୟ ବହି ଝାଡଖଣ୍ଡରେ ପ୍ରଚଳନ କରାଯାଉ। ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ମାତୃଭାଷା ରଖି ପଢୁଥିବା ଛାତ୍ରୀଛାତ୍ର ନବମ ଶ୍ରେଣୀରୁ ସ୍ନାତକ ଡିଗ୍ରୀ ପର୍ଯ୍ୟନ୍ତ ଓଡ଼ିଆ ପୁସ୍ତକ ପାଇପାରୁ ନାହାନ୍ତି। ସେମାନେ ବିନା ଓଡ଼ିଆ ପୁସ୍ତକରେ ପରୀକ୍ଷା ଦେଉଛନ୍ତି। ଏହାଦ୍ୱାରା ଓଡ଼ିଆ ମାତୃଭାଷାଠାରୁ ପିଲାମାନେ ଦୂରେଇ ଯାଉଛନ୍ତି। ଓଡ଼ିଶା ସରକାର ଯେପରି ଆନ୍ଧ୍ରପ୍ରଦେଶରେ ସମ୍ପୂର୍ଣ୍ଣ ଓଡ଼ିଆ ବହି ଯୋଗାଇ ଦେଉଛନ୍ତି, ସେହିପରି ଝାଡ଼ଖଣ୍ଡରେ ମଧ୍ୟ ସମସ୍ତ ଓଡିଆ ବହି ଯୋଗାଇ ଦେଲେ ଏ ଅଞ୍ଚଳର ପିଲାମାନେ ଓଡ଼ିଆ ମାତୃଭାଷାରେ ପଢିବାରୁ ବଞ୍ଚିତ ହେବେ ନାହିଁ। ସେହିପରି ଉଚ୍ଚ ଶିକ୍ଷା ପାଇଁ ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ପିଲାଙ୍କୁ ପୂର୍ବପରି ଓଏଲଓ କୋଟାରେ ପଢ଼ିବା ପାଇଁ ଓଡ଼ିଶାରେ ସୁଯୋଗ ଦେଲେ, ସେଠାକାର ପିଲାମାନେ ଉଚ୍ଚଶିକ୍ଷା ଗ୍ରହଣ କରି ପାରିବେ। ଝାଡ଼ଖଣ୍ଡରେ ଓଡ଼ିଆ ପଢିଥିବା ପିଲାମାନଙ୍କୁ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତିରେ ପୂର୍ବରୁ ଯେପରି କୋଟା ବା ସଂରକ୍ଷଣ ବ୍ୟବସ୍ଥା ରଖାଯାଇଥିଲା, ପୁଣି ସେହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉ। ଏହାଦ୍ୱାରା ଓଡ଼ିଆ ପରିବାରମାନେ ଆର୍ଥିକ ସ୍ୱଚ୍ଛଳ ହୋଇ ପାରିବେ। ସେହିପରି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସଂସ୍କୃତି ଓ କଳାର ବିକାଶ ନିମନ୍ତେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ସହଯୋଗ କରନ୍ତୁ। ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଅଧିବାସୀଙ୍କ ପାଇଁ ପୁରୀ ଜଗନ୍ନାଥ ଧାମ ଓ ଅନ୍ୟାନ୍ୟ ଧାର୍ମିକ ସ୍ଥଳରେ ରାଜ୍ୟ ସରକାର ବିଚ୍ଛିନ୍ନାଞ୍ଚଳ ଭବନ ନିର୍ମାଣ କରାଇଲେ ସେମାନେ ଉପକୃତ ହେବା ସହ ନିଜ ମାତୃଭାଷାକୁ ନେଇ ଗର୍ବ କରନ୍ତେ ବୋଲି ସେମାନେ କହିଛନ୍ତି।



ସମାଜରେ ସ୍ୱତନ୍ତ୍ର ପରିଚୟ ଓ ସମ୍ମାନ ପାଇବା, ପ୍ରତିବନ୍ଧକମୁକ୍ତ ଶିକ୍ଷା ଆଦି ବିଭିନ୍ନ ଦାବି ନେଇ ଏଲ୍‌ଜିବିଟିକ୍ୟୁ କମ୍ୟୁନିଟି ପକ୍ଷରୁ ରବିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ଓଡ଼ିଶା ରେନ୍‌ବୋ ପ୍ରାଇଡ୍ ରାଲି।

# ଆଜି ମହାପ୍ରଭୁଙ୍କ ଖସାପଡ଼ା ନୀତି

**ସନ୍ଧ୍ୟା ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ**

ପୁରୀ,୨୭।୭ (ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ଶୁକ୍ଳପକ୍ଷ ଚତୁର୍ଥୀ ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପନ୍ନ କରିବେ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ହୋଇ ଦ୍ୱିତୀୟ ଭୋଗମଣ୍ଡପ ଶେଷହେବା ପରେ ମଇଲମ ନୀତି ଅନୁଷ୍ଠିତ ହେବ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରେ ବିଜେ କରିବେ। ମହାପ୍ରଭୁଙ୍କ ଖସାପଡ଼ା ନୀତି ପାଇଁ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିବେ। ଏହା ଗୁପ୍ତନୀତି ହୋଇଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଖସାପଡ଼ା ନୀତି ସମ୍ପନ୍ନ ହେବା ପରେ ଦଇତାପତି ଶ୍ରୀମନ୍ଦିରରୁ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ବଢ଼ିବ। ମହାପ୍ରଭୁଙ୍କ ମଇଲମ ବେଶ ସନ୍ଧ୍ୟା ଆଳତି ବଢ଼ି ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଏହି ନୀତି ପାଇଁ ରବିବାର ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଛନ୍ତି। ଏହି ନୀତି ପାଇଁ ସୋମବାର ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଚୋର ଧରିବାକୁ ଗାଁରେ ବୁଲିଲା ଖଟିଆ

**କୋଠଘରେ ଅଟକ ଥିବା ବ୍ୟକ୍ତିଙ୍କୁ ଉଦ୍ଧାର କଲା ପୋଲିସ**

ପୁରୀ,୨୭।୭(ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଥାନା ଅନ୍ତର୍ଗତ ଶିରୁଳି ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କେଉଁ ଉପାନ୍ତ ଅଞ୍ଚଳ ନୁହେଁ, ପୁରୀଠାରୁ କେଇ କି.ମି. ଦୂରରେ ଥିବା ଗାଁରେ କଙ୍ଗାରୁକୋର୍ଟ କରାଯାଇଥିବା ନେଇ ଚର୍ଚ୍ଚା ହେଉଛି। ଚୋର ଧରିବାକୁ ଗାଁରେ ଖଟିଆ ବୁଲିଥିବା ଜଣାପଡ଼ିଛି। ଆଉ ଚୋର ସନ୍ଦେହରେ ଗାଁର ଜଣେ ବ୍ୟକ୍ତିଙ୍କୁ କେତେଜଣ ଲୋକ କୋଠଘରେ ଅଟକ ରଖିଥିଲେ। ଖବରପାଇ ଚନ୍ଦନପୁର ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିବା ଜଣାପଡ଼ିଛି। ସେ ବ୍ୟକ୍ତି ଜଣଙ୍କର ଚୋରିରେ ସମ୍ପୃକ୍ତି ଅଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

ଅଭିଯୋଗ ଅନୁଯାୟୀ, ଶିରୁଳି ଗାଁରୁ ମଝିରେ ମଝିରେ ଲୋକଙ୍କ ଘରୁ ଚୋରି ହେଉଛି। ଚୋରିର ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ କୌଣସି ବାହାର ଚୋର ନୁହେଁ, ଗାଁର କେହି ଏପରି କରିଥାଏ ବୋଲି ଗ୍ରାମବାସୀ ସନ୍ଦେହ କରିଆସୁଛନ୍ତି। ଏମିତି ଏକାଧିକ ଚୋରି ଘଟଣା ପରେ ଗାଁର ଜଣେ ଯୁବକଙ୍କ ଉପରେ ସନ୍ଦେହ ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ଗାଁ ଲୋକେ ସନ୍ଦେହରେ ଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରି କୋଠଘରକୁ ନେଇ ଆସିଥିଲେ। ତାଙ୍କୁ ଚୋରି ବିଷୟରେ ପଚରାଉଚରା କରିଥିଲେ। ଗ୍ରାମବାସୀଙ୍କ ନିଷ୍ପତ୍ତିକ୍ରମେ ଜଣେ ପୂଜାରୀଙ୍କୁ ଡକାଯାଇ ମନ୍ତ୍ରପାଠ କରିବା ପରେ ଖଟିଆକୁ ଗାଁରେ ବୁଲା ଯାଇଥିଲା। ସମସ୍ତଙ୍କ ଘର ପାଖକୁ ଖଟିଆ ଯାଇଥିଲା। କିନ୍ତୁ କୌଣସି ଠିକ ସୂଚନା ମିଳିପାରି ନ ଥିଲା। ଅନ୍ୟପକ୍ଷରେ କୋଠଘରେ ଅଟକଥିବା ଯୁବକ ଫୋନ୍ ମାଧ୍ୟମରେ ପୋଲିସ ସହାୟତା ଚାହିଁଥିଲେ। ତେବେ ଏହି ଘଟଣାକୁ ନେଇ ଶିରୁଳି ଗାଁରେ କଙ୍ଗାରୁ କୋର୍ଟ ଚାଲିଥିବା ଚର୍ଚ୍ଚା ହୋଇଥିଲା। ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ସେଠାରୁ ଉଦ୍ଧାର କରି ଥାନାକୁ ଆଣିଛି।


ଗ୍ରାମରେ ଚୋର ଧରିବାକୁ ଖଟିଆ ବୁଲା ଯାଉଛି।

# ଓଡ଼ିଆ ଭାଷାକୁ ବଞ୍ଚାଇବା ସଂକଳ୍ପ ହେଉ: ଜଷ୍ଟିସ୍ ରଥ

କଟକ,୨୭।୭(କାର୍ତ୍ତିକ ସାହୁ)

**ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବ ଉଦ୍‌ଯାପିତ**

ଉତ୍କଳ ସାହିତ୍ୟ ସମାଜର ସୁଦୀର୍ଘ ଯାତ୍ରା ଇତିହାସର ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଯେଉଁ ମହାମନୀଷୀମାନେ ଅନୁଷ୍ଠାନର ମଙ୍ଗୁଆଳ ହୋଇଥିଲେ, ସେମାନେ ଏହି ଭାଷାର ସେବା କରିବାର ବ୍ରତ କରିଥିଲେ ବୋଲି ୧୨୩ତମ ସମାବର୍ତ୍ତନ ଉତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀମନ୍ଦିର ରତ୍ନଭଣ୍ଡାର ସଂଶୋଧନ ପ୍ରକ୍ରିୟା ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ତଥା ଓଡ଼ିଶା ଆଇନ କମିଶନ୍‌ର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ପ୍ରକାଶ କରିଛନ୍ତି।

ଶ୍ରୀରାମଚନ୍ଦ୍ର ଭବନଠାରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରଥ କହିଲେ, ଓଡ଼ିଆ ଭାଷାକୁ ବଞ୍ଚାଇବା ଆଜିର ୧୨୩ତମ ସମାବର୍ତ୍ତନ ଉତ୍ସବର ସଂକଳ୍ପ ହେଉ। ମୁଖ୍ୟବକ୍ତା ଐତିହାସିକ ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ କହିଲେ, ଓଡ଼ିଆ ସାହିତ୍ୟକୁ ଦିଶା ନିର୍ଦ୍ଦେଶ କରିବା କ୍ଷେତ୍ରରେ ଏହାର ପ୍ରତିଷ୍ଠାତାମାନଙ୍କ ଦୂରଦୃଷ୍ଟି ଓ ଅବଦାନ ଉଲ୍ଲେଖଯୋଗ୍ୟ। ସେମାନଙ୍କ ତ୍ୟାଗରେ ଗଠିତ ଏହି ଅନୁଷ୍ଠାନ ଆଜି ଓଡ଼ିଶାର ଆଦର୍ଶ ହୋଇରହିଛି।

ଏହି ଅବସରରେ ରଶ୍ମୀ ରାଉଳଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ରଜନୀକାନ୍ତ ମହାନ୍ତିଙ୍କୁ ଫକୀର ମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ପୁରୁଷୋତ୍ତମ ମିଶ୍ରଙ୍କୁ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ମମତା ଦାଶଙ୍କୁ ଗଙ୍ଗାଧର ମେହେର କବିତା ସମ୍ମାନ, ଡକ୍ଟର କୈଳାସ ଚନ୍ଦ୍ର ଦାଶଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ-ସମାଲୋଚନା ସମ୍ମାନ, ସରଳା ପତ୍ରୀଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ, ହିମାଂଶୁ ଶେଖର ଖଟୁଆଙ୍କୁ ବୈଷ୍ଣବ ପାଣି କଳା ସମ୍ମାନ, ବିଜୟ କୁମାର ପ୍ରଧାନଙ୍କୁ ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାନ, ପଞ୍ଚାନନ କାନୁନ୍‌ଗୋଙ୍କୁ ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ, କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ ଗୋବିନ୍ଦ ନାରାୟଣ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, ଡ. କବିତା ବାରିକଙ୍କୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ରମାକାନ୍ତ ସିଂହଙ୍କୁ ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ, ମୁରଲୀଧର ସାମଲଙ୍କୁ ଉଦୟନାଥ ଷଡ଼ଙ୍ଗୀ ସାମ୍ବାଦିକତା ସମ୍ମାନ, ସୁବାସ ପାତ୍ରଙ୍କୁ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ, ଡକ୍ଟର ସତ୍ୟ ପଟ୍ଟନାୟକଙ୍କୁ ନବରୂପା ରାଜ ଗୀତିକବିତା ସମ୍ମାନ, ଚନ୍ଦ୍ରଶେଖର ଦାଶଙ୍କୁ ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ, ଚିତ୍ତରଞ୍ଜନ ପାଣିଙ୍କୁ କବିଚନ୍ଦ୍ର ସଙ୍ଗୀତଗୁରୁ ସମ୍ମାନ, ଗୀତା ଦାଶଙ୍କୁ ଭିକାରୀ ବଳ କଣ୍ଠଶିଳ୍ପୀ ସମ୍ମାନ, ନିତ୍ୟାନନ୍ଦ ସାହୁଙ୍କୁ ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କୁ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ, ହଳଧର ଧୀରଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଂଗଠକ ସମ୍ମାନ, ବିନୋଦ ବିହାରୀ ବିଶୋଇଙ୍କୁ ଦେବବ୍ରତ କର ପ୍ରକାଶକ ସମ୍ମାନ, ଡକ୍ଟର ସନ୍ତୋଷ କୁମାର ରଥଙ୍କୁ ନିରଞ୍ଜନ ଦାସ ଭାଷା ସମ୍ମାନ, କୃପାସିନ୍ଧୁ ବିଶ୍ୱାଳଙ୍କୁ ବାଗ୍ମୀ ବିଶ୍ୱନାଥ କର ସଂପାଦନା ସମ୍ମାନ ଓ ପ୍ରଭାତ ରାଉତରାୟଙ୍କୁ ସୁନାମଣି ସାମଲ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବରେ ଅନୁଷ୍ଠାନ ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁକାନ୍ତ ପ୍ରସାଦ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ଓ ସରୋଜିନୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମନୋଜ ପଟ୍ଟନାୟକ, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ଡ. ଗାୟତ୍ରୀ ଦେବୀ, ଆଦିତ୍ୟ ପ୍ରତାପ ବାଘସିଂହ, ବ୍ରହ୍ମାନନ୍ଦ ମହାନ୍ତି, ତପନ କୁମାର ସ୍ୱାଇଁ, ଶଶିକାନ୍ତ ରାଉତ, ମୁରଲୀଧର ଶତପଥୀ, ଡ. ସୁଶୀଳ କୁମାର ବାଗ୍, ସରୋଜ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉତ୍କଳ ସାହିତ୍ୟ ସମାଜର ସମାବର୍ତ୍ତନ ଉତ୍ସବର ଉଦ୍‌ଯାପନୀରେ ଉପସ୍ଥିତ ଅତିଥିବୃନ୍ଦ।

**ସେଲ୍‌ଫି କର୍ବର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଦିଲୀପ


@ ବିଭୂତି


@ ସୁମନ୍ତ


@ ବିଶ୍ୱଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୬ ଜିଲାରେ ବନ୍ୟା ପରିସ୍ଥିତି

ଭୁବନେଶ୍ୱର,୨୭।୭(ଅନୁରାଧା ମହାରଣା)

**୯ ଆଶ୍ରୟସ୍ଥଳରେ ପ୍ରଭାବିତ ଲୋକେ, ରିଲିଫ୍ ପ୍ରଦାନ ଜାରି**

ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଥିରେ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବାବେଳେ ଏକ ହଜାରରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ୯ଟି ଆଶ୍ରୟସ୍ଥଳରେ ରଖାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ଉପସ୍ଥିତିରେ ରବିବାର ପ୍ରଭାବିତ ୬ ଜିଲାର ଜିଲାପାଳ ଓ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ଆଭାସି ମାଧ୍ୟମରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ। ଜିଲ୍ଲା ପ୍ରଶାସନ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କୁ ନିରାପଦ ଆଶ୍ରୟସ୍ଥଳୀରେ ରଖିବା ଓ ରିଲିଫ ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ରାଜୀବ ଭବନଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ କମିଶନର ସିଂହ କହିଛନ୍ତି, ବାଲେଶ୍ୱର ଜିଲ୍ଲାରେ ୫ଟି ଓଡ୍ରାଫ ଟିମ ସହ ଗୋଟିଏ ଏନଡିଆର୍‌ଏଫ, ୨୬ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ବାହିନୀ ନିୟୋଜିତ ହୋଇଥିବାବେଳେ ମୟୂରଭଞ୍ଜ ଜିଲାରେ ଗୋଟିଏ ଓଡ୍ରାଫ ଦଳ, ୨୩ଟି ଅଗ୍ନିଶମ ବାହିନୀ, ଭଦ୍ରକ ଜିଲ୍ଲାରେ ଗୋଟିଏ ଓଡ୍ରାଫ, ଗୋଟିଏ ଏନଡିଆର୍‌ଏଫ ଓ ୧୩ଟି ଅଗ୍ନିଶମ ବାହିନୀ, ଯାଜପୁର ଜିଲାରେ ଗୋଟିଏ ଓଡ୍ରାଫ ଟିମ ସହ ୧୪ଟି ଅଗ୍ନିଶମ ବାହିନୀ ସମେତ ଏହି ସବୁ ଜିଲ୍ଲାରେ ୧୦୬ଟି ବୋଟ ମଧ୍ୟ ଉଦ୍ଧାର ଓ ରିଲିଫ ବଣ୍ଟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସୁବର୍ଣ୍ଣରେଖା ନଦୀ ବ୍ୟତୀତ ଅନ୍ୟ ସମସ୍ତ ନଦୀର ଜଳପତ୍ତନ ହ୍ରାସ ପାଇବାରେ ଲାଗିଛି। ସୁବର୍ଣ୍ଣରେଖାରେ ବନ୍ୟାଜଳକୁ ଆଖିରେ ରଖି ବାଲେଶ୍ୱର ଜିଲା ପ୍ରତି ସତର୍କ ଦୃଷ୍ଟି ରଖାଯାଇଛି। ବୈତରଣୀ ଓ ଜଳକା ନଦୀରେ ଜଳପତ୍ତନ କମିବାରେ ଲାଗିଛି । ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ବନ୍ୟାଞ୍ଚଳରେ ଜଳବିଶୋଧନ ଓ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ବ୍ୟବସ୍ଥା କରାଯିବା ସହ ଆବଶ୍ୟକ ପରିମାଣର ଆଣ୍ଟିଭେନମ୍ ମହଜୁଦ ରଖାଯାଇଛି। ସ୍ଥିତି ସାମାନ୍ୟ ହେବା ପର୍ଯ୍ୟନ୍ତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇଦିଆଯିବ। ଅତିରିକ୍ତ ରିଲିଫ କମିଶନର ମନୀଷ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ବନ୍ୟାଞ୍ଚଳରେ ପୁନରୁଦ୍ଧାର ଓ ରିଲିଫ କାର୍ଯ୍ୟର ତଦାରଖ ପାଇଁ ପଠାଯାଇଛି।

# ୨ ନାବାଳିକାଙ୍କୁ ବଳାତ୍କାର

## ମାଲକାନଗିରି ଜିଲା

ମାଲକାନଗିରି/କୋରୁକୋଣ୍ଡା, ୨୭।୭(ଦୁର୍ଯ୍ୟୋଧନ ପାତ୍ର/ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ମୁଦୁଲିପଡ଼ା ଓ ଓର୍କେଲ ଥାନା ଅଞ୍ଚଳରେ ୨ଜଣ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ମୁଦୁଲିପଡା ଅଞ୍ଚଳର ନାବାଳିକାଙ୍କୁ ଗତ ୧୦ ମାସ ପୂର୍ବେ ଜଣେ ଯୁବକ ବଳାତ୍କାର କରିଥିବା ବେଳେ ସେ ଗର୍ଭବତୀ ଥିଲେ। ଶନିବାର ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। କିନ୍ତୁ କୌଣସି କାରଣରୁ ସନ୍ତାନଟିର ମୃତ୍ୟୁ ଘଟିଥିଲା। ଏ ସମ୍ବନ୍ଧରେ ପରିବାର ଲୋକେ ମୁଦୁଲିପଡ଼ା ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେହିପରି ଓର୍କେଲ ଥାନା ଅଞ୍ଚଳରେ ଲିଫ୍ଟ ଦେବା ବାହାନାରେ ଜଣେ ନାବାଳିକାଙ୍କୁ


ଗିରଫ ଦୟା ମାଢ଼ୀ ।

ବଳାତ୍କାର କରାଯାଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୦୦/୨୫ରେ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଦୟା ମାଢ଼ୀଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ମାମୁ ଘରେ ରହୁଥିଲେ। ଗତ ୧୪ ତାରିଖରେ ସେ ମାମୁ ଘରୁ ନିଜ ଗାଁକୁ କିଛିଦିନ ପାଇଁ ଯାଇଥିଲେ। ଗତ ୨୦ ତାରିଖରେ ସେ ଘରୁ ବାହାରି ଏକ ବସ୍ ଯୋଗେ ଆସି ମାମୁ ଘର ଗାଁ ଛକରେ ଓହ୍ଲାଇ ଚାଲି ଚାଲି ଯାଉଥିଲେ। ସେହି ସମୟରେ ମାମୁ ଘର ଗାଁର ଜଣେ ବ୍ୟକ୍ତି ଦୟା ମାଢ଼ୀ ବାଇକ୍‌ରେ ସେହି ରାସ୍ତା ଦେଇ ଯାଉଥିଲେ। ତାଙ୍କୁ ସେ ମାମୁଘରେ ଛାଡ଼ିଦେବି କହି ବାଇକ୍‌ରେ ବସାଇ ନେଇଥିଲେ। କିନ୍ତୁ ସେଠାରୁ ନାବାଳିକାଙ୍କୁ ଚିତ୍ରକୋଣ୍ଡା ଡ୍ୟାମ୍ ବୁଲାଇ ଆଣିବି ବୋଲି କହି ନେଇଯାଇଥିଲେ। ତେବେ ଡ୍ୟାମ୍ ଅଞ୍ଚଳରୁ ବୁଲାବୁଲି ସାରି ଫେରିବା ବେଳକୁ ସନ୍ଧ୍ୟା ହୋଇଯାଇଥିଲା। ଏହାର ସୁଯୋଗ ନେଇ ଦୟା ହାତୀଆମ୍ବ ଗ୍ରାମ ନିକଟ ଜଙ୍ଗଲରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ରାତି ପ୍ରାୟ ୮ଟାରେ ଦୟା ତାଙ୍କୁ ନେଇ ମାମୁ ଘର ଗାଁରେ ଛାଡ଼ି ଦେଇଥିଲେ। ରାତି ହୋଇ ଯାଇଥିବାରୁ ନାବାଳିକା ଜଣକ ଭୟରେ ମାମୁ ଘରକୁ ନ ଯାଇ ଉକ୍ତ ଗ୍ରାମର ଜଣେ ପରିଚିତଙ୍କ ଘରେ ରହିଥିଲେ। ପରଦିନ ସକାଳେ ସେ ମାମୁ ଘରକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ତାଙ୍କ ମାମୁ ଗ୍ରାମର ଭଦ୍ର ବ୍ୟକ୍ତିଙ୍କୁ ନେଇ ଏକ ବୈଠକ ଡାକିଥିଲେ। ବୈଠକରେ ଗ୍ରାମର ସମସ୍ତେ ଉପସ୍ଥିତ ଥିବାବେଳେ ଦୟା ଫେରାର ହୋଇଯାଇଥିଲେ। ଗ୍ରାମବାସୀଙ୍କ ପରାମର୍ଶ କ୍ରମେ ପୀଡ଼ିତାଙ୍କ ମାମୁ ଶନିବାର ଓର୍କେଲ ଥାନାରେ ଦୟାଙ୍କ ନାମରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତ ଦୟାଙ୍କୁ କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳର ଏକ ଗ୍ରାମରୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୀଡ଼ିତାଙ୍କୁ ରବିବାର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଯାଇଛି।

# ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଫେରାର

## ଘର ଭିତରୁ ମିଳିଲା ରକ୍ତ ଜୁଡୁବୁଡୁ ମୃତଦେହ

ବାସୁଦେବପୁର, ୨୭।୭(ନାରାୟଣ ପ୍ରସାଦ ବାରିକ/କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଫେରାର ହୋଇଯାଇଥିବାବେଳେ ରବିବାର ସକାଳେ ଘର ଭିତରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଛି। ମୃତା ମହିଳା ହେଲେ ଗ୍ରାମର ଗୁରୁବାରୀ ଜେନା(୪୫)। ଟଙ୍କା ପାଇଁ ତାଙ୍କ ସ୍ୱାମୀ ଗୋପୀନାଥ ଜେନା (୫୮) କୌଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଗୁରୁବାରୀଙ୍କ ମୁଣ୍ଡ, ହାତ ଓ ଦେହର କେତେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇ ଅଧିକ ରକ୍ତସ୍ରାବ ହୋଇ ଜୀବନ ଯାଇଛି। କଷିଆ ସାମୁଦ୍ରିକ ଥାନାଧିକାରୀ ସାବିତ୍ରୀ ପଣ୍ଡା, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଓ ଭଦ୍ରକରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ଗୋପୀନାଥ ବାସୁଦେବପୁର ଥାନା ଅଧୀନ ଅଙ୍ଗୁଆଁ ଗ୍ରାମର ବାସିନ୍ଦା। ସେ ପାରାପୋଖରୀ ଗ୍ରାମର ଗୁରୁବାରୀଙ୍କୁ ଦ୍ୱିତୀୟ ବିବାହ କରି ରହୁଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କଠାରୁ ତାଙ୍କର ଦୁଇପୁଅ ଓ ଗୋଟିଏ ଝିଅ ଅଛନ୍ତି। କିଛିଦିନ ତଳେ ଗୁରୁବାରୀ ତାଙ୍କ ପୈତୃକ ସମ୍ପତ୍ତିରୁ କିଛି ଜମି ବିକ୍ରି କରି ଟଙ୍କା ରଖିଥିଲେ। ସେହି ଟଙ୍କାକୁ ନେବା ପାଇଁ ଗୋପୀନାଥ ତାଙ୍କୁ ମାରଧର କରୁଥିବା ପୁଅ ଝିଅମାନେ ପ୍ରକାଶ କରିଛନ୍ତି। ପୁଅ ଝିଅ ବିବାହ କରି ଅନ୍ୟତ୍ର ରହୁଥିବାବେଳେ ଗୋପୀନାଥ ଓ ଗୁରୁବାରୀ ଏକାଠିରହୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତା ଗୁରୁବାରୀଙ୍କ ଝିଅ କୁନିଲତାଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା (ନଂ.୧୧୩/୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ଫେରାର ଥିବାବେଳେ ଖୁବ୍‌ଶୀଘ୍ର ତାଙ୍କୁ ଧରାଯିବ ବୋଲି ଥାନାଧିକାରୀ ପଣ୍ଡା କହିଛନ୍ତି।

# ସଫେଇ ଆଳରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଲୁଟ୍


ପୋଲିସ ପକ୍ଷରୁ ଜାରି ହୋଇଥିବା ଦୁର୍ବୃତ୍ତଙ୍କ ଫଟୋଚିତ୍ର।

## ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଠକେଇର ଶିକାର

ବଡ଼ବିଲ, ୨୭।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ୨ ଦୁର୍ବୃତ୍ତ ଜଣେ ମହିଳାଙ୍କଠାରୁ ସଫେଇ ଆଳରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟି ଚମ୍ପଟ ମାରିଛନ୍ତି। ଏ ନେଇ ଠକେଇର ଶିକାର ହୋଇଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ମ୍ୟାନେଜର ସୁଲୋଚନା ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବଡ଼ବିଲ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇତିହାସ ବିଭାଗ ଅଧ୍ୟାପକ ଗୋଲକ ବିହାରୀ ଗିରି ଓ ତାଙ୍କ ସ୍ତ୍ରୀ ସୁଲୋଚନା ପ୍ରଧାନ ବଡ଼ବିଲ ସୁନ୍ଦରାବସ୍ତିସ୍ଥିତ ଘରେ ରହୁଛନ୍ତି। ଶନିବାର ପୂର୍ବାହ୍ନରେ ଗୋଲକ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ସହ ଦେଖା କରିବାକୁ ଯାଇଥିବା ବେଳେ ସେହି ସମୟରେ ୨ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସୁଲୋଚନାଙ୍କୁ ପିତଳ ଜିନିଷ ସଫେଇ କରିବା ନିମନ୍ତେ ଆସିଥିବା କହିବା ସହ ପିତଳ ଜିନିଷ ମାଗି ସଫା କରି ଫେରାଇ ଦେଇଥିଲେ। ପରେ ସୁନା ଅଳଙ୍କାର ସଫେଇ କରିଦେବେ ବୋଲି କହିବାରୁ ସୁଲୋଚନା ପିନ୍ଧିଥିବା ହାର, କାନଫୁଲ ଓ ବଳା ଖୋଲି ସଫେଇ କରିବାକୁ ଦେଇଥିଲେ। ଅତି ଚତୁରତାର ସହିତ ଦୁର୍ବୃତ୍ତ ଆଖି ସାମ୍ନାରେ ସୁନା ଅଳଙ୍କାର ସବୁ ହାତେଇ ସେଠାରୁ ଚମ୍ପଟ ମାରିଥିଲେ। ଗୋଲକ ଘରେ ପହଞ୍ଚିବା ପରେ ଘଟଣା ବିଷୟରେ ଜାଣି ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୦୫/୨୦୨୫)ରୁଜୁ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା କ୍ଲୋଜ୍ ସର୍କିଟ କ୍ୟାମେରାର ଫୁଟେଜ୍ ତନଖି କରି ତଦନ୍ତ କରୁଛି। ୨ ଦୁର୍ବୃତ୍ତଙ୍କ ଫଟୋଚିତ୍ରକୁ ଥାନା ପକ୍ଷରୁ ସୋସିଆଲ ମିଡିଆରେ ପ୍ରସାର କରି ଜନସାଧାରଣଙ୍କୁ ସତର୍କ ରହିବା ସହ ସେମାନଙ୍କୁ ଦେଖିଲେ ପୋଲିସକୁ ସୂଚନା ଦେବାକୁ ନିବେଦନ କରାଯାଇଛି।

# କମ୍ପାନୀ କ୍ୟାଣ୍ଟିନରେ ମହିଳାଙ୍କୁ ଅସଦାଚରଣ

## ଅଭିଯୋଗ କରିବାରୁ କାମରୁ ବିଦା ହେଲେ

ଯୋଡ଼ା, ୨୭।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ଜଣେ ମହିଳାଙ୍କୁ କାର୍ଯ୍ୟକ୍ଷେତ୍ରରେ ଅସଦାଚରଣ ଅଭିଯୋଗ ହୋଇଛି। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ମାତ୍ର ସେ ଅଭିଯୋଗ କରିବା ପରେ ତାଙ୍କୁ କର୍ମକ୍ଷେତ୍ରରୁ ବାହାର କରିଦିଆଯାଇଛି।

ଅଭିଯୋଗ ମୁତାବକ, ଯୋଡ଼ା ଶହୀଦନଗର ଅଞ୍ଚଳର ମହିଳା ସ୍ଥାନୀୟ ଏକ କମ୍ପାନୀରେ ଠିକାସଂସ୍ଥା ଅଧୀନରେ କ୍ୟାଣ୍ଟିନ କାର୍ଯ୍ୟରେ ନିୟୋଜିତ ଥିଲେ। କ୍ୟାଣ୍ଟିନରେ କାର୍ଯ୍ୟ କରୁଥିବା ଚନ୍ଦନ କୁମାର ସେଠୀ ନାମକ ଯୁବକ ତାଙ୍କୁ ବିଭିନ୍ନ ସମୟରେ ଅସଦାଚରଣ କରୁଥିଲେ। ଚନ୍ଦନ ଆତ୍ମହତ୍ୟା କରିବେ ବୋଲି କହି ବ୍ଲାକ୍‌ମେଲିଂ ମଧ୍ୟ କରୁଥିଲେ। ଏନେଇ ମହିଳା ଜଣକ ଫେବୃଆରୀ ୧୬ରେ ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ରବି ନାରାୟଣ ସାହୁ ନାମକ ଯୁବକ ଚନ୍ଦନଙ୍କୁ ସହଯୋଗ କରୁଥିବା ଅଭିଯୋଗରେ ଦର୍ଶାଇଥିଲେ। ଯୋଡ଼ା ଥାନାରେ ଏକ ମାମଲା(ନଂ.୩୫/୨୦୨୫) ରୁଜୁ ହୋଇଛି। ମାତ୍ର ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ ବୋଲି ମହିଳାଙ୍କ ସ୍ୱାମୀ କହିଛନ୍ତି। ନ୍ୟାୟ ମିଳିବା ପରିବର୍ତ୍ତେ ଟାଟାଷ୍ଟିଲ୍ ଠିକା ସଂସ୍ଥା ମହିଳାଙ୍କୁ କାର୍ଯ୍ୟରୁ ବିଦା କରିଦେଇଥିବା ମହିଳାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଫଳରେ କାର୍ଯ୍ୟହରା ହୋଇ ସେ ମାନସିକ ବିଷାଦଗ୍ରସ୍ତ ହୋଇଛନ୍ତି। ଏପରିକି କମ୍ପାନୀର ବରିଷ୍ଠ ଅଧିକାରୀ, ଠିକାସଂସ୍ଥା କର୍ତ୍ତୃପକ୍ଷ ସମସ୍ତଙ୍କୁ ଅଭିଯୋଗ କରି ବି ନିରାଶ ହୋଇଥିବା କହିଛନ୍ତି। ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ କହିଛନ୍ତି, ଏହା ପୁରୁଣା ମାମଲା ହୋଇଥିବାରୁ ଏହାକୁ ଅଗ୍ରାଧିକାରଭିତ୍ତିରେ ଗୁରୁତ୍ୱର ସହିତ ନିଆଯିବ।

# ସ୍ୱାମୀଙ୍କୁ ଶାବଳରେ ପିଟି ହତ୍ୟା

ରାଜଗାଙ୍ଗପୁର, ୨୭।୭ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡି ଅଧୀନ ସାଗଯୋର ପଞ୍ଚାୟତ କଦେଲଡ଼ିପା ଗ୍ରାମରେ ଶନିବାର ରାତିରେ ସ୍ୱାମୀଙ୍କୁ ଶାବଳରେ ପିଟି ହତ୍ୟା କରିଛନ୍ତି ସ୍ତ୍ରୀ। ରାଜଗାଙ୍ଗପୁର ପୋଲିସ ଅଭିଯୁକ୍ତ ସ୍ତ୍ରୀ ସଙ୍ଗୀତା ବାରା(୨୫)ଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳକୁ ଜବତ କରିଛି। ସୋମବାର ଅଭିଯୁକ୍ତାଙ୍କୁ କୋର୍ଟ ଚାଲାଣ କରାଯିବ। ଏନେଇ ପୋଲିସ ଏକ ହତ୍ୟା ମାମଲା ନଂ. ୩୭୪/୨୫ ରୁଜୁ କରିଛି।

ସୂଚନା ଅନୁଯାୟୀ, କଦେଲଡିପା ଗ୍ରାମରେ ସୁଦୀପ ବାରା ସ୍ତ୍ରୀ ସଙ୍ଗୀତା ଓ ୨ ପୁଅଙ୍କ ସହ ରୁହନ୍ତି। ସୁଦୀପ ସବୁବେଳେ ମଦ୍ୟପାନ କରି ଘରକୁ ଫେରି ସ୍ତ୍ରୀଙ୍କ ସହ ଝଗଡ଼ା କରନ୍ତି। ଅନୁରୂପଭାବେ ଶନିବାର ରାତିରେ ମଦ ପିଇ ଘରକୁ ଫେରିବା ପରେ ସ୍ତ୍ରୀଙ୍କ ସହ ଝଗଡ଼ା କରିଥିଲେ। ଫଳରେ ସ୍ତ୍ରୀ ନିଜ ମାନସିକ ଭାରସାମ୍ୟ ହରାଇ ଘରେ ଥିବା ଏକ ଶାବଳରେ ପିଟିପିଟି ତାଙ୍କୁ ହତ୍ୟା କରିଥିଲେ। ରବିବାର ସକାଳେ ଏହି ଖବର କାଂଶବାହାଲ ଫାଣ୍ଡି ଅଧିକାରୀ ପ୍ରଭସିମରଣ ସିଂ ପାଇବା ପରେ ଘଟଣାସ୍ଥଳରେ ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ସେଠାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

## BUSINESS

# ରେଳ ଉପକରଣ ରପ୍ତାନିରେ ଭାରତ ଆଗୁଆ

ଭୁବନେଶ୍ୱର, ୨୭।୭(ଅନୁରାଧା ମହାରଣା)

ଭାରତ ରେଳ ଉପକରଣ ରପ୍ତାନିରେ ଆଗୁଆ ରହିଛି। 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ' ଦୃଷ୍ଟିକୋଣ ଭାରତୀୟ ରେଳ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ ପ୍ରଭାବ ପକାଇଛି। ଭାରତ ଏବେ ଅନେକ ଉନ୍ନତ ଦେଶକୁ ରେଳ ଉପକରଣ, କୋଚ ଓ ଲୋକୋମୋଟିଭ ରପ୍ତାନି କରୁଛି। କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଗୁଜରାଟର ଭଦୋଦରାସ୍ଥିତ ସାଭଲିରେ ଥିବା ଆଲଷ୍ଟମ ଫ୍ୟାକ୍ଟ୍ରି ପରିଦର୍ଶନ କରିବା ଅବସରରେ ଏପରି ମତ ଦେଇଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ଆଲଷ୍ଟମ ଅଧିକାରୀ ଓ କର୍ମଚାରୀମାନେ ରେଳ ମନ୍ତ୍ରୀଙ୍କୁ ଫ୍ୟାକ୍ଟ୍ରିରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ଅତ୍ୟାଧୁନିକ ପ୍ରଯୁକ୍ତି ସହ ନିର୍ମିତ 'ନମୋ ଭାରତ' କୋଚଗୁଡ଼ିକର ଆଧୁନିକ ଡିଜାଇନ ଓ ଗୁଣବତ୍ତାକୁ ମନ୍ତ୍ରୀ ପ୍ରଶଂସା କରିଥିଲେ।



ଆଲଷ୍ଟମ ଟିମ୍ ମନ୍ତ୍ରୀଙ୍କୁ ରକ୍ଷଣାବେକ୍ଷଣ କାର୍ଯ୍ୟ, ସାମଗ୍ରୀ ବ୍ୟବହାର ଏବଂ ଯୋଗାଣକାରୀ ସଂଯୋଗ ବିଷୟରେ ସୂଚନା ଦେଇଥିଲେ। ସେନ୍ସର ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରି ନିୟମିତ ରକ୍ଷଣାବେକ୍ଷଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଭାରତରେ ଡିଜାଇନ ହୋଇଥିବା ରେଳ ଉପକରଣ ପାଇଁ ମନ୍ତ୍ରୀ ଆଲଷ୍ଟମକୁ ଅଭିନନ୍ଦନ ଜଣାଇଥିଲେ। ଏହି ଫ୍ୟାକ୍ଟ୍ରିରୁ ନିର୍ମିତ କୋଚ, ଲୋକୋମୋଟିଭ, ବଗି ଓ ପ୍ରପଲସନ ସିଷ୍ଟମ ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର, ଫ୍ରାନ୍ସ, ଜର୍ମାନୀ, କାନାଡା, ମେକ୍ସିକୋ ଆଦି ଦେଶକୁ ରପ୍ତାନି ହେଉଛି। ରେଳ ମନ୍ତ୍ରୀ କହିଛନ୍ତି, ସାଭଲି ଫ୍ୟାକ୍ଟ୍ରି ଭଦୋଦରା ଅଞ୍ଚଳର ଅର୍ଥନୀତିକୁ ମଜଭୁତ କରିଛି, ସ୍ଥାନୀୟ ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଛି ଏବଂ ଅଞ୍ଚଳର ସାମଗ୍ରିକ ବିକାଶରେ ସହାୟକ ହୋଇଛି। ଆଲଷ୍ଟମ ଭାରତରେ ପ୍ରାୟ ୭,୦୦୦ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେଇଛି, ଯେଉଁମାନେ ରୋଲିଂ ଷ୍ଟକ ଓ ସିଗନାଲିଂ ସିଷ୍ଟମ କ୍ଷେତ୍ରରେ କାମ କରୁଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୩୦୦ ଜଣ ଅନ୍ତର୍ଜାତୀୟ ପ୍ରକଳ୍ପରେ ସାମିଲ ଅଛନ୍ତି। ମନ୍ତ୍ରୀ ଆଲଷ୍ଟମର ତାଲିମ କାର୍ଯ୍ୟକ୍ରମରେ ଆଗ୍ରହ ପ୍ରକାଶ କରି ଗତି ଶକ୍ତି ବିଶ୍ୱବିଦ୍ୟାଳୟ ସହ ସହଯୋଗ ପାଇଁ ପରାମର୍ଶ ଦେଇଛନ୍ତି। ସେ ଆଲଷ୍ଟମ ଓ ପଶ୍ଚିମ ରେଳପଥର ଭଦୋଦରା ଡିଭିଜନ ମଧ୍ୟରେ ଚାଲିଥିବା ତାଲିମ ସହଭାଗିତାକୁ ପ୍ରଶଂସା କରିଛନ୍ତି। ମନ୍ତ୍ରୀ ଆଲଷ୍ଟମ ଟିମକୁ ଭାରତୀୟ ରେଳପଥ ପାଇଁ ବୃହତ ଅଫ-କ୍ୟାମ୍ପସ ଓ ଅନସାଇଟ ତାଲିମ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଅନୁରୋଧ କରିଛନ୍ତି। ସେ ରେଳ ଅଧିକାରୀ ଓ ସେମାନଙ୍କ ଦଳକୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାଗୀଦାରି ପାଇଁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ତାଙ୍କ ସହ ଭଦୋଦରା ଏମପି ଡ. ହେମାଙ୍ଗ ଯୋଶୀ, ସାଭଲି ବିଧାୟକ କେତନଭାଇ ଇନାମଦାର, ପଶ୍ଚିମ ଓ ମଧ୍ୟ ରେଳପଥର ଜେନେରାଲ ମ୍ୟାନେଜର, ଭଦୋଦରା ଓ ଅହମଦାବାଦର ଡିଆରଏମ ଏବଂ ଅନ୍ୟ ବରିଷ୍ଠ ରେଳ ଅଧିକାରୀ ଉପସ୍ଥିତ ଥିଲେ।

# ଜାତୀୟ ସିଇଓ କନ୍‌କ୍ଲେଭ୍ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୭

ଦି ଇଣ୍ଟରଭ୍ୟୁ ଟାଇମ୍‌ସ ପକ୍ଷରୁ ଆୟୋଜିତ ଜାତୀୟ ସିଇଓ କନ୍‌କ୍ଲେଭ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅକଲ୍ୟାଣ୍ଡରେ ଭାରତର କନ୍‌ସଲ୍ ଜେନେରାଲ୍ ଡ. ମଦନ ମୋହନ ସେଠୀ, ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ମାନସ ରଞ୍ଜନ ପଣ୍ଡା (ପରିଚାଳନା ନିର୍ଦ୍ଦେଶକ, ଓକାକ୍)ଙ୍କ ସମେତ ଡିଜି ଡିଆର୍‌ଡିଓ ଇ ଓ ସିଏସ୍ ଡ. ବି.କେ. ଦାସ୍ ଏବଂ ଡ. ପ୍ରବୀର ପାଲ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଇଣ୍ଟରଭ୍ୟୁ ଟାଇମ୍ସର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦି ଇଣ୍ଟରଭ୍ୟୁ ଟାଇମ୍ସର ସମ୍ପାଦକ ଡ. ଦିବ୍ୟଜିତ ସାହୁ ସ୍ୱାଗତ ଅଭିଭାଷଣ ସହ ସମ୍ମିଳନୀର ଆଭିମୁଖ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଅପରପକ୍ଷରେ ସ୍ୱାସ୍ଥ୍ୟ, ଲାଇଫ୍ ଷ୍ଟାଇଲ୍, ଦକ୍ଷତା, ଶିକ୍ଷା ଭଳି ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ଅତିଥିଙ୍କ ଉପସ୍ଥିତିରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଟିଟିକେ ପ୍ରେଷ୍ଟିଜ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର, ୨୭।୭

ଦେଶର ଅଗ୍ରଣୀ ରୋଷେଇ ଏବଂ ଘରୋଇ ଉପକରଣ ବ୍ରାଣ୍ଡ ତଥା ଟିଟିକେ ପ୍ରେଷ୍ଟିଜ୍‌ର ନୂତନ ଉତ୍ପାଦ ରେଞ୍ଜ 'କୁକ୍‌ୱେର୍ ଟ୍ରାଇ-ପ୍ଲାଇ ହେକ୍ସାମ୍ୟାଜିକ କୁକ୍‌ୱେର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରି କି ଏହାର ନୂତନ ଉଦ୍ଭାବନ ଆରମ୍ଭ ସହ ସମ୍ପ୍ରତି ଉନ୍ମୋଚିତ ରେଞ୍ଜ୍ ଟ୍ରାଇପ୍ଲି ନିର୍ମାଣର ଅତୁଳନୀୟ ସ୍ଥିରତାକୁ ଏକ ପରିବର୍ତ୍ତନକାରୀ, ମଧୁର କୋଷ-ପାଟର୍ନ ନନ୍-ଷ୍ଟିକ୍ ଫିନିସ୍ ସହିତ ମିଶ୍ରଣ କରିଥାଏ। ସେହିଭଳି ଭାରତୀୟ ପରିବାରଗୁଡ଼ିକର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ପାଇଁ ବିକଶିତ, ତ୍ରି-ପ୍ଲାଇ ହେକ୍ସାମ୍ୟାଜିକ୍ ଫ୍ରାଏ ପ୍ୟାନ୍ ଏବଂ କଡ଼ାଇରେ ନନ୍-ଷ୍ଟିକ୍ ଇନୋଭେଶନ୍ ସହ ଟ୍ରିପଲ ସ୍ଥାୟିତ୍ୱ ମିଶ୍ରଣ ପ୍ରଦାନ କରାଯାଏ। ଏହି ଡିଜାଇନ୍ କେବଳ ଆବରଣର ସ୍ଥାୟିତ୍ୱ ବୃଦ୍ଧିକରେ ନାହିଁ ବରଂ ବାରମ୍ବାର ବ୍ୟବହାର ସତ୍ତ୍ୱେ ଦୀର୍ଘସ୍ଥାୟୀ କାର୍ଯ୍ୟଦକ୍ଷତା ମଧ୍ୟ ସୁନିଶ୍ଚିତ କରିଥାଏ। ପ୍ରେଷ୍ଟିଜ୍ ତ୍ରି-ପ୍ଲାଇ ହେକ୍ସାମ୍ୟାଜିକ୍ କୁକ୍‌ୱେର୍ ଉତ୍ପାଦ ଉପରେ ୧୫ବର୍ଷର ୱାରେଣ୍ଟି ଏବଂ ନନ୍-ଷ୍ଟିକ୍ ଆବରଣ ଉପରେ ୩ ବର୍ଷର ୱାରେଣ୍ଟି ରହିଛି । ଏହା ବ୍ରାଣ୍ଡର ଗୁଣବତ୍ତା



ଏବଂ ନିର୍ଭରଯୋଗ୍ୟତାର ନିଶ୍ଚିତତାକୁ ପୁନଃ ନିର୍ଦ୍ଦିଷ୍ଟ କରିଛି। ଉଲ୍ଲେଖଯୋଗ୍ୟ, ଟିଟିକେ ପ୍ରେଷ୍ଟିଜର ଏହି ନୂତନ ରେଞ୍ଜର ପ୍ରାରମ୍ଭିକ ବଜାର ଦର ୨୦ ସିଏମ୍ ମଡେଲ୍ ଫ୍ରାଏ ପ୍ୟାନ୍‌ର ମୂଲ୍ୟ ୨୮୪୫ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ କଡ଼ାଇର ଦର ୨୯୯୫ ଟଙ୍କାରୁ ଆରମ୍ଭ ହେଉଛି, ଯାହା ପ୍ରିମିୟମ୍ ପ୍ରଯୁକ୍ତିବିଦ୍ୟାକୁ ଭାରତୀୟ ଗ୍ରାହକଙ୍କ ପାଖରେ ରଖିଛି। ଟ୍ରାଇ-ପ୍ଲାଇ ହେକ୍ସାମ୍ୟାଜିକ୍‌ର ଶୁଭାରମ୍ଭ ସହିତ ଟିଟିକେ ପ୍ରେଷ୍ଟିଜ୍ ଶିଳ୍ପରେ ଏକ ଅଗ୍ରଣୀ ଶକ୍ତି ଭାବେ ଏହାର ଭୂମିକାକୁ ସୁଦୃଢ଼ କରୁଛି, ଅସାଧାରଣ ରୋଷେଇ ଘରର ନବସୃଜନ ମାଧ୍ୟମରେ କୋଟି କୋଟି ଭାରତୀୟ ପରିବାରଙ୍କ ଜୀବନକୁ ଉନ୍ନତ କରିବା ପାଇଁ ପ୍ରତିବଦ୍ଧ ରହିଛି।

# ଦି ମ୍ୟାନ୍‌ଗ୍ରୋଭ୍ସ ରିଜେନେରେଶନ ପ୍ଲେଜ୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୨୭।୭

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡିଆଜିଓ ଇଣ୍ଡିଆ ପରିସରରେ ବିଶ୍ୱ ମ୍ୟାନ୍‌ଗ୍ରୋଭ୍ସ ଦିବସ (ଡବ୍ଲ୍ୟୁଏମ୍‌ଡି) ପାଳିତ ହୋଇଯାଇଛି। ବିଶେଷକରି ଡବ୍ଲ୍ୟୁଏମ୍‌ଡିର ୧୦ ବର୍ଷ ପୂର୍ତ୍ତି ଅବସରରେ ସିଗ୍ନେଚର୍ ପ୍ୟାକେଜଡ ଡ୍ରିଙ୍କିଂ ୱାଟର ପକ୍ଷରୁ ଏକ ନୂତନ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଏହାର ବ୍ରାଣ୍ଡ ଆମ୍ବାସାଡର ଆୟୁଷ୍ମାନ ଖୁରାନାଙ୍କ ଦ୍ୱାରା ପ୍ରସ୍ତୁତ ହାଇଡେସିବଲ ୩୬୦ ଅଭିଯାନକୁ ନିକଟରେ ଉନ୍ମୋଚନ କରାଯାଇଛି। ଏହି ଅଭିଯାନର କେନ୍ଦ୍ରରେ ଏକ ଚଳଚ୍ଚିତ୍ର ରହିଛି, ଏହା ଭାରତର ମ୍ୟାନ୍‌ଗ୍ରୋଭ୍ସ ଇକୋସିଷ୍ଟମର ସୁନ୍ଦର ରଚନାଗୁଡ଼ିକୁ ପୁନରୁଦ୍ଧାର କରିବାର ଆବଶ୍ୟକତାକୁ ଆଲୋକିତ କରିଛି। ସେହିଭଳି ଦି ମ୍ୟାନ୍‌ଗ୍ରୋଭ୍ସ ରିଜେନେରେଶନ ପ୍ଲେଜ୍ ଶୀର୍ଷକ ଚଳଚ୍ଚିତ୍ରଟି ଭାରତର ଉପକୂଳ ଇକୋସିଷ୍ଟମ ଏବଂ ସେଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଅକ୍ଳାନ୍ତ ଭାବେ କାମ କରୁଥିବା ଲୋକଙ୍କ ପ୍ରତି ଶୁଭେଚ୍ଛା ଜଣାଇଛି। ଇମର୍ସିଭ୍ ଭିଜୁଆଲ୍ ଏବଂ ଆୟୁଷ୍ମାନଙ୍କ ପ୍ରତିଧ୍ୱନିତ ସ୍ୱର ମାଧ୍ୟମରେ କୁହାଯାଉଥିବା ଏହି ଚଳଚ୍ଚିତ୍ରଟି ଜଳବାୟୁ ପରିବର୍ତ୍ତନ, ସ୍ଥିରତା ଏବଂ ତୃଣମୂଳ ସଂରକ୍ଷଣ ପାଇଁ ପ୍ରବର୍ତ୍ତାଉଥିବା ସମ୍ପ୍ରଦାୟଗୁଡ଼ିକର ଭୂମିଗତ ବାସ୍ତବତାକୁ ଜୀବନ୍ତ କରିଥାଏ। ଏ ନେଇ ଡିଆଜିଓ ଇଣ୍ଡିଆର ଉପାଧ୍ୟକ୍ଷ ଏବଂ ପୋର୍ଟଫୋଲିଓ ମାର୍କେଟିଂ ମୁଖ୍ୟ ବରୁଣ କୁରିଚ୍ କହିଛନ୍ତି, ଓଡ଼ିଶାରେ ମ୍ୟାନ୍‌ଗ୍ରୋଭ୍ସ ପୁନର୍ଜନ୍ମ ପ୍ରକଳ୍ପ ହେଉଛି ଆମର ଦାବିର ଏକ ଶକ୍ତିଶାଳୀ ପ୍ରକାଶ। ସମ୍ପ୍ରଦାୟ ଚାଳିତ କାର୍ଯ୍ୟ, ନିରନ୍ତର ପ୍ରତିବଦ୍ଧତା ଏବଂ ଅର୍ଥପୂର୍ଣ୍ଣ ପରିବେଶଗତ ପ୍ରଗତି ଆମର ପ୍ରସ୍ତାବ। ପ୍ରକୃତି ସହିତ ଗୋଟିଏ ଦିନ। ଆମେ ମ୍ୟାନ୍‌ଗ୍ରୋଭ୍ସ ଭଳି ପରିବେଶ ପ୍ରଣାଳୀ ଏବଂ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଦିନ କାମ କରୁଥିବା ଲୋକଙ୍କ ନୀରବ ଶକ୍ତିକୁ ପାଳନ କରୁଛୁ। ସିଗ୍ନେଚର୍ ପ୍ୟାକେଜଡ ଡ୍ରିଙ୍କିଂ ୱାଟରରେ ଆମେ ସଚେତନ ଜୀବନ ପାଇଁ ଠିଆ ହୋଇଛୁ ।

# ବଜାରରେ ହିରୋ ମୋଟୋକର୍ପର ନ୍ୟୁ ଏଚ୍‌ଏଫ୍ ଡିଲକ୍ସ ପ୍ରୋ

ଭୁବନେଶ୍ୱର, ୨୭।୭ (ଅଭୟ ଦାଶ)

ହିରୋ ମୋଟୋକର୍ପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନ୍ୟୁ ଏଚ୍‌ଏଫ୍ ଡିଲକ୍ସ ପ୍ରୋ'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରି କି କମ୍ପାନୀ ତା'ର ଏଚ୍‌ଏଫ୍ ଡିଲକ୍ସ ପୋର୍ଟଫୋଲିଓକୁ ମଜଭୁତ କରିଛି। ଅପରପକ୍ଷରେ ଏଚ୍‌ଏଫ୍ ଡିଲକ୍ସ ପ୍ରୋ ଏକ ବିଶ୍ୱସନୀୟ ୯୭.୨ସିସି ଇଞ୍ଜିନ ଦ୍ୱାରା ପରିଚାଳିତ (କ୍ଷମତାପ୍ରାପ୍ତ) ହେଉଥିଲା ବେଳେ ଏହା ଏକ ଶକ୍ତିଶାଳୀ କାର୍ଯ୍ୟଦକ୍ଷତାର ଆଉଟପୁଟ୍ ପ୍ରଦାନ କରିଥାଏ। ଏହା ମଧ୍ୟରେ ୮୦୦୦ ଆରପିଏମ୍‌ରେ ୭.୯ ବିଏଚ୍‌ପି ଏବଂ ୬୦୦୦ ଆର୍‌ପିଏମ୍‌ରେ ୮.୦୫ ଏନ୍‌ଏମ୍ ଟର୍କ (କମ୍ପନ) ସାମିଲ ରହିଛି। ସେହିପରି ଆଇଏସ୍ (ଆଇଡଲ ଷ୍ଟପ୍-ଷ୍ଟାର୍ଟ ସିଷ୍ଟମ) କ୍ଷମତାଯୁକ୍ତ ଉନ୍ନତ ଜ୍ଞାନକୌଶଳ, ନିମ୍ନ-ଘର୍ଷଣଯୁକ୍ତ ଇଞ୍ଜିନ ସହ ବିଶେଷ ଭାବେ ପ୍ରସ୍ତୁତ ଯାନ୍ତ୍ରିକ ଟାୟାର୍ସକୁ ନେଇ ଏହା ଏକ ପ୍ରଭାବଶାଳୀ ବା ସର୍ବୋତ୍ତମ-ଶ୍ରେଣୀ ମାଇଲେଜ ପ୍ରଦାନ କରୁଛି। ଏହା ଅତି ଆରାମଦାୟକ ଚାଳନାକୁ ମଧ୍ୟ ସୁନିଶ୍ଚିତ କରିଥାଏ। ସେହିଭଳି ଏଚ୍‌ଏଫ୍ ଡିଲକ୍ସ ପ୍ରୋ ବାଧାହୀନ ଦୈନିକ ଚାଳନା ତଥା ଅତୁଳନୀୟ ମୂଲ୍ୟକୁ ନେଇ ନିର୍ମିତ ହୋଇଛି। ଏଚ୍‌ଏଫ୍ ଡିଲକ୍ସ ପ୍ରୋ ସମଗ୍ର ଦେଶରେ ରହିଥିବା ହିରୋମୋଟୋକର୍ପ ବିକ୍ରେତାମାନଙ୍କ ପାଖରେ ଦୁଇଟି ଆକର୍ଷଣୀୟ କଲର (ରଙ୍ଗ- ବ୍ଲୁ ଓ ରେଡ) ସହ ୭୩,୫୫୦ ଟଙ୍କାରେ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ହିରୋ ମୋଟୋକର୍ପର ସିବିଓ (ଇଣ୍ଡିଆ ବିଜ୍‌ନେସ୍ ୟୁନିଟ୍) ଆଶୁତୋଷ ବର୍ମା କହିଛନ୍ତି, ଆମେ ଆମର ନୂତନ ମଡେଲ ତଥା ଏଚ୍‌ଏଫ୍ ଡିଲକ୍ସ ପ୍ରୋକୁ ସର୍ବଭାରତୀୟସ୍ତର ଅନାବରଣ କରି ବେଶ୍ ଉତ୍ସାହିତ ଅଛୁ। ଏପରି କି ସମଗ୍ର ଭାରତରେ ଏହାର ବିଶ୍ୱସ୍ତ ସହଭାଗିତାକୁ ନେଇ ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଖରେ ଆମେ ଆଦୃତ ହୋଇପାରିଛୁ। ସେହିଭଳି ଏହାର ନିର୍ଭରଯୋଗ୍ୟ ଇନ୍ଧନ ସଂରକ୍ଷଣ ସହ ନୂତନ ଏଚ୍‌ଏଫ୍ ଡିଲକ୍ସ ପ୍ରୋ ଆମର ଏକ ବିଶ୍ୱାସକୁ ଆଗେଇ ନେଇପାରିଛୁ।



# ୧୦୦୦ କୋଟିରୁ ଅଧିକ ବ୍ୟବସାୟ

ଭୁବନେଶ୍ୱର, ୨୭।୭

ରାଜ୍ୟର ସର୍ବବୃହତ୍ ବ୍ୟବସାୟ ଏବଂ ନେଟ୍‌ୱର୍କିଂ ଇଭେଣ୍ଟ ତଥା ଏକ ୨ ଦିନିଆ ବ୍ୟବସାୟ ସମ୍ମିଳନୀ 'ବିଏନ୍‌ଆଇ ବିଜ୍ ପ୍ରୋ ୨.୦' ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତକାଲି ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ପଟିଆସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନ୍‌ରେ ଉଦ୍‌ଘାଟିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୩୪୦ରୁ ଅଧିକ ବିଏନ୍‌ଆଇ ସଦସ୍ୟଙ୍କ ସମେତ ୫ ହଜାରରୁ ଅଧିକ ପରିଦର୍ଶକ ଏବଂ ୯୦ବ୍ରାଣ୍ଡ ସେମାନଙ୍କର ଉତ୍ପାଦ ଏବଂ ସେବା ପ୍ରଦର୍ଶିତ କରିଥିଲେ। ବିଶେଷ କରି ବ୍ୟବସାୟ ପାଇଁ ଏହା ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଉଦ୍‌ଘାଟନୀ ସମାରୋହରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳେ ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଏବଂ ଇପିକଲ୍‌ର ଅଧ୍ୟକ୍ଷ ହେମନ୍ତ ଶର୍ମା ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ମନୋଜ ଲାଲାନି ଏବଂ ଉମଙ୍ଗ ଲାଲାନିଙ୍କ ଦ୍ୱାରା ୨୦୧୮ରେ ପ୍ରତିଷ୍ଠିତ ବିଏନ୍‌ଆଇ ଭୁବନେଶ୍ୱର ପୂର୍ବରୁ ଏହାର ସଦସ୍ୟମାନଙ୍କ ମଧ୍ୟରେ ୧୦୦୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟକୁ ସୁବିଧାରେ ଯୋଗାଇ ଦେଇଛି। ଏହା କେବଳ ଓଡ଼ିଶାରେ ନୁହେଁ ବରଂ ଭାରତ ଏବଂ ବିଶ୍ୱବ୍ୟାପୀ ବ୍ୟବସାୟ ମାଲିକମାନଙ୍କୁ ନୂତନ ଉଚ୍ଚତା ଆରୋହଣ କରିବାରେ ସାହାଯ୍ୟ କରିବ ବୋଲି ବିଏନ୍‌ଆଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉମଙ୍ଗ ଲାଲାନି କହିଛନ୍ତି। ବିଏନ୍‌ଆଇ ବିଜ୍ ପ୍ରୋ ୨. ୦ ହେଉଛି ସହରର ପ୍ରତ୍ୟେକ ବ୍ୟବସାୟ ମାଲିକଙ୍କ ପାଇଁ ବ୍ୟବସାୟ ନେଟ୍‌ୱର୍କିଂର ଶକ୍ତି ପ୍ରଦର୍ଶନ କରିବାର ଏକ ପ୍ଲାଟଫର୍ମ। ବିଏନ୍‌ଆଇ ଭୁବନେଶ୍ୱର ଗତ ୭ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ଏବଂ ମୋର ଦୃଷ୍ଟିକୋଣ ହେଉଛି ଏହା ନିକଟ ଭବିଷ୍ୟତରେ ୧ ହଜାରରୁ ଅଧିକ ସଦସ୍ୟଙ୍କ ଏକ ଦୃଢ଼ ସମ୍ପ୍ରଦାୟରେ ପରିଣତ ହେବ ବୋଲି ବିଏନ୍‌ଆଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ ଲାଲାନି କହିଛନ୍ତି।

**ବନ୍ୟା ଯୋଗୁ ୪ ପଞ୍ଚାୟତରେ ସ୍କୁଲ ଛୁଟି**

ଧାମନଗର,୨୭।୭(ଦେବେନ୍ଦ୍ର ଆଦିଆ): ବନ୍ୟା ଯୋଗୁ ଭଦ୍ରକ ଜିଲା ଧାମନଗର ବ୍ଲକର ୪ ପଞ୍ଚାୟତରେ ଦୁଇଦିନ ସ୍କୁଲ ଛୁଟି ରହିବ। ସୋହଡ଼ା, ହସନାବାଦ, ପଧାନୀ ଓ ଅର୍ଜୁନପୁର ପଞ୍ଚାୟତର ୨୬ଟି ବିଦ୍ୟାଳୟ ସୋମବାର ଓ ମଙ୍ଗଳବାର ଦୁଇଦିନ ବନ୍ଦ ରହିବ ବୋଲି ଜିଲାପାଳ ଦିଲୀପ ରାଉତରାଏ ରବିବାର ରାତିରେ ଘୋଷଣା କରିଛନ୍ତି। ଏନେଇ ଜିଲାପାଳ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# କଠିନ ପରିଶ୍ରମ କରି ଭଲ ପାଠ ପଢ଼ିବାକୁ ଆଶ୍ରମ ସ୍କୁଲ ପିଲାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ଶୁଣୁଛନ୍ତି।

ଭୁବନେଶ୍ୱର,୨୭।୭
(ରବିନାରାୟଣ ଜେନା)

ଭଲ ପାଠପଢ଼,କଠିନ ପରିଶ୍ରମ କରି ସଫଳତାର ସହିତ ବଡ଼ ମଣିଷ ହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନବାସୀ ଆଶ୍ରମ ପିଲାଙ୍କୁ ପରାମର୍ଶ ଦେଇଛନ୍ତି। ରବିବାର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଦେଖିବା ଅବସରରେ ଆଶ୍ରମ ପିଲାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୁଝାଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ପରିଶ୍ରମର ଫଳ କେବେ ବୃଥା ଯାଏନାହିଁ। ମାତା-ପିତାଙ୍କ ସ୍ୱପ୍ନ ପୂରଣ କରିବାକୁ ହେଲେ ତୁମକୁ କଠୋର ପରିଶ୍ରମ କରିବାକୁ ପଡ଼ିବ। ରବିବାର ୧୨୪ତମ ଅଧ୍ୟାୟରେ ଦେଶର ବିଭିନ୍ନ ପ୍ରାନ୍ତର ଜନ ସମୂହଙ୍କ ପ୍ରେରଣାଦାୟୀ ପଦକ୍ଷେପ ସହିତ ଓଡ଼ିଶାର ମୟୂରଭଞ୍ଜ ଜିଲାର ଆଦିବାସୀ ମହିଳାମାନଙ୍କ ଦ୍ୱାରା ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ୬୫୦ ଜଣ ଆଦିବାସୀ ମହିଳା ଆଜି ଏହି ଶାଢ଼ି ବୁଣି ଭଲ ରୋଜଗାର କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ସେ କହିଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ପ୍ରକୃତିର ସୁରକ୍ଷା ପାଇଁ ଆମର ଦାୟିତ୍ୱ ବିଷୟରେ କେନ୍ଦୁଝରର ନାମ ନେଇଛନ୍ତି। କେନ୍ଦୁଝର ଜିଲାର ପ୍ରମିଳା ପ୍ରଧାନଙ୍କ ପ୍ରୟାସରେ ସଂକୀର୍ତ୍ତନ ମଣ୍ଡଳୀ ଜରିଆରେ କିଭଳି ପରିବେଶ ଓ ଜଙ୍ଗଲର ସୁରକ୍ଷା ସହିତ ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନତା କରାଯାଉଛି ସେ ବିଷୟରେ ପ୍ରଶଂସା କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

# ଜ୍ଞାନ, ଅନୁଭବର ସୁବିନିଯୋଗ ହେବା ଉଚିତ: ମନମୋହନ

ଭୁବନେଶ୍ୱର,୨୭।୭
(ରବିନାରାୟଣ ଜେନା)

ଭାରତ ବର୍ଷରେ କିଛି ଅସମ୍ଭବ ନୁହେଁ। ଆମ ଦେଶରେ ଯେଉଁ ଜ୍ଞାନ ଓ ଅନୁଭବର ଶକ୍ତି ରହିଛି, ତା'ର ଶତ ପ୍ରତିଶତ ବିନିଯୋଗ ହେବା ଉଚିତ ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି।

ରବିବାର ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଦେଖିବା ଅବସରରେ ମନମୋହନ କହିଛନ୍ତି, ବାସ୍ତବରେ ଏହି କାର୍ଯ୍ୟକ୍ରମ ପ୍ରେରଣାଦାୟୀ। ମୟୂରଭଞ୍ଜରେ ୬୫୦ରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳାମାନେ ସାନ୍ତାଳୀ ଶାଢ଼ିକୁ ପୁଣି ଥରେ ଜୀବନ୍ତ କରିଥିବାର ସଫଳ ଗାଥା ଦେଖିବାକୁ ମିଳିଛି। ସେମାନେ କେବଳ ବସ୍ତ୍ର ବୁଣୁ ନାହାନ୍ତି, ବରଂ ନିଜ ଅସ୍ତିତ୍ୱ ଓ ପରିଚୟକୁ ନୂଆ ଆକାର ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନିଜ ବାର୍ତ୍ତାରେ କହିଛନ୍ତି। ସେହିପରି କେନ୍ଦୁଝରରେ କୀର୍ତ୍ତନ ମାଧ୍ୟମରେ ଜଙ୍ଗଲ ଅଗ୍ନିକାଣ୍ଡ ବିଷୟରେ ସଚେତନତା ଭଳି ଅଦ୍ଭୁତ ପଦକ୍ଷେପ ଦେଖାଯାଉଛି । ଭକ୍ତି ସଙ୍ଗୀତ ପରିବେଷଣ କରି ପ୍ରମିଳା ପ୍ରଧାନଙ୍କ ନେତୃତ୍ୱରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରୁଛନ୍ତି। ଏହା ନିଶ୍ଚିତ ଭାବେ 'ବିକଶିତ ଓଡ଼ିଶା, ବିକଶିତ ଭାରତ' ଗଠନ ଦିଗରେ ପାହାଚ ସଦୃଶ ବୋଲି ପଳାଶପଲ୍ଲୀସ୍ଥିତ ୧୧୪ ନମ୍ବର ବୁଥରେ ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିବା ଅବସରରେ ସେ କହିଛନ୍ତି।

# ଆଗାମୀ କାଲି ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



ଦିନକୁ ଦିନ ପୃଥିବୀ ଅସୁସ୍ଥ ହେବାରେ ଲାଗିଛି। ଦ୍ରୁତ ଜଙ୍ଗଲକ୍ଷୟ, ପ୍ରଦୂଷଣ ସହ ଜଳବାୟୁ ପରିବର୍ତ୍ତନ ଆମ ଗ୍ରହ ପାଇଁ ଅସୁସ୍ଥତାର ପ୍ରମୁଖ କାରକ ସାଜିଛି। ଏସବୁ ଠାରୁ ଦୂରେଇ ପୃଥିବୀକୁ ସୁସ୍ଥ ରଖିବା ଲାଗି ପ୍ରାକୃତିକ ସମ୍ପଦର ସୁରକ୍ଷା ସହ ଜୈବ ବିବିଧତା, ପରିବେଶଗତ ସନ୍ତୁଳନ ଜରୁରୀ। ତେଣୁ ଏହି ପରିପ୍ରେକ୍ଷୀରେ ସଚେତନତା ବୃଦ୍ଧି ସକାଶେ ପ୍ରତିବର୍ଷ ଜୁଲାଇ ୨୮ ରେ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' ପାଳନ କରାଯାଉଛି। ଏହି ଅବସରରେ ପ୍ରାକୃତିକ ସମ୍ପଦ ଏବଂ ପରିବେଶର ସୁରକ୍ଷାକୁ ଗୁରୁତ୍ୱାରୋପ କରାଯାଇଥାଏ। ଚଳିତବର୍ଷ ଏହି ଦିବସ ଲାଗି ଉଦ୍ଦିଷ୍ଟ ବିଷୟବସ୍ତୁ 'ଜୈବ ବିବିଧତାକୁ ସୁରକ୍ଷା, ଅବନତ ପରିସଂସ୍ଥାନକୁ ପୁନରୁଦ୍ଧାର ଏବଂ ଏକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ବିଶ୍ୱବ୍ୟାପୀ ସହଯୋଗର ଜରୁରୀ ଆବଶ୍ୟକତା। ତେଣୁ ଆଗାମୀ କାଲି ଲାଗି ଏହା ଆମ ସମସ୍ତଙ୍କ ପାଇଁ ମଧ୍ୟ କର୍ତ୍ତବ୍ୟ।

### ପ୍ରକୃତିକୁ ସୁରକ୍ଷା ଦେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ



ପ୍ରକୃତି ଆମ ପାଇଁ କେତେ ଉପକାରୀ ତାହା ପ୍ରାୟ ସମସ୍ତେ ଜାଣିଛେ। ତେବେ ଏହାକୁ ସୁରକ୍ଷା ନ ଦେଲେ ଆମର ଭବଷ୍ୟତ ଅସୁରକ୍ଷିତ ହୋଇପଡିବ। ମା' ସହ ଶିଶୁର ସମ୍ପର୍କ ଯେମିତି ଠିକ୍ ସେମିତି ମହାନ ଜନନୀ ପ୍ରକୃତି ସହ ଆମର ନିବିଡ ସମ୍ପର୍କ ରହିଛି। ବିବର୍ତ୍ତନ ଏହାକୁ ଆମ ଜିନ୍‌ରେ ଲିପିବଦ୍ଧ କରିଦେଇଛି। ପ୍ରକୃତିର ସୁରକ୍ଷାକୁ ଆମେ ସମସ୍ତେ ହୃଦୟଙ୍ଗମ କରିବା ନିହାତି ଦରକାର। ପ୍ରକୃତିକୁ ଆମେ ଯେମିତି ଧ୍ୱଂଶ କରିଚାଲିଛେ, ତାହାର ପରିଣାମ ଆମକୁ ହିଁ ଭୋଗିବାକୁ ପଡିବ। ତେଣୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ ଚଳିତ ବର୍ଷର ସ୍ଲୋଗାନ 'ପ୍ରକୃତିକୁ ରକ୍ଷା କର-ନିଜକୁ ରକ୍ଷାକର' ମହତ୍ତ୍ୱକୁ ଉପଲବ୍ଧ କରି ପ୍ରକୃତିର ସୁରକ୍ଷା ପାଇଁ ଆମେ ଚେଷ୍ଟା ଜାରି ରଖିବା ଦରକାର।

- ପ୍ର. ରମେଶ ଚନ୍ଦ୍ର ପରିଡା, ଭୁବନେଶ୍ୱର

### ପ୍ରକୃତିର ସଂରକ୍ଷଣକୁ ପ୍ରାଥମିକତା ଦେବା ଜରୁରୀ



ପ୍ରକୃତି ଆମକୁ ବହୁତ କିଛି ଦେଇଛି- ଜଳ,ଜଙ୍ଗଲ ଜୀବଜଗତ ଇତ୍ୟାଦି। ତେଣୁ ପ୍ରକୃତି ପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ନିହାତି ଆବଶ୍ୟକ। ଆମର ଆଗାମୀ ପିଢ଼ିର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆମେ ସମସ୍ତେ ପ୍ରକୃତିର ସଂରକ୍ଷଣ ପାଇଁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଚେଷ୍ଟା କରିବା- ଏହି ବାର୍ତ୍ତାକୁ ଆଖି ଆଗରେ ରଖି ଆମ ସଙ୍ଗଠନ ମାଧ୍ୟମରେ ପ୍ରତିବର୍ଷ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରୁ। ଆମେ ଯାଜପୁର ଆଖପାଖ ସ୍କୁଲ ଗୁଡ଼ିକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ ପ୍ରକୃତି ଆମକୁ କ'ଣ ଦେଇଛି, ପ୍ରକୃତି ପ୍ରତି ଆମର କଣ କର୍ତ୍ତବ୍ୟ ରହିଛି ଏହା ବିଷୟ୍ ରେ ଆଲୋଚନା କରିବା ସହ ଚାରା ବଣ୍ଟନ କରୁ। ସ୍କୁଲରେ ବୃକ୍ଷ ରୋପଣ କରୁ ଓ ପିଲା ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ମଧ କରୁ। ସେମାନେ ଘରେ ଖାଉଥିବା ବିଭିନ୍ନ ଫଳ ଏବଂ କୋଳି ମଞ୍ଜି ରଖି କିପରି ବର୍ଷା ଦିନରେ ଫାଙ୍କା ଜାଗା ଗୁଡିକରେ ପକାଇ ନୂଆ ଜଙ୍ଗଲ ସୃଷ୍ଟି କରିପାରିବେ ସେ ଉପରେ ସଚେତନତା ବାର୍ତ୍ତା ଦେଇ ଥାଉ। ବିଗତ ଦୁଇ ଧସନ୍ଧିରୁ ଅଧିକ ବର୍ଷ ହେବ ଆମେ ଏହି ପରିବେଶଧର୍ମୀ କାର୍ଯ୍ୟ କରିଆସୁଛୁ ଓ ଆଗକୁ ମଧ କରି ଚାଲିବୁ।

- ରାଜେଶ କୁମାର ରାଉତ, ଯୁବ ସମାଜସେବୀ, ଯାଜପୁର, ବ୍ୟାସନଗର

### ପରିବେଶ ସଂରକ୍ଷଣ ଦ୍ୱାରା ଆଗାମୀ ପିଢି ସୁରକ୍ଷିତ ରହିବେ



ଆଗେ ଗଛ, ଆଉ ସବୁ ପଛ। ବର୍ତ୍ତମାନ ସ୍ଥିତିରେ ପରିବେଶ ପ୍ରଦୂଷଣ ଯେଉଁ ଜାଗାରେ ପହଞ୍ଚିଲାଣି, ଆମକୁ ଏହି ଉକ୍ତିକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ପଡିବ ଏବଂ ଅନେକରୁ ଅନେକ ଗଛ ଲଗାଇବାକୁ ପଡିବ। ସେହି ଆଶା ଓ ସଂକଳ୍ପ ନେଇ ୟୁଏସ୍ଆଇ ଫାଉଣ୍ଡେଶନ୍ ବିଗତ ୨୦୨୨ରୁ ନିରନ୍ତର ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଆସୁଛି ଏବଂ ଲୋକମାନଙ୍କୁ ଗଛ ଲଗାଇବା ପାଇଁ ପ୍ରେରିତ କରୁଛି। ଯାହାର ଫଳ ସ୍ୱରୁପ ଆମେ ଆଜି ୫୭ ପ୍ରକାରର ପ୍ରାୟ୍ ୩୨ହଜାରରୁ ଉର୍ଦ୍ଧ୍ୱ ଗଛ ଲଗାଇବାରେ ସକ୍ଷମ ହୋଇପାରିଛୁ। ବୃକ୍ଷରୋପଣ ସହ ଆମକୁ ପ୍ଲାଷ୍ଟିକ ବ୍ୟବହାର ବିଶେଷ ଭାବରେ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଯେପରିକି ପଲିଥିନ୍ ବ୍ୟବହାର ନ କରିବା ଦିଗରେ ସଚେତନ ହେବା ଆବଶ୍ୟକ। କାରଣ ଏହା ମଧ ପରିବେଶ ପ୍ରଦୂଷଣର ଆଉ ଏକ ପ୍ରମୁଖ କାରଣ। ତେଣୁ ଏଥିପାଇଁ ଆମକୁ ନିଜ ଜୀବନଶୈଳୀକୁ ପରିବର୍ତ୍ତନ କରି ପରିବେଶ ଉପଯୋଗୀ ସାମଗ୍ରୀ ବ୍ୟବହାର କରିବାକୁ ହେବ। ପ୍ରଦୂଷଣ ରୋକିବା ଦ୍ୱାରା ଆମେ କେବଳ ପରିବେଶକୁ ନୁହେଁ ନିଜକୁ ମଧ ସୁରକ୍ଷିତ ରଖିପାରିବା। ଯାହାକି ଆମ ଆଗାମୀ ପିଢି ପାଇଁ ଏବଂ ସୁନ୍ଦର, ପ୍ରଦୂଷଣମୁକ୍ତ ସୁସ୍ଥ ବାତାବରଣ ସୃଷ୍ଟି କରିବାରେ ସହାୟକ ହେବ।

- ଡା. ରଶ୍ମିରେଖା ସାହୁ, ମ୍ୟାନେଜିଂ ଟ୍ରଷ୍ଟି, ୟୁଏସ୍ଆଇ ଫାଉଣ୍ଡେଶନ

# ବଳାତ୍କାରୀଙ୍କୁ ଛଡ଼ାଯିବ ନାହିଁ:ଭାଜପା

ଭୁବନେଶ୍ୱର,୨୭।୭
(ରବିନାରାୟଣ ଜେନା)

ମହିଳା ସୁରକ୍ଷା ପ୍ରସଙ୍ଗରେ ଭାଜପା ସମ୍ବେଦନଶୀଳ। ଭାଜପା ସରକାର ମହିଳାମାନଙ୍କ ପାଇଁ ସମର୍ପିତ। ମହିଳା ସଶକ୍ତୀକରଣ ପାଇଁ ସରକାର ବଦ୍ଧପରିକର । ମହିଳା ହିଂସା କିମ୍ବା ବଳାତ୍କାରରେ ସଂପୃକ୍ତ କୌଣସି ଅଭିଯୁକ୍ତଙ୍କୁ ଭାଜପା ସରକାରରେ ଛାଡ୍ ନାହିଁ ବୋଲି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି । ରବିବାର ସେ କହିଛନ୍ତି, ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ ଚିତ୍କାର କରୁଥିବା ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଦଳ ଭିତରେ ମହିଳା ବଳାତ୍କାରକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ମହିଳା ବଳାତ୍କାର ଘଟଣାରେ ଜେଲରେ ଥିବାବେଳେ ରବିବାର ବିଜେଡିର ବିଏମ୍ସି କର୍ପୋରେଟର ଅମରେଶ ଜେନା ମଧ୍ୟ ମହିଳା ବଳାତ୍କାର ଘଟଣାରେ ଗିରଫ ହୋଇଛନ୍ତି । ଉଭୟ ଦଳର ଅସଲ ଚେହେରା ପଦାରେ ପଡ଼ିଛି । ଉଭୟ କଂଗ୍ରେସ ଓ ବିଜେଡି ସରକାର ଅମଳରେ ଘଟିଯାଇଥିବା ମହିଳା ହିଂସା, ବ୍ୟଭିଚାର, ନିର୍ଯ୍ୟାତନାକୁ ଏପର୍ଯ୍ୟନ୍ତ ଓଡ଼ିଶାବାସୀ ଭୁଲିନାହାନ୍ତି । ଉଭୟ ଦଳର ଅପକର୍ମ କାରଣରୁ ଓଡ଼ିଶା ଏବଂ ଓଡ଼ିଶାବାସୀ ବହୁ ଥର ଦେଶ ତଥା ବିଦେଶରେ ଲଜ୍ଜିତ ଓ ନିନ୍ଦିତ ହୋଇଛନ୍ତି ବୋଲି ରାଜ୍ୟ ଉପସଭାପତି କହିଛନ୍ତି।

# ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଜୀବନରକ୍ଷା ପ୍ରାଥମିକ ଦାୟିତ୍ୱ




ସମ୍ବଲପୁର,୨୭।୭(ପ୍ରମୋଦ ବହିଦାର)

ରାଜ୍ୟରେ ବାଲେଶ୍ୱର ବ୍ୟତୀତ ଅନ୍ୟ ଜିଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ। ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଲୋକଙ୍କ ଜୀବନ ସୁରକ୍ଷିତ ରଖିବା ରାଜ୍ୟ ସରକାରଙ୍କ ପ୍ରାଥମିକ ଦାୟିତ୍ୱ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଇଡ୍ ଏରିଆ ନେଟ୍‌ୱର୍କ(ଓଏସ୍‌ଡବ୍ଲ୍ୟୁଏଏନ୍) ପ୍ରକୋଷ୍ଠରେ ମନ୍ତ୍ରୀ ପୂଜାରୀ ଆଭାସି ମାଧ୍ୟମରେ ରାଜ୍ୟରେ ବନ୍ୟାସ୍ଥିତିର ସମୀକ୍ଷା କରିଥିଲେ। ଏହି ଅବସରରେ ସେ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ଓ ବନ୍ୟା ପ୍ରପୀଡ଼ିତ ଜିଲାର ଜିଲାପାଳମାନଙ୍କ ସହିତ ଆଲୋଚନା କରି ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ରାଜ୍ୟର ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ, ଦୁଇଦିନ ତଳେ ସେ ରାଜ୍ୟରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ବନ୍ୟାଜନିତ କ୍ଷତି ମାତ୍ରାଧିକ ହେବ ବୋଲି କୁହାଯାଇଥିଲା। ମାତ୍ର ଏଠାରେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀର ଜଳପତ୍ତନ ହ୍ରାସ ପାଇବାରୁ ଉକ୍ତ ଦୁଇ ଜିଲାରେ ବିଶେଷ କ୍ଷତି ହୋଇନାହିଁ। ସେହିପରି ଯାଜପୁର ଓ ଭଦ୍ରକ ଜିଲା ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିବା ଶନିବାର ଖବର ମିଳିଥିଲା। ମାତ୍ର ରବିବାର ସକାଳୁ ବୈତରଣୀ ନଦୀର ଜଳପତ୍ତନ ବିପଦ ସଙ୍କେତ ତଳକୁ ଖସି ଆସିଛି। ଫଳରେ ଉପରୋକ୍ତ ୪ଜିଲାରେ ଆଶ୍ରୟ କେନ୍ଦ୍ରଗୁଡ଼ିକରେ ଆଶ୍ରୟ ନେଇଥିବା ଲୋକେ ନିଜ ଘରକୁ ଫେରିଗଲେଣି। ବର୍ତ୍ତମାନ ଏହି ଜିଲାମାନଙ୍କର କ୍ଷୟକ୍ଷତିର ଆକଳନ କରି ଭରଣା ଓ କ୍ଷତିଗ୍ରସ୍ତଙ୍କୁ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ। ବନ୍ୟାରେ ଭାଙ୍ଗିଥିବା ଘର ନିର୍ମାଣ ନ ହେବା ପର୍ଯ୍ୟନ୍ତ ରିଲିଫ କେନ୍ଦ୍ରମାନଙ୍କରେ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ପ୍ରଦାନ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି । ମନ୍ତ୍ରୀ ପୂଜାରୀ କହିଛନ୍ତି, ବର୍ତ୍ତମାନ ବାଲେଶ୍ୱର ଜିଲାର ସ୍ଥିତି ଚିନ୍ତାଜନକ ରହିଛି। ଏଥିପାଇଁ ଏଠାରେ ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍ ଓ ଓଡିଆର୍‌ଏଫ୍ ବାହିନୀଙ୍କୁ ନିୟୋଜିତ କରି ସଜାଗ ରହିବାକୁ କୁହାଯାଇଛି। ବନ୍ୟା ପରେ ପାନୀୟ ଜଳକୁ ବ୍ୟବହାର ଉପଯୋଗୀ କରିବାକୁ ଅଞ୍ଚଳର ସମସ୍ତ ଜଳଉତ୍ସଗୁଡ଼ିକୁ ବିଶୋଧନ କରିବା ଲାଗି ମନ୍ତ୍ରୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ, ଜରୁରିକାଳୀନ ଅଧିକାରୀ ନୂତନ ସେଠ୍‌ଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚାଷୀ ପଞ୍ଜୀକରଣ ଅବଧି ବଢ଼ିବ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨୭।୭
(ରବିନାରାୟଣ ଜେନା)



କୃଷ୍ଣଚନ୍ଦ୍ର ପାତ୍ର

ରାଜ୍ୟରେ ଚାଷୀ ପଞ୍ଜୀକରଣ ଲାଗି ଶେଷ ସମୟସୀମା ଅଗଷ୍ଟ ୨୦ ତାରିଖ ରଖାଯାଇଛି। ଯଦି ସର୍ଭର ଡାଉନ କିମ୍ବା ଅନ୍ୟ କୌଣସି କାରଣରୁ ପଞ୍ଜୀକରଣ ହୋଇପାରୁ ନଥିବା ନେଇ ଅଭିଯୋଗ ଆସେ ତେବେ ଏହାର ଅବଧି ବୃଦ୍ଧି କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରବିବାର ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଯେଉଁ ଚାଷୀମାନଙ୍କର ରେକର୍ଡ ବାପା କିମ୍ବା ଜେଜେ ବାପାଙ୍କ ନାମରେ ଥିବ ସେମାନେ ଅଣ୍ଡରଟେକିଂ ଫର୍ମ ଦାଖଲ କରି ପଞ୍ଜୀକରଣ କରିପାରିବେ। ଏନେଇ ଚାଷୀ ଆନ୍ଦୋଳନର କୌଣସି କାରଣ ନାହିଁ। ସରକାର ଚାଷୀଙ୍କ ହିତ ପାଇଁକାମ କରୁଛନ୍ତି। ଏ ସରକାରରେ ଚାଷୀଙ୍କର କୌଣସି ଅସୁବିଧା କରାଯିବ ନାହିଁ। ଯେଉଁମାନେ ରାଜନୈତିକ ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି ସେମାନେ ସଫଳ ହେବେ ନାହିଁ। ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ଭାଜପା ସରକାର ଚାଷୀ ସରକାର। ରାଜ୍ୟରେ କ୍ଷମତାକୁ ଆସିବାର କେଇଦିନ ମଧ୍ୟରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ଇନ୍‌ପୁଟ ସବସିଡି ପାଇଁ ୮୦୦ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହାବାଦ୍ ଚାଷୀଙ୍କ ଉନ୍ନତି ପାଇଁ ଶୀତଳଭଣ୍ଡାରଠାରୁ ବହୁବିଧ ସୁବିଧା କରାଯାଇଛି ବୋଲି ସେ କହିଥିଲେ।

# ଦନ୍ତାହାତୀ ଆକ୍ରମଣରେ ଜଣେ ମୃତ

ଜି.ଉଦୟଗିରି,୨୭।୭
(ଶିଶିର ପଟ୍ଟନାୟକୟ)

କନ୍ଧମାଳ ଜିଲା ଜି.ଉଦୟଗିରି ସହରଠାରୁ ମାତ୍ର ୨ କି.ମି. ଦୂର ପାଜିମାହା ଗ୍ରାମ ନିକଟରେ ଶନିବାର ଦନ୍ତା ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଲାଂସୁଗା ଗ୍ରାମର ସାମନ୍ତ ଦିଗାଲ (୫୫)। ପଦାସାହିଠାରେ ମୂଲ ମଜୁରି କାମ ସାରି ସାମନ୍ତ ଓ ଅନ୍ୟ ୨ ଜଣ ଘରକୁ ଫେରୁଥିବା ବେଳେ ଦନ୍ତା ସହ ମୁହାଁମୁହିଁ ହୋଇଥିଲେ। ହାତୀ ଦେଖି ୨ ସାଥୀ ଦୌଡ଼ି ପଳାଇଥିବାରୁ ସେମାନେ ବର୍ତ୍ତିଯାଇଛନ୍ତି। ସାମନ୍ତଙ୍କୁ ଦନ୍ତାଟି ଶୁଣ୍ଢରେ ଧରି ତଳେ କଚାଡ଼ି ଦଳି ଦେଇଥିଲା ବୋଲି ହାତୀମୁହଁରୁ ବଞ୍ଚିଯାଇଥିବା ସଞ୍ଜୀବ ପ୍ରଧାନ କହିଛନ୍ତି। ରବିବାର ସକାଳେ ଜି.ଉଦୟଗିରି ବନ ଅଧିକାରୀ ଏବଂ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କୁ ଘଉଡାଇବା ପାଇଁ ଚେଷ୍ଟା ଚଳାଇଛି।

# ବେଆଇନ ପ୍ଲଟ୍ ବିକ୍ରି: ୨କୋଟି ଜରିମାନା କଲା ରେରା

ଭୁବନେଶ୍ୱର,୨୭।୭
(ରବିନାରାୟଣ ଜେନା)

ରାଜଧାନୀ ସମେତ ବିଭିନ୍ନ ମହାନଗର ନିଗମ ଓ ପୌରାଞ୍ଚଳରେ ବେଆଇନ ଭାବେ ଜମି ପ୍ଲଟିଂ କରାଯିବା ସହିତ ବିକ୍ରି ହେଉଛି। ଏଥିଯୋଗୁ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଇବା ସହିତ ଅଯଥାରେ ନ୍ୟାୟିକ ମାମଲାରେ ଛନ୍ଦି ହେଉଛନ୍ତି। ପାର୍ଟ ପ୍ଲଟ୍ ଏବଂ ସାଧାରଣ ଜମି ବିକ୍ରି ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, ନଗର ଉନ୍ନୟନ ବିଭାଗ ଏବଂ ରିଅଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି(ରେରା) ପକ୍ଷରୁ ବାରମ୍ବାର ନିର୍ଦ୍ଦେଶନାମା ଜାରି ହେଲେ ମଧ୍ୟ ନିର୍ମାଣକାରୀ ସଂସ୍ଥା କିମ୍ବା ବିଲ୍‌ଡରମାନେ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଉପଭୋକ୍ତାମାନେ ହଇରାଣ ହରକତ ହେବା ସହିତ ବିଭିନ୍ନ ଅଦାଲତରେ ମାମଲା ସଂଖ୍ୟା ବଢ଼ି ଚାଲିଛି।

ନିକଟରେ 'ରେରା' ପକ୍ଷରୁ ରାଜଧାନୀ ଉପକଣ୍ଠରେ ବେଆଇନ ଭାବେ ଜମି ବିକ୍ରି ପ୍ରସଙ୍ଗରେ ଜଣେ ପ୍ରମୋଟର୍ସଙ୍କୁ ୨କୋଟି ଟଙ୍କାର ଜରିମାନା କରାଯାଇଛି। ନିର୍ଦ୍ଦେଶନାମାର ଦୁଇ ମାସ ମଧ୍ୟରେ ଯଦି ସଂପୃକ୍ତ ପ୍ରମୋଟର୍ସ ଜରିମାନା ଅର୍ଥ ପଇଠ ନ କରନ୍ତି ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି 'ରେରା' ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଏ ସଂକ୍ରାନ୍ତରେ ଚଳିତ ମାସ ୧୯ରେ ଏକ ମାମଲାର ବିଚାର କରି 'ରେରା' ଅଧ୍ୟକ୍ଷ ଅସିତ କୁମାର ମହାପାତ୍ର, ପ୍ରଶାସନିକ ସଦସ୍ୟ ରାଜେନ୍ଦ୍ର ମିଶ୍ର ଏବଂ ନ୍ୟାୟିକ ସଦସ୍ୟ ଶ୍ୟାମସୁନ୍ଦର ଦାଶ ସଂପୃକ୍ତ ପ୍ରମୋଟର୍ସଙ୍କୁ ୨କୋଟି ଟଙ୍କାର ଜରିମାନା କରିଛନ୍ତି। ଏନେଇ ଅଭିଯୋଗକାରୀ ତଥା ସୋସିଆଲ ଆକ୍ଟିଭିଷ୍ଟ ବିମଳେନ୍ଦୁ ପ୍ରଧାନ କହିଛନ୍ତି ଯେ, ଇନଫୋଗ୍ରୀନ ସିଟି ପ୍ରମୋଟର୍ସ ରାଜଧାନୀ ଉପକଣ୍ଠ ଅଞ୍ଚଳ ମେଣ୍ଢାଶାଳରେ ପ୍ରାୟ ୧୨୦ ଏକର ଜମି ପ୍ଲଟିଂ କରି ବିକ୍ରି କରୁଛନ୍ତି। ସେଥିରେ ୨୫୦୦ ପ୍ଲଟ ରହିଛି, ଯାହାର କି ପ୍ରକଳ୍ପ ମୂଲ୍ୟ ପ୍ରାୟ ୫୫୦କୋଟି ଟଙ୍କା ହେବ। ଏଥିମଧ୍ୟରୁ ୨୦୦ ପ୍ଲଟ୍ ବେଆଇନ ଭାବେ ପଞ୍ଜୀକରଣ ହୋଇସାରିଲାଣି। ସବ୍‌ରେଜିଷ୍ଟ୍ରାର ମାନେ ଉଦ୍ଦେଶ୍ୟମୂଳକ ଭାବେ ସରକାରୀ ଆଇନକୁ ଜଳାଞ୍ଜଳି ଦେଇ ପ୍ଲଟ୍ ବିକ୍ରି କରି ଚାଲିଛନ୍ତି ବୋଲି ବିମଳେନ୍ଦୁ କହିଛନ୍ତି।

# ସରକାରଙ୍କ ଜନାଭିମୁଖୀ କାର୍ଯ୍ୟ ପ୍ରତି ଲୋକଙ୍କ ସମର୍ଥନ ବୃଦ୍ଧି ପାଉଛି



**ଭାଜପାର ମିଶ୍ରଣ ପର୍ବ**

ଭୁବନେଶ୍ୱର,୨୭।୭
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଜନାଭିମୁଖୀ କାର୍ଯ୍ୟ ପ୍ରତି ଓଡ଼ିଶାବାସୀଙ୍କ ସମର୍ଥନ ବୃଦ୍ଧି ପାଉଛି। ଅନ୍ୟ ପଟେ ବିଜେଡି ଏବଂ କଂଗ୍ରେସର ଜନାଧାର ହ୍ରାସ ପାଇବାରେ ଲାଗିଛି ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି। ରବିବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣପର୍ବ ଅବସରରେ ସେ କହିଥିଲେ, ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ଭାଜପା ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି ; ଯେଉଁଥି ପାଇଁ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାନ୍ଦପୁର ଗ୍ରାମପଞ୍ଚାୟତର ସରପଞ୍ଚ ଶାରଳା ବିଶ୍ୱାଳ, ବରିଷ୍ଠ ବିଜେଡି ନେତା ଗଣେଶ ବିଶ୍ୱାଳଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ନେତା ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦାନ କରିଛନ୍ତି। ଆଗାମୀ ଦିନରେ ଦଳ ଉକ୍ତ ଅଞ୍ଚଳରେ ସୁଦୃଢ଼ ହେବା ସହିତ ଲୋକଙ୍କ ଆଶା ଓ ବିଶ୍ୱାସ ପୂରଣ କରିବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ମନମୋହନ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

No.CAD-1257

idco | ODISHA NEW OPPORTUNITIES

IDCO/SFP/34/2025 21474 Date : 21.07.2025

**BID IDENTIFICATION NO. - P&C/ EST/E - 31/ 2025-26**

**NOTICE INVITING REQUEST FOR PROPOSAL (RFP) THROUGH E-PROCUREMENT PORTAL OF GOVT. OF ODISHA**

Odisha Industrial Infrastructure Development Corporation invites Request for Proposal from renowned Firms / Agencies through e-procurement portal of Govt. of Odisha for **"Operation, Maintenance & Management of Flake Ice Unit and Cold Storage at Primary Processing Centre (PPC) of Sea Food in Chhatrapur, Ganjam district of Odisha"**.

Firms/Agencies having experience in day-to-day operation, maintenance & management of Cold Storage/ Block Ice/ shrimp processing business are only invited to submit their proposal. The Bid Document comprising of eligibility Criteria, Instruction to Bidders, Scope of the work, BOQ etc. can be seen in e-procurement portal of Govt. of Odisha from **17:00 Hours of Dt. 01.08.2025 to 17:00 Hours of Dt. 22.08.2025**.

The **pre-bid meeting will be held on Dt.12.08.2025 at 11:30** Hours (Pre bid query must be submitted through mail id cgmpc@idco.in before prebid meeting).

The Technical Bid will be **opened online on 25.08.2025 at 11:30 A.M.** IDCO has the right to accept or reject the Notice/ EOI without assigning any reasons thereof.

**OIPR-14003/11/0216/2526 Sd./- Chief General Manager (P&C)**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତକୁ ୨ ସ୍ୱର୍ଣ୍ଣ ସହ ୧୨ ପଦକ

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଉଦ୍‌ଯାପିତ

### ଭାରତୀୟ ଦଳଲାଗି ସର୍ବାଧିକ ପଦକ ଜିତିଲେ କିଟ୍ ଛାତ୍ର

**ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)**

ଜର୍ମାନୀର ରାଇନେ-ରୁହରଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ରବିବାର ଉଦ୍‌ଯାପିତ ହୋଇଛି। ଏହି ମେଗା ପ୍ରତିଯୋଗିତାରେ ଭାରତ ୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ହାସଲ କରି ପ୍ରତିଯୋଗିତା ଶେଷ କରିଛି। ଭାରତ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସର୍ବାଧିକ ପଦକ ଜିତି ଦେଶକୁ ଗର୍ବିତ କରିଛନ୍ତି। ଫଳରେ ଭାରତ ପଦକ ତାଲିକାରେ ୨୦ଶ ସ୍ଥାନରେ ରହିବାକୁ ସକ୍ଷମ ହୋଇଛି।

ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ କିଟ୍ ଛାତ୍ରୀ ଅଙ୍କିତା ଧ୍ୟାନି ବ୍ୟକ୍ତିଗତ ଶ୍ରେଷ୍ଠ ୯:୩୧.୯୯ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ସାମାଜିକ ବିଜ୍ଞାନର ଦ୍ୱିତୀୟ ବର୍ଷ ଛାତ୍ରୀ ୨୩ ବର୍ଷୀୟା ଅଙ୍କିତାଙ୍କର ପୂର୍ବରୁ ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୯:୩୯.୦୦ ସେକେଣ୍ଡ। ସେହିପରି ପ୍ରବୀଣ ଚିତ୍ରାଭେଲ ଟ୍ରିପଲ ଜମ୍ପରେ ଓ ସୀମା ମହିଳା ୫୦୦୦ ମିଟରରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ୪x୧୦୦ ରିଲେ ରେସ୍‌ରେ ଭାରତୀୟ ଦଳ ୩୮.୮୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ଦଳରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ, ମୃତ୍ୟମ ଜୟରାମ ଦୋଣ୍ଡପଟି ଏବଂ ଏଚ୍‌ପିସି ଆଥଲେଟ୍ ଅନିମେଶ କୁଜୁର ସାମିଲ ଥାଇ ରାଜ୍ୟକୁ ଗର୍ବିତ କରିଛନ୍ତି। ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ ମଣିକାନ୍ତ ହୋବ୍ଲିଧର। ଏହି ୪ ଜଣ ଯାକ ଖେଳାଳି କିଟ୍‌ରେ ଅଧ୍ୟୟନ କରୁଛନ୍ତି। ସେହିପରି ଏହି ବିଶ୍ୱବିଦ୍ୟାଳୟର ମୁନିତା ପ୍ରଜାପତି, ମାନସି ନେଗି ଓ ସେଜାଲ ସିଂଙ୍କ ନେଇ ଗଠିତ ଭାରତୀୟ ମହିଳା ୨୦ କିଲୋମିଟର ରେସ୍‌ୱାକ୍ ଟିମ୍ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ହାସଲ କରିଛି।


ଅନ୍ତିମ ଦିବସ ରବିବାର ପଦକ ବିଜୟୀ ଭାରତୀୟ ପ୍ରତିଯୋଗୀ।

ପ୍ରକାଶ ଯୋଗ୍ୟ ଯେ, ୨୦୧୯ରେ ନାପୋଲିରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଦୂତୀ ଚାନ୍ଦ କିଟ୍‌ର ପ୍ରଥମ ଛାତ୍ରୀ ଭାବେ ଭାରତ ପକ୍ଷରୁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏଥର ଭାରତୀୟ ପ୍ରତିନିଧି ଦଳରେ ୩୦୦ ଆଥଲେଟ୍ ଓ ୧୦୦ ଅଫିସିଆଲ ସାମିଲ ଥିଲେ। ଏଥିରେ କିଟ୍‌ରୁ ୪୦କୁ ମିଶାଇ ଓଡ଼ିଶାରୁ ମୋଟ ୪୨ ଆଥଲେଟ୍ ସାମିଲ ଥିଲେ। ଭାରତୀୟ ଆଥଲେଟ୍‌ମାନେ ୧୪ଟି ଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ (ଏଆଇୟୁ) ଦେଶର ୫ ନୋଡାଲ ସେଣ୍ଟରକୁ ଚୟନ ଟ୍ରାଏଲ୍ସ ଓ ଟ୍ରେନିଂ ପାଇଁ ବାଛିଥିଲା। ଏହା ମଧ୍ୟରୁ କିଟ୍ ବିଶ୍ୱବିଦ୍ୟାଳୟରେ ଆଥଲେଟିକ୍ସ, ଆର୍ଚ୍ଚେରୀ, ବ୍ୟାଡ୍‌ମିଣ୍ଟନ, ଟେନିସ, ଟେବୁଲ ଟେନିସ ଓ ଭଲିବଲର କୋଚିଂ କ୍ୟାମ୍ପ ଓ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ଏଠାରେ ଅନ୍ତର୍ଜାତୀୟ ସ୍ତରର ଖ୍ୟାତି ସମ୍ପନ୍ନ କୋଚ୍‌ମାନେ ଟ୍ରେନିଂ ଦେଇଥିଲେ। ଭାରତୀୟ ଦଳର ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଆଥଲେଟ ଓ କୋଚିଂ ଷ୍ଟାଫ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ସାଇ, ଏଆଇୟୁ ଏବଂ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

### ଭାରତର ପଦକ

**ସ୍ୱର୍ଣ୍ଣ-୨:** ପର୍ନିତ କୌର/କୁଶାଲ ଦଲାଲ (ମିକ୍ସଡ ଟିମ୍ କମ୍ପାଉଣ୍ଡ ଆର୍ଚ୍ଚେରୀ, ସାହିଲ ଯାଦବ (ପୁରୁଷ କମ୍ପାଉଣ୍ଡ ଆର୍ଚ୍ଚେରୀ)
**ରୌପ୍ୟ-୫:** ପର୍ନିତ କୌର (ମହିଳା କମ୍ପାଉଣ୍ଡ ଆର୍ଚ୍ଚେରୀ), କୁଶାଲ ଦଲାଲ/ସାହିଲ ଯାଦବ/ହ୍ରିତିକ ଶର୍ମା (ପୁରୁଷ ଟିମ୍ କମ୍ପାଉଣ୍ଡ ଆର୍ଚ୍ଚେରୀ), ପ୍ରବୀଣ ଚିତ୍ରାଭେଲ (ପୁରୁଷ ଟ୍ରିପଲ ଜମ୍ପ), ସୀମା (ମହିଳା ୫୦୦୦ ମିଟର ରେସ୍), ଅଙ୍କିତା ଧ୍ୟାନି (ମହିଳା ୩୦୦୦ମି. ଷ୍ଟିପଲ ଚେଜ୍)।
**ବ୍ରୋଞ୍ଜ-୫:** ବ୍ୟାଡ୍‌ମିଣ୍ଟନ ମିକ୍ସଡ ଟିମ୍, ବୈଷ୍ଣବୀ ଅଦକର (ମହିଳା ସିଙ୍ଗଲ୍ସ ଟେନିସ), ପର୍ନିତ କୌର/ଅଭନିତ କୌର/ମାଧୁରା ଧମନଗାଁଓକର (ମହିଳା କମ୍ପାଉଣ୍ଡ ଟିମ୍ ଆର୍ଚ୍ଚେରୀ), ସେଜାଲ ସିଂ, ମୁନିତା ପ୍ରଜାପତି, ମାନସି ନେଗି (ମହିଳା ୨୦କିମି ରେସ୍ ୱାକ୍ ଟିମ୍), ଲାଲୁ ପ୍ରସାଦ ଭୋଇ/ଅନିମେଶ କୁଜୁର/ମଣିକାନ୍ତ ହୋବ୍ଲିଧର/ମୃତ୍ୟମ ଜୟରାମ ଦୋଣ୍ଡପଟି (ପୁରୁଷ ୪x୧୦୦ ରିଲେ)।

# ପୋଗାକାରଙ୍କୁ ଟାଇଟଲ


ଟୁର୍ ଡି' ଫ୍ରାନ୍ସ ଚାମ୍ପିୟନ ଟାଡେଜ ପୋଗାକାର।

## ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍

**ପ୍ୟାରିସ, ୨୭।୭**

ବେଲଜିୟମର ଆଉଟ୍ ଭାନ୍ ଆର୍ଟ (ଭିଷ୍ମା-ଲିଜ୍ ଏ ବାଇକ୍) ଟୁର୍ ଡି' ଫ୍ରାନ୍ସ ସାଇକେଲ ଇଭେଣ୍ଟର ୨୧ଶ ତଥା ଅନ୍ତିମ ଷ୍ଟେଜ ଜିତିଥିବା ବେଳେ ସ୍ଲୋଭେନିଆର ଟାଡେଜ ପୋଗାକାର (ୟୁଏଇ ଏମିରେଟ୍ସ-ଏକ୍ସଆରଜି) ଓଭରଅଲ୍ ଟୁର୍ ଟାଇଟଲ ବିଜେତା ହୋଇଛନ୍ତି। ରବିବାର ମଣ୍ଟେସ-ଲା-ଭିଲେଠାରୁ ପ୍ୟାରିସ ୧୩୨.୩ କି.ମି ଦୂରତା ବିଶିଷ୍ଟ ଏହି ରେସ୍‌ରେ ଇଟାଲୀର ଡେଭିଡ ବାଲେରିନି (ଏକ୍ସଡିଏସ୍) ୧୯ସେକେଣ୍ଡ ବ୍ୟବଧାନରେ ଦ୍ୱିତୀୟ ଏବଂ ସ୍ଲୋଭେନିଆର ମାଟେଜ ମୋହରିକ୍ (ବାହରିନ ଭିକ୍ଟୋରିଅସ) ସମାନ ସମୟ ବ୍ୟବଧାନରେ ତୃତୀୟ ହୋଇଥିଲେ। ପୋଗାକାର ଓ ଯୁକ୍ତରାଷ୍ଟ୍ର ଆମେରିକାର ମାଟେଓ ଜର୍ଜେନସନ (ଭିଷ୍ମା ଲିଜ୍-ଏ-ବାଇକ୍) ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ। ପୋଗାକାର ଓଭରଅଲ ପ୍ରଥମ ସ୍ଥାନରେ ରହି ତାଙ୍କର ଚତୁର୍ଥ ଟୁର୍ ଟାଇଟଲ ହାସଲ କରିଛନ୍ତି। ଏଥିସହିତ ସେ ବ୍ରିଟେନର କ୍ରିସ୍ ଫ୍ରୁମ୍‌ଙ୍କ ସମକକ୍ଷ ହୋଇ ପାରିଛନ୍ତି। ଅନ୍ୟପକ୍ଷରେ ଜୋନାସ ଭିଙ୍ଗେଗାର୍ଡ ଦୁଇଥର ଓଭରଅଲ୍ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛନ୍ତି। ତାଙ୍କ ପଛକୁ ଜର୍ମାନୀର ଫ୍ଲୋରିଆନ ଲିପୋଭିଜ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ଦୀପ୍ ରଞ୍ଜନଙ୍କୁ ବ୍ରୋଞ୍ଜ ପଦକ



**ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)**

କାର୍ଡିଫ୍‌ରେ ଅନୁଷ୍ଠିତ ବ୍ରିଟିଶ୍ ଆଣ୍ଡ ଆଇରିଶ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଦୀପ୍ ରଞ୍ଜନ ବିଷୋୟୀ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉତ୍ତରାଖଣ୍ଡର ମନୋଜ ସରକାରଙ୍କୁ ପାର୍ଟନର କରି ବିଷୋୟୀ ପୁରୁଷ ଡବଲ୍ସ ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ ଇଭେଣ୍ଟରେ ଏହି ପଦକ ପାଇଛନ୍ତି। ଅନ୍ୟତମ ଭାରତୀୟ ଯୋଡ଼ି ନଭୀନ ଶିବକୁମାର ଓ ଜଗଦୀଶ ଦିଲୀଙ୍କଠାରୁ ୨୧-୨୩, ୧୮-୨୧ରେ ଦୀପ୍ ରଞ୍ଜନ-ମନୋଜଙ୍କ ଯୋଡ଼ି ପରାସ୍ତ ହୋଇଥିଲେ।

# ଆଦ୍ୟା ଅଭିତ, ସାଇ ଶକ୍ତି ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ସ୍କୁଲ୍ସ ଓପନ ଚେସ୍

**ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ବିଜେଇଏମ୍ ସ୍କୁଲ-୨ ଆନୁକୂଲ୍ୟରେ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାର ମିନି ବର୍ଗରେ ଆଦ୍ୟା ଅଭିତ ଦାସ ଓ ସବ୍‌ଜୁନିୟରରେ ସାଇ ଶକ୍ତି ପଣ୍ଡା ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଏହି ଦୁଇ ପ୍ରତିଯୋଗୀ ପୂରା ୫ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ମିନି ବର୍ଗରେ ସାଇ ସ୍ୱାଗତ ପରିଜା, ମୟଙ୍କ ବରାଳ, ରେୟାଂଶ ମହାନ୍ତି ଓ ଦିବ୍ୟଦୃଷ୍ଟି ଶତପଥୀ ଏବଂ ସବ୍‌ଜୁନିୟର ବର୍ଗରେ ସତ୍ୟମ୍ ସ୍ୱରୂପ ସାହୁ, ପ୍ରାଂଶୁ ଦାଶ, ହିମାଂଶୁ ଶେଖର ସାହୁ ଓ ଉଦୟକାନ୍ତ ନାୟକ ଯଥାକ୍ରମେ ୨ୟରୁ ୫ମ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ୧୦ ଖେଳାଳି ସ୍ୱତନ୍ତ୍ର ଏବଂ ୫ ଚେସ୍ ପ୍ରତିଭା ସାନ୍ତ୍ୱନାମୂଳକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ବିଜେଇଏମ୍ ସ୍କୁଲ-୨ ପ୍ରିନ୍ସିପାଲ ବରଦା ପ୍ରସାଦ ପାଇକରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍କୁଲର କ୍ରୀଡ଼ା ବିଭାଗ ମୁଖ୍ୟ ଅଜୟ ସରକାର, ଖେଳ ଶିକ୍ଷକ ବସନ୍ତ ପ୍ରଧାନ ଓ ଶିକ୍ଷୟିତ୍ରୀ ନିଳିମା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଓସ୍କାର ପିଆଷ୍ଟ୍ରି ଜିତିଲେ ବେଲଜିୟମ ଗ୍ରାଁ ପ୍ରି

**ସ୍ପା (ବେଲଜିୟମ), ୨୭।୭**

ଓସ୍କାର ପିଆଷ୍ଟ୍ରି ତାଙ୍କ ମ୍ୟାକ୍‌ଲରେନ ଟିମ୍ ମେଟ୍ ଲାଣ୍ଡୋ ନୋରିସଙ୍କୁ ପଛରେ ପକାଇ ବେଲଜିୟମ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଏଥିସହିତ ସେ ତାଙ୍କ ଚାମ୍ପିୟନଶିପ୍ ଅଗ୍ରଣୀକୁ ବୃଦ୍ଧି କରିପାରିଛନ୍ତି। ବର୍ଷା ଯୋଗୁ ରବିବାର ଏହି ରେସ୍ ଦେଢ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଏଠାରେ ପ୍ରଭାବୀ ବିଜୟ ସହ ପିଆଷ୍ଟ୍ରି ଚାମ୍ପିୟନଶିପ୍‌ରେ ୧୬ ପଏଣ୍ଟ ଅଗ୍ରଣୀ ସହ ପରବର୍ତ୍ତି ସପ୍ତାହରେ ହେବାକୁଥିବା ହଙ୍ଗେରିଆନ ଗ୍ରାଁ ପ୍ରିରେ ଅଂଶଗ୍ରହଣ କରିବେ। ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍‌ଙ୍କ ଆଗରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚତୁର୍ଥ ସ୍ଥାନରେ ରହିଥିବା ଭର୍ଷ୍ଟାପେନ୍ ବର୍ତ୍ତମାନ ଚାମ୍ପିୟନଶିପ୍ ଟେବୁଲରେ ପିଆଷ୍ଟ୍ରିଙ୍କଠାରୁ ୮୧ପଏଣ୍ଟ ପଛରେ ରହିଛନ୍ତି। ଅନ୍ୟପକ୍ଷରେ ରବିବାର ରେସ୍‌ରେ ମର୍ସିଡିଜର ଜର୍ଜ ରସେଲ ୱିଲିୟମ୍ସର ଆଲେକ୍ସ ଆଲବନଙ୍କୁ ପଛରେ ପକାଇ ୫ମ ହୋଇଥିଲେ। ଲୁଇସ୍ ହାମିଲଟନଙ୍କୁ ୭ମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ବର୍ଷାରେ ବାଧାପ୍ରାପ୍ତ ରେସ୍‌ରେ ଯଥାକ୍ରମ ଅଷ୍ଟମରୁ ଦଶମ ସ୍ଥାନରେ ରହିଥିଲେ ଲିଆମ ଲସନ (ଆର୍‌ବି), ଗାବ୍ରିଏଲ୍ ବୋର୍ଟୋଲେଟୋ (ସୌବେର) ଓ ପିଏରେ ଗାସ୍‌ଲି (ଅଲ୍‌ପାଇନ୍)।


# Classified Everyday
0674-2580101, 9692975378


REAL ESTATE SALE

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ଫ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call-9861642492.** D-1376

A commercial hall at main road facing around 1000 SFT. At-Gajapati Nagar near Kaling Hospital Square, Bhubaneswar for sale. Contact- 7008283108 D-1444


FOR RENT

5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

2000 square feet Office, Ground Floor, fully furnished, Chandrasekharpur. 8895154066. D-74733




**Full body massage experience, good looking therapist @999 (Bhubaneswar). 9078484455.** D-1325

Positively health benefits SPA expert female therapist homely atmosphere. 9114559830. D-76295

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LOST

I, Achuta Nanda, S/o late Hrushikesh Nanda, R/o. Qtr. No.54, Gopi Vihar Colony, Brajrajnagar, Jharsuguda, declare that I am the recorded tenant of M.S. Khata No.- 1212/7843, Plot No.- 2255/14255 (0.050 dec). The original sale deed (No. 10862302452, dated 26.06.2023) was lost on 12.07.2025, en route to Lamtibahal despite best efforts, could not be found the same. D-1446

## AFFIDAVIT

Before Executive Magistrate, Bhubaneswar, I, Pranati Gochhayat age about 65years W/o. Umesh Chandra Gochhayat here upon states that earlier I was recognised as Pranati Nayak but affter wards, I, changed my surname from Nayak to Gochhayat because to get the benefits of my husband Umesh Chandra Gochhyat as he is a bank service holder. When I was recognised as Pranati Nayak I bought shares from Bank of Baroda and ICICI Bank in the year 2008. So Pranati Gochhayat and Pranati Nayak are one and same person. D-1440

By virtue of an affidavit sworn before Executive Magistrate, Puri, dated- 18day of july 2025, I, Parthasarathi Baliyarsingh, Address: 46, Radhua, P.O.- Kalyanpur, P.S.- Delang, Dist.- Puri, Odisha, PIN- 752015, declare that I have changed my name from Partha Sarathi Baliyarasing to Parthasarathi Baliyarsingh. Henceforth, I shall be known as Parthasarathi Baliyarsingh for all purposes.
Parthasarathi Baliyarsingh D-1442

By virtue of an affidavit sworn before Executive Magistrate, Bhadrak, dtd- 07.07.2025, I, Sunita Sutar, D/o- Sudarsan Sutar, Vill- Budang, P.O.- Dolasahi, P.S.- Tihidi, Dist.- Bhadrak, PIN- 756127, declare that I have changed my name from Sumati Sutar to Sunita Sutar. Henceforth, I shall be known as Sunita Sutar for all purposes. D-1445

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଭାସ୍କର ସେଣ୍ଠ**
ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୮।୦୩।୧୯୪୦
ତିରୋଧାନ: ୦୭।୦୮।୨୦୨୪
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା। ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀପୟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:-ସ୍ତ୍ରୀ- କମଳା, ପୁଅବୋହୂ- ଅଶୋକ, ଇତି, ଝିଅଜ୍ୱାଇଁ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୪୪୧

୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଜୟଗୋପାଳ ଦାସ**
ବାସୁଦେଇପୁର, ଦାଣ୍ଡମୁକୁନ୍ଦପୁର
ଆବିର୍ଭାବ: ୧୦।୦୨।୧୯୪୦
ତିରୋଧାନ: ୧୮।୦୮।୨୦୧୫
ଆପଣ ଛାଡ଼ିଯାଇଥିବା ସ୍ଥାନ ଅପୂରଣୀୟ ଆପଣଙ୍କ ଅମାୟିକ ବ୍ୟବହାର, ଶ୍ରଦ୍ଧା, ତ୍ୟାଗ ଓ ପରୋପକାର ସବୁଦିନ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ଆପଣଙ୍କ ଅମର ଆତ୍ମା ଚିରଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:-ସ୍ତ୍ରୀ- ଇନ୍ଦୁ, ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି ଓ ନାତୁଣୀମାନେ।
ଧ-୧୪୪୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସୁଜାତା ନନ୍ଦ**
ଆବିର୍ଭାବ: ୦୧।୦୭।୧୯୬୪
ତିରୋଧାନ: ୧୮।୦୭।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଶୋକସନ୍ତପ୍ତ-
ପ୍ରବୋଧ ନନ୍ଦ, ପିନାକୀ ନନ୍ଦ, ପ୍ରୀତି ପଦ୍ମା ନନ୍ଦ,ନେହା ସାହୁ, ବୈଭବ ଜୋଷୀ, ଓଜେସ୍ ଏବଂ ତେଜସ୍।
ଧ-୧୪୪୭

# ନୀରୋଗ ଜୀବନ ଅନ୍ତରାଳେ...


ଡା. ଆଶିଷ ବାନାର୍ଜୀ

''ମାଟିରେ ପ୍ରକୃତିର ସବୁଠୁ ବଡ଼ ଔଷଧୀୟ ଗୁଣ ଅଛି । ଏହି ମାଟି ମଧ୍ୟରୁ ହଳଦିଆ ମାଟି ଭଲ । ଏଭଳି ମାଟି ପଟି ବ୍ୟବହାର କଲେ ତାହା ଭୋକ ବଢ଼ାଏ। ଏପରିକି ପେଟ ରୋଗରୁ ଉପଶମ ଦେବା ସହ ମଧୁମେହକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଶ୍ୱେତ ବର୍ଣ୍ଣର ମାଟିର ପଟି ମସ୍ତିଷ୍କ ଏବଂ ଯକୃତ ରୋଗରୁ ଉପଶମ ଦେଇଥାଏ। କଳା ରଙ୍ଗର ମାଟି ପଛି ବିଷ ଦୋଷ ଦୂର କରିବା ସହ ଚର୍ମ ରୋଗକୁ ଭଲ କରିବାରେ ସାହାଯ୍ୟ କରେ। ଲାଲ ରଙ୍ଗର ମାଟି ପଟି ପେଟ ବ୍ୟଥା, ଆଣ୍ଠୁଗଣ୍ଠି ବାତ (ଆମବାତ) ଏବଂ ପାରାଲିସିସରୁ ଉପଶମ ପାଇଁ ପ୍ରୟୋଗ ହୁଏ।''







ଏହି ପ୍ରକୃତି କୋଳରେ ଆମେ ଜନ୍ମ ନେଇଛୁ। ଏହାର ମାଟି, ପାଣି, ପବନ ଓ ସୂର୍ଯ୍ୟକିରଣରେ ବଢ଼ୁଛୁ। ଜନ୍ମ ପରେ ମାଆ, ଜେଜେମା'ମାନେ ଆମକୁ ସୂର୍ଯ୍ୟକିରଣରେ ଶୁଆଇ ଦେହରେ ତେଲ ମାଲିଶ କରି ଆମକୁ ବଡ଼ କରିଛନ୍ତି। ନଦୀ, ପୋଖରୀକୁ ଗୋଧୋଇବାକୁ ଗଲେ କିମ୍ବା ଗଙ୍ଗା ନଦୀକୁ ସ୍ନାନ କରିବାକୁ ଗଲେ କେତେକ ସୁସ୍ଥ ସବଳ ଲୋକ ମାଟି ଦେହ ସାରା ଲଗାଇ ବସିଥିବାର ଦେଖୁ। ସମୁଦ୍ରକୂଳରେ ବିଦେଶୀ ପର୍ଯ୍ୟଟକମାନେ ସ୍ୱଳ୍ପବସ୍ତ୍ର ପରିଧାନ କରି ଆଖି ବନ୍ଦ କରି ସୂର୍ଯ୍ୟକିରଣରେ ଶୋଇଥିବାର ଦେଖୁ। ଗାଁ ଗହଳିରେ ବୟସ୍କ ବ୍ୟକ୍ତିମାନେ ଖାଲିପାଦରେ ଚାଲିବା ଦେଖୁ। ଏପରିକି ପରିଣତ ବୟସରେ ପହଞ୍ଚିଥିବା କେତେକ ବ୍ୟକ୍ତି ସାଇକେଲ ଚଲାଇବାର ନଜିର ରହିଛି। ପିଲାବେଳେ ପେଟରେ ବାୟୁ ଜମିଲେ, ପେଟ ଖରାପ ହେଲେ ପେଟରେ ମାଆମାନେ ଜଡ଼ାତେଲ ମାଲିଶ କରି ପୋଖରୀ ପଙ୍କକୁ ପ୍ରଲେପ ଦେଇ କିଛି ସମୟ ରଖି ଗରମ ହୋଇଗଲେ ସଫା କରି ପୁଣି ନୂଆ ପଙ୍କ ଲେପନ ଦେଇ ଏକ ଘଣ୍ଟା ପର୍ଯ୍ୟନ୍ତ ରଖିଥାଆନ୍ତି। ଏହାଦ୍ୱାରା ପେଟ ଗରମ, ପେଟରେ ବାୟୁ ହେବା, ଯନ୍ତ୍ରଣା ଇତ୍ୟାଦି ପେଟ ରୋଗ କେତେକାଂଶରେ ଭଲ ହୋଇଯାଏ।

ଉପରୋକ୍ତ ବ୍ୟକ୍ତିଙ୍କ ବିଷୟରେ ଅନୁଧ୍ୟାନ କଲେ ଆମେ ଦେଖିବା ଏମାନେ ଆମ ତଥା ଆଧୁନିକ ଜୀବନଶୈଳୀ, ଚାକଚକ୍ୟ ଜୀବନ ବିତାଉଥିବା ଲୋକଙ୍କଠାରୁ ବେଶି ସୁସ୍ଥ, ବଳବାନ୍ ଓ ନୀରୋଗ ଅଟନ୍ତି। ଏମାନଙ୍କର ପ୍ରାୟ ଔଷଧ ଦରକାର ପଡ଼େ ନାହିଁ। ବ୍ୟାଧି ପ୍ରତିରୋଧ କ୍ଷମତା ଯଥେଷ୍ଟ ଅଧିକ। ଏମାନଙ୍କୁ ବିକୃତ ଜୀବନଶୈଳୀଜନିତ ରୋଗ ଯଥା- ମଧୁମେହ, ଉଚ୍ଚ ରକ୍ତଚାପ, କିଡ୍‌ନୀ, ଲିଭର, ହାର୍ଟ ଏବଂ ଫୁସ୍‌ଫୁସ୍‌ଜନିତ ରୋଗ ପ୍ରାୟ ହୁଏ ନାହିଁ। ବୟସାଧିକ ହେଲେ ମଧ୍ୟ ଖାଲି ଆଖିରେ ଦେଖିବା, ପଢ଼ିବା ଇତ୍ୟାଦି ଜାବତୀୟ କାର୍ଯ୍ୟ କରିପାରନ୍ତି। ଏମାନେ ପ୍ରାକୃତିକ ପବନରେ ଥକ୍କା ମେଣ୍ଟାନ୍ତି। ଖରାରେ କାର୍ଯ୍ୟ କରନ୍ତି। ରାତିର ଚନ୍ଦ୍ର କିରଣରେ ଖଟ ପକାଇ ଶୋଇଥାଆନ୍ତି। ପ୍ରାକୃତିକ ଉତ୍ସରୁ ପାଣି ପିଇଥାଆନ୍ତି। ତେବେ ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନ ଦୃଷ୍ଟିରୁ ଏସବୁ ବିଷୟରେ ଆସନ୍ତୁ ଜାଣିବା।

ଶରୀରରେ ମାଟି ମର୍ଦ୍ଦନ କଲେ ବ୍ୟାଧି ପ୍ରତିରୋଧ କ୍ଷମତା ବଢ଼େ। ମାଟିର ଶୋଷଣ ଗୁଣ ଯୋଗୁ ଏହାର ଜୀବନୀୟ ଶକ୍ତି ଶରୀରକୁ ପ୍ରାପ୍ତି ହୁଏ। ଚର୍ମ ରୋଗ ହୋଇ ନ ଥାଏ। ଖାଲି ମାଟି, ମାଟି ଘରର ଚଟାଣ ଉପରେ ପେଟ ମାଡ଼ି ଶୋଇଲେ ପେଟ ଥଣ୍ଡା ହେବା ସହ ପେଟ ରୋଗ ଦୂର ହୋଇଥାଏ। ପାଚନ ଶକ୍ତି ବଢ଼େ। କାରଣ ଦେହର ଦୂଷିତ ଜିନିଷକୁ ମାଟି ଶୋଷିନିଏ। ଏହି ମାଟି ସ୍ୱଚ୍ଛ ସ୍ଥାନରୁ ନେବା ଉଚିତ, ଯେପରି ସେଠାରେ ଦୂଷିତ ପଦାର୍ଥ ପଡ଼ି ନ ଥିବ କିମ୍ବା ସେଠାରେ କେହି ମଳମୂତ୍ର ତ୍ୟାଗ କରି ନ ଥିବେ। ମାଟି ଆଣିବା ସମୟରେ ସେଥିପ୍ରତି ଧ୍ୟାନ ଦେବା ଦରକାର।

ମାଟିରେ ପ୍ରକୃତିର ସବୁଠୁ ବଡ଼ ଔଷଧୀୟ ଗୁଣ ଅଛି। ଏହି ମାଟି ମଧ୍ୟରୁ ହଳଦିଆ ମାଟି ଭଲ। ଏଭଳି ମାଟି ପଟି ବ୍ୟବହାର କଲେ ତାହା ଭୋକ ବଢ଼ାଏ। ଏପରିକି ପେଟ ରୋଗରୁ ଉପଶମ ଦେବା ସହ ମଧୁମେହକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଶ୍ୱେତ ବର୍ଣ୍ଣର ମାଟିର ପଟି ମସ୍ତିଷ୍କ ଏବଂ ଯକୃତ ରୋଗରୁ ଉପଶମ ଦେଇଥାଏ। କଳା ରଙ୍ଗର ମାଟି ପଟି ବିଷ ଦୋଷ ଦୂର କରିବା ସହ ଚର୍ମ ରୋଗକୁ ଭଲ କରିବାରେ ସାହାଯ୍ୟ କରେ। ଲାଲ ରଙ୍ଗର ମାଟି ପଟି ପେଟ ବ୍ୟଥା, ଆଣ୍ଠୁଗଣ୍ଠି ବାତ (ଆମବାତ) ଏବଂ ପାରାଲିସିସରୁ ଉପଶମ ପାଇଁ ପ୍ରୟୋଗ ହୁଏ।

ସେହିପରି ସୂର୍ଯ୍ୟଙ୍କୁ ସୃଷ୍ଟିର ଆଧାର କୁହାଯାଏ। ସୂର୍ଯ୍ୟକିରଣରୁ ଜୀବନୀୟ ଶକ୍ତି ମିଳିଥାଏ। ଏହା ଜୀବାଣୁନାଶକ, ଦୁର୍ଗନ୍ଧ ଦୂର କରେ, ଶରୀରକୁ ବଳ ପ୍ରଦାନ କରେ ଏବଂ ଘା'କୁ ମଧ୍ୟ ଶୁଖାଇଥାଏ। ପ୍ରାତଃ ଓ ସାୟଂ ସୂର୍ଯ୍ୟକିରଣରୁ ଶରୀରକୁ ଶକ୍ତି ମିଳିଥାଏ। ଏହି ସମୟର କିରଣ ତ୍ୱଚା ଚଳଗ୍ରନ୍ଥି ଶୋଷଣ କରି ବା ଆଲୋକ ସଂଶ୍ଳେଷଣ ପଦ୍ଧତି ଦ୍ୱାରା ଭିଟାମିନ୍- ଡି' ଶରୀରକୁ ପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ହାଡ଼ ମଜଭୁତ ହୁଏ। ଫଳରେ ରିକ୍ଷେସ, ଦନ୍ତ ରୋଗ, ଚର୍ମ ରୋଗ, ବଥ, ମାଂସପେଶୀ ବ୍ୟଥା, ଦୁର୍ବଳତା ଓ ସ୍ନାୟୁଜନିତ ରୋଗ ଭଲ ହୋଇଥାଏ।

ସୂର୍ଯ୍ୟ ସ୍ନାନ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ସ୍ନାନ ପାଇଁ ଏକାନ୍ତ ସ୍ଥାନରେ ସ୍ୱଳ୍ପ ବସ୍ତ୍ର ପରିଧାନ କରି ଅଧ ଘଣ୍ଟାରୁ ଏକ ଘଣ୍ଟା ପର୍ଯ୍ୟନ୍ତ ବସିବା ଆବଶ୍ୟକ। ଏହାଦ୍ୱାରା ଲୋମକୂପଗୁଡ଼ିକ ଖୋଲିଯାଏ ଏବଂ ଶରୀରରୁ ଝାଳ ବୋହିଥାଏ। ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ। ଆବଶ୍ୟକ ମୁତାବକ ଝାଳ ବୋହିବା ଦ୍ୱାରା ଶରୀରରୁ ଦୂଷିତ ପଦାର୍ଥ ଝାଳ ସହ ବାହାରିଯାଏ। କେବଳ ସେତିକି ନୁହେଁ, ସୂର୍ଯ୍ୟ ସ୍ନାନ ଦ୍ୱାରା ଦୃଷ୍ଟି ଶକ୍ତି ମଧ୍ୟ ବଢ଼ିଥାଏ।

ପ୍ରାକୃତିକ ଚିକିତ୍ସାରେ ଜଳର ମହତ୍ତ୍ୱ ମଧ୍ୟ ରହିଅଛି। ଉଷୁମ ପାଣି ଫମେଣ୍ଟ, ଥଣ୍ଡା ପାଣି ପଟି, ପାଣିର ବାମ୍ଫ ଚିକିତ୍ସା କରାଯାଏ। ଜ୍ୱର ସମୟରେ ଶରୀରରେ ବେଶି ଉତ୍ତାପ ବଢ଼ିଲେ ମସ୍ତିଷ୍କରେ ଶୀତଳ ଜଳ ପଟି ପ୍ରୟୋଗ, ଥଣ୍ଡା ଜ୍ୱର ହୋଇଥିଲେ ଉତ୍ତାପ ବଢ଼ିଲେ ପେଟରେ ଅଧା ବେଲା ପାଣି ରଖି ସେଥିରେ ଅଳ୍ପ ଥଣ୍ଡା ଜଳ ମିଶାଇ ତାହାକୁ ଏକ ଛୋଟ ପାତ୍ରରେ ଆଉଟିଲେ ଉତ୍ତାପ କମେ। ପୋଡ଼ିଗଲେ ସେଠାରେ ବରଫ ବା ଶୀତଳ ଜଳ ପ୍ରୟୋଗ, ରକ୍ତସ୍ରାବ ବନ୍ଦ କରିବା ପାଇଁ ଥଣ୍ଡା ପାଣି ବା ବରଫ ପ୍ରୟୋଗ କଲେ ରକ୍ତବାହିନୀଗୁଡ଼ିକ ସଙ୍କୁଚିତ ହୋଇ ରକ୍ତସ୍ରାବ ବନ୍ଦ ହୁଏ।

ଉଷ୍ମ ଜଳରେ ଫମେଣ୍ଟ କଲେ ମାଂସପେଶୀରେ ବାୟୁ ଅଟକିବା, ରଙ୍କା ସମସ୍ୟା ଦୂର ହୋଇଥାଏ। ଏହାଦ୍ୱାରା ରକ୍ତବାହିନୀ ପ୍ରସାରିତ ହେବା କାରଣରୁ ରକ୍ତ ସଞ୍ଚାଳନ ସ୍ୱାଭାବିକ ହୋଇଥାଏ। ଏହାଦ୍ୱାରା ଦୂଷିତ ପଦାର୍ଥଗୁଡ଼ିକ ବାହାରି ଯିବା ଫଳରେ ବାୟୁ ଅଟକିବା ଓ ଯନ୍ତ୍ରଣା ଭଲ ହୁଏ। ଉଷୁମ ପାଣି ଲଘୁ ହୋଇଥିବାରୁ ତାହାକୁ ପିଇଲେ ହଜମ କ୍ରିୟା ବଢ଼ିଥାଏ। ତା'ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିଯାଏ। ସେହିପରି ଖୋଲାସ୍ଥାନ ବା ବିଶୁଦ୍ଧ ବାୟୁ ପ୍ରବାହିତ ହେଉଥିବା ସ୍ଥାନରେ ବସିଲେ ପର୍ଯ୍ୟାପ୍ତ ଶୁଦ୍ଧ ଅମ୍ଳଜାନ ଶରୀରକୁ ମିଳିଥାଏ। ଏହାଦ୍ୱାରା ମାନସିକ ଅବସାଦ ଦୂର ହୁଏ। ଶାନ୍ତି ମିଳେ। ଶରୀର ହାଲୁକା ଲାଗେ। ଭଲ ନିଦ ହୁଏ।

ତେଣୁ ଘରର ଚାରି କାନ୍ଥ ମଧ୍ୟରୁ କିମ୍ବା ବାତାନୁକୂଳିତ କୋଠରିରୁ ବାହାରି ପ୍ରାକୃତିକ ପରିବେଶରେ ଅଧିକ ସମୟ ବିତାନ୍ତୁ। ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ପକ୍ଷୀଙ୍କର ସୁମଧୁର ରାବ ଭିତରେ ସମୟ କାଟିଲେ ମନକୁ ଶାନ୍ତି ଆସେ। ନିଜ ଘରର ଚାରି ପାର୍ଶ୍ୱକୁ ଗଛରେ ଭରି ଦିଅନ୍ତୁ। ରୋଗ ହେଲେ ପ୍ରାକୃତିକ ଔଷଧ ଆପଣାନ୍ତୁ। ସୁସ୍ଥ ଓ ନୀରୋଗ ରୁହନ୍ତୁ।

-ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫

## ସକ୍ରିୟ ରହିବ ରକ୍ତ ସଞ୍ଚାଳନ




ଆମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହେବା ଦରକାର। ନ ହେଲେ ଏହା ଗୁରୁତର ଆକାର ଧାରଣ କରିବା ସହ ହୃଦ୍‌ଜନିତ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। କେବଳ ସେତିକି ନୁହେଁ ମସ୍ତିଷ୍କର କାର୍ଯ୍ୟଧାରା ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥାଏ। ଆମ ଶରୀରରେ ରକ୍ତ ସଞ୍ଚାଳନ ସାଧାରଣ ଅବସ୍ଥାରେ ରହିବାର ଏକ ଉପାୟ ରହିଛି। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ଏକ ରିଷ୍ଟ ୱାଚ୍ ତିଆରି କରିଛନ୍ତି, ଯାହାଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବରେ ଚାଲିବ। ଏହି ଘଣ୍ଟା କିପରି କାମ କରୁଛି ତାହା ଜାଣିବା ପାଇଁ ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କଠାରେ ପରୀକ୍ଷା କରିଥିଲେ। ସେମାନେ ଏହି ଘଣ୍ଟା ପିନ୍ଧିବା ଦ୍ୱାରା ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର ରକ୍ତ ସଞ୍ଚାଳନ ଠିକ୍ ରହିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ତା'ସହ ଯଦି ଜଣେ ବ୍ୟକ୍ତି ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତି ତେବେ ତାହାର ସୁପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡ଼ିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ସୁସ୍ଥ କିଡ୍‌ନୀ ପାଇଁ ସତର୍କତା



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। ଦୈନନ୍ଦିନ ଜୀବନରେ ଆମେ ଯେତେ ବ୍ୟସ୍ତ ରହିଲେ ମଧ୍ୟ କିଡ୍‌ନୀ କିପରି ସୁସ୍ଥ ରହିବ ସେ ନେଇ ସତର୍କ ରହିବା ନିହାତି ଦରକାର। ଏଥିରେ ସମସ୍ୟା ଦେଖାଦେଇଛି କି ନାହିଁ ତାହା ଜାଣିବା ପାଇଁ କେତୋଟି ପ୍ରମୁଖ କାରଣ ବିଷୟରେ ଅବଗତ ହେବା ଦରକାର। କିଡ୍‌ନୀ ଖରାପ ହେଲେ ହାତଗୋଡ଼ ଫୁଲିଯାଏ, ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ, ରକ୍ତଚାପ ଅସନ୍ତୁଳିତ ରହେ ଏବଂ ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବାଧା ମଧ୍ୟ ଉପୁଜେ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦିଅନ୍ତୁ। ପ୍ରଚୁର ପରିମାଣର ପାଣି ପିଅନ୍ତୁ। ଶରୀରରେ ୟୁରିଆ ତତ୍ତ୍ୱ ସନ୍ତୁଳିତ ରଖନ୍ତୁ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ମଧ୍ୟ ଅଧିକ ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ଅଭ୍ୟାସ ତୁରନ୍ତ ବର୍ଜନ କରନ୍ତୁ। କିଡ୍‌ନୀଜନିତ ସମସ୍ୟା ଦେଖାଦେଲେ କିମ୍ବା ଏହାର କୌଣସି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଅଭିଜ୍ଞ କିଡନୀ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ରୋଗ ଯଦି ଗୁରୁତର ଆକାର ଧାରଣ କରିଛି ସେହିଅନୁସାରେ ଚିକିତ୍ସିତ ହୁଅନ୍ତୁ।

## ମାନସିକ ରୋଗ : କିଛି ଭ୍ରମ

ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରାଯାଇଥାଏ। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭକଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ସମ୍ଭାବନା କମି ଯାଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ, ଯାହା କି ସାଧାରଣତଃ ରୋଗର ତୀବ୍ରତା ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

## ଡାଇବେଟିସ୍‌ର କାରଣ ହୋଇପାରେ ଧୂମପାନ



ଧୂମ ପାନ ଏଭଳି ଏକ ଅଭ୍ୟାସ ଯାହା ସାମୟିକ ଆନନ୍ଦ ଦେଲେ ମଧ୍ୟ ପରୋକ୍ଷରେ କେତେକ ପ୍ରମୁଖ ରୋଗର କାରଣ ସାଜିଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ନିୟମିତ ଧୂମପାନ କରୁଥିବା ବ୍ୟକ୍ତି ଭବିଷ୍ୟତରେ ଡାଇବେଟିସ୍ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏହି ସର୍ଭେ ପରିସରଭୁକ୍ତ କେତେକ ବ୍ୟକ୍ତିଙ୍କଠାରେ ସେମାନେ ଏଭଳି ଲକ୍ଷଣ ଦେଖିବାକୁ ପାଇଥିଲେ। ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ। ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ।

## ଇନ୍‌ଫେକ୍ସନ କମାଏ ଲେମ୍ବୁପାଣି



ଲେମ୍ବୁପାଣିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଆମ ଶରୀରରେ ଇନ୍‌ଫେକ୍ସନ ବା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଏହା କେତେକାଂଶରେ ସହାୟକ ହୋଇଥାଏ। ଏଥିରେ ଥିବା ଅଧିକ ଉପକାରୀ ଗୁଣ ଉପରେ ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ନିୟମିତ ଲେମ୍ବୁପାଣି ପିଇଲେ ତାହା ଆମ ପାଇଁ ଆଉ ଏକ ଉପକାର କରିଥାଏ। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଥାଏ ବୋଲି ଉକ୍ତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ପାଣିରେ ଫ୍ଲାଭୋନୋଏଡ୍ ନାମକ ତତ୍ତ୍ୱ ରହିଛି। ଏହାଦ୍ୱାରା ପେଟରୋଗ ଆଶଙ୍କା କେତେକାଂଶରେ ଦୂର ହୋଇଥାଏ। ଆପଣ ଚର୍ବି ବୃଦ୍ଧିଜନିତ ସମସ୍ୟା ସହ ଜଡିତ କି? ଯଦି ହଁ, ତେବେ ଉଷୁମ ପାଣିରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ପିଇଲେ ତାହା ଶରୀରରେ ଚର୍ବି ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ। ଲେମ୍ବୁ ପାଣି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ। ଏହାକୁ ପିଇଲେ ତାହା ରକ୍ତଚାପକୁନିୟନ୍ତ୍ରଣରେ ରଖିବା ସହ କ୍ଳାନ୍ତି ଦୂର କରିବାରେ ସହାୟକ ହୋଇଥାଏ।

## ଜାଣିରଖନ୍ତୁ



- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର ଯଥା ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।
- ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବେ।
- ଯେ କୌଣସି କାମ ଖୁସି ମନରେ କରନ୍ତୁ। ଏହାଦ୍ୱାରା ଆପଣ କାମଟିକୁ ଠିକ୍ ଭାବରେ କରିବା ସହ ଅଧିକ କାର୍ଯ୍ୟ କରିବା ପାଇଁ ମନରେ ଆଗ୍ରହ ସୃଷ୍ଟି ହେବ।

## ସ୍ୱାସ୍ଥ୍ୟ ସୂଚନା

➤ ଏବେ ବର୍ଷା ଦିନ। ତେଣୁ ଏହି ସମୟରେ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସଚେତନ ରୁହନ୍ତୁ।

➤ ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ପରାମର୍ଶ କରିବା ସମୟରେ ଯଦି ଆପଣଙ୍କର କୌଣସି ମେଡିସିନ୍ ଖାଇଲେ ଆଲର୍ଜି ସମସ୍ୟା ରହିଛି ସେ ନେଇ ସୂଚନା ଦିଅନ୍ତୁ।

➤ ରାତିରେ ଶୋଇବା ପୂର୍ବରୁ ପାଦ ଏବଂ ହାତକୁ ଉଷୁମ ପାଣିରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

➤ ଯଦି ସବୁବେଳେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ଏବଂ ଯେତେ ଚାହିଁଲେ ମଧ୍ୟ ସେଥିରୁ ମୁକୁଳି ପାରୁ ନାହାନ୍ତି, ତେବେ ଏ ନେଇ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

➤ ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ତେଣୁ ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଇବା ଦରକାର। ହେଲେ ଖାଇବାର ଠିକ୍ ପୂର୍ବରୁ ଏବଂ ଖାଇ ସାରିବା ପରେ ପରେ ପାଣି ପିଅନ୍ତୁ ନାହିଁ। ଖାଇବା ସମୟର ଅଧ ଘଣ୍ଟାଏ ପୂର୍ବରୁ ଏବଂ ଅଧ ଘଣ୍ଟାଏ ପରେ ପାଣି ପିଇଲେ ତାହା ପାଚନ କ୍ରିୟା ଦୃଢ଼ କରିବାରେ ସାହାଯ୍ୟ କରିଥାଏ।

➤ ପ୍ରତିଦିନ ତଟକା ଫଳମୂଳ ଖାଆନ୍ତୁ। କାରଣ ଏଗୁଡିକରେ ଅନେକ ପ୍ରକାର ଭିଟାମିନ୍ ଭରି ରହିଛି। ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ଆମ ଶରୀର ପାଇଁ ବେଶ୍ ଉପକାରୀ।



## ଉପାୟ ରହିଛି ହାତ ପାଆନ୍ତାରେ

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ। ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ। ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ। ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ। ସବୁବେଳେ ଯୋଗ କଲେ ଭଲ ନିଦ ହୁଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ। ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁଲାଇ ୨୮/୨୦୨୫ Bhubaneswar, Monday, July 28/ 2025

# ଇଂଲଣ୍ଡକୁ ସୁନ୍ଦର-ଜାଡେଜାଙ୍କ କଡ଼ା ଜବାବ





ଶତକ ହାସଲ ପରେ ଶୁବମନ ଗିଲ୍, ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ୍ ସୁନ୍ଦର।

## ୩ ଶତକ ସହ ମାଞ୍ଚେଷ୍ଟର ଟେଷ୍ଟ ଡ୍ର' ରଖିଲା ଭାରତ

ମାଞ୍ଚେଷ୍ଟର, ୨୭।୭

ଅଧିନାୟକ ଶୁବମନ ଗିଲ୍, ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କ ଶତକ ବଳରେ ଭାରତ ଏଠାରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟକୁ ଡ୍ର ରଖିବାକୁ ସକ୍ଷମ ହୋଇଛି। ପ୍ରଥମ ଇନିଂସରେ ୩୧୧ ରନରେ ପଛୁଆ ଥିବା ଭାରତ ଦ୍ୱିତୀୟ ଇନିଂସରେ ଏକଦା ବିନା ରନରେ ୨ଟି ଉଇକେଟ ହରାଇ ବିପଦରେ ପଡ଼ିଥିବାବେଳେ ଚାପର ସଫଳ ମୁକାବିଲା କରି ୫ମ ଦିବସ ଖେଳ ଶେଷ ବେଳକୁ ୪ ଉଇକେଟ ହରାଇ ୪୨୫ ରନ ସଂଗ୍ରହ କରିଛି। ଗିଲ୍ ୧୦୩ ରନକରି ଆଉଟ ହୋଇଥିବାବେଳେ ଜାଡେଜା ୧୦୭ ଓ ସୁନ୍ଦର ୧୦୧ ରନକରି ଅପରାଜିତ ରହିଛନ୍ତି। ଅସମାପ୍ତ ୫ମ ଉଇକେଟରେ ଜାଡେଜା ଓ ସୁନ୍ଦର ୨୦୩ ରନ ସଂଗ୍ରହ କରି ଇଂଲଣ୍ଡର ବିଜୟ ଆଶାରେ ପାଣି ଭରି ଦେଇଛନ୍ତି। ମ୍ୟାଚ ଡ୍ର ରହିବାରୁ ଉଭୟ ଭାରତ ଓ ଇଂଲଣ୍ଡ ୪ ପଏଣ୍ଟ ଲେଖାଏ ଭାଗ କରିଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ୫ ମ୍ୟାଚ ବିଶିଷ୍ଟ ସିରିଜରେ ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଛି।

ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୧୭୪/୨ରୁ ଭାରତ ଖେଳ ଆରମ୍ଭ କରିଥିଲା। ତୃତୀୟ ଉଇକେଟରେ ୧୮୮ ରନ ଯୋଗ ହେବାପରେ ଲୋକେଶ ରାହୁଲ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ରାହୁଲ ଦୁର୍ଭାଗ୍ୟଜନକ ଭାବେ ଶତକ ହାସଲ କରି ନ ପାରି ୯୦ ରନ କରିଥିବାବେଳେ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ଯାଇଥିଲେ। ଗିଲ୍ କିନ୍ତୁ ହାସଲ କରିଥିଲେ କ୍ୟାରିୟରର ୯ମ ଟେଷ୍ଟ ଶତକ। ସ୍କୋର ୨୨୨ ଥିବାବେଳେ ଗିଲ୍ ୧୦୩ ରନକରି ପ୍ୟାଭିଲିୟନ ଫେରିବାରୁ ଭାରତ ପୁଣି ସଙ୍କଟର ସମ୍ମୁଖୀନ ହୋଇଥିଲା। ମାତ୍ର ଅନେକ ମ୍ୟାଚରେ ଭାରତକୁ ସଙ୍କଟରୁ ଉଦ୍ଧାର କରିଥିବା ଜାଡେଜା ଏଠାରେ ମଧ୍ୟ ଦକ୍ଷତା ଦେଖାଇଥିଲେ। ୱାଶିଂଟନ ସୁନ୍ଦର ତାଙ୍କୁ ଉପଯୁକ୍ତ ସହଯୋଗ କରିଥିଲେ। ଦୁହେଁ ଦ୍ୱିଶତକୀୟ ଭାଗୀଦାରି ଗଢ଼ି କରି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ୧୩୮ ଓଭର ପରେ ଷ୍ଟୋକ୍ସ ମ୍ୟାଚ ଡ୍ର ରଖିବାକୁ ଦୁଇ ଭାରତୀୟ ବ୍ୟାଟରଙ୍କୁ ଅଫର ଦେଇଥିଲେ। ମାତ୍ର ଏହାକୁ ପ୍ରତ୍ୟାଖ୍ୟାନ କରି ଜାଡେଜା କ୍ୟାରିୟରର ୫ମ ଓ ସୁନ୍ଦର ପ୍ରଥମ ଟେଷ୍ଟ ଶତକ ହାସଲ କରିଥିଲେ। ଫଳରେ ସହଜରେ ମ୍ୟାଚ ଜିତିବା ନେଇ ସ୍ୱପ୍ନ ଦେଖୁଥିବା ଇଂଲଣ୍ଡକୁ ଶକ୍ତ ଧକ୍କା ଲାଗିଥିଲା। ପୂରା ଦିନରେ କେବଳ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚ୍ଚର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୫୮। ଇଂଲଣ୍ଡ ପ୍ରଥମ ଇନିଂସ: ୬୬୯। ଭାରତ ଦ୍ୱିତୀୟ ଇନିଂସ: ୪୨୫/୪ (ରବୀନ୍ଦ୍ର ଜାଡେଜା-୧୦୭*, ଶୁବମନ ଗିଲ୍-୧୦୩, ୱାଶିଂଟନ ସୁନ୍ଦର-୧୦୧*, ଲୋକେଶ ରାହୁଲ-୯୦, କ୍ରିସ୍ ୱୋକ୍ସ-୨/୫୭, ବେନ୍ ଷ୍ଟୋକ୍ସ-୧/୩୩, ଜୋଫ୍ରା ଆର୍ଚ୍ଚର-୧/୭୮)।

### ବ୍ରାଡ୍‌ମ୍ୟାନ, ଗାଭାସ୍କରଙ୍କ ସମକକ୍ଷ ହେଲେ ଗିଲ୍

ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍ ଚଳିତ ସିରିଜରେ ଚତୁର୍ଥ ଶତକ ହାସଲ କରି ଅନେକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ଗତ ୩୫ ବର୍ଷରେ ପ୍ରଥମ ଭାରତୀୟ ବ୍ୟାଟର ଭାବେ ଓଲ୍ଡ ଟ୍ରାଫୋର୍ଡରେ ଶତକ ହାସଲ କରିଛନ୍ତି। ଅନ୍ତିମ ଥର ୧୯୯୦ରେ ସଚିନ ତେନ୍ଦୁଲକର ଇଂଲଣ୍ଡ ବିପକ୍ଷରେ ୧୧୯ ରନର ପାଳି ଖେଳିଥିଲେ। ଟେଷ୍ଟ କ୍ରିକେଟ୍ ଇତିହାସରେ ଗିଲ୍ ତୃତୀୟ ଅଧିନାୟକ ଭାବେ ଗୋଟିଏ ସିରିଜ୍‌ରେ ୪ ଶତକ କରିଛନ୍ତି। ଏହି ତାଲିକାରେ ସାର୍ ଡନ୍ ବ୍ରାଡ୍‌ମ୍ୟାନ ଓ ସୁନୀଲ ଗାଭାସ୍କରଙ୍କ ଭଳି ମହାନ୍ ଖେଳାଳି ରହିଛନ୍ତି। ଏଥିସହିତ ଅଧିନାୟକ ଭାବେ ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ କରିଥିବା ଅଧିନାୟକଙ୍କ ତାଲିକାରେ ଗିଲ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଡୁରାଣ୍ଡ କପ୍: ଆଇଟିବିପି ବିଜୟୀ

କୋକ୍ରାଝର, ୨୭।୭ (ପି.ଟି.)

ଡୁରାଣ୍ଡ କପ୍ ଫୁଟ୍‌ବଲ ପଦାର୍ପଣରେ ଏହାର ପ୍ରଥମ ମ୍ୟାଚ ଜିତିଛି ଇଣ୍ଡୋ-ତିବ୍ବତିଆନ ବର୍ଡର ପୋଲିସ (ଆଇଟିବିପି) ଟିମ୍। ରବିବାର ସ୍ଥାନୀୟ ସାଇ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍ 'ଡି' ଓପନରରେ ଦଳ ୧୦ ଜଣିଆ କର୍‌ବି ଆଙ୍ଗଲଙ୍ଗ ମର୍ନିଂ ଷ୍ଟାରକୁ ୨-୧ ଗୋଲରେ ହରାଇ ଦେଇଛି। ଲୁନ୍‌ମିନ୍‌ଲେନ୍ ହାଓକିପ୍‌ଙ୍କ ଗୋଲ୍ ବଳରେ କର୍‌ବି ଆଙ୍ଗଲଙ୍ଗ ମର୍ନିଂ ଷ୍ଟାର ଏଫ୍‌ସି ପ୍ରଥମେ ଅଗ୍ରଣୀ କରାଇଥିଲେ କିନ୍ତୁ ଫୁଲଙ୍ଗ ଡାଏମାରି ଓ ହେମରାଜ ଭୁଜେଲଙ୍କ ଗୋଲ ଯୋଗୁ ପାରା ମିଲିଟାରୀ ଦଳ ବିଜୟ ଲାଭ କରିବା ସହ ୩ ପଏଣ୍ଟ ଅର୍ଜନ କରିଛି। ମ୍ୟାଚରେ ଉଭୟ ପଦାର୍ପଣକାରୀ ଦଳ ମିଡ୍‌ଫିଲ୍ଡକୁ ସେମାନଙ୍କ ଅକ୍ତିଆରକୁ ନେବା ଲାଗି ଜୋର୍‌ଦାର ଉଦ୍ୟମ କରିଥିଲେ।

## ପଦାର୍ପଣରେ ୧୨ବର୍ଷୀୟା ୟୁ ଜିଦି ପ୍ରଭାବୀ

### ୱାର୍ଲ୍ଡ ସୁଇମିଂ ଚାମ୍ପିୟନଶିପ୍

ସିଙ୍ଗାପୁର, ୨୭।୭ (ଏପି)

ଚାଇନାର ୧୨ବର୍ଷୀୟା ପ୍ରତିଭା ସନ୍ତରଣକାରୀ ୟୁ ଜିଦି ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କର ପ୍ରଥମ ପଦାର୍ପଣରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିଙ୍ଗାପୁରରେରବିବାର ଆରମ୍ଭ ହୋଇଥିବା ଏହି ୮ଦିନିଆ ଚାମ୍ପିୟନଶିପ୍‌ରେ ସେ ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥିରେ ତାଙ୍କର ଟାଇମିଂ ୨ମିନିଟ ୧୧.୯୦ ରେକର୍ଡ କରାଯାଇଥିଲା। ୧୬ ଜଣ କ୍ୱାଲିଫାୟର୍ସଙ୍କ ମଧ୍ୟରେ ୧୫ତମ ଦ୍ରୁତତମ ଥିଲେ। ଚଳିତ ସିଜନରେ ତାଙ୍କ ଶ୍ରେଷ୍ଠ ଟାଇମିଂ ୨:୧୦.୬୩ଠାରୁ ସେ ସାମାନ୍ୟ ପଛରେ ରହିଯାଇଥିଲେ। ସିଙ୍ଗାପୁରରେ ସେ ତିନୋଟି ଇଭେଣ୍ଟରେ ଭାଗ ନେଇଛନ୍ତି। ଅନ୍ୟ ଦୁଇ ଇଭେଣ୍ଟ ହେଲା ୪୦୦ମିଟର ବ୍ୟକ୍ତିଗତ ମିଡଲେ ଓ ୨୦୦ମିଟର ବଟରଫ୍ଲାଏ। ୨୦୦ମିଟର ମିଡ୍‌ଲେ ସମ୍ଭବତଃ ତାଙ୍କର ସବୁଠାରୁ ଦୁର୍ବଳ ଇଭେଣ୍ଟ। କିନ୍ତୁ ନିକଟରେ ଚାଇନିଜ ଚାମ୍ପିୟନଶିପ୍‌ରେ ତାଙ୍କ ଟାଇମିଂ ଚଳିତ ସିଜନରେ ବିଶ୍ୱ ଶ୍ରେଷ୍ଠ। ଅନ୍ୟ ଦୁଇଟି ଇଭେଣ୍ଟରେ ତାଙ୍କର ଶ୍ରେଷ୍ଠ ଟାଇମିଂ ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଟାଇମିଂ ସହ ସମାନ। ସୂଚନାଯୋଗ୍ୟ, ୱାର୍ଲ୍ଡ ସୁଇମିଂ ଗଭର୍ନିଂବଡି ୱାର୍ଲ୍ଡ ଆକ୍ୱାଟିକ୍ସ ପ୍ରତିଯୋଗିତାରେ ଭାଗ ନେବା ଲାଗି ସର୍ବନିମ୍ନ ବୟସ ସୀମା ୧୪ ରଖିଛି। ତେବେ ଏହାଠାରୁ କମ୍ ବୟସର ଜଣେ ସନ୍ତରଣକାରୀ ଯଦି କ୍ୱାଲିଫାଇଂ ଅଙ୍କ ଅତିକ୍ରମ କରେ ତେବେ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଅନୁମତି ରହିଛି।



ୟୁ ଜିଦି

## କଟକ-ସମ୍ବଲପୁର ଫାଇନାଲ



ସାହାଣୀ କପ୍: ଅତିଥିଙ୍କ ଗହଣରେ ସମ୍ବଲପୁର ଦଳର ଖେଳାଳିମାନେ।

ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)

ଆନ୍ତଃଜିଲା ସିନିୟର ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ବ୍ରହ୍ମପୁର ଜୋନ୍‌ରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ସମ୍ବଲପୁର ଶୁଟ୍‌ଆଉଟ ୫-୪ ଗୋଲରେ କୋରାପୁଟକୁ ହରାଇ ଫାଇନାଲରେ ପ୍ରବେଶ କରିଛି। କୋରାପୁଟ ପକ୍ଷରୁ ୭ମ ମିନିଟରେ ଅମୋଶ ଭତ୍ରା ଓ ସମ୍ବଲପୁରର ନିରାମ ଓରାମ ୫୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେବାରୁ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍ ଆଉଟ୍‌ର ସହାୟତା ନିଆ ଯାଇଥିଲା। କଟକ ଓ ସମ୍ବଲପୁର ମଧ୍ୟରେ ପ୍ରଥମ ଫାଇନାଲ ଅଗଷ୍ଟ ୧ରେ ବୌଦ୍ଧରେ ଅନୁଷ୍ଠିତ ହେବ। ଅଗଷ୍ଟ ୩ରେ ଦ୍ୱିତୀୟ ଫାଇନାଲ କେନ୍ଦୁଝର ଷ୍ଟାଡିୟମରେ ଖେଳାଯିବ।

## ଦ୍ୱିତୀୟ ମ୍ୟାଚ୍ ଡ୍ର, ଆଜି ଟାଇବ୍ରେକର

### ମହିଳା ଚେସ୍ ବିଶ୍ୱକପ୍

ବାଟୁମି, ୨୭।୭

ଭେଟେରାନ ଗ୍ରାଣ୍ଡମାଷ୍ଟର (ଜିଏମ୍) କୋନେରୁ ହମ୍ପି ଓ ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ଦିବ୍ୟା ଦେଶମୁଖଙ୍କ ମଧ୍ୟରେ ଚାଲିଥିବା ଫିଡେ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲର ଦ୍ୱିତୀୟ ମ୍ୟାଚ୍ ୩୪ଟି ମୁଭ୍ସ ପରେ ଡ୍ର' ଭାବେ ଶେଷ ହୋଇଛି। ଫଳରେ ସୋମବାର ହେବାକୁ ଥିବା ଟାଇବ୍ରେକ୍ସ ଜରିଆରେ ବିଜେତା ନିର୍ଣ୍ଣୟ ହେବ। ପ୍ରଥମ ଦୁଇ କ୍ଲାସିକାଲ ମ୍ୟାଚ୍‌କୁ ଡ୍ର' ରଖିଥିବା ଦୁଇ ଭାରତୀୟ ଖେଳାଳିଙ୍କ ମଧ୍ୟରେ ରାପିଡ ଆଣ୍ଡ୍ ବ୍ଲିଜ ଫର୍ମାଟରେ ମୁକାବିଲା ହେବ। ଏହି ଫର୍ମାଟରେ ୧୫ ମିନିଟ୍ ବିଶିଷ୍ଟ ଦୁଇଟି ଗେମ୍ ଖେଳାଯାଏ ଏବଂ ପ୍ରତ୍ୟେକ ମୁଭ ପରେ ଖେଳାଳିଙ୍କ ଖାତାରେ ୧୦ ସେକେଣ୍ଡ ଯୋଡ଼ା ଯାଏ। ଯଦି ସ୍କୋର ତଥାପି ସମାନ ରୁହେ, ତେବେ ଦୁହିଁଙ୍କ ମଧ୍ୟରେ ୧୦ ସେକେଣ୍ଡର ଇନକ୍ରିମେଣ୍ଟ ଟାଇମ ସହିତ ଏକ ୧୦ ମିନିଟ୍ ବିଶିଷ୍ଟ ମ୍ୟାଚ୍ ଖେଳାଯିବ। ଏହାପରେ ବି ବିଜେତା ନ ମିଳିଲେ, ଦୁହିଁଙ୍କ ମଧ୍ୟରେ ୩ ସେକେଣ୍ଡର ଇନକ୍ରିମେଣ୍ଟ ଟାଇମ ସହିତ ଦୁଇଟି ୫ ମିନିଟ୍ ବିଶିଷ୍ଟ ମ୍ୟାଚ୍ ଖେଳାଯିବ। ଯଦି ଏହା ସତ୍ତ୍ୱେ ସ୍ପଷ୍ଟ ଫଳାଫଳ ନ ମିଳେ, ତେବେ ୨ ସେକେଣ୍ଡର ଇନକ୍ରିମେଣ୍ଟ ଟାଇମ ସହିତ ୩ ମିନିଟ୍ ବିଶିଷ୍ଟ ମ୍ୟାଚ୍ ଖେଳାଯିବ।

ଧଳା ଗୋଟିରେ ଖେଳୁଥିବା ଭେଟେରାନ ହମ୍ପି ବିଶସ୍ପ ଯୋଡ଼ି ସହ ଆରମ୍ଭ କରିଥିଲେ। କିନ୍ତୁ ଦିବ୍ୟା ତାଙ୍କ ନାଇଟ୍‌କୁ ଉପଯୁକ୍ତ ସ୍ଥାନରେ ରଖିଥିଲେ, ଯାହା ଫଳରେ ପ୍ରତିପକ୍ଷ ହମ୍ପିଙ୍କୁ ବିଶେଷ ଫାଇଦା ମିଳି ନ ଥିଲା। ମ୍ୟାଚ୍‌ର ମଧ୍ୟାନ୍ତରରେ ଉଭୟ ଖେଳାଳି ନିୟମିତ ବ୍ୟବଧାନରେ ସେମାନଙ୍କ ଗୋଟି ବଦଳାଇଥିଲେ। ଦୁଇ ଖେଳାଳି ବିନା ରିସ୍କରେ ଖେଳୁଥିବାରୁ କାହାକୁ ଫାଇଦା ମିଳି ନ ଥିଲା। ଶେଷରେ ଦୁଇ ଖେଳାଳି ବାରମ୍ବାର ସେମାନଙ୍କ ଗୋଟିକୁ ସମାନ ପୋଜିଶନରେ ଅଦଳ ବଦଳ କରିଥିଲେ; ଯାହା ଫଳରେ ନିୟମ ଅନୁଯାୟୀ ମ୍ୟାଚ୍‌କୁ ଡ୍ର' ଘୋଷିତ କରାଯାଇଥିଲା।



ମ୍ୟାଚ୍ ଡ୍ର' ହେବା ପରେ ଦିବ୍ୟା ଦେଶମୁଖ ଓ କୋନେରୁ ହମ୍ପି ହାତ ମିଳାଉଛନ୍ତି।

## ନଭେମ୍ବର ୭ରେ ୧୦୦୦ ମ୍ୟାଚ୍

### ଭାରତୀୟ ହକିକୁ ୧୦୦ ବର୍ଷ

ମହାବଳିପୁରମ, ୨୭।୭(ପି.ଟି.)

ଆସନ୍ତା ନଭେମ୍ବର ୭ ତାରିଖରେ ଭାରତୀୟ ହକି ଅଭିଯାନକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ହକି ଇଣ୍ଡିଆ(ଏଚ୍‌ଆଇ)ର ୧୫ତମ କଂଗ୍ରେସରେ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଭାରତୀୟ ହକିକୁ ୧୦୦ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଉତ୍ସବ ପାଳନ କରାଯିବ, ଯେଉଁଥିରେ ଏକାସମୟରେ ୧୦୦୦ ମ୍ୟାଚ୍ ଆୟୋଜନ କରାଯିବ। ଦେଶର ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏଁ ପୁରୁଷ ଓ ମହିଳା ମ୍ୟାଚ୍ ଖେଳାଯିବ। ଏଥିରେ ମୋଟ ଉପରେ ୩୬,୦୦୦ ଖେଳାଳି ଭାଗ ନେବେ। ଦେଶର ପ୍ରତ୍ୟେକ କୋଣରୁ ହକି ଖେଳାଳିଙ୍କୁ ଏକତ୍ରିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

ଏଥିସହିତ ଜାତୀୟ ଓ ତୃଣମୂଳ ସ୍ତରରେ ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ଦିଆଯାଉଥିବା ଆର୍ଥିକ ସହାୟତାରେ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଏବେଠାରୁ ଜାତୀୟ ସିନିୟର ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ଆୟୋଜନ ଲାଗି ୭୦ ଲକ୍ଷ ଦିଆଯିବ। ସେହିଭଳି ଜୁନିୟର ବାଳକ, ବାଳିକା, ସବ୍-ଜୁନିୟର ବାଳକ ଓ ସବ୍-ଜୁନିୟର ବାଳିକା ଜାତୀୟ ଚାମ୍ପିୟନଶିପ୍ ଲାଗି ୩୦ ଲକ୍ଷ ଲେଖାଏ ଫେଡେରେଶନ ପକ୍ଷରୁ ଦିଆଯିବ। ଏହା ବ୍ୟତୀତ ପ୍ରତ୍ୟେକ ରାଜ୍ୟକୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଓ ଜିଲା ସଂଗଠନକୁ ସମର୍ଥନ କରିବା ପାଇଁ ୨୫ ଲକ୍ଷ ଲେଖାଏ ଦିଆଯିବ। ସ୍ଥାନୀୟ ସ୍ତରରେ ଆର୍ଥିକ ବାଧାକୁ ହ୍ରାସ କରି ଭିତ୍ତିଭୂମିକୁ ସଶକ୍ତ କରିବା, ପ୍ରତିଯୋଗିତାର କ୍ୱାଲିଟିରେ ବୃଦ୍ଧି ଓ ଅଧିକରୁ ଅଧିକ ଦଳକୁ ପ୍ରତିଯୋଗିତାରେ ସାମିଲ କରିବା ପାଇଁ ଅନୁଦାନରେ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଉଦୀୟମାନ ଖେଳାଳି, କୋଚ୍, ତୃଣମୂଳ ସ୍ତରର ଅଧିକାରୀ ଲାଭବାନ ହେବେ, ଯେଉଁମାନେ ଭାରତୀୟ ହକିର ଭବିଷ୍ୟତର ମେରୁଦଣ୍ଡ ବୋଲି ଏଚ୍‌ଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏଚ୍‌ଆଇ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, ଭାରତୀୟ ହକିକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ସାରା ଦେଶରେ ଉତ୍ସବ ଜରିଆରେ ଭାରତୀୟ ହକିକୁ ଆଗକୁ ନେଇଥିବା ପ୍ରତ୍ୟେକ ଖେଳାଳି, କୋଚ୍ ଓ ପ୍ରଶଂସକଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରାଯିବ। ଘୋଷଣା ହୋଇଥିବା ଆର୍ଥିକ ସମର୍ଥନ ଜରିଆରେ ଆମେ ଭବିଷ୍ୟତ ପିଢ଼ିର ସ୍ୱପ୍ନ ଉପରେ ନିବେଶ କରିବୁ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ